# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୮/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, December 18/2025 | Page 14 | ₹ 7.00

୫୨ଶ ଭାଗ ୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 25 | ମୂଲ୍ୟ ₹୭/-




### ବାପା ହେବେ ନାଗା ଚୈତନ୍ୟ

ବାପା ହେବେ ସାଉଥ ସୁପରଷ୍ଟାର ନାଗା ଚୈତନ୍ୟ। ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ଶୋଭିତା ଧୁଳିପାଲା ମା' ହେବାକୁ ଯାଉଛନ୍ତି।

୦୫

୧୪

### ଆଲେକ୍ସ କାରେଙ୍କ ଶତକ

ଆଡିଲେଡ୍ ଓଭାଲଠାରେ ବୁଧବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଆଶେସ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଅଷ୍ଟ୍ରେଲିଆର ଆଲେକ୍ସ କାରେ।



# ଅତିଥି ଅଧ୍ୟାପିକାଙ୍କୁ ହତ୍ୟା

## ପୁରୁଷ ବନ୍ଧୁ ଗିରଫ

କେନ୍ଦୁଝର,୧୭।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)



ପ୍ରିୟଙ୍କା ଦାଶ

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ମାଇନିଂରୋଡ୍‌ସ୍ଥିତ ନିର୍ମଳା କନ୍‌ଭେଣ୍ଟ ସ୍କୁଲ ପାଖରେ ଏକ ଘରେ ରହୁଥିବା ଅତିଥି ଅଧ୍ୟାପିକାଙ୍କୁ ହତ୍ୟା କରାଯାଇଛି। ମୃତ ମହିଳା ବାଲେଶ୍ୱର ଜିଲା ଗୋପାଳପୁର ଥାନା ରେମୁଣା ପଞ୍ଚାୟତ ଅନ୍ତର୍ଗତ ତାଳପଦା ଗ୍ରାମର ପ୍ରିୟଙ୍କା ଦାଶ(୨୯)। ସେ ୨ ବର୍ଷ ହେଲା ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଗୃହ ବିଜ୍ଞାନ ବିଭାଗରେ ଅତିଥି ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ପ୍ରିୟଙ୍କାଙ୍କ ଦାଦା ହେମେନ୍ଦ୍ର ପ୍ରସାଦ ଦାଶ ଓ ଖୁଡ଼ୀ ପଦ୍ମଜା ଦାଶ ଝିଅାରୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ପୁରୁଷ ବନ୍ଧୁଙ୍କୁ ଗିରଫକରି ତନାଘନା ଆରମ୍ଭ କରିଛି। ଗିରଫ ଅଭିଯୁକ୍ତ କେନ୍ଦୁଝର ପୁରୁଣା ସହରର ରୁଦ୍ର ମିଶ୍ର। ଅଭିଯୋଗ ଅନୁଯାୟୀ, ବୁଧବାର ସକାଳ ୧୦ ଟା ୫୫ ମିନିଟ୍‌ରେ ରୁଦ୍ର ମିଶ୍ର ନିଜକୁ ଅଧ୍ୟାପକ ପରିଚୟ ଦେଇ ଝିଅ ରୁମ୍‌ରେ ତାଲା ପକାଉଥିବା ବେଳେ ଟଳି ପଡ଼ିଲେ। ଡାକ୍ତରଖାନା ନେବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି କହିଥିଲେ। ଦାଦା ହେମେନ୍ଦ୍ର ଓ ଖୁଡ଼ୀ ପଦ୍ମଜା କେନ୍ଦୁଝର ମେଡିକାଲରେ ପହଞ୍ଚିବା ପରେ ଝିଅାରୀଙ୍କ ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ। ବେକ୍‌ରେ ଏକ ଚିହ୍ନ ଥିବାରୁ ସନ୍ଦେହ ହୋଇଥିଲା ବୋଲି ପଦ୍ମଜା ଦାଶ କହିଛନ୍ତି। ଝିଅାରୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଏବଂ ଫୋନ୍ କରିଥିବା ରୁଦ୍ର ମିଶ୍ରଙ୍କୁ ଦାୟୀକରି ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତକରି ଜିଲା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ପ୍ରକୃତି ଉପାସକ ଆଦିବାସୀ

# ସ୍କୁଲରେ ଅବହେଳା, ଛାତ୍ରଙ୍କ ଜୀବନଗଲା

**ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁ କୋରାପୁଟ ଜିଲା କୋଟପାଡ଼ ବ୍ଲକର ଏକ ସରକାରୀ ଆବାସିକ ସ୍କୁଲରେ ନାମଫଳକ ଭୁଶୁଡ଼ିପଡ଼ିଛି। ଏଥିରେ ଜଣେ ୩ୟ ଶ୍ରେଣୀ ଛାତ୍ରଙ୍କ ଜୀବନ ଯାଇଥିବାବେଳେ ଆଉ ୨ଜଣ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ଆବାସିକ ସ୍କୁଲର ଅନ୍ତେବାସୀଙ୍କ ସୁରକ୍ଷାକୁ ଏଠାରେ ଅବହେଳା କରାଯାଇଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ରାଜ୍ୟ ଅନୁସୂଚିତ ଜାତି, ଜନଜାତି ବିକାଶ ବିଭାଗ ଦ୍ୱାରା ପରିଚାଳିତ ଉକ୍ତ ସ୍କୁଲରେ ପ୍ରାୟତଃ ଆର୍ଥିକ ଦୁର୍ବଳ ବର୍ଗର ପିଲାମାନେ ରହି ପାଠ ପଢ଼ିଥାନ୍ତି। ହେଲେ ସେମାନେ କିଭଳି ସୁରକ୍ଷିତ ରହିବେ ସେନେଇ ପରିବେଶ ସୃଷ୍ଟି କରାଯାଉନାହିଁ। ପୂର୍ବରୁ ଏଭଳି କେତେକ ଆବାସିକ ସ୍କୁଲରେ ଶିକ୍ଷକ, କର୍ମଚାରୀଙ୍କ ଦ୍ୱାରା ଶାରୀରିକ ନିର୍ଯାତନା ଯୋଗୁ କେତେଜଣ ଛାତ୍ରୀ ଗର୍ଭବତୀ ହେବା ନଜିର ରହିଛି। ଏବେ ନିମ୍ନମାନର ନାମଫଳକ ଭାଙ୍ଗିପଡ଼ିବାରୁ ଛାତ୍ରଙ୍କ ଜୀବନ ଯିବା ଚରମ ଅବ୍ୟବସ୍ଥାକୁ ସୂଚାଉଛି ବୋଲି ସ୍ଥାନୀୟ ଅଞ୍ଚଳରେ କ୍ଷୋଭ ପ୍ରକାଶ ପାଇଛି। ଏପରି କି ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ୫ ଘଣ୍ଟା ଧରି ରାସ୍ତାରୋକ କରିଛନ୍ତି।**

- ନାମଫଳକ ଭୁଶୁଡ଼ି ଜଣେ ମୃତ, ୨ ଗୁରୁତର
- କ୍ଷତିପୂରଣ ଦାବିରେ ୫ ଘଣ୍ଟା ରାସ୍ତାରୋକୋ






କୋଟପାଡ଼ ବ୍ଲକର ଗାନ୍ଧୀନଗର ଆବାସିକ ବିଦ୍ୟାଳୟ ପରିସରରେ ଭୁଶୁଡ଼ି ପଡ଼ିଥିବା ନାମଫଳକ ।

କୋଟପାଡ଼,୧୭।୧୨ (କେ.ରାଜଶେଖର ରାଓ)

କୋଟପାଡ଼ରୁ୫କି.ମି. ଦୂର ଧାମନାହାଣ୍ଡି ୬୩ ନଂ. ଜାତୀୟ ରାଜପଥ ପାର୍ଶ୍ୱ ଗାନ୍ଧୀନଗର ଆବାସିକ ବିଦ୍ୟାଳୟ ପରିସରରେ ଏକ ପୁରୁଣା ୩ ଫୁଟ ଉଚ୍ଚର ନାମଫଳକ ବୁଧବାର ସକାଳେ ଭୁଶୁଡ଼ି ପଡ଼ିଥିଲା। ଏଥିରେ ପ୍ରେମାନନ୍ଦ ଭତରା ନାମକ ୩ୟ ଶ୍ରେଣୀ ଛାତ୍ରଙ୍କ ଜୀବନ ଯାଇଥିବାବେଳେ ପ୍ରଥମ ଶ୍ରେଣୀର ଶିବ ଭତରା ଓ କିରଣ ଭତରା ଗୁରୁତର ଆହତ ହୋଇଛନ୍ତି। ସ୍କୁଲ ଶିକ୍ଷକଙ୍କ ସୂଚନାନୁଯାୟୀ, ବୁଧବାର ସକାଳୁ ହଷ୍ଟେଲର ଛାତ୍ରମାନେ ନାମଫଳକ ନିକଟରେ ଦାନ୍ତଘଷୁଥିବା ବେଳେ ତାହା ଭାଙ୍ଗି ସେମାନଙ୍କ ଉପରେ ପଡ଼ିଯାଇଥିଲା। ଏଥିରେ ପ୍ରେମାନନ୍ଦ, ଶିବ ଓ କିରଣ ଗୁରୁତର ହୋଇଥିଲେ। ସେମାନଙ୍କୁ କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପୂର୍ବରୁ ପ୍ରେମାନନ୍ଦଙ୍କ ମୃତ୍ୟୁ ହୋଇଥିଲା। ଶିବଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କିରଣଙ୍କ ☞ପୃଷ୍ଠା-୪

# ଆଣବିକ ଶକ୍ତି କ୍ଷେତ୍ରରେ ପଶିବେ ଘରୋଇ ସଂସ୍ଥା

## ଲୋକ ସଭାରେ 'ଶାନ୍ତି' ବିଲ୍ ପାରିତ, କକ୍ଷତ୍ୟାଗ କଲେ ବିରୋଧୀ

ନୂଆଦିଲ୍ଲୀ,୧୭।୧୨(ପି.ଟି./ଏଜେନ୍ସି)

୨୦୪୭ ସୁଦ୍ଧା ଭାରତରେ ୧୦୦ ଗିଗାୱାଟ୍ ଅଣୁଶକ୍ତି ଉତ୍ପାଦନ ଲକ୍ଷ୍ୟ ହାସଲ ପାଇଁ ଉଦ୍ଦିଷ୍ଟ ବିଧେୟକକୁ ବୁଧବାର ଲୋକ ସଭାର ମଞ୍ଜୁରୀ ମିଳିଛି। ସଷ୍ଟେନେବଲ ହାର୍ନେସିଂ ଆଣ୍ଡ୍ ଆଡ୍‌ଭାନ୍ସମେଣ୍ଟ ଅଫ୍ ନ୍ୟୁକ୍ଲିଅର ଏନର୍ଜି ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ଶାନ୍ତି) ବିଲ୍, ୨୦୨୫କୁ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ନିମ୍ନ ସଦନରେ ଆଗତ କରିଥିଲେ, ଯାହାକି ଧ୍ୱନିମତରେ ପାରିତ ହୋଇଥିଲା। ତେବେ ଦେଶର ବେସାମରିକ ଆଣବିକ କ୍ଷେତ୍ରରେ ଘରୋଇ ସେକ୍ଟରର ନିୟନ୍ତ୍ରଣ ପାଇଁ ଏଥିରେ ପ୍ରସ୍ତାବ ରହିଥିବାରୁ ବିରୋଧୀ ଦଳଗୁଡ଼ିକର ସଦସ୍ୟମାନେ ହୋହଲ୍ଲା କରି କକ୍ଷତ୍ୟାଗ କରିଥିଲେ।

ଶାନ୍ତି ବିଲ୍ ଆଗତ କରି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଥିଲେ, ଏହି ବିଧେୟକ ଏକ ମାଇଲ୍‌ଖୁଣ୍ଟ, ଯାହାକି ଦେଶର ବିକାଶଯାତ୍ରାକୁ ନୂଆ ଦିଗ ଦେଖାଇବ। ଭୂରାଜନୈତିକ ପ୍ରେକ୍ଷାପଟରେ ଭାରତର ଭୂମିକା ବଢ଼ିବାରେ ଲାଗିଛି। ଆମକୁ ଏକ ଗ୍ଲୋବାଲ ପ୍ଲେୟାର ହେବାକୁ ହେଲେ ବୈଶ୍ୱିକ ବେଞ୍ଚମାର୍କ ଓ ରଣନୀତିଗୁଡ଼ିକୁ ଅନୁସରଣ କରିବାକୁ ପଡ଼ିବ। ବର୍ତ୍ତମାନ ସାରା ବିଶ୍ୱ ସ୍ୱଚ୍ଛ ଶକ୍ତି ଆଡ଼କୁ ଅଗ୍ରସର ହେଉଛି। ଆମେ ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ୍ ଆଣବିକ ଶକ୍ତି ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ କରିଛେ। ଏହି ଲକ୍ଷ୍ୟ ହାସଲ ପାଇଁ ଶାନ୍ତି ବିଲ୍‌କୁ ଆଇନରେ ପରିଣତ କରିବାକୁ ପଡ଼ିବ। ଅନ୍ୟପକ୍ଷେ ପ୍ରଚଳିତ ଥିବା ସିଭିଲ୍ ଲାଇବିଲିଟି ଫର୍ ନ୍ୟୁକ୍ଲିଅର ଡ୍ୟାମେଜ୍ ଆକ୍ଟ, ୨୦୧୦କୁ ଏହା ଦୁର୍ବଳ କରିଦେବ ବୋଲି କହି ବିରୋଧୀ ଦଳଗୁଡ଼ିକ ଉକ୍ତ ବିଲ୍‌କୁ ଦୃଢ଼ ବିରୋଧ କରି ସରକାରଙ୍କୁ ଘେରିଥିଲେ। ପ୍ରକାଶ ଯେ, ୨୦୧୦ର ଆଇନରେ କୌଣସି ଆଣବିକ କେନ୍ଦ୍ରରେ ଦୁର୍ଘଟଣା ଘଟିଲେ ଆଣବିକ ଯନ୍ତ୍ରାଂଶ ଯୋଗାଣକାରୀ ସଂସ୍ଥାକୁ ଉତ୍ତରଦାୟୀ କରାଯାଇଥାଏ। କିନ୍ତୁ ପ୍ରସ୍ତାବିତ ଆଇନରେ ଏଭଳି ଅଘଟଣ କ୍ଷେତ୍ରରେ ସମ୍ପୃକ୍ତ କମ୍ପାନୀକୁ କ୍ଷତିପୂରଣ ପ୍ରଦାନରୁ ଛାଡ଼ ଦିଆଯାଇଛି।



ନୂଆଦିଲ୍ଲୀ: ଯମୁନା ନଦୀରେ ବୁଧବାର ଶୀତ ସକାଳରେ ନୌବିହାର ବେଳେ ଗଲ୍ ପକ୍ଷୀଙ୍କୁ ଦେଖୁଛନ୍ତି ଜଣେ ପର୍ଯ୍ୟଟକ।

# ସତ୍ୟପାଠ ଦେଲେ ରାଜ୍ୟ ସରକାର

## ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ପାଇଁ ଜନସ୍ୱାର୍ଥ ମାମଲା

କଟକ,୧୭।୧୨(କାର୍ତ୍ତିକ ସାହୁ)

ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ନେଇ ହୋଇଥିବା କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ରାଜ୍ୟ ସରକାର ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ଗୋଇନ୍ଦା ନିର୍ଦ୍ଦେଶକ ଆର୍.ପି. କୋଚେଙ୍କ ପକ୍ଷରୁ ଦାଖଲ ସତ୍ୟପାଠ ଅନୁଯାୟୀ, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଗାଇଡ୍‌ଲାଇନ ଅନୁସାରେ ୨ଟି ରାଜ୍ୟସ୍ତରୀୟ ହୋଲ୍ଡିଂ ସେଣ୍ଟର/କ୍ୟାମ୍ପ ଓ ୧୯ଟି ଜିଲାସ୍ତରୀୟ ହୋଲ୍ଡିଂ ସେଣ୍ଟର କରାଯାଇଛି। ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ, ଅଟକ ଓ ସେମାନଙ୍କୁ ଦେଶାନ୍ତରୀକରଣ ପାଇଁ ସବୁ ଜିଲାରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶ ଅନୁସାରେ ସ୍ପେଶାଲ ଟାସ୍କଫୋର୍ସ ଗଠନ କରାଯାଇଛି। ରାଜ୍ୟରେ ମୋଟ ୨୨୫୯ ସନ୍ଦିଗ୍ଧଙ୍କୁ ଚିହ୍ନଟ କରାଯାଇଥିଲା। ଯାଞ୍ଚ ପରେ ସେମାନଙ୍କ ମଧ୍ୟରୁ ୨୧୭୬ ଜଣ ଭାରତୀୟ ବୋଲି ଚିହ୍ନଟ ହେବାରୁ ସେମାନଙ୍କୁ ଛାଡ଼ି ଦିଆଯାଇଛି। ଡିସେମ୍ବର ୧୨ ତାରିଖ ସୁଦ୍ଧା ପ୍ରସ୍ତୁତ ରିପୋର୍ଟ ମୁତାବକ ଅବଶିଷ୍ଟ ୮୩ ଜଣଙ୍କ ମଧ୍ୟରୁ ୭୫ଜଣ ବାଂଲାଦେଶୀ ଚିହ୍ନଟ ହୋଇଥିବା ବେଳେ ୮ଜଣଙ୍କ ଚିହ୍ନଟ ସରିନାହିଁ। ଚିହ୍ନଟ ୭୫ଜଣଙ୍କ ମଧ୍ୟରୁ ୪୯ଜଣଙ୍କୁ ବାଂଲାଦେଶ ପଠାଇ ଦିଆଯାଇଛି। ତନ୍ମଧ୍ୟରେ ଭୁବନେଶ୍ୱର ସହରାଞ୍ଚଳରେ ୨୪, କଟକ ସହରାଞ୍ଚଳରେ ୧୫, ବ୍ରହ୍ମପୁରରେ ୬, କେନ୍ଦ୍ରାପଡ଼ା ୩, ଗଞ୍ଜାମରେ ୧, ଜଗତ୍‌ସିଂହପୁରରେ ୨୧, କନ୍ଧମାଳରେ ୪, କୋରାପୁଟରେ ଜଣେ ଅଛନ୍ତି। ଆଉ ୨୪ଜଣ ବାଂଲାଦେଶ ଫେରିବା ପାଇଁ ଅଛନ୍ତି ଓ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଦର୍ଶାଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ରାଜ୍ୟରେ ଦିନକୁ ଦିନ ବଢ଼ି ଚାଲିଥିବା ବେଆଇନ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ☞ପୃଷ୍ଠା-୪

# ପ୍ରଥମ ମିସ୍ ଇଣ୍ଡିଆ ମେହେର କାଷ୍ଟେଲିନୋଙ୍କ ପରଲୋକ



ମୁମ୍ବାଇ,୧୭।୧୨

ପ୍ରଥମ ମିସ୍ ଇଣ୍ଡିଆ ମେହେର କାଷ୍ଟେଲିନୋଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୮୧ ବର୍ଷ ହେଉଥିଲା। ୧୯୬୪ରେ ଭାରତର ପ୍ରଥମ ଫେମିନା ମିସ୍ ଇଣ୍ଡିଆ ମୁକୁଟ ହାସଲ କରିଥିବା ମେହେର ଏକାଧାରରେ ଜଣେ ସୁପରମଡେଲ, ସାମ୍ବାଦିକା, ଲେଖିକା ଓ ମେଣ୍ଟର ଥିଲେ। ଭାରତୀୟ ଫ୍ୟାଶନ ଜଗତକୁ ନୂଆ ଦିଗ୍‌ଦର୍ଶନ ☞ପୃଷ୍ଠା-୪

# ୩ ବର୍ଷ ମଧ୍ୟରେ ୪୫ ହଜାର ଶିକ୍ଷକ ନିଯୁକ୍ତ ହେବେ: ମୁଖ୍ୟମନ୍ତ୍ରୀ

- ଗ୍ରେଟର ବ୍ରହ୍ମପୁର ସିଟି ପାଇଁ ଡିପିଆର୍ କରିବାକୁ ନିର୍ଦ୍ଦେଶ
- ବ୍ରହ୍ମପୁର-ଜୟପୁର ୬ ଲେନ୍ ରାସ୍ତା ପାଇଁ ୬ ହଜାର କୋଟି

ବ୍ରହ୍ମପୁର,୧୭।୧୨ (ସ୍ମୃତି ରଞ୍ଜନ ମହାଲିକ)



ରାଜ୍ୟରେ ଶିକ୍ଷାକ୍ଷେତ୍ରର ବିକାଶ କରିବା ପାଇଁ ସରକାର ପ୍ରତିବଦ୍ଧତାର ସହ କାମ କରୁଛନ୍ତି। କେବଳ ପ୍ରାଥମିକ ଶିକ୍ଷା ପାଇଁ ଚଳିତବର୍ଷ ବଜେଟରେ ରେକର୍ଡ ପରିମାଣର ୩୧ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି। ଏଣିକି ଆଉ ଠିକାରେ ଶିକ୍ଷକ ନିଯୁକ୍ତ ହେବେନାହିଁ। ରାଜ୍ୟରେ ଶିକ୍ଷକ ଅଭାବ ଦୂର କରିବା ପାଇଁ ୩ ବର୍ଷ ମଧ୍ୟରେ ୪୫ ହଜାର ଶିକ୍ଷକ ପଦବୀ ସୃଷ୍ଟି କରିବା ପାଇଁ ପଦକ୍ଷେପ ନିଆଯାଇଛି। ଆସନ୍ତା ଶିକ୍ଷାବର୍ଷରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ପାଠ୍ୟ ପୁସ୍ତକ ପ୍ରଦାନ କରିବା ପାଇଁ ସ୍ଥିର ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ବ୍ରହ୍ମପୁରଠାରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେଠାରେ ସେ ଆହୁରି କହିଥିଲେ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଜନଶୀଳତା ଓ ସ୍ୱାବଲମ୍ବୀ ଭାବ ବୃଦ୍ଧି ଉଦ୍ଦେଶ୍ୟରେ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ଆଧାରରେ ରାଜ୍ୟରେ ପାଠ୍ୟକ୍ରମ ଆରମ୍ଭ ହେବ। ପ୍ରାଥମିକ ସ୍ତରରେ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ ହୋଇଛି। ଏହି ଯୋଜନାରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ବିଦ୍ୟାଳୟ ସ୍ଥାପନ ହେବ। ପ୍ରଥମ ପର୍ଯ୍ୟାୟରେ ୨୨୦୦ ସ୍କୁଲ ପାଇଁ ଅନୁମୋଦନ ଦିଆଯାଇଛି । ସିବିଏସ୍‌ଇ ଏବଂ ଆଇସିଏସ୍‌ଇ ଢାଞ୍ଚାରେ ମାଧ୍ୟମିକ ଶିକ୍ଷା ବୋର୍ଡ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ବୋର୍ଡକୁ ମିଶାଇ ଗୋଟିଏ ବୋର୍ଡ ଗଠନ କରାଯିବ ବୋଲି ସେ କହିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ। ବ୍ରହ୍ମପୁର ସହର ଓ ନିକଟବର୍ତ୍ତୀ ଅଞ୍ଚଳରେ ଯୋଗାଯୋଗର ବିକାଶ ପାଇଁ ୧୦ଟି ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣ ହେବ। ଏଥିପାଇଁ ୫୨ କୋଟି ୧୭ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏଥିସହ ବ୍ରହ୍ମପୁର-ଜୟପୁର ୬ ଲେନ ବିଶିଷ୍ଟ ରାସ୍ତା ପାଇଁ ୬ ହଜାର କୋଟି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଗ୍ରେଟର ବ୍ରହ୍ମପୁର ସିଟି ☞ପୃଷ୍ଠା-୪

# ୫ ହଜାର ସ୍କୁଲରେ ନାହାନ୍ତି ପିଲା

## ବିନା ଛାତ୍ରୀଛାତ୍ରରେ ୧.୪୪ ଲକ୍ଷ ଶିକ୍ଷୟିତ୍ରୀ ଶିକ୍ଷକ ଦରମା ନେଉଛନ୍ତି

ନୂଆଦିଲ୍ଲୀ,୧୭।୧୨(ପି.ଟି.)

ଭାରତର ୫,୦୦୦ରୁ ଅଧିକ ସ୍କୁଲରେ ଜଣେ ହେଲେ ପିଲା ନାହାନ୍ତି। ସେଥିରୁ ୭୦ ପ୍ରତିଶତ ବିଦ୍ୟାଳୟ କେବଳ ତେଲଙ୍ଗାନା ଓ ପଶ୍ଚିମବଙ୍ଗରେ ରହିଛି। ସେହିପରି ୧୦ ଜଣରୁ କମ୍ ଛାତ୍ରୀଛାତ୍ର ପଢୁଥିବା ସ୍କୁଲ ସଂଖ୍ୟା ଗତ ୨ ବର୍ଷ ମଧ୍ୟରେ ୨୪% ବୃଦ୍ଧି ପାଇ ୬୫,୦୫୪ରେ ପହଞ୍ଚିଛି। ଅନ୍ୟପକ୍ଷେ ନିମ୍ନ ଉପସ୍ଥାନ ରହୁଥିବା ସ୍କୁଲଗୁଡ଼ିକରେ ଏବେ ମଧ୍ଯ ୧.୪୪ ଲକ୍ଷ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ ରହିଥିବା ସରକାରୀ ସୂତ୍ରରୁ ପ୍ରକାଶ।

କେନ୍ଦ୍ର ସରକାରଙ୍କ ତଥ୍ୟକୁ ଆଧାରକରି ନ୍ୟୁଜ୍ ଏଜେନ୍ସି ପି.ଟି.ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୧୦.୧୩ ଲକ୍ଷ ସରକାରୀ ସ୍କୁଲ ରହିଛି। ସେଥିରୁ ୫,୧୪୯ ବିଦ୍ୟାଳୟରେ ଜଣେ ହେଲେ ଛାତ୍ରୀ କିମ୍ବା ଛାତ୍ର ପାଠ ପଢୁନାହାନ୍ତି। ତେଲଙ୍ଗାନା ଓ ପଶ୍ଚିମବଙ୍ଗର ୭୦%ରୁ ଊର୍ଦ୍ଧ୍ୱ ସ୍କୁଲରେ ୨୦୨୪-୨୫ ଶିକ୍ଷାବର୍ଷରେ ପିଲାଙ୍କ ନାମଲେଖା ଶୂନ ରହିଛି। ତେଲଙ୍ଗାନାରେ ୨,୦୮୧ ଓ ପଶ୍ଚିମବଙ୍ଗରେ ୧,୫୭୧ ସ୍କୁଲରେ ଏଭଳି ସ୍ଥିତି ରହିଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସଂସଦରେ ଉପସ୍ଥାପିତ ସଦ୍ୟ ତଥ୍ୟ ଅନୁସାରେ ୧୦ରୁ କମ୍ ଛାତ୍ରୀଛାତ୍ର ଥିବା ସ୍କୁଲ ସଂଖ୍ୟା ମାତ୍ରାଧିକ ବୃଦ୍ଧି ପାଇଛି। ଏଭଳି ସ୍କୁଲ ସଂଖ୍ୟା ୨୦୨୨-୨୩ରେ ୫୨,୩୦୯ ଥିବାବେଳେ ୨୦୨୪-୨୫ରେ ୬୫,୦୫୪କୁ ବୃଦ୍ଧି ପାଇଛି। ଏହି ସ୍କୁଲଗୁଡ଼ିକର ହାର ଦେଶର ସମସ୍ତ ସ୍କୁଲ ତୁଳନାରେ ୬.୪୨% ରହିଛି। ତେଲଙ୍ଗାନାର ନାଲଗୋଣ୍ଡା ଜିଲାରେ ସର୍ବାଧିକ ୩୧୫ ସ୍କୁଲ ବିନା ଛାତ୍ରୀଛାତ୍ରରେ ଚାଲିଥିବାବେଳେ ମହବୁବାବାଦ ଜିଲାରେ ଏଭଳି ସ୍କୁଲ ସଂଖ୍ୟା ୧୬୭ ରହିଛି। ସେହିପରି ପଶ୍ଚିମବଙ୍ଗର କୋଲକାତାରେ ଥିବା ୨୧୧ ସ୍କୁଲରେ ☞ପୃଷ୍ଠା-୪

# ବନ୍ଧୁମିଳନ





ଧରିତ୍ରୀର ୫୨ତମ ଜନ୍ମଦିବସ ଉପଲକ୍ଷେ ବୁଧବାର ଭୁବନେଶ୍ୱରସ୍ଥିତ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରାଯାଉଛି। ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି।








ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେଉଛନ୍ତି ଶ୍ରେଷ୍ଠ ଖବରଦାତା ୨୦୨୫ ଭାବେ ବାଲେଶ୍ୱର ଜିଲା ଖଇରା ବ୍ଲକର ଉତ୍କଳବନ୍ଧୁ ପଣ୍ଡା, ପୁରୀ ଜିଲା ଗୋପ ବ୍ଲକର ଭାରତୀ ଭୂଷଣ ଉପାଧ୍ୟାୟ, ଶ୍ରେଷ୍ଠ ଖବରଦାତା (ଡିଜିଟାଲ) ଦେବୀପ୍ରସାଦ ସାହୁ, ଆକାଉଣ୍ଟସ୍ ହେଡ୍ ପ୍ରତାପ କୁମାର ବେହେରା, ଛୁଟିଦିନର ବରିଷ୍ଠ ସହସମ୍ପାଦିକା ରୋଜାଲିନ ମହାନ୍ତି ଏବଂ ସମ୍ବଲପୁର ସଂସ୍କରଣର ମନୋଜ କୁମାର ମହାନ୍ତି।

## ସାଂସ୍କୃତିକ କାର୍ଯ୍ୟକ୍ରମର କିଛି ଝଲକ୍



ଫଟୋ: ବିକାଶ ନାୟକ



'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ' ସମ୍ପାଦକ ତଥାଗତ ସତପଥୀଙ୍କ ଉପସ୍ଥିତିରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ବୁଧବାର ଧରିତ୍ରୀ ମୁଖ୍ୟାଳୟଠାରେ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି 'ବିକାଶ ସାଥୀ'ର ମୁଖ୍ୟ ଡ. ବିଶ୍ୱରଞ୍ଜନ ପଣ୍ଡାଙ୍କୁ ଧରିତ୍ରୀ ୟୁଥ୍ କନ୍‌କ୍ଲେଭ-୨୦୨୫ର କ୍ଲାଇମେଟ୍ ଗ୍ରାଣ୍ଟ ବିଜେତା ବାବଦରେ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।



'ଧରିତ୍ରୀ'ଏବଂ 'ଓଡ଼ିଶାପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ବୁଧବାର ଧରିତ୍ରୀ ମୁଖ୍ୟାଳୟଠାରେ ଧରିତ୍ରୀ କ୍ଲାଇମେଟ୍ ଫିଲ୍ମ ଫେଷ୍ଟ-୨୦୨୫ର କ୍ଷୁଦ୍ର ଚଳଚ୍ଚିତ୍ର 'ଟେଲ୍ ଅଫ୍ ଟ୍ରି'ର ନିର୍ମାତା ଶୁଭ୍ରାଂଶୁ ଶତପଥୀଙ୍କୁ ୩ୟ ଶ୍ରେଷ୍ଠ ବିଜେତା ଭାବେ ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି। (ଫଟୋ: ବିକାଶ ନାୟକ)

## ସଡ଼କ ଦୁର୍ଘଟଣାରେ ୩ ମୃତ, ୪ ଗୁରୁତର

**ନୂଆପଡ଼ା/ କୋମନା, ୧୭।୧୨ (ମକାରୁ ବେମାଲ/ ମହେଶ ବାଗ)**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ତିଖାଲି ଛକଠାରେ ବୁଧବାର ରାତିରେ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ୪ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ମୁମ୍ବାଇରୁ ଆସିଥିବା ଆଦମିନ (୨୬), ମହେରୂପ (୨୫) ଓ କୋମନାର ଅଗ୍ରଲୁଲ ଅଲ୍ଲୀ (୨୫)। ଆହତମାନେ ହେଲେ ଇସାଦି ମହମ୍ମଦ, ଯୋଗେଶ ସାହୁ, ପ୍ରଭାସ ମହାନ୍ତି, ଆସିମ ଅଲ୍ଲୀ। ସେମାନେ କୋମନାସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ ବୁଲିବା ପାଇଁ ଆସିଥିଲେ। ସେଠାରୁ କୌଣସି କାର୍ଯ୍ୟରେ ୪ଚକିଆ ଗାଡ଼ିରେ ଖଡ଼ିଆଳ ଯାଉଥିଲେ। ତିଖାଲି ଡ୍ୟାମ ଛକଠାରେ ଭାରସାମ୍ୟ ହରାଇ ଗାଡ଼ିଟି ଓଲଟି ପଡ଼ିଥିଲା ।

# ଓଡ଼ିଶାକୁ କୃତ୍ରିମ ବୁଦ୍ଧିମତ୍ତା ହବ୍ କରିବାକୁ ଗୁରୁତ୍ୱ

**ଭୁବନେଶ୍ୱର, ୧୭।୧୨ (ସୁନିତ୍ ମିଶ୍ର)**

### ୧୯ରେ ଓଡ଼ିଶା ଏଆଇ ସମ୍ମିଳନୀ

୨୦୨୬ ଫେବୃଆରୀରେ ଭାରତ ଇମ୍ପାକ୍ଟ ଏଆଇ ସମ୍ମିଳନୀ ହେବା ପୂର୍ବରୁ ୮ଟି ରାଜ୍ୟରେ ଆଞ୍ଚଳିକ ଇମ୍ପାକ୍ଟ ଏଆଇ ସମ୍ମିଳନୀ ଅନୁଷ୍ଠିତ ହେବ। ମଧ୍ୟପ୍ରଦେଶ, କେରଳ, ଗୁଜରାଟ, ରାଜସ୍ଥାନ, ମେଘାଳୟ, ଉତ୍ତର ପ୍ରଦେଶ, ତେଲଙ୍ଗାନା ସହ ଓଡ଼ିଶାରେ ଏହି ସମ୍ମିଳନୀ ହେବ। ଏହି କ୍ରମରେ ଚଳିତମାସ ୧୯ ଓ ୨୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ସମ୍ମିଳନୀ ୨୦୨୫ ଅନୁଷ୍ଠିତ ହେବ। ଏନେଇ ଲୋକସେବା ଭବନ କନ୍‌ଭେନ୍‌ଶନ ସେଣ୍ଟରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାକୁ ଭାରତରେ କୃତ୍ରିମ ବୁଦ୍ଧିମତ୍ତା ହବ୍ କରିବାକୁ ଗୁରୁତ୍ୱ ଦିଆଯାଉଛି। ଓଡ଼ିଶା ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଇ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କୃତ୍ରିମ ବୁଦ୍ଧିମତ୍ତାରେ ଭାଷା ଦାନ କାର୍ଯ୍ୟକ୍ରମ କରାଯିବ, ଯେଉଁଥିରେ ଓଡ଼ିଆ ଲେଖାକୁ ସରଳ ଭାବରେ ଲୋକଙ୍କ ପାଖକୁ ପହଞ୍ଚାଇବାକୁ ଚେଷ୍ଟା କରାଯିବ ବୋଲି ସେ କହିଥିଲେ। ଏହି ଅବସରରେ ସେ କହିଥିଲେ, ଓଡ଼ିଶା ଆଗାମୀ ଭବିଷ୍ୟତ ନିମନ୍ତେ ପ୍ରଯୁକ୍ତିଭିତ୍ତିକ ଅଭିବୃଦ୍ଧି ପାଇଁ ଏକ ଆଭିମୁଖ୍ୟ ଗ୍ରହଣ କରୁଛି। ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଏଆଇ ନୀତି ୨୦୨୫ ସହ ଫିନ୍‌ଟେକ୍, ଗ୍ଲୋବାଲ କାପାବିଲିଟି ସେଣ୍ଟର ଏବଂ ଉନ୍ନତ ଇଲେକ୍ଟ୍ରୋନିକ୍ସ ପାଇଁ ପ୍ରଗତିଶୀଳ ନୀତି ସହିତ ଜନସଂଖ୍ୟା ପରିମାପ ଏଆଇ ଗ୍ରହଣ ପାଇଁ ଏକ ସ୍ପଷ୍ଟ, ଦାୟିତ୍ୱବାନ୍ ଏବଂ ନିବେଶକ-ଅନୁକୂଳ ଢାଞ୍ଚା ନିର୍ମାଣ କରାଯାଉଛି। ସେହିପରି ଏଆଇ ନିମନ୍ତେ ୨୦ କୋଟି ଟଙ୍କାର ବଜେଟ ପ୍ରାବଧାନ ମଧ୍ୟ ରାଜ୍ୟ ତରଫରୁ କରାଯାଇଛି। ଏଆଇ ଦ୍ୱାରା ଉତ୍କର୍ଷ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ସ୍ୱପ୍ନ ସଫଳ ହୋଇପାରିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ।

# ଆସୋସିଏଶନକୁ ଜମି ପଞ୍ଜୀକରଣ ବେଳେ ୨୦ ହଜାର ଶୁଳ୍କ ଲାଗିବ

**ଭୁବନେଶ୍ୱର, ୧୭।୧୨ (ରବିନାରାୟଣ ଜେନା)**

### ରାଜସ୍ୱ ବିଭାଗର ସଂଶୋଧିତ ବିଜ୍ଞପ୍ତି

ରାଜସ୍ୱ ବିଭାଗ ପକ୍ଷରୁ ବୁଧବାର ଆପାର୍ଟମେଣ୍ଟ ପଞ୍ଜୀକରଣ ନେଇ ଏକ ସଂଶୋଧିତ ବିଜ୍ଞପ୍ତି ଜାରି ହୋଇଛି। ସଂଶୋଧିତ ବିଜ୍ଞପ୍ତିରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ଦର୍ଶାଇଛନ୍ତି, ପ୍ରମୋଟରଙ୍କ ପକ୍ଷରୁ ଆସୋସିଏଶନକୁ ଜମି ତଥା ମାଲିକାନା ହସ୍ତାନ୍ତର ବେଳେ ସମ୍ପାଦିତ ହସ୍ତାନ୍ତର ପତ୍ରର ପଞ୍ଜୀକରଣ ପାଇଁ ୨୦ ହଜାର ଟଙ୍କା ଶୁଳ୍କ ଦେବାକୁ ପଡ଼ିବ।

# ଦିବ୍ୟାଙ୍ଗଙ୍କୁ ନାଲ୍‌କୋର ଉପେକ୍ଷା ଅଭିଯୋଗ

## ଭିନ୍ନକ୍ଷମ ଦିବସରେ ଅନେକଙ୍କୁ ନିମନ୍ତ୍ରଣ, ସହାୟତା ମିଳିଲାନି

**ଅନୁଗୋଳ, ୧୭।୧୨ (ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ନାଲ୍‌କୋ କଲ୍ୟାଣମଣ୍ଡପରେ ଗତ ୩ ତାରିଖରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ କରାଯାଇଥିଲା। ନାଲ୍‌କୋ ପାରିପାର୍ଶ୍ୱିକ ତଥା କ୍ଷତିଗ୍ରସ୍ତ ଅଞ୍ଚଳରେ ଥିବା ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ମର୍ଯ୍ୟାଦା, ଅଧିକାର ଏବଂ କଲ୍ୟାଣ ପାଇଁ ସମର୍ଥନ ସଂଗ୍ରହ ସହ ସମାଜରେ ଏକତାର ସହିତ ରହିବା ପାଇଁ ସୁଯୋଗ ଦେବା, ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କିନ୍ତୁ ନାଲ୍‌କୋ ପକ୍ଷରୁ ଅଞ୍ଚଳର ଅନେକ ଦିବ୍ୟାଙ୍ଗଙ୍କୁ ଉପେକ୍ଷା କରାଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସେମାନଙ୍କୁ ନିମନ୍ତ୍ରଣ କରାଯାଇ ନାହିଁ। କୌଣସି ସହାୟତା ମଧ୍ୟ ଯୋଗାଇ ଦିଆଯାଇ ନ ଥିବା କୁଲାଡ଼ ଗ୍ରାମର ଦିବ୍ୟାଙ୍ଗ ନରେଶ ସାହୁ ଏବଂ କୁରୁଡୁଲୁ ପଞ୍ଚାୟତ କରବେରେଣୀ ଗ୍ରାମର ଦିବ୍ୟାଙ୍ଗ ସଜ୍ଜନ ସର୍ଦ୍ଦାର ସିଂଙ୍କ ମା' ରିତାରାଣୀ ପାତ୍ର ଅଭିଯୋଗ କରିଛନ୍ତି।

ନରେଶ ଓ ରିତାରାଣୀ କହିଛନ୍ତି, ନାଲ୍‌କୋ ପାରିପାର୍ଶ୍ୱିକ ୪୪ଟି ଗ୍ରାମରେ ବହୁ ଦିବ୍ୟାଙ୍ଗ ଥିବାବେଳେ ନାଲ୍‌କୋ ପକ୍ଷରୁ ପାଳନ କରାଯାଇଥିବା ଭିନ୍ନକ୍ଷମ ଦିବସକୁ ସେମାନଙ୍କ ମଧ୍ୟରୁ ମାତ୍ର କେତେଜଣଙ୍କୁ ଆମନ୍ତ୍ରଣ କରାଯାଇ ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟ ଦିବ୍ୟାଙ୍ଗମାନଙ୍କ ପାଇଁ ଆସିଥିବା ଆବଣ୍ଟନ ସାମଗ୍ରୀଗୁଡ଼ିକୁ ରଖି ଦିଆଯାଇଥିଲା।




ଦିବ୍ୟାଙ୍ଗ ନରେଶ ସାହୁ ଏବଂ ସଜ୍ଜନ ସର୍ଦ୍ଦାର ସିଂ।

ଫଳରେ ଏହି ସୁବିଧା ପାଇବା ପାଇଁ ହକ୍‌ଦାର ଥିବା ବହୁ ଦିବ୍ୟାଙ୍ଗ ଏଥିରୁ ବଞ୍ଚିତ ହୋଇଥିଲେ। ସେହିପରି ନାଲ୍‌କୋ ଦ୍ୱାରା କ୍ଷତିଗ୍ରସ୍ତ ୪୪ଟି ଗ୍ରାମରେ କେତେ ଦିବ୍ୟାଙ୍ଗ ରହିଛନ୍ତି, ସେ ନେଇ ଆଜି ପର୍ଯ୍ୟନ୍ତ କୌଣସି ପ୍ରକାର ତଥ୍ୟ ନାଲ୍‌କୋ ପକ୍ଷରୁ ସଂଗ୍ରହ କରା ନ ଯାଇ ଇଚ୍ଛାଧୀନ ଭାବେ ତାଲିକା ପ୍ରସ୍ତୁତ କରାଯାଉଛି। ଫଳରେ ଏହି ଗାଁଗୁଡିକରେ ଥିବା ଅନେକ ବିଦ୍ୟାଙ୍ଗ ନାଲ୍‌କୋରୁ କୌଣସି ପ୍ରକାର ସୁବିଧା ପାଇପାରୁ ନାହାନ୍ତି। ଏଥିପ୍ରତି ଗୁରୁତ୍ୱ ନ ଦେଇ ନାଲ୍‌କୋ କାରଖାନାର କ୍ଷମତା ବୃଦ୍ଧି ପାଇଁ ଆଗାମୀ ଦିନରେ ବ୍ରାଉନ ଫିଲ୍ଡ ପ୍ରୋଜେକ୍ଟ କାର୍ଯ୍ୟ କରିବାକୁ ଯାଉଥିବାରୁ ତାହାକୁ ନଜରରେ ରଖି ଉକ୍ତ ପ୍ରୋଜେକ୍ଟ ଅଞ୍ଚଳରୁ ଦିବ୍ୟାଙ୍ଗମାନଙ୍କୁ ଡାକି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସରେ ସାମିଲ କରି ବିଭିନ୍ନ ସାମଗ୍ରୀ ବାଣ୍ଟିଥିବା ଅଭିଯୋଗ ହୋଇଛି। ନାଲ୍‌କୋରୁ ନିର୍ଗତ କ୍ଷତିକାରକ ଗ୍ୟାସ୍ ପ୍ରଭାବରେ ଆସି କ୍ଷତିଗ୍ରସ୍ତ ଅଞ୍ଚଳର କେତେଜଣ ବ୍ୟକ୍ତି ଦିବ୍ୟାଙ୍ଗ ହେଲେଣି। ତେଣୁ ବିଷାକ୍ତ ଗ୍ୟାସ୍‌ର ପ୍ରଭାବ ରୋକିବା ପରିବର୍ତ୍ତେ ନାଲ୍‌କୋ ହାତଗଣତି ଦିବ୍ୟାଙ୍ଗଙ୍କୁ ସହାୟତା ଦେଇ ଖୁସି କରିବାକୁ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି।

ନରେଶ କହିଛନ୍ତି, ପୂର୍ବରୁ ନାଲ୍‌କୋରେ କାଜୁଆଲ ଲେବର ଭାବେ କାମ କରୁଥିଲେ। ୩୦ ବର୍ଷ ତଳେ ଏକ ଦୁର୍ଘଟଣାରେ ଦୁଇ ଗୋଡ଼ ହରାଇ ଦିବ୍ୟାଙ୍ଗ ପାଲଟିଗଲେ। ସେ ଜଣେ ନାଲ୍‌କୋ କ୍ଷତିଗ୍ରସ୍ତ ପ୍ରଜା। ତାଙ୍କ ଜମି ନାଲ୍‌କୋ କାରଖାନା ପାଇଁ ଅଧିଗ୍ରହଣ ହୋଇଛି। ହେଲେ ଭିନ୍ନକ୍ଷମ ଦିବସରେ ନାଲ୍‌କୋ ତାଙ୍କୁ ହୁଇଲ ଚେୟାର କିମ୍ବା ଟ୍ରାଇ ସାଇକେଲଟିଏ ଦେଇପାରି ନାହିଁ। ସେହିପରି ରିତାରାଣୀ କହିଛନ୍ତି, ସେ ହେଉଛନ୍ତି ନାଲ୍‌କୋ କ୍ଷତିଗ୍ରସ୍ତ ପ୍ରଜା। ନାଲ୍‌କୋ ପାଇଁ ତାଙ୍କର ଜମି ଯାଇଛି। ପୁଅ ଜନ୍ମରୁ ଦିବ୍ୟାଙ୍ଗ ହୋଇଥିବାରୁ ସହାୟତା ପାଇଁ ବିଭିନ୍ନ ସ୍ଥାନରେ ଆବେଦନ କରିଛନ୍ତି। କିନ୍ତୁ ନାଲ୍‌କୋ ପକ୍ଷରୁ ଭିନ୍ନକ୍ଷମ ଦିବସରେ ସହାୟତା କରାଗଲା ନାହିଁ। କ୍ଷତିଗ୍ରସ୍ଥ ଦିବ୍ୟାଙ୍ଗ ପ୍ରଜାମାନଙ୍କ ପ୍ରତି ଏହା ନାଲ୍‌କୋର ଏକ ପ୍ରକାର ବିଶ୍ୱାସଘାତକତା ବୋଲି ରିତାରାଣୀ ଅଭିଯୋଗ କରିଛନ୍ତି।

ଅଭିଯୋଗ ସମ୍ପର୍କରେ ନାଲ୍‌କୋ ପ୍ରଶାସନିକ ଅଧିକାରୀ ରାଜାରାମ ମିଶ୍ର କହିଛନ୍ତି, ଜିଲା ପ୍ରଶାସନର ତାଲିକା ଅନୁସାରେ ଭିନ୍ନକ୍ଷମ ଦିବସରେ ବିଭିନ୍ନ ସହାୟତା ଯୋଗାଇ ଦିଆଯାଇଛି। ଏହାପରେ ମଧ୍ୟ ଯଦି କୌଣସି ହିତାଧିକାରୀ ବଞ୍ଚିତ ଅଛନ୍ତି, ସେମାନେ ଆବେଦନ କଲେ ସହାୟତା ଯୋଗାଇ ଦିଆଯାଇପାରିବ।

## ୭ ଜିଲାରେ କୁହୁଡ଼ି

**ଭୁବନେଶ୍ୱର, ୧୭।୧୨ (ବନ୍ଦନା ସେଠୀ)**

ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତ ଲହରୀ ସାଙ୍ଗକୁ ଘନ କୁହୁଡି ଦୃଶ୍ୟମାନ ହେଉଛି। ରାତି ତାପମାତ୍ର ହ୍ରାସ ପାଉଥିବା ବେଳେ ୭ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୬ରୁ ୧୦ ଡିଗ୍ରୀ ମଧ୍ୟରେ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ସେମିଳିଗୁଡାରେ ୫.୭ ଡିଗ୍ରୀ ରହିଥିବାବେଳେ କୋରାପୁଟରେ ୬, ଜି.ଉଦୟଗିରିରେ ୬.୬, ଝାରସୁଗୁଡାରେ ୭.୨, ଫୁଲବାଣୀରେ ୭.୫, ବୌଦ୍ଧରେ ୯.୪, ଅନୁଗୋଳରେ ୧୦, କିରେଇରେ ୧୦.୨, ରାଉରକେଲା ଏବଂ ଭବାନୀପାଟଣାରେ ୧୦.୬ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଆଗାମୀ ଦୁଇଦିନ ପାଇଁ ସୁନ୍ଦରଗଡ଼, କନ୍ଧମାଳ, ସମ୍ବଲପୁର, କଳାହାଣ୍ଡି, ସୋନପୁର, କୋରାପୁଟ ଏବଂ ଝାରସୁଗୁଡା ଜିଲାରେ କୁହୁଡି ନେଇ ସତର୍କତା ଜାରି କରାଯାଇଛି।

## ଓଏସ୍ଏସ୍‌ଟିଇଟି ଫର୍ମପୂରଣ ଅବଧି ୨୦ ଯାଏ ବଢ଼ିଲା

**କଟକ, ୧୭।୧୨ (କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ସେକେଣ୍ଡାରି ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ (ଓଏସ୍ଏସ୍‌ଟିଇଟି) ୨୦୨୫ ଫର୍ମପୂରଣ ଅବଧି ଆସନ୍ତା ୨୦ ତାରିଖ ମଧ୍ୟରାତ୍ର ଯାଏ ବଢ଼ାଇ ଦିଆଯାଇଛି। ଗତ ଡିସେମ୍ବର ୬ରୁ ଆରମ୍ଭ ହୋଇଥିବା ଅନ୍‌ଲାଇନ ଫର୍ମପୂରଣ ପ୍ରକ୍ରିୟାର ଅବଧି ଡିସେମ୍ବର ୧୭ ମଧ୍ୟରାତ୍ରରେ ଶେଷ ହେବାର ଥିଲା। ବୋର୍ଡ ୱେବ୍‌ସାଇଟ୍‌ରେ ୨୪ ଘଣ୍ଟିଆ ଲିଙ୍କ୍ ଉପଲବ୍ଧ ରହିଛି। ଫର୍ମପୂରଣ ପାଇଁ ଆବେଦନକାରୀଙ୍କ ଯୋଗ୍ୟତା, ପାଠ୍ୟକ୍ରମ ଓ ନିର୍ଦ୍ଦେଶାବଳୀ ମଧ୍ୟ ୱେବ୍‌ସାଇଟ୍‌ରେ ରହିଛି। ସୂଚନାଯୋଗ୍ୟ ଯେ, ଓଏସ୍ଏସ୍‌ଟିଇଟି ଜାନୁଆରୀ ୨୦ରେ ୨ଟି ସିଟିଂରେ ଅନୁଷ୍ଠିତ ହେବ। ପେପର-୧ ପରୀକ୍ଷା ସକାଳ ୯ଟାରୁ ଦିବା ୧୧.୩୦ ଏବଂ ପେପର-୨ ପରୀକ୍ଷା ଅପରାହ୍ଣ ୨ଟାରୁ ୪.୩୦ ଯାଏ ହେବ। ଜାନୁୟାରୀ ୧୦ରେ ପରୀକ୍ଷାର୍ଥୀମାନଙ୍କୁ ଅନ୍‌ଲାଇନ୍‌ରେ ଆଡ୍‌ମିଟ୍ କାର୍ଡ ଯୋଗାଇ ଦିଆଯିବ। ଆବେଦନରେ କୌଣସି ମିଥ୍ୟା ତଥ୍ୟ ଅଥବା ତ୍ରୁଟି ପରିଲକ୍ଷିତ ହେଲେ ଫର୍ମପୂରଣ ନାକଚ ହେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍‌ଲାଇନ ରେଜିଷ୍ଟ୍ରେଶନ ବେଳେ ପ୍ରଦତ୍ତ ବ୍ୟକ୍ତିଗତ ତଥ୍ୟ, ଠିକଣା, ଜାତି, ବିଷୟ ଆଦି ପରେ ବଦଳା ଯାଇପାରିବ ନାହିଁ।

# ଫିଲ୍ମ ପ୍ରଯୋଜକ ରବୀନ୍ଦ୍ର ସାହୁଙ୍କ ପରଲୋକ

**କେନ୍ଦ୍ରାପଡ଼ା, ୧୭।୧୨ (ଜଗନ୍ନାଥ ଧଳ)**



ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରି ପାଇଁ ଦୁଃଖ ଖବର। ଫିଲ୍ମଜଗତକୁ ୨୦ରୁ ଊର୍ଦ୍ଧ୍ୱ ଫିଲ୍ମ ଦେଇଥିବା ବରିଷ୍ଠ ପ୍ରଯୋଜକ ରବୀନ୍ଦ୍ର ସାହୁ (୮୧)ଙ୍କ ବୁଧବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ସମ୍ପର୍କରେ ପୁଅ ବିଜେଡି ରାଜ୍ୟ ସମ୍ପାଦକ ରଣଜିତ ସାହୁ ସୂଚନା ଦେଇଛନ୍ତି। କିଛିଦିନ ଧରି ସେ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ୧୯୮୭ରେ 'ଏଇତ ଦୁନିଆ' ଚଳଚ୍ଚିତ୍ରର ନିର୍ମାତା ଥିଲେ। ପରେ ୧୯୯୧ରେ ବସ୍ତ୍ରହରଣ, ୧୯୯୨ରେ ନାଗ ପଞ୍ଚମୀର ପ୍ରଯୋଜନା କରିଥିଲେ। ୨୦୦୭ରେ ତାଙ୍କର ଶେଷ ଫିଲ୍ମ ରସିକନାଗର ମୁକ୍ତିଲାଭ କରିଥିଲା। ଏହାବ୍ୟତୀତ ପାଚେରୀ ଉଠିଲା ମଝି ଦୁଆରୁ, କୁଳନନ୍ଦନ, ଶାଶୁ ହାତକଡ଼ି ଭାଉଜ ହାତେ ବେଡ଼ି, କୋଟିଏରେ ଗୋଟିଏ, ମଣି ନାଗେଶ୍ୱରୀ, ଆଲୋ ମୋର କଣ୍ଢେଇ ଆଦି ଚଳଚ୍ଚିତ୍ର ନିର୍ମାଣ କରିଥିଲେ। କେନ୍ଦ୍ରାପଡ଼ା ସହରରେ ଭାସ୍କର ଟକିଜ୍ ନିର୍ମାଣ କରି ଚଳଚ୍ଚିତ୍ରକୁ ପ୍ରୋତ୍ସାହନ ଦେଇଥିଲେ। ଏଥିସହ ସେ ରାଜନୀତିରେ ରହି ସ୍ଥାନୀୟ ଅଞ୍ଚଳର ବିକାଶରେ ନିଜର କୃତିତ୍ୱର ଛାପ ଛାଡ଼ିଛନ୍ତି। ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିଚାଳନା କମିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ଥିଲେ। ପୂର୍ବରୁ କେନ୍ଦ୍ରାପଡ଼ା ପୌରପାଳିକାର କାଉନ୍‌ସିଲର, କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀରୁ ବିଧାନସଭା ନିର୍ବାଚନରେ ଭାଜପା ଟିକେଟରେ ପ୍ରାର୍ଥୀ ହୋଇଥିଲେ। ବର୍ତ୍ତମାନ ବୋହୂ ସରିତା ସାହୁ କେନ୍ଦ୍ରାପଡ଼ା ପୌରପାଳିକାର ପୌରାଧ୍ୟକ୍ଷା ଅଛନ୍ତି। ତାଙ୍କର ସ୍ତ୍ରୀ, ୫ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ସାହୁଙ୍କ ମୃତ୍ୟୁରେ ବହୁ ରାଜନେତା, ମାନ୍ୟଗଣ୍ୟ ବ୍ୟକ୍ତି, ଫିଲ୍ମ ଜଗତର ବହୁ କଳାକାର ଶୋକବ୍ୟକ୍ତ କରିଛନ୍ତି।




# ଋଣ ଦେବାକୁ ବ୍ୟାଙ୍କ କୁନ୍ଥକୁନ୍ଥ

**ଭୁବନେଶ୍ୱର, ୧୭।୧୨ (ରବିନାରାୟଣ ଜେନା)**

### 'ଡିପିଆର୍' ଆଳରେ ରିଜେକ୍ଟ

ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ଭାଜପା ସରକାର ପ୍ରତିଶ୍ରୁତିବଦ୍ଧ। ରାଜ୍ୟର କୃଷକ, ମହିଳା ଓ ଯୁବବର୍ଗଙ୍କ ବିକାଶ କିଭଳି ହେବ ସେଥିନେଇ ପ୍ରସ୍ତୁତ ହେଉଛି ଯୋଜନା ପରେ ଯୋଜନା। ହେଲେ ଏସବୁ ଯୋଜନାର ସଫଳ ରୂପାୟନ କରିବାରେ ଯେଉଁ ଅଂଶୀଦାରଙ୍କ ପ୍ରମୁଖ ଭୂମିକା ରହିଛି ସେମାନେ ଠିକଣା ଭାବେ ତାହା ନିର୍ବାହ କରୁନାହାନ୍ତି। ଫଳରେ ସରକାରଙ୍କ ଲକ୍ଷ୍ୟ ସାଧିତ ହୋଇପାରୁନାହିଁ। ଏହି କ୍ରମରେ ପ୍ରତିବର୍ଷ ବ୍ୟାଙ୍କଗୁଡ଼ିକର ପ୍ରଦର୍ଶନକୁ ନେଇ ସରକାରଙ୍କ ପକ୍ଷରୁ 'ଏମ୍‌ପ୍ୟାନେଲ୍‌ମେଣ୍ଟ' କରାଯାଇଥାଏ। ସେଥିରେ ବ୍ୟାଙ୍କକୁ କୃଷକ ଓ ବିଭିନ୍ନ ଯୁବବର୍ଗଙ୍କୁ ଋଣ ଦେବାକୁ ଟାର୍ଗେଟ୍ ପ୍ରଦାନ କରାଯାଉଛି। ହେଲେ କେତେକ ବ୍ୟାଙ୍କ ଏସବୁ କ୍ଷେତ୍ରରେ ଋଣ ଦେବାବେଳକୁ କୁନ୍ଥକୁନ୍ଥ ହେଉଛନ୍ତି। ବ୍ୟାଙ୍କ ନିକଟକୁ ଆବେଦନକାରୀମାନେ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। ଯେଉଁ ଆବେଦନ ସଫଳ ପୋର୍ଟାଲ ଜରିଆରେ ପହଞ୍ଚୁଛି ସେଥିରୁ ଅର୍ଦ୍ଧାଧିକ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ(ଡିପିଆର୍) ଅଭାବ ଦର୍ଶାଇ 'ରିଜେକ୍ଟ' କରାଯାଉଥିବାବେଳେ ଅବଶିଷ୍ଟ ଆବେଦନଗୁଡ଼ିକ ବିଚାର ଆଳରେ ଗଡୁଛି। ଏହିଭଳି ଏକ ବିକଳ ଚିତ୍ର ସାମ୍ନାକୁ ଆସିଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଅଧୀନ ବିଭିନ୍ନ ଯୋଜନାରେ ହିତାଧିକାରୀମାନେ ଋଣ ପାଇଁ ଆବେଦନକରି ନିରାଶ ହେଉଥିବା ପରିଲକ୍ଷିତ ହୋଇଛି। ଗୋଟିଏପଟେ ସରକାର ମତ୍ସ୍ୟ, ଅଣ୍ଡା ଓ ମାଂସରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି, ହେଲେ କେତେକ ବ୍ୟାଙ୍କର ଏଭଳି ପ୍ରଦର୍ଶନ ଆବେଦନକାରୀ ଓ ସରକାରୀ ଅଧିକାରୀଙ୍କୁ ବ୍ୟଥିତ କରିଛି। ଏହାକୁ ନେଇ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ନିର୍ଦ୍ଦେଶକ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଓ ଆଉ କେତେକ କ୍ଷୁଦ୍ର ବ୍ୟାଙ୍କକୁ ତାଗିଦ୍ କରିଥିବା ଜଣାଯାଇଛି। ବ୍ୟାଙ୍କର୍ସ କମିଟିକୁ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ତଥ୍ୟ ଅନୁଯାୟୀ, ଚଳିତବର୍ଷ ଟର୍ମ ଲୋନ୍(ମିଆଦୀ ଋଣ) ଲାଗି 'ସଫଳ' ପୋର୍ଟାଲରେ ୨୧୩୯ ଯୁବବର୍ଗ ଋଣ ପାଇଁ ଆବେଦନ କରିଥିଲେ। ସେଥିମଧ୍ୟରୁ ୧୫୯୧ଟି ଆବେଦନକୁ ବ୍ୟାଙ୍କ ପକ୍ଷରୁ 'ରିଜେକ୍ଟ' କରିଦିଆଯାଇଛି। ଅବଶିଷ୍ଟ ଆବେଦନ ମଧ୍ୟରୁ ୬୨ଟିକୁ ବିଚାରକୁ ନେଇ ଋଣ ଅନୁମୋଦନ କରାଯାଇଥିବାବେଳେ ୬୨୮ଟି ଆବେଦନ ଫେରାଇ(ରିଭର୍ଟ) ଦିଆଯାଇଛି। ଅନୁରୂପ ଭାବେ ଶସ୍ୟଋଣ କ୍ଷେତ୍ରରେ ଜିଲାସ୍ତରୀୟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କକୁ ୧ ଲକ୍ଷ ୧୧ ହଜାର ୪୨ ଆବେଦନ 'ସଫଳ' ପୋର୍ଟାଲ ଜରିଆରେ ଆସିଥିଲା। ସେଥିମଧ୍ୟରୁ ୭୫ ହଜାର ୨୮୬ଟିରେ ଅନୁମୋଦନ ହୋଇଥିବାବେଳେ ୨୩୬୯ଟି ଆବେଦନକୁ ରିଜେକ୍ଟ କରାଯାଇଛି। ୨୦୫୫ଟି ଆବେଦନ ରିଭର୍ଟ କରାଯାଇଥିବାବେଳେ ୧୧ ହଜାର ୩୦୮ ଆବେଦନ ଏବେ ବି ବ୍ୟାଙ୍କ ନିକଟରେ ଗଡୁଛି। ତେବେ ବ୍ୟାଙ୍କ ପକ୍ଷରୁ ଋଣ ଆବେଦନଗୁଡ଼ିକ ରିଜେକ୍ଟ ପଛର କାରଣ କ'ଣ ବୋଲି ବିଭାଗ ପକ୍ଷରୁ ଖୋଳତାଡ଼ କରାଯାଇଥିଲା। ଅନୁସନ୍ଧାନରୁ ଜଣାଯାଇଛି, ଅଧିକାଂଶ(୩୯.୪୧%) ଋଣ ଆବେଦନରେ 'ଡିପିଆର୍' ନ ଥିବାବେଳେ ୧୯.୯୨ପ୍ରତିଶତ ଆବେଦନ ଠିକ୍ ଭାବେ ହୋଇନାହିଁ। ୧୩.୮୩ପ୍ରତିଶତ ଆବେଦନ ପରିତୃପ୍ତି ନ ଥିବାବେଳେ ୭.୧୦% ଆବେଦନ କ୍ଷେତ୍ରରେ ବ୍ୟାଙ୍କଠାରୁ ଆବେଦନକାରୀ ଅପହଞ୍ଚ କାରଣ ଭାବେ ଦର୍ଶାଯାଇଛି। ଏହାବାଦ୍ ଅନ୍ୟ ଆବେଦନଗୁଡ଼ିକ ମଧ୍ୟରେ ଆବଶ୍ୟକ କାଗଜପତ୍ର ଠିକ୍ ନ ଥିବା, କୋଲାଟେରାଲ ସିକ୍ୟୁରିଟ୍ ହିତାଧିକାରୀ ଯୋଗାଇପାରି ନ ଥିବା ଭଳି ସମସ୍ୟା ରହିଛି। ଏହାକୁ ନେଇ ମତ୍ସ୍ୟ ଓ ପଶୁସମ୍ପଦ ନିର୍ଦ୍ଦେଶକ ବିରକ୍ତି ପ୍ରକାଶ କରିବା ସହିତ ଏକ୍ଷେତ୍ରରେ ଲୋକେ ଯେଭଳି ଅଧିକ ସଚେତନ ହୋଇପାରିବେ ଏବଂ ସରକାରୀ ସୁବିଧା ନେଇପାରିବେ ସେଦିଗରେ ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀ ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ଯୁଗ୍ମ କର୍ମଶାଳା ଆୟୋଜନ କରିବାକୁ ମତ୍ସ୍ୟ ସମ୍ପଦ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ସୁଦାନରୁ ସୁରକ୍ଷିତ ଫେରିଲେ ନିଖୋଜ ଆଦର୍ଶ

**ଭୁବନେଶ୍ୱର, ୧୭।୧୨ (ସୁନିତ୍ ମିଶ୍ର)**

- ବହୁ କଷ୍ଟରେ ଥିଲି, ମୁଖ୍ୟମନ୍ତ୍ରୀଙ୍କ ପାଖରେ ଋଣୀ: ଆଦର୍ଶ
- ବିପତ୍ତି ସମୟରେ ସରକାର ସବୁବେଳେ ଲୋକଙ୍କ ସାଙ୍ଗରେ ରହିବ: ମୁଖ୍ୟମନ୍ତ୍ରୀ

ଜଗତ୍‌ସିଂହପୁର ଜିଲାର ଯୁବକ ଆଦର୍ଶ କୁମାର ବେହେରା ବୁଧବାର ଆଫ୍ରିକୀୟ ରାଷ୍ଟ୍ର ସୁଦାନରୁ ଉଦ୍ଧାର ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ଉଦ୍ୟମରେ ସେ ଭାରତ ଫେରିପାରିଛନ୍ତି। ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଛି। ରାଜ୍ୟ ସରକାର ତାଙ୍କ ପରିବାରର ଯୋଗାଯୋଗରେ ରହି ଆଦର୍ଶଙ୍କୁ ସମସ୍ତ ସହାୟତା ଯୋଗାଇ ଦେଇଥିବା ଜଣାପଡ଼ିଛି। ଆଦର୍ଶ ଫେରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୁସି ବ୍ୟକ୍ତକରିବା ସହ କେନ୍ଦ୍ର ସରକାରଙ୍କ ବର୍ହିବ୍ୟାପାର ମନ୍ତ୍ରଣାଳୟକୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ତାଙ୍କ 'X' ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି, ରାଜ୍ୟ ବାହାରେ ବା ବିଦେଶରେ ଥିବା ପ୍ରତ୍ୟେକ ଓଡ଼ିଆଙ୍କ ସୁରକ୍ଷା ଓ କଲ୍ୟାଣ ତାଙ୍କ ସରକାରଙ୍କ ପ୍ରାଥମିକତା। ବିପତ୍ତି ସମୟରେ ସରକାର ସବୁବେଳେ ଲୋକଙ୍କ ସାଙ୍ଗରେ ରହିବ ବୋଲି ସେ କହିଛନ୍ତି।

ଆଦର୍ଶଙ୍କ ନିଖୋଜ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ଚିନ୍ତା ପ୍ରକଟକରିଥିଲେ। ତାଙ୍କ ନିର୍ଦ୍ଦେଶରେ ସରକାରଙ୍କ ପକ୍ଷରୁ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ପତ୍ର ଲେଖାଯାଇ ଆଦର୍ଶଙ୍କୁ ଉଦ୍ଧାର ପାଇଁ ଅନୁରୋଧ କରାଯାଇଲା। ଏହାସହ ନୂଆଦିଲ୍ଲୀଠାରେ ଅବସ୍ଥାପିତ ଆବାସିକ କମିଶନର ମଧ୍ୟ ଏନେଇ ବର୍ହିବ୍ୟାପାର ମନ୍ତ୍ରଣାଳୟକୁ ଚିଠି ଲେଖି ସୁଦାନରେ ରହିଥିବା ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ସହିତ ଯୋଗାଯୋଗରେ ରହି ଆଦର୍ଶଙ୍କ ଖୋଜ୍ ଖବର ନେବା ଏବଂ ତାଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ଅନୁରୋଧ କରିଥିଲେ।



ଆଦର୍ଶ କୁମାର ବେହେରା

ସୂଚନା ମୁତାବକ, ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା କୋଟକଣା ଗ୍ରାମର ଆଦର୍ଶ କୁମାର ବେହେରା ୨୦୨୨ରୁ ସୁଦାନରେ କାମ କରୁଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ପରିବାରବର୍ଗଙ୍କ ନିକଟକୁ ଖବର ଆସିଥିଲା, ଆଦର୍ଶଙ୍କର କିଛି ଖୋଜ୍ ଖବର ନାହିଁ। ଆଦର୍ଶ ସୁଦାନର ଉତ୍ତର ତରଫର୍ ରାଜ୍ୟର ଏଲ୍ ଫାସର ସହରରେ ନିଖୋଜ ଥିବାବେଳେ ଭାରତ ସରକାର ତାଙ୍କୁ କେତେଜଣ ଆନ୍ତର୍ଜାତିକ ମଧ୍ୟସ୍ଥଙ୍କ ସହଯୋଗରେ ଉଦ୍ଧାର କରିଛନ୍ତି। ଫେରିବା ପରେ ଆଦର୍ଶ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଜୟଶଙ୍କର ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସେଠାରେ ବହୁ କଷ୍ଟରେ ଥିଲେ। ଜନ୍ମମାଟିକୁ ସେ ନିରାପଦ ଭାବେ ଫେରି ଆସିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ତାଙ୍କ ପରିବାର ଋଣୀ ବୋଲି ସେ କହିଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଭାରତୀୟ କ୍ଷେତ ମଜ୍ଦୁର ୟୁନିୟନ୍ ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ପକ୍ଷରୁ ମହିଳା ନେତୃତ୍ୱ ବିକାଶ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଆଇଏନ୍‌ଟିୟୁସି ରାଜ୍ୟ ଶାଖା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ପକ୍ଷରୁ ସରଗି ଫୁଲ ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ଆଦିବାସୀ ପଡ଼ିଆ, ୟୁନିଟ୍-୧, ସମୟ: ପୂର୍ବାହ୍ନ ୧୧ଟା।
- ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ପକ୍ଷରୁ ରାଜ୍ୟସ୍ତରୀୟ ମାନବାଧିକାର କର୍ମୀ ତାଲିମ ସମ୍ମେଳନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ସମ୍ବାଦକେନ୍ଦ୍ର ପକ୍ଷରୁ 'ମୋ ପରିବାର-ସର୍ମଥ ପରିବାର' ସମ୍ପର୍କରେ ଆଲୋଚନାଚକ୍ର, ସ୍ଥାନ: ସୂଚନାଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ
- ସୁଦର୍ଶନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ମହାବିଦ୍ୟାଳୟ ପରିସର, ୪୨ ମୌଜା, ଦଧିବାମନପୁର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଖୋର୍ଦ୍ଧା
- ଖୋର୍ଦ୍ଧା ମହୋତ୍ସବର ୩ୟ ସନ୍ଧ୍ୟା, ସ୍ଥାନ: ବିଡିଏ ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର
- ଚବିଶ ପ୍ରହର ନାମ ସଂକୀର୍ତ୍ତନ ଓ ମହୋତ୍ସବ, ସ୍ଥାନ: ବେଲଦାଣ୍ଡିଆ ମନ୍ଦିର ପରିସର, ସିଂଲା, ବାଲେଶ୍ୱର, ସମୟ: ସକାଳ ୮ଟା।
- ବାର୍ଷିକ ରୁଦ୍ରାଭିଷେକ ଓ ଯଜ୍ଞ, ସ୍ଥାନ: ବାବା ବାଳକେଶ୍ୱର ମହାଦେବ ମନ୍ଦିର ପରିସର, ରାଉତପଡ଼ା, ରୂପସା, ବାଲେଶ୍ୱର, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମା' ପଞ୍ଚୁଘଣ୍ଟେଶ୍ୱରୀ ମନ୍ଦିର ପରିସର, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇର ଶତବାର୍ଷିକୀ ସମାରୋହ, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- କଂଗ୍ରେସ ପକ୍ଷରୁ ବିକ୍ଷୋଭ ସମାବେଶ, ସ୍ଥାନ: ଏସ୍‌ପି ଅଫିସ ସମ୍ମୁଖ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ଉତ୍ସବର ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା,ସ୍ଥାନ:ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟ, ମଠଡିହ, ଆରଡ଼ି, ସମୟ: ପୂର୍ବାହ୍ନ ୧୦ଟା୩୦।
- ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା,ସ୍ଥାନ:ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପାଳସାହି, ଧୂଷୁରୀ,ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ, ସ୍ଥାନ: ପଞ୍ଚାୟତ ହାଇସ୍କୁଲ, ବିନାୟକପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ ଟା।
- ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: କପିଳ ମୁନି ପଡ଼ିଆ, ବିଦେଇପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ ଟା।
- ବାଣିଜ୍ୟ ମେଳା ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ମାକ୍ରୋୱେଭ୍ ଟେକ୍ନୋଲୋଜି ପରିସର, ଜଗନ୍ନାଥପୁର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ପୂର୍ବତନ ସରପଞ୍ଚ ସ୍ୱର୍ଗତ ଗୋଲକ ଚନ୍ଦ୍ର ସାମଲଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବଢ଼େଇଗଡ଼ିଆ, ବୋଡ଼କ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ସମବାୟ ସମିତିର ବାର୍ଷିକ ଅଧିବେଶନ, ସ୍ଥାନ: ବାରସର, ତିହିଡ଼ି, ସମୟ: ଅପରାହ୍ନ ୪ ଟା।

## କେନ୍ଦୁଝର
- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ : ବେରୁଣପଦି, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୦ ଟା ।

## ମୟୂରଭଞ୍ଜ
- ୧୬ ବର୍ଷରୁ କମ୍ ଆନ୍ତଃରାଜ୍ୟ ଟି-୨୦ ମ୍ୟାଚ, ସ୍ଥାନ: ମଧୁବନ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଉପଖଣ୍ଡସ୍ତରୀୟ ଧୁମୁସା ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଉଦଳା ହାଇସ୍କୁଲ ପଡ଼ିଆ, ସମୟ: ସନ୍ଧ୍ୟା ୫ଟା ୩୦।

## ବ୍ରହ୍ମପୁର
- ସ୍ୱତନ୍ତ୍ର କର୍ପୋରେଶନ ବୈଠକ, ସ୍ଥାନ ବିଏମସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ
- ପପୁ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ଆଠମଲ୍ଲିକ ଲିପିଲୋଇ ଖେଳ ପଡ଼ିଆ, ସମୟ: ଅପରାହ୍ନ ୨ ଟା।

## ଜଗତ୍‌ସିଂହପୁର
- ବେଥାନୀ କନଭେଣ୍ଟ ସ୍କୁଲର ୧୮ତମ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ ଖେଳପଡିଆ, ମଧୁବନ, ପାରାଦୀପ, ସମୟ: ସକାଳ ୮ ଟା।
- ନବପ୍ରଭାତ ଶିଶୁ ମନ୍ଦିର ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ବୃନ୍ଦାବନ କଲୋନୀ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ ଟା।

## କେନ୍ଦ୍ରାପଡ଼ା
- ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଶ୍ରୀମହାପୁରୁଷ ମଧୁସୂଦନ ଦାସ ପୀଠ, କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ଓସ୍ଥା ପକ୍ଷରୁ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ, ସ୍ଥାନ: ଭଗବତୀ ସରକାରୀ ହାଇସ୍କୁଲ, ବେଲାରପୁର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ୧୦ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳା, ସ୍ଥାନ: ଯାଜପୁର ରୋଡ କାଳୀ ମେଳଣ ପଡିଆ, ସମୟ: ଅପରାହ୍ନ ୨ଟା।

## ନୟାଗଡ଼
- ୧୬ତମ ସର୍ବ ଭାରତୀୟ ସଦାଶିବ ସ୍ମାରକୀ କପ୍ କ୍ରିକେଟ ଟୁର୍ନାମେଣ୍ଟର ୫ମ ଦିବସରେ ଭାଇଜାଗ୍ ବନାମ ଭୁବନେଶ୍ୱର, ସ୍ଥାନ: ଭାପୁର ବ୍ଲକ ଫତେଗଡ ନାଳିସାଗର ପଡିଆ, ସମୟ:ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା
- ଚଇତି କ୍ରିକେଟର ଫାଇନାଲ ମ୍ୟାଚ, ସ୍ଥାନ: ମିନି ଷ୍ଟାଡିୟମ, ଗୁଣପୁର, ସମୟ: ସକାଳ ୯ଟା।
- ଚଇତି ପାଇଁ ସରକାରୀ, ସାମ୍ବାଦିକ ଏବଂ ଓକିଲଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ସ୍ଥାନ: ମିନି ଷ୍ଟାଡିୟମ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର
- ଜିଲା ରେଡକ୍ରସ ତାଲିମ ଓ ପ୍ରଶିକ୍ଷଣ କ୍ୟାମ୍ପ, ସ୍ଥାନ: ସରକାରୀ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ କୋଷାଗୁମୁଡା, ସମୟ : ପୂର୍ବାହ୍ନ ୧୧ଟା।
- ଜିଲା ଜୁନିଅର ରେଡ଼କ୍ରସର ଶିକ୍ଷା ଓ ଶିବିର, ସ୍ଥାନ: ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୋଷାଗୁମୁଡା, ସମୟ : ପୂର୍ବାହ୍ନ ୧୧ଟା।

## କୋରାପୁଟ
- କାଉଡିଆଗୁଡ଼ା କନ୍ୟାଶ୍ରମ ବାର୍ଷିକ ଉତ୍ସବ, ସ୍ଥାନ: କାଉଡିଆଗୁଡ଼ା, କୁନ୍ଦୁରା ବ୍ଲକ୍, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର
- ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଓ ମହିଳା ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ : ବୁର୍ଲାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ, ସମୟ : ସକାଳ ୯ଟା ।
- ସମ୍ବଲପୁର ଲୋକ ମହୋତ୍ସବର ମଞ୍ଚ ଓ ପ୍ରେକ୍ଷାଳୟ ଉପସମିତିର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା ।

## ବଲାଙ୍ଗୀର
- ଓଡ଼ିଶା-ହିମାଚଳ ପ୍ରଦେଶ କୁଚ୍ ବିହାର ଟ୍ରଫି କ୍ରିକେଟ୍‌ର ତୃତୀୟ ଦିବସ, ସ୍ଥାନ: ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ୍, ସମୟ: ସକାଳ ୯ଟା।

## ରାଉରକେଲା
- ହାଇଡ୍ରୋ-୨୦୨୫ ଅନ୍ତର୍ଜାତୀୟ ସମାବେଶ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଆଇଟି ରାଉରକେଲା ବିବିଏ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।

## ବରଗଡ଼
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ:ଗାନ୍ଧିଛକ କଲ୍ୟାଣ ମଣ୍ଡପ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା ୩୦।
- ଧନୁଯାତ୍ରା ସମ୍ବଲପୁରୀ ଗୀତ ରିଲିଜ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ:ସନ୍ଧ୍ୟା ୬ଟା।

## କଳାହାଣ୍ଡି
- କଳାହାଣ୍ଡି ଉତ୍ସବ ଘୁମୁରା--୨୦୨୬ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।

## ବୌଦ୍ଧ
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଟାଉନହଲ ବୌଦ୍ଧ, ସମୟ: ସକାଳ ୯ଟା।

## ଦେବଗଡ଼
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ଼ ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା, ସ୍ଥାନ: ଟାଙ୍ଗରସାହି ୟୁପି ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା୩୦।
- ବିନିକା ଅରିଗାଁ ଆଞ୍ଚଳିକ ଧନୁଯାତ୍ରାର ନବମ ସନ୍ଧ୍ୟା ଆର୍କ୍ରିଷ୍ଟା, ଡ୍ୟାନ୍ସ, ଅତିଥି ସ୍ୱାଗତ, କଂସ ଦରବାର, ସ୍ଥାନ: ଅରିଗାଁ ଖେଳ ପଡିଆ, ସମୟ: ସନ୍ଧ୍ୟା ୬ଟା ।

## ନୂଆପଡ଼ା
- ପ୍ରଥମ ଜୋନସ୍ତରୀୟ ୟୁନିଟ୍ କ୍ରିକେଟ କପ୍‌ର ଚତୁର୍ଥ ଦିବସ, ସ୍ଥାନ: ଖଡ଼ିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ମାନସିକ ଅସ୍ଥିରତାରୁ ଆପଣ ସାଧାରଣ କଥାରେ ଉତ୍ତେଜିତ ହୋଇପାରନ୍ତି। ପ୍ରତ୍ୟେକ ସ୍ତରରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରିବେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବିବ୍ରତ ହେବେ। କଳା, ସାହିତ୍ୟ, ସଂସ୍କୃତି ଓ ରଚନାତ୍ମକ କାମରେ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି।

**ବୃଷ** — ନିଜ କାମକୁ ପଛରେ ପକାଇ ବନ୍ଧୁ ଓ ପରିଜନମାନଙ୍କ କାର୍ଯ୍ୟରେ ସାମିଲ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ଟେନ୍ସନ ବୃଦ୍ଧି ପାଇପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ।

**ମିଥୁନ** — ବିବାହଯୋଗ୍ୟା ସନ୍ତାନଙ୍କ ପ୍ରସ୍ତାବକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତାନ୍ତର ଘଟିପାରେ। କୌଣସି ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ। ଅନ୍ୟମାନଙ୍କର କାନକୁହା କଥା ଶୁଣି ଉପର ଅଧିକାରୀ ଖପ୍ପା ହୋଇପାରନ୍ତି। ଭୁଲ୍‌ବୁଝାମଣାରୁ ସହକର୍ମୀଙ୍କ ପ୍ରତ୍ୟେକ କଥା ଓ କାମକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**କର୍କଟ** — କର୍ମକ୍ଷେତ୍ରରେ ପୂର୍ବ ବିବାଦୀୟ ପରିସ୍ଥିତିକୁ କେନ୍ଦ୍ରକରି କୌଣସି ଅଭିଯୋଗ ଆସିପାରେ। ଅନ୍ତରଙ୍ଗ ବନ୍ଧୁଟି ଅଭିଯୋଗର ବିଚାରରେ ସାମିଲ ଥିଲେ ମଧ୍ୟ ସାହାଯ୍ୟ କରି ନ ଥିବାର ଶୁଣି ଦୁଃଖ ପ୍ରକାଶ କରିବେ। ଆର୍ଥିକ ସ୍ଥିତି ଏବଂ ପାରିବାରିକ ପରିସ୍ଥିତିରେ ସାମାନ୍ୟ ଉନ୍ନତି ଯୋଗୁ ଆଶ୍ୱସ୍ତି ଲାଭ କରିବେ।

**ସିଂହ** — ପିଲାଙ୍କ ସମସ୍ୟା ଭିତରେ ନିଜେ ବାନ୍ଧି ହୋଇ ଗୁରୁତ୍ୱପୂର୍ଣ୍ଣ କାମକୁ ଅବହେଳା କରିବେ। ଆର୍ଥିକ ସ୍ୱଚ୍ଛଳତା ଥିଲେ ମଧ୍ୟ ପାରିବାରିକ ମତାନ୍ତରକୁ କେନ୍ଦ୍ରକରି ମାନସିକ ଶାନ୍ତି ବ୍ୟାହତ ହେବ। କର୍ମକ୍ଷେତ୍ରରେ ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରି କାମଟିକୁ ବଢ଼ାଇ ନେଇ ପାରନ୍ତି।

**କନ୍ୟା** — କୌଣସି କଥାକୁ କେନ୍ଦ୍ରକରି ପରସ୍ପର ବାଦାନୁବାଦ ବକ୍ତବ୍ୟଜନିତ ପାରିବାରିକ ସମ୍ପର୍କ ବିବାଦୀୟ ହେବ। ସହକର୍ମୀଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ଆଲୋଚନା ପରିସରରେ ସାଧାରଣ କଥା ଜଟିଳ ହୋଇପାରେ। ଆଜିର ଦୂରଯାତ୍ରା, ଉଚ୍ଚଶିକ୍ଷା, ବନ୍ଧୁସମ୍ପର୍କ ଓ ବ୍ୟବସାୟିକ ସ୍ଥିତି ପ୍ରାୟତଃ ମନ୍ଦ ହେବନାହିଁ।

**ତୁଳା** — ସ୍ୱାସ୍ଥ୍ୟସମସ୍ୟା କେତେକାଂଶରେ ନିୟନ୍ତ୍ରଣାଧୀନ ରହିବାରୁ କର୍ମକ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମର ଆଶଙ୍କା ଦେଖାଦେବ। ସ୍ୱାତୀ ନକ୍ଷତ୍ର କିନ୍ତୁ ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇ ଖୁସି ରହିବେ। କାବ୍ୟ, ସାହିତ୍ୟ, କଳା, କାରିଗରି କାମରେ ଅର୍ଥ ଓ ସମ୍ମାନ ଲାଭ କରିବାର ସୁଯୋଗ ଆସିପାରେ।

**ବିଛା** — ଶାରୀରିକ ସୁସ୍ଥତା, ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ପାରିବାରିକ ସୌହାର୍ଦ୍ଦ୍ୟଜନିତ ମାନସିକଶାନ୍ତି ଅନୁଭବ କରିବେ। ସଭାସମିତିରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ଲାଭବାନ ହେବା ସାଙ୍ଗକୁ ନୂତନ ଯୋଜନାରମ୍ଭ ଫଳପ୍ରଦ ହେବ।

**ଧନୁ** — ସମସ୍ତ ସୁବିଧା ଥାଇ ମଧ୍ୟ କର୍ମହାନି ଓ ଏକାଧିକ ସମସ୍ୟା ବିବ୍ରତ କରାଇପାରେ। ବନ୍ଧୁଙ୍କ ସହ ତିକ୍ତତା ଯୋଗୁ ମନସ୍ତାପ କରିପାରନ୍ତି। ବନ୍ଧୁଙ୍କ ନିକଟରୁ ବକେୟା ଅର୍ଥ ପାଇବେ। ପାରିବାରିକ ସୁସମ୍ପର୍କ, ବ୍ୟବସାୟିକ ଉନ୍ନତି ସହ ଆନୁଷ୍ଠାନିକ କାମରେ ସହଯୋଗଜନିତ ଦୁଃଖକୁ ସାମୟିକ ଭାବେ ଭୁଲିଯାଇପାରନ୍ତି।

**ମକର** — କୌଣସି ଦୂରାଗତ ବନ୍ଧୁଙ୍କ ଆଗମନୀ ବାର୍ତ୍ତାରେ ଖୁସି ହେବେ। ସାହିତ୍ୟ, ସଂସ୍କୃତି, ଆଧ୍ୟାତ୍ମିକତା ଓ ବୁଦ୍ଧିଜୀବୀଙ୍କ ଦ୍ୱାରା ଆଦୃତିଲାଭର ସୁଯୋଗ ଜୁଟିବ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ଆଶାରେ ବନ୍ଧୁଙ୍କୁ ବିଭିନ୍ନ ପ୍ରକାର କଥା କହିବେ। ସଭାସମିତିରେ,ବନ୍ଧୁଗହଣରେ, ଆଲୋଚନା ପରିବେଶରେ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ** — କାର୍ଯ୍ୟହାସଲର ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ପୂରଣ ପାଇଁ ବନ୍ଧୁଙ୍କ କଥା ଓ କାମରେ ବିସ୍ମୟ ପ୍ରକାଶ କରିପାରନ୍ତି। ସମ୍ପର୍କୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ କିନ୍ତୁ କିଛି କହିପାରିବେ ନାହିଁ। ବିବାଦୀୟ ସ୍ଥିତିର ସମାଧାନ ସକାଶେ ସମ୍ପର୍କୀୟ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ନିମନ୍ତ୍ରଣ ପାଇପାରନ୍ତି।

**ମୀନ** — କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଆଶ୍ୱସ୍ତିଲାଭ କରିବେ। ପରିବାରର ମତାମତ ନ ନେଇ କୌଣସି କାମ କଲେ ଅସୁବିଧା ଭୋଗିବେ। ବନ୍ଧୁ ସମ୍ପର୍କ, ମକଦ୍ଦମା, କ୍ରୟବିକ୍ରୟ, ଯାତ୍ରା ଓ ବାଣିଜ୍ୟାଦି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହେବ। ଦୂର ଭ୍ରମଣ ସାଙ୍ଗକୁ ସୁସ୍ୱାଦୁ ଭୋଜନର ବ୍ୟବସ୍ଥାରେ ଆତ୍ମବିଭୋର ହୋଇପାରନ୍ତି।

ଆଜି ଡିସେମ୍ବର ୧୮ ତାରିଖ, ପୌଷ କୃଷ୍ଣ ଚତୁର୍ଦ୍ଦଶୀ ଗୁରୁବାର। ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ରାଶିନକ୍ଷତ୍ର- ଅନୁରାଧା/ବିଛା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୧୮ ଗତେ ଘ.୦୭.୪୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୦୪ ଗତେ ଘ.୦୨.୨୫ ମଧ୍ୟେ ରାହୁ କାଳ ।

# ମୋଦି, ଶାହା ଗଣତନ୍ତ୍ର ବିରୋଧୀ: ଭକ୍ତ

## କଂଗ୍ରେସର ଭାଜପା ରାଜ୍ୟ କାର୍ଯ୍ୟାଳୟ ଘେରାଉ

ଭୁବନେଶ୍ୱର,୧୭।୧୨ (ରବିନାରାୟଣ ଜେନା)

ବିନା ଏତଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଯେପରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ବ୍ୟବହାରକରି ନ୍ୟାଶନାଲ ହେରାଲ୍ଡ ପ୍ରସଙ୍ଗରେ କଂଗ୍ରେସର ବରିଷ୍ଠ ନେତା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ନିର୍ଯାତନା ଦେଲେ, ତାହା ସାରା ଦେଶବାସୀ ଦେଖିଛନ୍ତି। ଏହି ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଏବେ ସୋନିଆ ଏବଂ ରାହୁଲଙ୍କୁ ଦୋଷମୁକ୍ତ କରିବା ସହ ଇଡିକୁ ଭର୍ତ୍ସନା କରିଛନ୍ତି। ମୋଦି ଓ ଶାହାଙ୍କ ପାଇଁ ଏହାଠାରୁ ବଳି ଲଜ୍ଜାଜନକ ଘଟଣା ଆଉ କ'ଣ ବା ଥାଇପାରେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। କଂଗ୍ରେସ ପକ୍ଷରୁ ବୁଧବାର ରାଜ୍ୟ ଭାଜପା କାର୍ଯ୍ୟାଳୟ ଘେରାଉ ସମୟରେ ଭକ୍ତ କହିଛନ୍ତି, ମୋଦି ଏବଂ ଶାହା ଗଣତନ୍ତ୍ରବିରୋଧୀ। କ୍ଷମତାର ଅହଂକାରରେ ବଶବର୍ତ୍ତୀ ହୋଇ ସାମ୍ବିଧାନିକ ଅନୁଷ୍ଠାନକୁ ଦୁରୁପଯୋଗ କରୁଛନ୍ତି। କଂଗ୍ରେସକୁ କ୍ଷମତାଠାରୁ ଦୂରେଇ ରଖିବା ପାଇଁ ଭୋଟ ଚୋରିଠାରୁ ଆରମ୍ଭ କରି ମିଥ୍ୟା ମାମଲାରେ ଫସାଇବାକୁ ଅପଚେଷ୍ଟା କରିଛନ୍ତି। ହେଲେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ପରେ କଂଗ୍ରେସର ନୈତିକ ତଥା ବଡ଼ ବିଜୟ ହୋଇଛି। ନ୍ୟାଶନାଲ ହେରାଲ୍ଡ ଦେଶର ସ୍ୱାଧୀନତା ସଂଗ୍ରାମ ପାଇଁ ବ୍ୟବହାର କରାଯାଇଥିଲା। ଏଥିରେ ଦୁର୍ନୀତିର କୌଣସି ଚିହ୍ନବର୍ଣ୍ଣ ନ ଥିଲା। ସୁପ୍ରିମ୍‌କୋର୍ଟ ନିର୍ଦ୍ଦୋଷ ପ୍ରମାଣିତ କରିବାପରେ ଏବେ ମୋଦି ଓ ଶାହା ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ଭକ୍ତ କହିଛନ୍ତି। ଏହି ଅବସରରେ ପୂର୍ବାହ୍ନରେ କଂଗ୍ରେସ ଭବନଠାରୁ ଏକ ଶୋଭାଯାତ୍ରା ବାହାରି ଭାଜପା ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଆନ୍ଦୋଳନରତ କର୍ମୀମାନେ ମୋଦି ଓ ଶାହା ବିରୋଧୀ ସ୍ଲୋଗାନ୍‌ମାନ ଦେଇଥିଲେ। ମାଷ୍ଟରକ୍ୟାଣ୍ଟିନ ଛକ ପରେ ପୋଲିସ କଂଗ୍ରେସ କର୍ମୀଙ୍କୁ ଅଟକାଇଥିଲା। ସେଠାରେ ପୋଲିସ ଓ କର୍ମୀଙ୍କ ମଧ୍ୟରେ କିଛି ସମୟ ପାଇଁ ବାକ୍‌ବିତଣ୍ଡା ଦେଖାଦେଇଥିଲା। ପରେ ପୋଲିସ ଆଇନଶୃଙ୍ଖଳା ରକ୍ଷା କରିବାକୁ ଯାଇ ଆନ୍ଦୋଳନରତ କର୍ମୀଙ୍କୁ ଗିରଫକରି ପରେ ଛାଡ଼ିଦେଇଥିଲା। ଏହି ଶୋଭାଯାତ୍ରାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ଜଗନ୍ନାଥ ପଟ୍ଟନାୟକ, ସୁରେଶ ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ଅରବିନ୍ଦ ଦାସ ପ୍ରମୁଖ ସାମିଲ ଥିଲେ।



### କଂଗ୍ରେସ ପାଇଁ ସମର୍ପିତ: ସୋଫିଆ

ଲୋକଙ୍କ ଆଶୀର୍ବାଦରେ ମୁଁ ବିଧାୟକ ହୋଇ ଆସିଛି। ସେମାନଙ୍କ ସମସ୍ୟାକୁ ଗୁରୁତ୍ୱ ଦେବା ସହ କଂଗ୍ରେସର ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ କାର୍ଯ୍ୟ କରିବି ବୋଲି ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍‌ଦୋସ କହିଛନ୍ତି। ନ୍ୟାଶନାଲ ହେରାଲ୍ଡ ପ୍ରସଙ୍ଗରେ ବୁଧବାର କଂଗ୍ରେସ ପକ୍ଷରୁ ରାଜ୍ୟ ଭାଜପା କାର୍ଯ୍ୟାଳୟ ଘେରାଉ ଅବସରରେ ପୂର୍ବତନ ବିଧାୟକ ତଥା ପିତା ମହମ୍ମଦ ମୋକିମଙ୍କୁ କଂଗ୍ରେସରୁ ବହିଷ୍କାର ପ୍ରସଙ୍ଗକୁ ଏଡ଼ାଇ ସୋଫିଆ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ଫଳେ ପେଣ୍ଡା ପେଣ୍ଡା,**
**କଇଁଆ ଫଳେ ବଙ୍କା,**
**ପୁଅ ଯାଇଥିଲା ପୁରସ୍ତମ**
**ଆଣିଛି ଅଣ୍ଟିଏ ଟଙ୍କା ।**

ପିଲା ଯେବେ ନିଜ ଗୋଡ଼ରେ ଛିଡ଼ାହୋଇଯାଏ ସେତେବେଳେ ବାପା ମା'ଙ୍କ ମନ ଖୁସିରେ ଦ୍ୱିଗୁଣିତ ହୋଇଯାଏ। ଭଲ ରୋଜଗାର କରି ଚଳୁଥିବାର ଦେଖିଲେ ମନ କୁଣ୍ଢେମୋଟ ହୋଇଯାଏ। ଏପରିସ୍ଥଳେ ବିଦେଶରେ ରହି ଧନ ଉପାର୍ଜନ କରୁଥିବା ପୁଅର ପାରିବା ପଣିଆକୁ ନେଇ ଅନ୍ୟ ଆଗରେ କହି ବୁଲି ଗର୍ବ କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଜି କାଲି ହୋଇ ପୂରିଲା ମାସ**
**ଲେଉଟ ବୋଲୁଛି କାଲିକି ଆସ ।**

ଧନ ବା ଜିନିଷ ଥରେ ହାତରୁ ଅନ୍ୟ ହାତକୁ ଚାଲିଗଲେ ତାହା ସହଜରେ ଫେରିଆସି ନ ଥାଏ। କରଜ ବା ଉଧାର ନେଇ ପରିଶୋଧକରି ପାରୁ ନ ଥିବା ବ୍ୟକ୍ତି ଦେବା ଦେବା କହି ସମୟ ଗଡ଼ାଇ ଚାଲୁଥିବା ବେଳେ ତାଙ୍କ ପଛରେ ଗୋଡ଼େଇ ଗୋଡ଼େଇ ସମୟ ସାରିବା ହିଁ ସାର ହୋଇଥାଏ। ଆଜି ଦେବା କାଲି ଦେବା କହି କିଛି ଦେଉ ନ ଥିବା ବ୍ୟକ୍ତିଙ୍କର ଏପରି ଭଣ୍ଡେଇବା ନୀତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ପ୍ରଥମ ମିସ୍ ଇଣ୍ଡିଆ ...

ଦେଇଥିବା ମେହେରଙ୍କ ଜନ୍ମ ମୁମ୍ବାଇରେ ହୋଇଥିଲା। ପ୍ରଥମ ଫେମିନା ମିସ୍ ଇଣ୍ଡିଆରେ ବିଜୟୀ ହେବା ପରେ ସେ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରି କି ସେ ବିଦେଶରେ ମଧ୍ୟ ମିସ୍ ୟୁନିଭର୍ସ ଓ ମିସ୍ ୟୁନାଇଟେଡ୍ ନେଶନ୍ସ ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ। ଏହା ପରେ ସେ ଫ୍ୟାଶନ ଜର୍ନାଲିଜମ୍‌ରେ ଏକ ଅସାଧାରଣ ଲିଗାସି ପ୍ରତିଷ୍ଠା କରିଥିଲେ, ଯାହାକି ତାଙ୍କୁ ଭିନ୍ନ ପରିଚୟର ଅଧିକାରିଣୀ କରିଥିଲା। ୧୯୭୩ ମସିହାରେ ସାମ୍ବାଦିକତା କ୍ଷେତ୍ରରେ ମେହେର ନିଜ କ୍ୟାରିୟର ଆରମ୍ଭ କରିଥିଲେ। ଇଭ୍ସ ୱିକ୍‌ଲିରେ ତାଙ୍କ ପ୍ରଥମ ନିବନ୍ଧ ପ୍ରକାଶିତ ହୋଇଥିଲା। ସମୟକ୍ରମେ ସେ ପୂର୍ଣ୍ଣକାଳୀନ ଫ୍ୟାଶନ ଜର୍ନାଲିଷ୍ଟ ଓ ସ୍ତମ୍ଭକାର ରୂପେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ଆଲେଖ୍ୟ ପ୍ରାୟ ୧୩୦ଟି ଜାତୀୟ ଓ ଅନ୍ତର୍ଜାତୀୟ ଖବରକାଗଜ ତଥା ପତ୍ରିକାରେ ପ୍ରକାଶିତ ହୋଇଥିଲା। ଏଇଠୁ ସେ ଫ୍ୟାଶନ କମେଣ୍ଟ୍ରି ଏବଂ ଲାଇଫଷ୍ଟାଇଲ୍ ରିପୋର୍ଟିଂ କ୍ଷେତ୍ରରେ ଏକ ପ୍ରମୁଖ ସ୍ୱର ପାଲଟିଯାଇଥିଲେ। ଏତିକି ନୁହେଁ, ମେହେର 'ମ୍ୟାନ୍‌ଷ୍ଟାଇଲ', 'ଫ୍ୟାଶନ୍ କାଲେଇଡୋସ୍କୋପ୍' ଏବଂ 'ଫ୍ୟାଶନ ମ୍ୟୁଜିଙ୍ଗ୍ସ' ଭଳି ଅନେକ ଫ୍ୟାଶନ ପୁସ୍ତକର ରଚୟିତା ମଧ୍ୟ ଥିଲେ। ଏହି ଅଧ୍ୟବସାୟ ଓ ଲେଖନୀ ଶୈଳୀରେ ମେହେରଙ୍କ ଧାରା ଅନ୍ୱେଷଣ, ଶିଳ୍ପର ବିବର୍ତ୍ତନ ତଥା ଅନ୍ତର୍ଦୃଷ୍ଟି ବାରିହୋଇ ପଡୁଥିଲା। ଲାକ୍‌ମେ ଫ୍ୟାଶନ୍ ୱିକ୍ ଭଳି ଅନେକ ବୃହତ୍ ଭାରତୀୟ ଫ୍ୟାଶନ ଇଭେଣ୍ଟରେ ଫ୍ୟାଶନ୍ ରାଇଟର ଭାବେ ସେ କାର୍ଯ୍ୟ କରିଥିଲେ।

### ସ୍କୁଲରେ ଅବହେଳା, ...

ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବିଦ୍ୟାଳୟକୁ ନିଆଯାଇଥିବା ଜଣାପଡ଼ିଛି। ୩ ଫୁଟ୍‌ର ନାମଫଳକ ପଡ଼ି ଛାତ୍ରଙ୍କ ମୃତ୍ୟୁ କିଭଳି ହେଲା ବୋଲି ପ୍ରଶ୍ନ କରିବା ସହ ଶିକ୍ଷୟିତ୍ରୀ ଶିକ୍ଷକ ମିଛ କହୁଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ମୃତ ଛାତ୍ରଙ୍କ ପରିବାର ଲୋକେ ଓ ଗ୍ରାମବାସୀ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିକରି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଜାତୀୟ ରାଜପଥ ଅପରାହ୍ନରୁ ୫ ଘଣ୍ଟା ଧରି ଅବରୋଧ କରିଥିଲେ। ଛାତ୍ର ମୃତ୍ୟୁ ରହସ୍ୟଜନକ ବୋଲି ପରିବାର ଲୋକେ କୋଟପାଡ଼ ଥାନାରେ ଅଭିଯୋଗ କରିଛନ୍ତି। ଖବର ପାଇ ଜିଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡି ଓ ସ୍ଥାନୀୟ ବିଡିଓ ମନୋଜ କୁମାର ନାୟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ, ପଦ୍ମିନୀ ଦିଆନ, ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ଜିଲା ପରିଷଦ ସଭ୍ୟ ଗୀତା ମାଝୀ ଓ ତ୍ରିପତି ଚାଲାଣ ପ୍ରମୁଖ ବିଜେଡି କର୍ମୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପ୍ରଶାସନର ଅବହେଳା ଯୋଗୁ ଏଭଳି ଘଟଣା ଘଟୁଥିବା ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ସ୍ଥାନୀୟ ତହସିଲଦାର ଟ୍ୱିଙ୍କଲ ସେଠୀ, ଥାନାଧିକାରୀ ପ୍ରେମାନନ୍ଦ ସୁନାନୀ ଓ ବିଡିଓ ନାୟକ ଉପସ୍ଥିତ ରହି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ଲୋକେ ଏହାକୁ ମାନି ନ ଥିଲେ। ଏହା ପରେ ପିଏ ଆଇଟିଡିଏ ତୃପ୍ତି ବରେଇ, ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ ଓ ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନା ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିବା ସହ ନଗଦ ୫୦ ହଜାର ଦେଇଥିଲେ। ବଳକା ଦେଢ଼ ଲକ୍ଷ ଟଙ୍କା ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଦୀର୍ଘ ୫ ଘଣ୍ଟା ଧରି ରାସ୍ତା ଅବରୋଧ ଯୋଗୁ ରାସ୍ତାର ୨ ପାର୍ଶ୍ୱରେ ଶତାଧିକ ଭାରିଯାନ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଘଟଣା ପରେ କେତେକ ଗଣମାଧ୍ୟମ ପ୍ରତିନିଧି ସ୍କୁଲ ମୁଖ୍ୟ ଫାଟକ ନିକଟରେ ପହଞ୍ଚି ଗେଟ୍ ଖୋଲିବାକୁ ସ୍କୁଲ କର୍ମଚାରୀଙ୍କ କହିଥିଲେ। କିନ୍ତୁ କେହି ଗେଟ୍ ଖୋଲି ନ ଥିବାରୁ ଗଣମାଧ୍ୟମକୁ ଭିତରକୁ ନ ଛାଡ଼ିବା ନେଇ ପ୍ରଶ୍ନ ଉଠିଛି।

### ସତ୍ୟପାଠ ଦେଲେ ...

ଉପରେ ରୋକ ଲଗାଇବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସରକାର ଟାସ୍କଫୋର୍ସ ଗଠନ କରି ସେମାନଙ୍କ ଆଧାର କାର୍ଡ, ଭୋଟର କାର୍ଡ, ରାଶନ୍‌କାର୍ଡ ଆଦି ଯାଞ୍ଚ କରିବା ସହ ତୁରନ୍ତ ସେମାନଙ୍କୁ ଚିହ୍ନଟ କରାଯାଉ। ରାଜ୍ୟ ସରକାର ସାମୁଦ୍ରିକ ତଟ ଓ ସୀମାରେ କୋଷ୍ଟ ଗାର୍ଡ, ବିଏସ୍‌ଏଫ୍ ଫୋର୍ସ ମୁତୟନ କରନ୍ତୁ। ଏଥିସହ ଦେଶ ସୁରକ୍ଷାରେ ନିୟୋଜିତ କର୍ମଚାରୀମାନଙ୍କୁ ସଜାଗ ରହିବାକୁ ମେରାଇନ୍ ଥାନାଗୁଡ଼ିକୁ ଆଦେଶ ଦିଅନ୍ତୁ ବୋଲି ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଛି। ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସଚିବ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ପୋଲିସ କମିଶନର ଏବଂ ବୈଦେଶିକ ବିଭାଗ ସଚିବ ପ୍ରମୁଖଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି। ଆଇନଜୀବୀ ଶିବ ଶଙ୍କର ମହାନ୍ତିଙ୍କ ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ରୁଜୁ ହୋଇଛି।

### ଅତିଥି ଅଧ୍ୟାପିକାଙ୍କୁ...

ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ କରୁଛି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା(ନଂ.୯୭୪/୨୦୨୫) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଅଭିଯୁକ୍ତ ଜଣେ ଆଇନଜୀବୀ ହୋଇଥିବା ବେଳେ କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘର କୋଷାଧ୍ୟକ୍ଷ ଅଛନ୍ତି। ତାଙ୍କର ନିଜ ଘର ପୁରୁଣା ସହରରେ ଥିବାବେଳେ ସେ ଗତ କିଛି ବର୍ଷ ହେବ ନିର୍ମଳା କନ୍‌ଭେଣ୍ଟ ସ୍କୁଲଠାରେ ଥିବା ଅନ୍ୟ ଏକ ଘରେ ଏକୁଟିଆ ରହୁଥିଲେ। ଅତିଥି ଅଧ୍ୟାପିକା ମଙ୍ଗଳବାର ଛୁଟିରେ ଉକ୍ତ ଘରକୁ ଯାଇଥିଲେ। ବୁଧବାର ତାଙ୍କର ମୃତ୍ୟୁ ହେବା ଘଟଣା ଅଧିକ ଚର୍ଚ୍ଚାର ବିଷୟ ହୋଇଛି।

### ୩ ବର୍ଷ ମଧ୍ୟରେ ...

ପାଇଁ ଡିପିଆର ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ରହ୍ମପୁର ସହରର ଖାଦ୍ୟର ପ୍ରସିଦ୍ଧିକୁ ଦେଖି ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳର ବିଭିନ୍ନ ସ୍ଥାନରେ ଫୁଡ ଷ୍ଟ୍ରିଟ ନିର୍ମାଣ କରାଯିବ। ସହରର ବିକାଶ ପାଇଁ ଆଗାମୀ ଦିନରେ ଆହୁରି ଅନେକ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ସମୃଦ୍ଧ ଓଡିଶା ଗଠନରେ ବ୍ରହ୍ମପୁର ସହର ଓ ଗଞ୍ଜାମ ଜିଲାର ଭୂମିକା ମହତ୍ତ୍ୱପୂର୍ଣ୍ଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ୫ ହଜାର ସ୍କୁଲରେ ...

ମଧ୍ୟ ଜଣେ ହେଲେ ପିଲା ନାହାନ୍ତି। ମେଦିନିପୁରରେ ଜିରୋ ଏନ୍‌ରୋଲ୍‌ମେଣ୍ଟ ଥିବା ସ୍କୁଲ ସଂଖ୍ୟା ୧୭୭ ଥିବାବେଳେ ଦକ୍ଷିଣ ଦିନାଜପୁର ଜିଲାରେ ଏପରି ସ୍କୁଲ ସଂଖ୍ୟା ୧୪୭ ରହିଛି। ପିଲା ପାଠ ପଢ଼ିବାକୁ ଆଦୌ ନ ଆସିବା ସତ୍ତ୍ୱେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତ କରି ସରକାର ଦରମା ଦେଉଛନ୍ତି। ବିନା ଛାତ୍ରୀଛାତ୍ରରେ ଚାଲିଥିବା ସ୍କୁଲଗୁଡ଼ିକରେ ଟିଚର୍ସଙ୍କ ସଂଖ୍ୟା ଦେଶରେ ୧.୪୪ ଲକ୍ଷ ବୋଲି କଂଗ୍ରେସ ଏମ୍‌ପି କାର୍ତ୍ତି ପି. ଚିଦାମ୍ବରମ୍ ଏବଂ ଅମରିନ୍ଦର ସିଂ ରାଜା ୱାରିଂଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହି ଉତ୍ତର ଦିଆଯାଇଛି। ତେବେ ସ୍କୁଲ ପରିଚାଳନା ଓ ଶିକ୍ଷକଙ୍କ ନିଯୁକ୍ତି ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଅଧିକାର ପରିସରଭୁକ୍ତ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି।

## ଦିଲ୍ଲୀରେ ଆଜି




କେନ୍ଦ୍ର ସରକାର ଏମ୍‌ଜିଏନ୍‌ଆର୍‌ଇଜିଏରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବା ପାଇଁ ଭିବି-ଜି ରାମ ଜି ବିଲ୍ ଆଣିଥିବାରୁ ଏହାକୁ ନେଇ ବିତର୍କ ଜୋର୍ ଧରିଛି। କେନ୍ଦ୍ରର ଏଭଳି ଉଦ୍ୟମକୁ ନୂଆଦିଲ୍ଲୀର ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆରେ ସିଭିଲ ରାଇଟ୍ ଆକ୍ଟିଭିଷ୍ଟ ଯୋଗେନ୍ଦ୍ର ଯାଦବଙ୍କ ଆବାହକତ୍ୱରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିରୋଧ କରାଯାଇଛି। ଏଥିରେ ଜେଏନ୍‌ୟୁର ପ୍ରାକ୍ତନ ପ୍ରଫେସର ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଭାତ ପଟ୍ଟନାୟକ, ଏନ୍‌ଏଫ୍‌ଆଇଡବ୍ଲ୍ୟୁ ଭାଇସ୍ ପ୍ରେସିଡେଣ୍ଟ ଏନି ରାଜା, ପ୍ରଫେସର ଜୟନ୍ତୀ ଘୋଷ, ଏମ୍‌କେଏସ୍‌ଏସ୍‌ର ମୁକେଶ ନିର୍ବାସିତ ପ୍ରମୁଖ ଯୋଗଦେଇଛନ୍ତି।

# ସମ୍ପୂର୍ଣ୍ଣ ବିଫଳତାରୁ ଦିଲ୍ଲୀରେ ବିଷାକ୍ତ ବାୟୁ

### ଅସ୍ଥାୟୀ ପଦକ୍ଷେପକୁ ନେଇ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୧୭।୧୨

ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ର ବାୟୁ ପ୍ରଦୂଷଣ ସଙ୍କଟକୁ ନେଇ ସୁପ୍ରିମକୋର୍ଟ ବୁଧବାର ଆହୁରି କଠୋର ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି। ଏଭଳି ସ୍ଥିତି ପାଇଁ ସରକାର ଓ ପ୍ରଶାସନର ଅସ୍ଥାୟୀ ପଦକ୍ଷେପକୁ ଶୀର୍ଷ ଅଦାଲତ ଭର୍ତ୍ସନା କରିଛନ୍ତି। ଏଥିସହ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଏବଂ ଦିଲ୍ଲୀ ମହାନଗର ନିଗମ (ଏମ୍‌ସିଡି) ପାଇଁ କେତେକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏମ୍‌ସିଡି ଅଧୀନରେ ଆସୁଥିବା ୯ ଟୋଲ୍ ପ୍ଲାଜା ଯୋଗୁ ଜାତୀୟ ରାଜଧାନୀରେ ଅହେତୁକ ଟ୍ରାଫିକ୍ ଜାମ୍ ହେଉଛି। ସେଗୁଡ଼ିକୁ ସାମୟିକ ଭାବେ ବନ୍ଦ କିମ୍ବା ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବିଚାର କରନ୍ତୁ ବୋଲି ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ କହିଛନ୍ତି।

सेन्ट्रल बैंक ऑफ़ इंडिया | Central Bank of India
ମାନବ ପୁଞ୍ଜି ପରିଚାଳନା, କେନ୍ଦ୍ରୀୟ କାର୍ଯ୍ୟାଳୟ
**ଅର୍ଥ ଫେରସ୍ତ ବିଜ୍ଞପ୍ତି**
**ସଫେଇ କର୍ମଚାରୀ ତଥା ସବ୍-ଷ୍ଟାଫ୍ ଏବଂ/ କିମ୍ବା ସବ୍-ଷ୍ଟାଫ୍ ୨୦୨୪-୨୫ ନିଯୁକ୍ତି ନିମନ୍ତେ ପ୍ରାପ୍ତ ଇଣ୍ଟିମେସନ୍ ଚାର୍ଜ / ଦରଖାସ୍ତ ଫି ଫେରସ୍ତ**
**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ସଫେଇ କର୍ମଚାରୀ ତଥା ସବ୍-ଷ୍ଟାଫ୍ ଏବଂ/କିମ୍ବା ସବ୍-ଷ୍ଟାଫ୍ ନିଯୁକ୍ତି (ନିଯୁକ୍ତି ବିଜ୍ଞପ୍ତି ତା.୧୯.୧୨.୨୦୨୩ରିଖ ଏବଂ ତା.୦୬.୦୬.୨୦୨୪ରିଖ) ନିମନ୍ତେ ଦରଖାସ୍ତ ଫି / ଇଣ୍ଟିମେସନ୍ ଚାର୍ଜ ଫେରସ୍ତ ବିଷୟରେ ଫେରସ୍ତ ବିଜ୍ଞପ୍ତି ତା.୦୧.୦୨.୨୦୨୫ରିଖ ଅନୁକ୍ରମେ ବ୍ୟାଙ୍କ ତରଫରୁ ତା.୦୭.୦୨.୨୦୨୫ରିଖରୁ ତା.୨୨.୦୨.୨୦୨୫ରିଖ ଅବଧି ସମୟ ମଧ୍ୟରେ ପ୍ରଥମ ପ୍ରାପ୍ତ ଆବେଦନର ଅର୍ଥ ଫେରସ୍ତ ଅନୁରୋଧର ଫେରସ୍ତ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା।
ଯେଉଁ ସମସ୍ତ ପ୍ରାର୍ଥୀମାନେ ପୂର୍ବରୁ ଏଥି ନିମନ୍ତେ ଆବେଦନ କରିପାରିନଥିଲେ ଏବଂ ଯେଉଁମାନଙ୍କର ଫେରସ୍ତ ଅନୁରୋଧ ବିଫଳ ହୋଇଥିଲା, ସେମାନଙ୍କୁ ବ୍ୟାଙ୍କ ତରଫରୁ ଦରଖାସ୍ତ ଫି ଫେରସ୍ତ ନିମନ୍ତେ ଆବେଦନ କରିବାର ଦ୍ୱିତୀୟ ସୁଯୋଗ ପ୍ରଦାନ କରାଯାଉଛି।
**ଫେରସ୍ତ ପ୍ରକ୍ରିୟା:**
୧. **ଦିଆଯାଇଥିବା ଲିଙ୍କ:** ବ୍ୟାଙ୍କର କାର୍ଯ୍ୟାଳୟ ୱେବ୍‌ସାଇଟ୍ ଅର୍ଥାତ୍ **https://www.centralbankofindia.bank.in** ରେ ତା.୧୬.୧୨.୨୦୨୫ରିଖରେ ପ୍ରକାଶିତ ଫେରସ୍ତ ବିଜ୍ଞପ୍ତି **(Refund Notification)**ରେ ପ୍ରାର୍ଥୀମାନଙ୍କ ସମ୍ପୂର୍ଣ୍ଣ ବିବରଣୀ ଗ୍ରହଣ କରିବା ପାଇଁ ଲିଙ୍କ୍ ପ୍ରଦାନ କରାଯାଇଛି। ଏହି ଲିଙ୍କ୍ ମାଧ୍ୟମରେ ପ୍ରାର୍ଥୀମାନେ ସେମାନଙ୍କର ପଞ୍ଜିକରଣ ତଥ୍ୟାବଳୀ (ପଞ୍ଜିକରଣ ନମ୍ବର ଏବଂ ପାସ୍‌ୱାର୍ଡ / **DD-MM-YYYY** ଫର୍ମାଟରେ ଜନ୍ମ ତାରିଖ) ପ୍ରଦାନ କରି ସଂଯୋଗ (ଲଗଇନ୍) କରିବେ। ପ୍ରଦତ୍ତ ଲିଙ୍କ୍‌ରେ ସଂଯୋଗ (ଲଗଇନ୍) କରିବା ନିମନ୍ତେ ଏହି ଦୁଇ ତଥ୍ୟ ବାଧ୍ୟତାମୂଳକ ଅଟେ।
୨. **ଆବଶ୍ୟକୀୟ ବିବରଣୀ:** ପ୍ରାର୍ଥୀଙ୍କ ନାମ, ବ୍ୟାଙ୍କ ଆକାଉଣ୍ଟ ନମ୍ବର, IFSC କୋଡ୍, ବ୍ୟାଙ୍କ ଓ ଶାଖାର ନାମ।
୩. **ଫେରସ୍ତ ୱିଣ୍ଡୋ ସମୟସୀମା:** ଆକାଉଣ୍ଟର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ନିମନ୍ତେ ସମୟସୀମା: ତା.୧୬.୧୨.୨୦୨୫ରିଖରୁ ତା.୦୯.୦୧.୨୦୨୬ରିଖ। ଫେରସ୍ତ ପ୍ରକ୍ରିୟା ପଞ୍ଜିକରଣ ସମୟରେ ବ୍ୟବହାର କରାଯାଇଥିବା ସମାନ ତଥ୍ୟାବଳୀର ସତ୍ୟତା ଦ୍ୱାରା ସହଜ ହେବ।
**ବ୍ୟାଙ୍କ ଦ୍ୱାରା ଆବେଦନକାରୀମାନଙ୍କୁ ଅର୍ଥ ଫେରସ୍ତ ପ୍ରକ୍ରିୟା ଏବଂ ପଞ୍ଜିକରଣ ନମ୍ବର ପୃଥକ୍ ଭାବେ ସେମାନଙ୍କର ପଞ୍ଜିକୃତ ମୋବାଇଲ୍ ନମ୍ବରରେ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଏବଂ ଇମେଲ୍ ଆଇଡି ମାଧ୍ୟମରେ ଇମେଲ୍ ଦ୍ୱାରା ସୂଚିତ କରାଯାଇଛି।**
ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି କି, ସେମାନେ ଫେରସ୍ତ ପ୍ରକ୍ରିୟାକୁ ସହଜ କରିବା ପାଇଁ ସଠିକ୍ ଏବଂ ସମ୍ପୂର୍ଣ୍ଣ ବ୍ୟାଙ୍କ ଆକାଉଣ୍ଟ ବିବରଣୀ ଦାଖଲ କରନ୍ତୁ।
**ସ୍ଥାନ: ମୁମ୍ବାଇ**
**ତାରିଖ: ୧୬.୧୨.୨୦୨୫**
**ମହାପ୍ରବନ୍ଧକ-ଏଚ୍‌ସିଏମ୍**

# ମୋଦି, ଶାହାଙ୍କ ଇସ୍ତଫା ଦାବିକଲା କଂଗ୍ରେସ

## ନ୍ୟାଶନାଲ ହେରାଲ୍ଡ ମାମଲାରେ ଇଡିର ଦୁରୁପଯୋଗ

ନୂଆଦିଲ୍ଲୀ,୧୭।୧୨(ପି.ଟି.)

ନ୍ୟାଶନାଲ ହେରାଲ୍ଡ ମାମଲାରେ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ଓ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଭିଯୋଗକୁ ଦିଲ୍ଲୀର ଏକ କୋର୍ଟ ସଜ୍ଞାନକୁ ନେବା ପାଇଁ ମନା କରିଦେବା ପରେ ବିରୋଧୀ ଦଳ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଇସ୍ତଫା ଦାବି କରିଛି। କଂଗ୍ରେସ ଏହାର ଶୀର୍ଷ ନେତୃତ୍ୱ ବିରୋଧରେ କେନ୍ଦ୍ରର 'ପ୍ରତିଶୋଧମୂଳକ ରାଜନୀତି'କୁ ପ୍ରଘଟ କରିବାକୁ ଦୃଢ଼ ପ୍ରତିବଦ୍ଧତା ଦେଖାଇଛି। ସରକାର ଇଡି ସମେତ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା ଦର୍ଶାଇ କଂଗ୍ରେସ କର୍ମୀମାନେ ଦିଲ୍ଲୀ ସମେତ ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।


ମଲ୍ଲିକାର୍ଜୁନ ଖାର୍ଗେ

ବହୁଚର୍ଚ୍ଚିତ ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ ଦାଏର ଏକ ସାନି ଏତଲା ଉପରେ ଇଡିର ଚାର୍ଜଶିଟ୍‌କୁ ବିଚାର ପାଇଁ ଗ୍ରହଣ କରିବାକୁ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ମଙ୍ଗଳବାର ମନା କରିଦେଇଥିଲେ। ଏଥିରୁ ସୋନିଆ ଓ ରାହୁଲ ସାମୟିକ ଆଶ୍ୱସ୍ତି ଲାଭ କରିଛନ୍ତି। ଇଡିର ତଦନ୍ତ ଏକ ଘରୋଇ ଅଭିଯୋଗ ଉପରେ। ଏହା କୌଣସି ଏଫ୍‌ଆଇଆର୍ ଆଧାରରେ ନୁହେଁ ବୋଲି ଅଦାଲତର ସ୍ୱତନ୍ତ୍ର ବିଚାରପତି ବିଶାଲ ଗୋଗ୍ନେ ରାୟ ପ୍ରକାଶ କରିଥିଲେ। ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ଅଭିଯୋଗ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ସମନ ନିର୍ଦ୍ଦେଶ ଆଧାରରେ ଇଡି ଏହି ମାମଲାର ତଦନ୍ତ କରିଥିଲା। କୋର୍ଟ ରାୟର ଦିନକ ପରେ ବୁଧବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଆମେ ଉଭୟ ପାର୍ଲାମେଣ୍ଟ ଭିତରେ ଓ ବାହାରେ ଲଢ଼େଇ ଜାରି ରଖିବା ସହ ସେମାନଙ୍କୁ ଏକ ଶିକ୍ଷା ଦେବୁ। ଖାର୍ଗେ ଆହୁରି କହିଛନ୍ତି, ଏହି ରାୟ ପରେ ମୋଦି ଓ ଶାହା ସେମାନଙ୍କ ପଦରୁ ଇସ୍ତଫା ଦେବା ଉଚିତ। କାରଣ ସେମାନେ ଲୋକଙ୍କୁ ଆଉ ଏଭଳି ହଇରାଣ କରିବା କଥା ନୁହେଁ। ମୋଦି ଓ ଶାହା ବୁଝିବା ଦରକାର ଯେ, ସେମାନେ ଯଦି ଏପରି କାର୍ଯ୍ୟ କରିବେ ଲୋକେ ତାକୁ ବରଦାସ୍ତ କରିବେ ନାହିଁ। ଶୀର୍ଷ ନେତୃତ୍ୱଙ୍କୁ ତଦନ୍ତକାରୀ ଏଜେନ୍ସି ପକ୍ଷରୁ ସମନ କରାଯିବା ପରଠୁ କଂଗ୍ରେସ ପାର୍ଟି ବିକ୍ଷୋଭ ଶୋଭାଯାତ୍ରା କରି ଏହାକୁ ବିରୋଧ କରିଆସୁଛି। ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା କେ.ସି. ବେଣୁଗୋପାଳ, ଅଭିଷେକ ମନୁ ସିଂଘ୍‌ଭୀ, ଜୟରାମ ରମେଶ ଓ ପଓ୍ୱନ ଖେରା ଉପସ୍ଥିତ ଥିଲେ। ବେଣୁଗୋପାଳ କହିଥିଲେ, ମୋଦି ସରକାରଙ୍କ ପ୍ରତିଶୋଧମୂଳକ ରାଜନୀତିର ମୁଖା ଖୋଲିଦେବୁ। ସାରା ଦେଶରେ କିପରି ବିରୋଧୀଙ୍କ ବିପକ୍ଷରେ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରାଯାଉଛି, ତାହା ଦର୍ଶାଇବା ପାଇଁ କଂଗ୍ରେସ କର୍ମୀମାନେ ରାସ୍ତାକୁ ଓହ୍ଲାଇବେ। ସେହିପରି ସିଂଘ୍‌ଭୀ କହିଥିଲେ, ଆଇନକୁ କର୍କଶ ସ୍ୱରଠାରୁ ଆହୁରି ଉଚ୍ଚ ଶବ୍ଦରେ ପରିଭାଷିତ କରାଯାଇଥିଲା। କଂଗ୍ରେସ ନେତାମାନଙ୍କୁ ହଇରାଣ କରିବା ଏହାର ଉଦ୍ଦେଶ୍ୟ ଥିଲା।

ସେପଟେ କଂଗ୍ରେସ ଏମ୍‌ପିମାନେ ମଧ୍ୟ ସଂସଦ ପରିସରରେ ଇଡି କ୍ଷମତାର ଦୁରୁପଯୋଗ ପ୍ରସଙ୍ଗ ଉଠାଇ କେନ୍ଦ୍ର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମକରଦ୍ୱାର ସମ୍ମୁଖରେ ସେମାନେ ଧରିଥିବା ବ୍ୟାନରରେ ଲେଖାଥିଲା, 'ସତ୍ୟମେବ ଜୟତେ'। ବିରୋଧୀ ଏମ୍‌ପିମାନେ ମୋଦି ସରକାରଙ୍କଠାରୁ କ୍ଷମା ଦାବିକରି ସ୍ଲୋଗାନ ମଧ୍ୟ ଦେଇଥିଲେ। ବିକ୍ଷୋଭ ପ୍ରଦର୍ଶନ ବେଳେ ବେଣୁଗୋପାଳ, ଏଆଇସିସି ସାଧାରଣ ସମ୍ପାଦକ ମୁକୁଲ ୱାସନିକ୍, ଏମ୍‌ପି ଶଶୀ ଥରୁର, ତାରିକ ଅନ୍‌ୱର, କୁମାରୀ ସେଲ୍‌ଜା, କେ. ସୁରେଶ, ମାନିକମ୍ ଟାଗୋର ପ୍ରମୁଖ ଉପସ୍ଥିତ ଥିଲେ।

# ସଙ୍ଗୀତା ସିଂଦେଓ ସର୍ବୋତ୍ତମ ମହିଳା ସାଂସଦ



ନୂଆଦିଲ୍ଲୀ,୧୭।୧୨(ପି.ଟି.)

ଲୋକ ସଭାରେ ବଲାଙ୍ଗୀର ସଂସଦୀୟ ଆସନରୁ ପ୍ରତିନିଧିତ୍ୱ କରୁଥିବା ସଙ୍ଗୀତା କୁମାରୀ ସିଂଦେଓଙ୍କୁ ବୁଧବାର ସର୍ବୋତ୍ତମ ମହିଳା ସାଂସଦ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଦୋମାରିଆଗଞ୍ଜର ଭାଜପା ଏମ୍‌ପି ଜଗଦମ୍ବିକା ପାଲ୍‌ଙ୍କୁ ବେଷ୍ଟ ପାର୍ଲାମେଣ୍ଟାରିଆନ୍ ଆୱାର୍ଡ ଦିଆଯାଇଛି। ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମାଜବାଦୀ ପାର୍ଟିରୁ ପ୍ରଥମ ଥର ପାଇଁ ଲୋକ ସଭାକୁ ନିର୍ବାଚିତ ହୋଇଥିବା ଇକ୍ରା ଚୌଧରୀ ଏବଂ ଟିଆର୍ ବାଲୁ (ଡିଏମ୍‌କେ)ଙ୍କୁ ଲୋକମତ ପାର୍ଲାମେଣ୍ଟାରି ଆୱାର୍ଡ ୨୦୨୫ ପ୍ରଦାନ କରାଯାଇଛି। ୟୁପିର କୈରାନାରୁ ପ୍ରତିନିଧିତ୍ୱ କରୁଥିବା ଇକ୍ରାଙ୍କୁ ମହିଳା ବର୍ଗରେ ଏହି ପୁରସ୍କାର ଦିଆଯାଇଥିବାବେଳେ ବାଲୁଙ୍କୁ ଚଳିତବର୍ଷର ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ଦିଆଯାଇଛି। ରାଜ୍ୟ ସଭା ବର୍ଗରେ ପ୍ରଥମ ଥର ଉଚ୍ଚ ସଦନକୁ ଯାଇଥିବା ସୁଧା ମୂର୍ତ୍ତିଙ୍କୁ ମହିଳା ସାଂସଦ ରୂପେ ସମ୍ମାନିତ କରାଯାଇଥିବାବେଳେ କଂଗ୍ରେସ ନେତା ଦିଗ୍‌ବିଜୟ ସିଂଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ସେହିପରି ଟିଏମ୍‌ସିର ଦୋଳା ସେନଙ୍କୁ ବେଷ୍ଟ ଓମ୍ୟାନ୍ ପାର୍ଲାମେଣ୍ଟାରିଆନ୍ ଅଫ୍ ଦି ଇୟର ଏବଂ ଆପ୍ ନେତା ସଞ୍ଜୟ ସିଂଙ୍କୁ ବେଷ୍ଟ ପାର୍ଲାମେଣ୍ଟାରିଆନ୍ ଅଫ୍ ଦି ଇୟର ଭାବେ ସମ୍ମାନିତ କରାଯାଇଛି। ଏହି ପୁରସ୍କାର ପ୍ରଦାନ ଉତ୍ସବରେ ପୂର୍ବତନ ସିଜେଆଇ ବି.ଆର୍ . ଗବଇ, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଏସ୍ .ୱାଇ. କ୍ୟୁରେଶି, ଆଧ୍ୟାତ୍ମିକ ଗୁରୁ ଆଚାର୍ଯ୍ୟ ଲୋକେଶ ମୁନି, ଲୋକମତ ମିଡିଆ ଗ୍ରୁପ୍ ଅଧ୍ୟକ୍ଷ ବିଜୟ ଦାଦ୍ରା ଏବଂ ଲୋକମତ ଏଡିଟର-ଇନ୍-ଚିଫ୍ ରାଜେନ୍ଦ୍ର ଦାଦ୍ରା ଯୋଗଦେଇଥିଲେ।

## ଓମାନ ଉପପ୍ରଧାନମନ୍ତ୍ରୀଙ୍କ ସହ ମୋଦିଙ୍କ ଦ୍ୱିପାକ୍ଷିକ ଆଲୋଚନା

ମସ୍କାଟ,୧୭।୧୨(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଇଥିଓପିଆରୁ ଓମାନ ଗସ୍ତ କରିଛନ୍ତି। ଏହି ଅବସରରେ ସେ ମସ୍କାଟରେ ସେଠାକାର ପ୍ରତିରକ୍ଷା ବ୍ୟାପାର ଦାୟିତ୍ୱରେ ଥିବା ଉପପ୍ରଧାନମନ୍ତ୍ରୀ ସୟିଦ୍ ଶିହାବ୍ ବିନ୍ ତାରିକ୍ ଅଲ୍ ସଇଦ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ୨ ଦିନିଆ ମସ୍କାଟ ଗସ୍ତରେ ଥିବା ମୋଦି ଉକ୍ତ ଉପସାଗରୀୟ ରାଷ୍ଟ୍ରର ଶୀର୍ଷ ନେତୃତ୍ୱଙ୍କୁ ଭେଟି ଏକ ମହତ୍ୱାକାଂକ୍ଷୀ ବାଣିଜ୍ୟ ଚୁକ୍ତିରେ ସ୍ୱାକ୍ଷର କରିବା କାର୍ଯ୍ୟକ୍ରମ ରହିଛି। ଓମାନ ସୁଲତାନ୍ ହଇଥାମ୍ ବିନ୍ ତାରିକ୍‌ଙ୍କ ନିମନ୍ତ୍ରଣକ୍ରମେ ଏହା ହେଉଛି ଉକ୍ତ ଦେଶକୁ ମୋଦିଙ୍କ ଦ୍ୱିତୀୟ ଗସ୍ତ, ଯାହାକି ଭାରତ-ଓମାନ ସହଭାଗିତାକୁ ନୂଆ ବଳ ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ଏକ ସୋସିଆଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।



# 'ସାତଭଉଣୀ' ମନ୍ତବ୍ୟ: ବାଂଲାଦେଶ ଉଚ୍ଚାୟୁକ୍ତଙ୍କୁ ଭାରତର ସମନ

ନୂଆଦିଲ୍ଲୀ,୧୭।୧୨

ଭାରତର ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ଛଡ଼ାଇନେବୁ ବୋଲି ବାଂଲାଦେଶର ନ୍ୟାଶନାଲ ସିଟିଜେନ୍ ପାର୍ଟି (ଏନ୍‌ସିପି) ପକ୍ଷରୁ ଧମକ ଦିଆଯିବା ପରେ ନୂଆଦିଲ୍ଲୀରେ ଅବସ୍ଥାପିତ ସେଠାକାର ଉଚ୍ଚାୟୁକ୍ତ ମୁହମ୍ମଦ ରିଆଜ୍ ହମିଦୁଲ୍ଲାଙ୍କୁ ବୁଧବାର ସମନ କରାଯାଇଛି। ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ସେଭେନ୍ ସିଷ୍ଟର୍ସ ବା ସାତ ଭଉଣୀ କୁହାଯାଏ। ନିକଟରେ ବାଂଲାଦେଶରେ ୫୫ତମ ବିଜୟ ଦିବସ ପାଳନ ବେଳେ ଇକ୍‌ବାଲ ମଞ୍ଚ ପକ୍ଷରୁ ଆୟୋଜିତ ଏକ ବିକ୍ଷୋଭ ସମାବେଶରେ ଏନ୍‌ସିପି ନେତା ହସ୍‌ନତ ଅବ୍‌ଦୁଲ୍ଲା ଭାରତ ବିରୋଧରେ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ଏହା ଉପରେ ଭାରତ ବାଂଲାଦେଶ ହାଇକମିଶନର ମୁହମ୍ମଦଙ୍କୁ ସମନକରି ଆପତ୍ତି ଉଠାଇଛି। ଢାକାସ୍ଥିତ ଭାରତର ମିଶନକୁ ପର୍ଯ୍ୟାପ୍ତ ସୁରକ୍ଷା ପ୍ରଦାନ କରାଯାଉ ବୋଲି ନୂଆଦିଲ୍ଲୀ ଦାବି କରିଛି।

# ବାପା ହେବେ ନାଗା ଚୈତନ୍ୟ



**ମୁମ୍ବାଇ:** ବାପା ହେବେ ସାଉଥ ସୁପରଷ୍ଟାର ନାଗା ଚୈତନ୍ୟ। ତାଙ୍କ ପତ୍ନୀ ତଥା ଅଭିନେତ୍ରୀ ଶୋଭିତା ଧୁଲିପାଲା ମା' ହେବାକୁ ଯାଉଛନ୍ତି। କିଛି ଏଭଳି ଚର୍ଚ୍ଚା ବୃଦ୍ଧି ପାଉଥିବା ବେଳେ ସତ ପଦାକୁ ଆସିଛି। ନିକଟରେ ଉଭୟଙ୍କ ବିବାହ ବାର୍ଷିକି ଯାଇଛି। ଏଣୁ ପ୍ରଶଂସକ ଖୁସିଖବରକୁ ଅପେକ୍ଷା କରିଥିବା ପ୍ରକାଶ କରୁଛନ୍ତି। ଏଭଳି ସ୍ଥିତିରେ ନାଗା ଚେତନ୍ୟଙ୍କ ବାପା ଚର୍ଚ୍ଚା ଉପରେ ପ୍ରତିକ୍ରିୟା ଦେଇଛନ୍ତି। ନାଗାର୍ଜୁନଙ୍କୁ ଏକ ସାକ୍ଷାତକାରରେ ପ୍ରଶ୍ନ କରାଯାଇଥିଲା ଯେ ବାପାରୁ ଜେଜେବାପା ହେବାକୁ ଯାଉଛନ୍ତି, କି ପ୍ରତିକ୍ରିୟା ଦେବେ। ଏଥିରେ ହସିଦେଇ ସେ କହିଥିଲେ ଯେ ଠିକ୍ ସମୟ ଆସିଲେ ଆପଣଙ୍କୁ ନିଶ୍ଚିତ ଜଣାଇବି। ତେବେ ଏହି କଥାକୁ ଲୋକେ ସବୁଜ ସଙ୍କେତ ବୋଲି କହୁଛନ୍ତି। ଶୋଭିତା ଏବେ ଗର୍ଭବତୀ। ଶୀଘ୍ର ଦୁହେଁ ଏନେଇ ଖୁଲାସା କରିବେ। କହିରଖୁଛୁ, ଦୀର୍ଘଦିନ ଧରି ପରସ୍ପରକୁ ଡେଟ୍ କରିବା ପରେ ନାଗା ଚେତନ୍ୟ ଏବଂ ଶୋଭିତା ୨୦୨୪ରେ ବିବାହ କରିଥିଲେ। ହାଇଦ୍ରାବାଦରେ ବେଶ ଧୁମ୍‌ଧାମରେ ଉଭୟଙ୍କ ବିବାହ ହୋଇଥିଲ।।



ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। -ଶ୍ରୀଅରବିନ୍ଦ

-ଶିବଚତୁର୍ଦ୍ଦଶୀ
ଓ ଉପବାସ



# ପ୍ରକୃତି ଉପାସକ ଆଦିବାସୀ



ଦେବଦତ୍ତ ପଟ୍ଟନାୟକ

ପ୍ରାଚୀନ ଯୁଗରୁ ଆଦିବାସୀ ସମ୍ପ୍ରଦାୟଗୁଡ଼ିକ ସ୍ୱାଧୀନ ଭାବେ ଜୀବନଯାପନକରି ଆସୁଛନ୍ତି। ସେମାନଙ୍କୁ ଜଙ୍ଗଲୀ ଓ ଆଦିମ କୁହାଯାଇ ଗାଁ, ରାଜ୍ୟ,ସାମ୍ରାଜ୍ୟରୁ ଦୂରେଇ ରଖାଯାଇଛି। ଫଳରେ ସେମାନେ ଜଙ୍ଗଲରେ ରହନ୍ତି ଓ ଖାଦ୍ୟ ପାଇଁ ଶିକାର କରିଥାନ୍ତି। କୃଷି ଓ ପଶୁପାଳନ ବି କରନ୍ତି। ବହୁ ସମୟରେ ଜଙ୍ଗଲଜାତ ଜିନିଷ ସଂଗ୍ରହକରି ବଜାରରେ ବିକ୍ରିକରନ୍ତି। ଅନେକ ସମୟରେ ଜଙ୍ଗଲରେ ବାଣିଜ୍ୟ ପଥ ନିର୍ମାଣ କରୁଥିବା ରାଜାଙ୍କୁ ଆଦିବାସୀମାନେ ପ୍ରତିରୋଧ କରୁଥିଲେ। ଉଦାହରଣ ସ୍ୱରୂପ, ଭୀଲ୍‌ମାନେ ମୋଗଲ ସେନାକୁ ପରାସ୍ତ କରିଥିଲେ ଏବଂ ବିର୍ସା ମୁଣ୍ଡା ବ୍ରିଟିଶ ଶାସନ ବିରୋଧରେ ବିଦ୍ରୋହ କରିଥିଲେ। ସେମାନେ ନିଜକୁ ସ୍ୱାଧୀନ ମନେକରୁଥିବାରୁ ରାଜାଙ୍କ ଅଧୀନରେ ଥିବା ଆଦିବାସୀମାନେ ଟିକସ ଦେବାକୁ ମନାକରିବା ସହ ବିଭିନ୍ନ ଗୋଷ୍ଠୀ ସହିତ ବାଣିଜ୍ୟରେ ଲିପ୍ତ ରହୁଥିଲେ। ସେମାନଙ୍କୁ ବନବାସୀ, ଅଟବିକ (ଜଙ୍ଗଲୀ ଲୋକ) ଓ ଗିରିଜନ ଏବଂ କେତେକ ନିର୍ଦ୍ଦିଷ୍ଟ ଆଦିବାସୀଙ୍କୁ ନିଷାଧ କିମ୍ବା କିରାତ ଭାବେ ବିବେଚନା କରାଯାଏ। ମହାଭାରତରେ ଏକଲବ୍ୟ ଥିଲେ ଜଣେ ନିଷାଧ ଏବଂ ତାଙ୍କୁ ବିରୋଧ କରାଯାଇଛି। ଶିବ ମଧ୍ୟ କିରାତ ବେଶରେ ଅର୍ଜ୍ଜୁନଙ୍କ ସହ ଯୁଦ୍ଧ କରିଛନ୍ତି। ରାମାୟଣ ଅନୁଯାୟୀ, ବାନର ଏବଂ ଅସୁରମାନେ ଥିଲେ ଜଙ୍ଗଲୀ ଓ ପାହାଡ଼ୀ ମଣିଷ। କୃଷ୍ଣଙ୍କ ସ୍ତ୍ରୀ ଥିଲେ ଭାଲୁର ଝିଅ ଜାମ୍ବବତୀ। ତେବେ ଆଦିବାସୀଙ୍କ ପାଇଁ ଏହିସବୁ କାହାଣୀ ସମ୍ପୂର୍ଣ୍ଣ କାଳ୍ପନିକ ଏବଂ ସେମାନେ ଯଜ୍ଞ ତଥା ରୀତିନୀତି ଆଧାରିତ ଆର୍ଯ୍ୟଙ୍କ ଜୀବନଶୈଳୀକୁ ଗ୍ରହଣ କରି ନ ଥିଲା। ଭାଗବତରେ କୁହାଯାଇଛି, ଯେତେବେଳେ ରାଜା ବେଣଙ୍କୁ ହତ୍ୟା କରାଯିବାବେଳେ ତାଙ୍କ ଶରୀରରୁ ନିଷାଧ ଓ ପୃଥୁ ସୃଷ୍ଟି ହୋଇଥିଲେ। ନିଷାଧ ଜଙ୍ଗଲରେ ରହିବାକୁ ଏବଂ ପୃଥୁ ଚାଷ କରିବାକୁ ପସନ୍ଦ କରିଥିଲେ।

ଭାରତରେ ବିଭିନ୍ନ ଅଞ୍ଚଳରେ ପ୍ରାୟ ୭୦୦ ସମ୍ପ୍ରଦାୟର ଆଦିବାସୀ ରହୁଛନ୍ତି। ଆରାବଳି, ନୀଳଗିରି, ହିମାଚଳ, ଉତ୍ତରାଞ୍ଚଳ, ପୂର୍ବାଞ୍ଚଳ ପର୍ବତ ତଥା ତରାଇ ଜଙ୍ଗଲ ଏବଂ କେନ୍ଦ୍ର ଭାରତର ସମତଳ ଅଞ୍ଚଳରେ ଏମାନେ ଦେଖିବାକୁ ମିଳନ୍ତି। ଏମାନଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ପାଖାପାଖି ୧୦ ପ୍ରତିଶତ। ବଞ୍ଜାରା ଆଦିବାସୀ ଯାଯାବର ଗୋଷ୍ଠୀର। ଭୀଲ ଓ ଗୋଣ୍ଡ ବିନ୍ଧ୍ୟର ସବୁଆଡ଼େ ଅଛନ୍ତି। ହିମାଚଳ ପର୍ବତାଞ୍ଚଳରେ ରୁହନ୍ତି କିନ୍ନାଉରମାନେ। ଉତ୍ତର ଭାରତରେ ଖାସି ଓ ଗାରୋ ଆଦିବାସୀ ଅଛନ୍ତି। ବିଭିନ୍ନ ଗୋଷ୍ଠୀର ନାଗା ଆଦିବାସୀ କାନ ଫୋଡ଼ନ୍ତି ଓ ସ୍ୱଳ୍ପ ବସ୍ତ୍ର ପିନ୍ଧନ୍ତି। ଯାଯାବର ଗୋଷ୍ଠୀର ଅନେକ ଆଦିବାସୀ କୃଷି କାର୍ଯ୍ୟ ଆରମ୍ଭ କରିଥିଲେ। ଏବେ ସେମାନଙ୍କ ମଧ୍ୟରୁ ପାଖାପାଖି ୧୦ ପ୍ରତିଶତଙ୍କ ଜୀବନଜୀବିକା ଓ ସଂସ୍କୃତି ପ୍ରତି ବିପଦ ଦେଖାଯାଇଛି। ସେମାନଙ୍କ ଠାରେ ଆଫ୍ରିକାରୁ ଆସିଥିବା ଆଦିମାନବଙ୍କ ଜିନ୍ ଅଛି ବୋଲି ଆନୁବଂଶିକ



ପରୀକ୍ଷଣରୁ ସ୍ପଷ୍ଟ ହୋଇଛି। କେବଳ ଭାରତରେ ଦକ୍ଷିଣରେ ରହୁଥିବା ଆଦିବାସୀଙ୍କଠାରେ ହରପ୍ପା ସଭ୍ୟତାର ଲୋକଙ୍କ ଜିନ୍ ଦେଖିବାକୁ ମିଳେ। ଉତ୍ତରରେ ରହୁଥିବା ଆଦିବାସୀଙ୍କଠାରେ ଆର୍ଯ୍ୟଙ୍କ ଜିନ୍ ଏବଂ କେନ୍ଦ୍ର ଏସିଆର ଆଦିବାସୀଙ୍କଠାରେ ଦକ୍ଷିଣ-ପୂର୍ବ ଏସିଆ ଲୋକଙ୍କ ଜିନ୍ ଥିବା ଜଣାପଡ଼ିଛି। ଏହା ବ୍ୟତୀତ ଉତ୍ତର-ପୂର୍ବରେ ଥିବା ଆଦିବାସୀଙ୍କଠାରେ ତିବ୍ବତ-ବର୍ମିଜ୍ ଜିନ୍ ମିଳେ।

ଆଦିବାସୀଙ୍କ ଅସ୍ତିତ୍ୱର ଛାପ ବିଭିନ୍ନ ଭୀମ୍‌ବେଟକା ଗୁମ୍ଫାର କାନ୍ଥ ଚିତ୍ର ଓ ଭାରତର ପଶ୍ଚିମ ଉପକୂଳରେ ଥିବା ପ୍ରସ୍ତର କଳାରୁ ମିଳିଥାଏ, ଯାହା ୧୨,୦୦୦ ବର୍ଷ ପୂର୍ବର। ୪୫୦୦ ବର୍ଷ ପୂର୍ବର ହରପ୍ପା ସଭ୍ୟତାର ମୋହରରେ ପୁରୁଷ ଓ ମହିଳାମାନେ ମୁଣ୍ଡରେ ଜଙ୍ଗଲୀ ପଶୁଙ୍କ ଶିଙ୍ଗ ବାନ୍ଧିଥିବା ଦେଖିବାକୁ ମିଳେ। କେନ୍ଦ୍ର ଭାରତର ମାରିଆ ଆଦିବାସୀମାନେ ମଧ୍ୟ ଏହିଭଳି ଶିଙ୍ଗ ପିନ୍ଧିଥାନ୍ତି। ୩୫୦୦ ବର୍ଷ ପୁରୁଣା ଋଗ୍‌ବେଦରେ ମୁଣ୍ଡା ଜନଜାତିଙ୍କ ବିଷୟରେ ଉଲ୍ଲେଖ ରହିଛି, ଯାହା ପ୍ରାରମ୍ଭିକ ପ୍ରତିରୋଧକୁ ସୂଚିତକରେ। ବିଶେଷଜ୍ଞଙ୍କ ମତରେ, ଆଦିବସୀଙ୍କ ନିଜସ୍ୱ ପୁରାଣ ଓ ରାଶି ନକ୍ଷତ୍ର ଅଛି। ଏହା ଦର୍ଶାଏ ଯେ, ସେମାନେ ମୁଖ୍ୟଧାରାର ଭାରତୀୟଙ୍କ ତୁଳନାରେ ଏକ ଭିନ୍ନ ଜୀବନ ବଞ୍ଚନ୍ତି। ଉଦାହରଣ ସ୍ୱରୂପ, ହିନ୍ଦୁମାନେ କୃତ୍ତିକା ନକ୍ଷତ୍ର ମଣ୍ଡଳକୁ ଦେବୀଙ୍କ ଗୋଷ୍ଠୀ ଭାବେ ବିଚାର କରୁଥିବାବେଳେ ବଞ୍ଜାରାମାନେ ଏହାକୁ ରତ୍ନଗୁଚ୍ଛ ମନେକରନ୍ତି। ନିକୋବରୀମାନେ ଏହାକୁ ପୂର୍ବପୁରୁଷ ଏବଂ ଗୋଣ୍ଡମାନେ ପକ୍ଷୀଦଳଙ୍କୁ ପଥର ଫିଙ୍ଗାଯାଉଥିବା ଦୃଶ୍ୟ ମନେକରନ୍ତି।

ଭାରତରେ ଅନେକ ମନ୍ଦିର ଅଛି ଯାହା ସ୍ୱାଧୀନଚେତା ଆଦିବାସୀ ଓ ମନ୍ଦିର ପ୍ରତିଷ୍ଠା କରିଥିବା ରାଜାମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ପ୍ରକାଶକରେ। ଓଡ଼ିଶାର ଜଗନ୍ନାଥ ମନ୍ଦିରର ସମ୍ପର୍କ ପ୍ରକୃତ ନୀଳମାଧବ ମୂର୍ତ୍ତି ପୂଜା କରୁଥିବା ଆଦିବାସୀଙ୍କ ସହ ରହିଛି। ଆନ୍ଧ୍ରପ୍ରଦେଶର ନରସିଂହାଙ୍କୁ ଚେଞ୍ଚୁ ଆଦିବାସୀ ଝିଅ ବିବାହ କରିଛନ୍ତି। ତାମିଲନାଡୁର ମୁରୁଗାନଙ୍କ ବଧୂମାନଙ୍କ ମଧ୍ୟରେ ଜଣେ ଆଦିବାସୀ ଝିଅ ଭାଲି ଅଛନ୍ତି।

ଆଦିବାସୀମାନେ ଅଲଗା ହୋଇ ରହିଥିବାରୁ ସେମାନେ ସେମାନଙ୍କ ବିଶ୍ୱାସ ଓ ପରମ୍ପରାଗୁଡ଼ିକୁ ଧରି ରଖିପାରିଛନ୍ତି। ଏହା ବିବାହ ପରମ୍ପରାରେ ଜଣାପଡ଼େ। ବଣ୍ଡା ମହିଳାମାନେ କମ୍ ବୟସର ଯୁବକଙ୍କୁ ବିବାହ କରନ୍ତି, ଯିଏକି ବୃଦ୍ଧାବସ୍ଥାରେ ମହିଳାଙ୍କ ଯତ୍ନ ନେଇପାରିବ। ନୀଳଗିରିର ତୋଡା ଏବଂ ହିମାଚଳର କିନ୍ନାଉର ପରମ୍ପରାରେ ଜଣେ ମହିଳା ଏକାଧିକ ପୁରୁଷଙ୍କୁ ବିବାହକରନ୍ତି। ସମ୍ପତ୍ତି ଭାଗ ନ ହେବା ପାଇଁ ସେମାନେ ଏଭଳି କରିଥାନ୍ତି। କେନ୍ଦ୍ର ଭାରତର ଭିଲମାନେ କନ୍ୟା ପାଇଁ ବରକୁ ମୂଲ୍ୟ ଦେବାକୁ ହୋଇଥାଏ। ବାଇଗା ସମ୍ପ୍ରଦାୟର ପରମ୍ପରାରେ ରହିଛି ଯେ, କନ୍ୟାର ମୂଲ୍ୟ ନ ଦେବା ଯାଏ ତାଙ୍କ ଘରେ ବର ବା ଜ୍ୱାଇଁ ରହିବେ। ମେଘାଳୟର ଗାରୋ ଆଦିବାସୀ ବରଙ୍କୁ ଅପହରଣ କରିନେବା ସମୟରେ ଯଦି ସେ ଖସି ଦୌଡ଼ି ପଳାଏ ତେବେ ତାଙ୍କୁ ଝିଅକୁ ବିବାହ କରିବା ଲାଗି ଅନୁମତି ମିଳେ। ପୁରୁଷ ଓ ମହିଳାମାନେ କାହାକୁ ନ ଜଣାଇ ଗୁପ୍ତରେ ବିବାହ କରିବାକୁ ଗୋଣ୍ଡମାନେ ଉତ୍ସାହିତ କରନ୍ତି। କେନ୍ଦ୍ର ଭାରତର ଆଦିବାସୀମାନେ ପ୍ରଥମେ ଲୁହା ଯନ୍ତ୍ରପାତି ତିଆରି କରିଥିଲେ। ରାଜସ୍ଥାନର ଆଦିବାସୀମାନେ ରୁପା ଓ ତମ୍ବା ଗହଣା ତିଆରିରେ ଦକ୍ଷ। ବଞ୍ଜାରା ସାମଗ୍ରୀ ପରିବହନ କରୁଥିଲେ। ମହାଭାରତରେ ଉଲ୍ଲେଖ ଥିବା ଓ୍ୱର୍ଲି ଏବଂ କେନ୍ଦ୍ର ଭାରତର ଗୋଣ୍ଡମାନେ ଚିତ୍ରକଳାରେ ସିଦ୍ଧହସ୍ତ। ଗୁଜରାଟର ଡାଙ୍ଗ୍‌ମାନେ ବାଉଁଶ ଜିନିଷ ତିଆରି କରିବାରେ ପାରଙ୍ଗମ ଏବଂ ନାଗାମାନେ ଟାଟୁରେ ନିପୁଣ। ଉତ୍ତର-ପୂର୍ବାଞ୍ଚଳ ଆଦିବାସୀମାନେ ସୂତା, ଉଲ୍ ଓ ସିଲ୍କରେ ପୋଷାକ ବୁଣନ୍ତି। ଦେଖିବାକୁ ଗଲେ ସବୁ ଗୋଷ୍ଠୀର ଆଦିବାସୀ ଜଙ୍ଗଲ ସଂରକ୍ଷଣ ଏବଂ ଜୈବବିବିଧତାର ସୁରକ୍ଷା କରିଥାନ୍ତି।

ଆଦିବାସୀମାନଙ୍କ ଭାଷା ମଧ୍ୟ ଭିନ୍ନ। ସେମାନଙ୍କୁ ସେମାନଙ୍କ ମୂଳ ଭାଷାରେ ପଢ଼ାଯିବା ଦରକାର। କିନ୍ତୁ ହିନ୍ଦୀ ଓ ଇଂଲିଶରେ ପଢ଼ାଯାଉଥିବା ସ୍କୁଲଗୁଡ଼ିକରେ ସେମାନଙ୍କୁ ପଢ଼ାଯାଉଛି। ଏଣୁ ସେମାନେ ଆଧୁନିକତାର ମୁଖ୍ୟ ଧାରାକୁ ଗ୍ରହଣ କରିନେଉଛନ୍ତି ଏବଂ ସେମାନଙ୍କ ପାରମ୍ପରିକ ସଂସ୍କୃତିଠାରୁ ଧୀରେ ଧୀରେ ଦୂରେଇଯାଉଛନ୍ତି। ଅନେକେ ଖ୍ରୀଷ୍ଟ କିମ୍ବା ଇସ୍‌ଲାମ ଧର୍ମ ଗ୍ରହଣ କରୁଛନ୍ତି। ଆଦିବାସୀ ଦେବଦେବୀଙ୍କୁ ପୂଜା କରିବାରୁ ଦୂରେଇଯାଉଛନ୍ତି। ଅନେକେ ଦାବି କରନ୍ତି ଆଦିବାସୀମାନେ ସନାତନ ଧର୍ମର। ଅନେକେ ମଧ୍ୟ ଏହି ଯୁକ୍ତିକୁ ଗ୍ରହଣ କରନ୍ତି ନାହିଁ। ସେମାନଙ୍କ ମତରେ ଆଦିବାସୀଙ୍କର ନିଜସ୍ୱ ଦେବତା, ରୀତିନୀତି ଓ ପରମ୍ପରା ଅଛି। ସେମାନେ ବିଭିନ୍ନ ପ୍ରକାର ମାଛ, ମାଂସ, କୀଟ ଖାଇଥାନ୍ତି ,ଯାହାକୁ ଅନେକ ଜାତିର ହିନ୍ଦୁ ଗ୍ରହଣ କରନ୍ତି ନାହିଁ। ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ଅନେକେ ଯୁକ୍ତି କରନ୍ତି,ଆଦିବାସୀଙ୍କ ଧର୍ମ ବନ ଉପବନ ଓ ପବିତ୍ର ଜଳାଶୟ ଆଦି ପ୍ରକୃତି ଉପାସନା ଉପରେ ଆଧାରିତ। ସେମାନଙ୍କ ଅସ୍ତିତ୍ୱକୁ ନିଶ୍ଚିତ କରିବା ସକାଶେ ଏହାକୁ ଏକ ଭିନ୍ନ ଧର୍ମ ଭାବେ ଦେଖିବା ଉଚିତ। ମନେରଖିବାକୁ ହେବ ଯେ, ଆଦିବାସୀମାନେ ଯଦି ସେମାନଙ୍କ ରୀତିନୀତି, ବିବାହ ଏବଂ ଖାଦ୍ୟାଭ୍ୟାସଠାରୁ ଦୂରେଇଯିବେ, ତେବେ ସେମାନଙ୍କ ସଂସ୍କୃତିର ବିଲୋପହେବା ଥୟ।

-devduttofficial@gmail.com

## ବୟସର ଅପରାହ୍ନରେ



ଗାୟତ୍ରୀ ସିଂହ

କୁହାଯାଏ ମାତାପିତାଙ୍କ ସେବା, ଭକ୍ତି, ଶ୍ରଦ୍ଧା, ସମ୍ମାନ ଦେବତା ପୂଜା ସମ। ମାତ୍ର ବିଡମ୍ବନା ଯେ ଆଉ ସେ ଆଦର ନାହିଁ, ଶ୍ରଦ୍ଧା ନାହିଁ, ସମ୍ମାନ ନାହିଁ। ପରିବାର କହିଲେ ଆମର ଏକ କି ଦୁଇ ଆଉ ଅଧିକ ନାହିଁ। ଆଉ ପୁଅ ବୋହୂଙ୍କ ଏହି ଛୋଟ ସଂସାରରେ ମା'ବାପାଙ୍କ ସ୍ଥାନ ନାହିଁ। ମା' ବାପା ଆଉ ହିସାବରେ ଯାଆନ୍ତି ନାହିଁ। ପୁଅ ବୋହୂଙ୍କ କହିବା ଅନୁଯାୟୀ, ସେମାନେ ତାଙ୍କ ଜୀବନ ବଞ୍ଚି ସାରିଛନ୍ତି ଏବେ ଆମେ ଆମ ଶୈଳୀରେ ଜୀବନ ବଞ୍ଚିବୁ। ସେମାନଙ୍କ ପାଇଁ ଆମ ପାଖରେ ସମୟ ନାହିଁ। ପରିବାରର ବୋଝ ବୋହୁଥିବା ମଣିଷଟା କେମିତି ଆଉ କେବେଠାରୁ ପରିବାର ପାଇଁ ବୋଝ ହୋଇଗଲା ?

ପିଲାଟିଏ ଘରେ ଜନ୍ମ ନେଲେ ମା'ବାପା ଖୁସିରେ ଆତ୍ମହରା ହୋଇଯାଆନ୍ତି। ସେମାନେ ଭାବନ୍ତି ବଡ ହେଲେ ମୋ ଦୁଃଖ ହରିବ। ଅତୀତରେ ଯୌଥ ପରିବାରରେ ପରସ୍ପର ମଧ୍ୟରେ ସ୍ନେହ ସହାନୁଭୂତି ଥିଲା। ଗୁରୁଜନଙ୍କ ପ୍ରତି ଯଥେଷ୍ଟ ସମ୍ମାନ ଥିଲା। ବୟୋଜ୍ୟେଷ୍ଠଙ୍କ ପ୍ରତି ଘରର ବାକି ସଦସ୍ୟ ଯତ୍ନଶୀଳ ରହୁଥିଲେ। ପୁଅ ବାହାରେ ରହି ଚାକିରି କଲେ ମଧ୍ୟ ସପ୍ତାହକୁ ଥରେ ହେଉ ଅବା ମାସକୁ ଦୁଇଥର ଘରକୁ ଆସି ଘର କଥା ବୁଝି ଯାଉଥିଲା। ଏବେ ସମସ୍ତଙ୍କ ମାନସିକତା ବଦଳିଛି। ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ପିଲାମାନେ କର୍ମ ଅନ୍ୱେଷଣରେ ବାହାରକୁ ଚାଲି ଯାଉଛନ୍ତି। ଦିନକୁ ଦିନ କାର୍ଯ୍ୟଚାପରେ ଏତେ ବ୍ୟସ୍ତ ରହୁଛନ୍ତି ଯେ ସେମାନଙ୍କର ଘର ପ୍ରତି, ପରିବାର ପ୍ରତି ଦାୟିତ୍ୱ, କର୍ତ୍ତବ୍ୟ ଥିବା କଥା ଭୁଲି ଯାଉଛନ୍ତି। ଯେଉଁ ପୁଅକୁ ନେଇ ଦିନେ ମା' ବାପା ଗର୍ବ କରୁଥିଲେ ପାଞ୍ଚ ଲୋକଙ୍କ ଆଗରେ ନିଜ ପୁଅର ଗରିମା ବଖାଣୁ ଥିଲେ ଧୀରେ ଧୀରେ ସେମାନେ ନୀରବି ଯାଆନ୍ତି। ଯୋଉ ଅଦେଖା ଯନ୍ତ୍ରଣା ଓ ଅବ୍ୟକ୍ତ ବେଦନା ଭୋଗନ୍ତି ତାହା ସତରେ ଅକୁହା ଅଲିଖିତ। ଆମେ ମନ୍ଦିର ଯାଉ ଭଗବାନଙ୍କୁ ବିଭିନ୍ନ ପ୍ରକାର ଭୋଗ ଲାଗି କରିଥାଉ। ହେଲେ ଘରେ ଥିବା ଜୀବନ୍ତ ଭଗବାନଙ୍କୁ ଗଣ୍ଡେ ଖାଇବାକୁ ଦେବା ପାଇଁ ତାଙ୍କର ଯତ୍ନ ନେବା ପାଇଁ କୁଣ୍ଠା ପ୍ରକାଶ କରିଥାଉ। ବର୍ତ୍ତମାନ ନୈତିକ ଶିକ୍ଷାର ଅଭାବ ଯୋଗୁ ସମାଜରେ, ପରିବାରରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ଆଜିର ଯୁବ ପସନ୍ଦ ହେଉଛି- ଏକକ ପରିବାର। ଯୌଥ ପରିବାରରୁ ସେମାନେ ମୁହଁ ଫେରାଇ ନେଉଛନ୍ତି।

ଆମେ ଟିକେ ଅତୀତକୁ ଯିବା। ଯୌଥ ପରିବାରର ବୟସ୍କ ସଦସ୍ୟଙ୍କ କଥାକୁ କେହି ଅବମାନନା କରୁ ନ ଥିଲେ, କାରଣ ବୟସ୍କଙ୍କ ଅନୁଭୂତି ଅଭିଜ୍ଞତା ଅଧିକ। କାହାର ପକ୍ଷ ନ ନେଇ ଯାହା କହିବେ ସମସ୍ତଙ୍କ ହିତ ପାଇଁ କହିବେ। ହେଲେ ଦିନକୁ ଦିନ ସଂସାର ଭ୍ରଷ୍ଟ ହୋଇ ଚାଲିଛି। ପୁଅ ବୋହୂଙ୍କ ଅବହେଳା ଯୋଗୁ ଅନେକ ମାତାପିତା ଜରାଶ୍ରମରେ ଦିନ କାଟୁଛନ୍ତି। ପେନ୍ସନଭୁକ୍ତ ବୟୋଜ୍ୟେଷ୍ଠମାନେ ବି ନିର୍ଯାତନା ଓ ଅବହେଳିତ ହେବାରୁ ତ୍ରାହି ପାଇନାହାନ୍ତି। ନିଜେ ପାଉଥିବା ପେନ୍‌ସନ ଅର୍ଥରେ ତାଙ୍କର ଅଧିକାର ନ ଥାଏ। ବାର୍ଦ୍ଧକ୍ୟରେ ଘରର ବୟୋଜ୍ୟେଷ୍ଠଙ୍କର ଜରାଶ୍ରମର ଆବଶ୍ୟକତା ପଡୁଛି ବୋଲି ଦିନକୁ ଦିନ ବୃଦ୍ଧାଶ୍ରମ ସଂଖ୍ୟା ବଢ଼ିବାରେ ଲାଗିଛି। କିଛି ଜରାଶ୍ରମ ଦାତବ୍ୟ ସଂସ୍ଥାରେ ପରିଚାଳିତ ହେଉଥିବା ବେଳେ ଆଉ କିଛି ଜରାଶ୍ରମ ସମର୍ଥ ବୃଦ୍ଧାବୃଦ୍ଧ ଅର୍ଥ ପୈଠ କରି ଅବଶିଷ୍ଟ ଜୀବନ ଅତିବାହିତ କରୁଛନ୍ତି। କାହିଁକି ଦିନକୁ ଦିନ ବୟୋଜ୍ୟେଷ୍ଠମାନଙ୍କ ପ୍ରତି ଏ ଅବିଚାର, ଏ ଅବ୍ୟବସ୍ଥା। ପିଲାଟିଏ ଯେପରି ମୁହଁ ଖୋଲି କିଛି କହିପାରେ ନାହିଁ ବାର୍ଦ୍ଧକ୍ୟରେ ମନୁଷ୍ୟର ସେହି ସମାନ ଅବସ୍ଥା। ପରିତାପର ବିଷୟ ବର୍ତ୍ତମାନ ସମାଜର ସ୍ଥିତି ଏପରି ହୋଇଯାଇଛି କାହା ପାଖରେ ସମୟ ନାହିଁ।

ବରିଷ୍ଠ ନାଗରିକଙ୍କ ପାଇଁ ହୋଇଥିବା ସରକାରଙ୍କ ଯୋଜନା ବିଷୟରେ ସେମାନେ ପ୍ରାୟ ଅଜ୍ଞ। ସମାଜରେ ବୟୋଜ୍ୟେଷ୍ଠମାନେ କିପରି ସମ୍ମାନର ସହ ସୁସ୍ଥ ଜୀବନଯାପନ କରିପାରିବେ ସେଥିପ୍ରତି ସମସ୍ତେ ଯତ୍ନବାନ ହେବା ଦରକାର। ବୃଦ୍ଧ ମାତାପିତାଙ୍କୁ ଭକ୍ତି ସମ୍ମାନ ଦେଇ ରଖିଲେ ତା'ର ସୁପ୍ରଭାବ ପିଲାଙ୍କ ଉପରେ ପଡ଼ିବ। ମାତାପିତାଙ୍କୁ ତୁମେ ଯେପରି ବ୍ୟବହାର କରିଥିବ ନିଜ ପିଲାଙ୍କଠାରୁ ଦିନେ ସେହିପରି ବ୍ୟବହାର ପାଇବ। ମନୁଷ୍ୟ ପରିବାରରୁ, ସମାଜରୁ ହିଁ ଆଚରଣ, ଉଚ୍ଚାରଣ ଶିକ୍ଷା କରିଥାଏ। ଜେଜେବାପା ଜେଜେମା ପାଖରେ ରହିଲେ ପିଲାମାନେ ନମ୍ର, ବିଚାରବନ୍ତ, ସଂସ୍କାରୀ ହୋଇ ବାହାରିଥାନ୍ତି। ସେମାନଙ୍କ ଆଶୀର୍ବାଦ ପିଲାଙ୍କ ଉପରେ ରହିଥାଏ। ଗୁରୁଜନଙ୍କ ଆଶୀର୍ବାଦ ରହିଲେ ଘରେ ସର୍ବଦା ସୁଖ ସମୃଦ୍ଧି ମିଳିଥାଏ।

**ଆଠମଲ୍ଲିକ, ଅନୁଗୁଳ**
**ମୋ: ୭୭୦୬୯୫୭୪୪୫**

## ଏଇ ଭାରତରେ

କୃଷିକ୍ଷେତ୍ରରେ କୃଷକମାନେ ପାରମ୍ପରିକ ପଦ୍ଧତିରେ କୀଟନାଶକ ସିଞ୍ଚନ କରିବା ଯୋଗୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖାଯାଉଛି। ଏଥିରେ ଅଧିକ କୀଟନାଶକ ବ୍ୟହାର ହେଉଛି ଏବଂ ଖର୍ଚ୍ଚ ମଧ୍ୟ ବଢୁଛି। ଏହାର ସରଳ ସମାଧାନ ପାଇଁ ମହାରାଷ୍ଟ୍ରର ଆଦିତ୍ୟ ପିଙ୍ଗ୍‌ଲେ ଏକ ରୋବୋ ନିର୍ମାଣ କରିଛନ୍ତି। ନାସିକ୍ ଜିଲା ଅଓ୍ୱାନଖେଦ ଗାଁର ୧୭ ବର୍ଷୀୟ ଆଦିତ୍ୟ। ବଡ଼କଥା ହେଉଛି ଏହି ରୋବୋ ସ୍କ୍ରାପ୍ ବା ଅଦରକାରୀ ଜିନିଷରୁ ତିଆରି ହୋଇଛି। ଏହି ରୋବୋ ୧୨ ଭୋଲ୍ଟ ବ୍ୟାଟେରିରେ ଚାଲୁଛି, ଯାହା ରିଚାର୍ଜ କରାଯାଇପାରୁଛି। ଏହା ଏକାଥରକେ ୧୬ ଲିଟର କୀଟନାଶକ ନେଇପାରୁଛି। ଏହା ହାଲୁକା ଓ ଶସ୍ତା ଏବଂ ମୋବାଇଲ ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯାଉଛି। ଏଭଳି ଏକ ରୋବୋ ନିର୍ମାଣ କରିବା ପୂର୍ବରୁ ସେ ସାଲାମ ମୁମ୍ବାଇ ଫାଉଣ୍ଡେଶନ ଦ୍ୱାରା ଦିଆଯାଉଥିବା ମୋବାଇଲ ମରାମତି ପ୍ରଶିକ୍ଷଣ ନେଇଥିଲେ। ସେଠାରେ ରୋବୋ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସମ୍ପର୍କରେ ସେ ଜାଣିବାକୁ ପାଇଲେ। ପରେ ନିଜେ ଏକ ରୋବୋ ନିର୍ମାଣ କରିବାକୁ ଆଗେଇ ଆସିଥିଲେ। ତାଙ୍କ ସାଙ୍ଗ ପରାଶରାମ ଓ ଅଭିଜିତ୍‌ଙ୍କ ସହଯୋଗରେ ଏବେ ସଫଳତା ପାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୮ ଡିସେମ୍ବର ୧୯୭୬**

- ମୁଖ୍ୟମନ୍ତ୍ରୀ ପଦରୁ ନନ୍ଦିନୀ ଶତପଥୀ ଇସ୍ତଫା ପ୍ରଦାନ ପରେ ରାଜ୍ୟରେ ଚତୁର୍ଥ ଥର ଲାଗି ରାଷ୍ଟ୍ରପତି ଶାସନ ଜାରି।
- ହିମାଚଳ ପ୍ରଦେଶ ବିଧାନସଭା ସଦସ୍ୟ ତଥା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଲକା ଠାକୁରଙ୍କ ଦୁର୍ଘଟଣାରେ ମୃତ୍ୟୁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | 1 | | | 9 |
| | | | | 7 | 5 | 4 | | |
| 8 | | 4 | | | | | 2 | |
| | | 9 | | | 4 | | | |
| | 5 | | 7 | 6 | | 1 | | 4 |
| | | | 5 | 1 | | 3 | 9 | |
| | | | | | 2 | | 6 | |
| 3 | 2 | 1 | | | | | | |
| | | | 9 | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 1 | 3 | 9 | 8 | 7 | 2 | 5 |
| 7 | 5 | 9 | 2 | 1 | 4 | 8 | 3 | 6 |
| 2 | 3 | 8 | 7 | 6 | 5 | 4 | 9 | 1 |
| 9 | 7 | 6 | 5 | 2 | 1 | 3 | 8 | 4 |
| 3 | 1 | 4 | 8 | 7 | 9 | 6 | 5 | 2 |
| 5 | 8 | 2 | 4 | 3 | 6 | 1 | 7 | 9 |
| 8 | 2 | 5 | 6 | 4 | 7 | 9 | 1 | 3 |
| 1 | 4 | 7 | 9 | 5 | 3 | 2 | 6 | 8 |
| 6 | 9 | 3 | 1 | 8 | 2 | 5 | 4 | 7 |

ଗତକାଲିର ଉତ୍ତର

# ବନ୍ଦେ ମାତରମ୍‌କୁ ବାରଣ କାହିଁକି



ବିଚିତ୍ର ବିଶ୍ୱାଳ

କିଛିଦିନ ପୂର୍ବରୁ ରାଜ୍ୟ ସଭାର ଏକ ନୋଟିସ ମାଧ୍ୟମରେ ରାଜ୍ୟ ସଭାରେ ବନ୍ଦେ ମାତରମ୍ ଓ ଜୟ ହିନ୍ଦ୍ ସ୍ଲୋଗାନ ଦେବା ଉପରେ ନିଷେଧାଦେଶ ଲାଗିଛି। ଏହା ସରକାରଙ୍କ ବନ୍ଦେ ମାତରମ୍ ପ୍ରେମ ଉପରେ ସନ୍ଦେହ ସୃଷ୍ଟି କରୁନାହିଁ କି? ଗୋଟିଏ ପଟେ ସରକାର ନିଜେ ପ୍ରସ୍ତାବ ଦେଇ ଲୋକ ସଭା ଓ ରାଜ୍ୟ ସଭାର ଶୀତ ଅଧିବେଶନରେ ବନ୍ଦେ ମାତରମ୍ ଉପରେ ବିତର୍କ କରାଇ ନିଜକୁ ରାଷ୍ଟ୍ରବାଦୀ ବୋଲି ପ୍ରମାଣ କରିବାକୁ ଚାହୁଁଥିବା ବେଳେ ଅନ୍ୟପଟେ ରାଜ୍ୟ ସଭାରେ ଏହାର ସ୍ଲୋଗାନକୁ ବାରଣକରିବା ତାଙ୍କର ଦ୍ୱୈତ ଚରିତ୍ରକୁ ସୂଚାଉଛି।

ଏହା କେମିତିକା ନିଷ୍ପତ୍ତି, ଯେଉଁଠି ଲୋକ ସଭାର ଏକ ମହତ୍ତ୍ୱପୂର୍ଣ୍ଣ ସଦନରେ ବିରୋଧୀମାନଙ୍କୁ ବନ୍ଦେ ମାତରମ୍ କିମ୍ବା ଜୟ ହିନ୍ଦ୍ ପରି ସ୍ଲୋଗାନ ଉଚ୍ଚାରଣ କରିବାକୁ ବାରଣ କରାଯାଉଛି! ଏହା କ'ଣ ଆମ ଗଣତନ୍ତ୍ରର ପରିଚୟ? ଗଣତନ୍ତ୍ରରେ ବିରୋଧୀ ଦଳଙ୍କ ଭୂମିକା ଶାସକ ଦଳଠାରୁ କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଶାସକ ଦଳର କୌଣସି ନିଷ୍ପତ୍ତି ଲୋକ ବିରୋଧୀ ହେଲେ ବିରୋଧୀମାନେ ବିରୋଧ କରିବା ସ୍ୱାଭାବିକ। ସ୍ଲୋଗାନ ଦେବା ବା ପ୍ଲାକାର୍ଡ ଦେଖାଇବା ବିରୋଧ କରିବାର ଏକ ସ୍ୱାଭାବିକ ପ୍ରକ୍ରିୟା । ଏପରି ସ୍ଥଳେ ବନ୍ଦେ ମାତରମ୍ କିମ୍ବା ଜୟ ହିନ୍ଦ୍ ପରି ରାଷ୍ଟ୍ରବାଦୀ ସ୍ଲୋଗାନକୁ ବାରଣ କରିବା ସରକାରଙ୍କ ବିରୋଧୀଙ୍କ ପ୍ରତି ଅସହନଶୀଳତାକୁ ପ୍ରଦର୍ଶିତ କରୁଛି। ଏହା ଆମ ଗଣତନ୍ତ୍ରର ଗରିମାକୁ ନଷ୍ଟକରୁଛି। ଦେଶପ୍ରେମ ବା ରାଷ୍ଟ୍ରବାଦ କ'ଣ କେବଳ ସରକାରୀ ଦଳର ଏକଚାଟିଆ ଅଧିକାର। ସେ ଯାହା କହିବେ ବା ଯାହା କରିବେ ତାହା ଦେଶପ୍ରେମ ଓ ବିରୋଧୀ ଦଳ ଯାହା କହିବେ ତାହା ଦେଶ ବିରୋଧୀ! ଅନେକ କ୍ଷେତ୍ରରେ ବିରୋଧୀ ଦଳଙ୍କ ବିରୋଧ ସରକାରଙ୍କଠାରୁ ଅଧିକ ଦେଶପ୍ରେମ ଓ ଜନମଙ୍ଗଳ ଭାବନା ବହନ କରିଥାଏ। ତେଣୁ ରାଜ୍ୟ ସଭାରେ ସରକାରଙ୍କ କୌଣସି ନିଷ୍ପତ୍ତିକୁ ବିରୋଧୀମାନେ ବିରୋଧକରି ଯଦି ବନ୍ଦେ ମାତରମ୍ କିମ୍ବା ଜୟ ହିନ୍ଦ୍ ପରି ସ୍ଲୋଗାନ ଦିଅନ୍ତି, ଏଥିରେ ଅସଙ୍ଗତି କେଉଁଠି? ଏହାକୁ ନେଇ ସରକାର ଏତେ ବ୍ୟତିବ୍ୟସ୍ତ କାହିଁକି? ଏହା ତ ପରାଧୀନ ଭାରତର ସମୟକୁ ମନେ ପକାଇ ଦେଉଛି। ବ୍ରିଟିଶ ରାଜୁତି ସମୟରେ ଭିନ୍ନ ଭିନ୍ନ ଜନସଭାରେ ସେମାନେ ବନ୍ଦେ ମାତରମ୍‌ର ଗାନକୁ ନିଷେଧ କରିଥିଲେ। ସଂଗ୍ରାମୀମାନଙ୍କୁ ବନ୍ଦେ ମାତରମ୍ ଗୀତ ଗାଇବା ଯୋଗୁ ତାଙ୍କୁ ଜେଲରେ ଭର୍ତ୍ତି କରୁଥିଲେ। କିନ୍ତୁ ବଙ୍କିମ ଚନ୍ଦ୍ରଙ୍କ ବନ୍ଦେ ମାତରମ୍ କେବଳ ଏକ ଗୀତ ନ ଥିଲା, ତାହା ବହୁ କୋଟି ଭାରତୀୟଙ୍କ ରକ୍ତରେ ପ୍ରବାହିତ ହେଉଥିଲା। ତେଣୁ ବ୍ରିଟିଶର ନିଷେଧ ସତ୍ତ୍ୱେ ବି ତାହା ବନ୍ଦ ହୋଇ ନ ଥିଲା କି ତା'ର ଗାନ କମ୍ ହୋଇ ନ ଥିଲା । ବରଂ ବହୁ କୋଟି ଭାରତୀୟଙ୍କ ମଧ୍ୟରେ ଗୁଞ୍ଜରିତ ହେଉଥିଲା ଓ ଆଜି ବି ହେଉଛି। ସେହି ବନ୍ଦେ ମାତରମ୍ ପଦକୁ ଆଜି ଯେତେବେଳେ ରାଜ୍ୟ ସଭାରେ ସ୍ଲୋଗାନ ଦେବା ପାଇଁ ସରକାର ନିଷେଧ କରୁଛନ୍ତି, ପୁଣି ଥରେ ବ୍ରିଟିଶ ରାଜ୍ କଥା ମନେପକାଇ ଦେଇଛି। ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ବାରମ୍ବାର ଔପନିବେଶିକ ମାନସିକତାରୁ ମୁକ୍ତହେବା କଥା କହୁଛନ୍ତି ଓ ଇଂରେଜ ସମୟର ଭିନ୍ନ ଭିନ୍ନ ଅନୁଷ୍ଠାନର



ନାମଠାରୁ ଆରମ୍ଭକରି ଇତିହାସକୁ ବଦଳେଇବାର କାମ କରୁଛନ୍ତି। କିନ୍ତୁ ତାଙ୍କ ସରକାର ନିଜେ କିପରି ସେହି ବ୍ରିଟିଶ ମାନସିକତାକୁ ବହନ କରି ବନ୍ଦେ ମାତରମ୍ ସ୍ଲୋଗାନ ଉପରେ ରାଜ୍ୟ ସଭାରେ ଅଙ୍କୁଶ ଲଗାଉଛନ୍ତି। କେବଳ ବନ୍ଦେ ମାତରମ୍ ନୁହେଁ, ସୁଭାଷ ବୋଷଙ୍କ ଜୟ ହିନ୍ଦ୍ ବି ବହୁ କୋଟିଙ୍କ ଛାତିରେ ସ୍ପନ୍ଦନ ସୃଷ୍ଟି କରୁଥିବା ଏକ ସ୍ଲୋଗାନ। ଦୁର୍ଭାଗ୍ୟଜନକ ଭାବେ ତାହା ବି ସରକାରଙ୍କ ଗଳାରେ କଣ୍ଟା ପରି ଲାଗୁଛି

ଦୁର୍ଭାଗ୍ୟର ବିଷୟ, ମୁଖ୍ୟ ସ୍ରୋତର ଗଣମାଧ୍ୟମର ଚର୍ଚ୍ଚାରୁ ଏସବୁ ବାଦ୍ ପଡ଼ିଯାଉଛି। ଗଣମାଧ୍ୟମମାନେ କ'ଣ କେବଳ ସରକାରଙ୍କ ସ୍ତୁତିଗାନରେ ନିଜର ମୁକ୍ତି ଦେଖୁଛନ୍ତି। ଦେଶର ଅସଲ ସ୍ୱାର୍ଥ, ଅସଲ ଦେଶପ୍ରେମ ଓ ଜନଗଣଙ୍କ ମଙ୍ଗଳ ଆଉ ତାଙ୍କ ପ୍ରାଥମିକତାରେ ନାହିଁ। ତା'ର ପ୍ରମାଣ ହେଉଛି, ରାଜ୍ୟ ସଭାରେ ବନ୍ଦେ ମାତରମ୍ ଓ ଜୟ ହିନ୍ଦ୍ ସ୍ଲୋଗାନ ଉଚ୍ଚାରଣକୁ ନେଇ ଏହି ନୋଟିସ ବିଷୟରେ ଅତ୍ୟନ୍ତ କ୍ଷୀଣ ଚର୍ଚ୍ଚା ବା ଜମା ବି ଚର୍ଚ୍ଚା ନାହିଁ। ଦେଶର ପ୍ରାୟ ପ୍ରତ୍ୟେକ ଗଣମାଧ୍ୟମ ଲୋକ ସଭା ଓ ରାଜ୍ୟ ସଭାରେ ବନ୍ଦେ ମାତରମ୍‌ର ବିତର୍କକୁ ନେଇ ପ୍ରବଳ ମୁଖର ହୋଇଥିବା ବେଳେ ଏପରି ଏକ ଗଣତନ୍ତ୍ର ବିରୋଧୀ ନୋଟିସକୁ କିପରି ଆଖି ବୁଜିଦେଇପାରିଲେ!

ସରକାର ଯେପରି ଭାବେ ଏହି ସ୍ଲୋଗାନ ଦ୍ୱୟର ଉଚ୍ଚାରଣକୁ ରାଜ୍ୟ ସଭାରେ ନିଷେଧ କରିଛନ୍ତି, ସତେ ଯେମିତି ବନ୍ଦେ ମାତରମ୍ ଓ ଜୟ ହିନ୍ଦ୍ ଉପରେ ତାଙ୍କର ଏକଚାଟିଆ ଅଧିକାର। ବିରୋଧୀମାନେ ଯଦି ଏପରି ସ୍ଲୋଗାନ ଉଚ୍ଚାରଣ କରିବେ, ତେବେ ତାଙ୍କର ଦେଶପ୍ରେମୀ ମୁଖା ଖସିଯିବାର ଭୟ ବୋଧେ ତାଙ୍କୁ ଏପରି ହୀନ କାମ କରିବାକୁ ପ୍ରେରିତ କରିଥାଇପାରେ। କିନ୍ତୁ ସୂଚନାଯୋଗ୍ୟ ଯେ, ସରକାରରେ ଥିବା ଦଳର ପୃଷ୍ଠପୋଷକ ସଂଗଠନ ଅନେକ ଦିନ ଯାଏ ନା ଜାତୀୟ ସଙ୍ଗୀତ, ଜାତୀୟ ପତାକା ନା ବନ୍ଦେ ମାତରମ୍‌କୁ ଗ୍ରହଣ କରିଥିଲେ। ଆଜି ଯଦିଓ ସେଇମାନେ ହିଁ ବନ୍ଦେ ମାତରମ୍ ଉପରେ ଭାଷଣ ଦେଉଛନ୍ତି, କିନ୍ତୁ ସେମାନଙ୍କର ଇତିହାସ ଠିକ୍ ଏହାର ବିପରୀତ ଥିଲା।

ବନ୍ଦେ ମାତରମ୍‌ର ଉଚ୍ଚାରଣ ହେଉଛି, ଭାରତ ମାତା ପ୍ରତି ପ୍ରେମର ଏକ ଭାବପୂର୍ଣ୍ଣ ପ୍ରଦର୍ଶନ। ସେହିପରି ଜୟ ହିନ୍ଦ୍ ହେଉଛି, ଭାରତର ବିଜୟକୁ ମନ ପ୍ରାଣ ଦେଇ ଚାହିଁବା ଓ ଆଗକୁ ମାଡ଼ି ଚାଲିବା ପାଇଁ ଏକ ଆହ୍ୱାନ। ବ୍ରିଟିଶମାନଙ୍କୁ ଏହା ଭଲ ନ ଲାଗିବା ସ୍ୱାଭାବିକ, କିନ୍ତୁ ଆମ ଦେଶୀୟ ସରକାର ଏହାକୁ ନିଷେଧ କରିବେ ଏହା ହଜମର ବାହାରେ। ବ୍ରିଟିଶମାନେ ଯେପରି ବନ୍ଦେ ମାତରମ୍‌କୁ ନିଷେଧ କରିବା ସମୟରେ ତାହା ବହୁ କୋଟି ଭାରତୀୟଙ୍କ ପ୍ରାଣରେ ବଞ୍ଚିକରି ଥିଲା, ଠିକ୍ ସେହିପରି ସରକାର ବର୍ତ୍ତମାନ ରାଜ୍ୟ ସଭାରେ ଯେତେ ବନ୍ଦେ ମାତରମ୍ ସ୍ଲୋଗାନକୁ ନିଷେଧ କଲେ ବି ତାହା ଭାରତର ଜନତା ଓ ତାଙ୍କ ପ୍ରତିନିଧିଙ୍କ ଓଠରେ ଉଚ୍ଚାରିତ ହେବ ହିଁ ହେବ । ବ୍ରିଟିଶମାନେ ଏହାକୁ ନିଷେଧକରି ଯେମିତି ନୀରବ କରିପାରି ନ ଥିଲେ, ସେମିତି ଏବେର ସରକାର ବି ଏହାର ସ୍ଲୋଗାନ ଉଚ୍ଚାରଣକୁ ନିଷେଧକରି ଏହାକୁ ମଜଭୁତ ସିନା କରିବେ, କିନ୍ତୁ ଦୁର୍ବଳ କରିପାରିବେ ନାହିଁ।

ବିରୋଧ ଗଣତନ୍ତ୍ରର ମୂଳ ଭିତ୍ତି। ଯଦି ବିରୋଧ ପ୍ରତି ଅସହନଶୀଳତା ପ୍ରଦର୍ଶନ କରାଯିବ, ତେବେ ଏହା ଗଣତନ୍ତ୍ର ଉପରେ ଅବିଶ୍ୱାସକୁ ଦର୍ଶାଇବ; ଯାହା ଆଜିର ସମୟରେ ଅତ୍ୟଧିକ ଦେଖାଯାଉଛି। ବିରୋଧୀଙ୍କୁ ଦେଶଦ୍ରୋହୀ ଭାବେ ଚିତ୍ରଣକରି ନିଜକୁ ତଥା ସରକାରଙ୍କୁ ଦେଶପ୍ରେମୀ ଦେଖାଇବାର ହୀନ ଓ ନିଷ୍ଫଳ ପ୍ରୟାସ କରାଯାଉଛି। ଏହା ନିଶ୍ଚିତ ଭାବେ ବେଶିଦିନ ତିଷ୍ଠିବ ନାହିଁ। ରାଜ୍ୟ ସଭାରେ ବନ୍ଦେ ମାତରମ୍ ଓ ଜୟ ହିନ୍ଦ୍ ସ୍ଲୋଗାନକୁ ନିଷେଧକରିବା କେବଳ ସରକାରଙ୍କ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପାଳନର ଛଳନାତ୍ମକ ଆଭିମୁଖ୍ୟକୁ ଦର୍ଶାଉନାହିଁ, ବରଂ ତାଙ୍କର ଭୀରୁତାକୁ ବି ସୂଚାଉଛି ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

## ଚିରନ୍ତନୀ

ରସହୀନ ମମ ଅନ୍ତରମୟ ପୀଡ଼ିତ ତୃଷିତ ଚିର
ଜୀବନ-ମରୁରେ ନୟନେ ନ ଜାଗେ ନୀର !
ତିକ୍ତ ହିୟା ମୋ କଳୁଷ ବିଷରେ
ଝରିପଡୁ ଧୀରେ ସକଳ ଦିଶରେ
ଅମୃତ ତବ ବହି ଆଣୁ ନବ
ସାନ୍ତ୍ୱନା ହୃଦଗତେ
ଅଶ୍ରୁ-ସଲିଳେ ନିର୍ମଳ କର ମୋତେ ।
-(ବର୍ଷା-ଅଶ୍ରୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପୁରସ୍କାର ଚୟନ ଉପରେ ପ୍ରଶ୍ନବାଚୀ

ମହାଶୟ,

ଦାଦା ସାହେବ ଫାଲ୍‌କେ ପୁରସ୍କାର ଧର୍ମେନ୍ଦ୍ରଙ୍କୁ ପ୍ରଦାନ କରା ନ ଯିବା ଦୁର୍ଭାଗ୍ୟଜନକ। ଦୀର୍ଘ ୬୦ ବର୍ଷର ସିନେ ଅଭିନୟ ଜୀବନରେ ୩୫୦ରୁ ଊର୍ଦ୍ଧ୍ୱ ସିନେମାରେ ଅଭିନୟ କରିଥିବା ପଦ୍ମଭୂଷଣ ଧର୍ମେନ୍ଦ୍ରଙ୍କ ଭାରତୀୟ ସିନେମାକୁ ଅବଦାନ ଅତୁଳନୀୟ। ତେବେ ତାଙ୍କୁ ଏହି ପୁରସ୍କାର ପାଇଁ ଚୟନ କରା ନ ଯିବା ଦୁର୍ଭାଗ୍ୟଜନକ। ସେହିପରି ପ୍ରଥମ ସୁପରଷ୍ଟାର୍ ରାଜେଶ ଖାନ୍ନାଙ୍କୁ ଅଣଦେଖା କରି ବହୁ ବିଳମ୍ବରେ ତାଙ୍କ ମୃତ୍ୟୁ ପରେ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଥିଲା। ଧର୍ମେନ୍ଦ୍ରଙ୍କ ମୃତ୍ୟୁ ହିନ୍ଦୀ ସିନେମାର ସୁବର୍ଣ୍ଣ ଯୁଗରେ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଦେଖାଯାଉଛି, ପ୍ରସିଦ୍ଧ କଳାକାରଙ୍କୁ ଶ୍ମଶାନ ଭୂମିରେ ରାଜ୍ୟ ତଥା ଜିଲା ପ୍ରଶାସନ ପକ୍ଷରୁ ଶେଷ ମର୍ଯ୍ୟାଦା ସଲାମି ଦେବାରେ କୌଣସି ଇଚ୍ଛା ରଖାଯାଉନାହିଁ। ତେବେ ଧର୍ମେନ୍ଦ୍ରଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାର ଦେବା ଲାଗି ପନର୍ବିଚାର କରାଯାଉ।

**-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ

**ପୁରୀ,୧୭।୧୨(ଅଜିତ୍ କୁମାର ମହାନ୍ତି)**



- ସୁରକ୍ଷା ନେଇ ପୁଣି ଉଠିଲା ପ୍ରଶ୍ନ
- ଶ୍ରୀମନ୍ଦିର ଆଇନ ପରିବର୍ତ୍ତନ କରିବାକୁ ଦାବି

ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ଏଥର ଶ୍ରୀମନ୍ଦିର ଗର୍ଭଗୃହ ସହ ଚତୁର୍ଦ୍ଧା ବିଗ୍ରହଙ୍କ ଫଟୋ ଉଠାଯାଇଛି। ଏହି ଫଟୋ ସୋସିଆଲ ମିଡିଆ ମାଧ୍ୟମରେ ମୋବାଇଲ୍‌ରୁ ମୋବାଇଲ ଘୂରିବୁଲୁଛି। ଫଳରେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଥିଲେ ସୁଦ୍ଧା ବାରମ୍ବାର ଏପରି ଘଟଣା ଦେଖିବାକୁ ମିଳୁଛି। ଚାରିଦ୍ୱାରରେ କଡ଼ା ଚେକିଂ ସତ୍ତ୍ୱେ ମନ୍ଦିର ଭିତରକୁ କିପରି ମୋବାଇଲ୍ ଯାଉଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପ୍ରତି ପୋଲିସ ଓ ଜିଲା ପ୍ରଶାସନ ଅଧିକ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି କରାଯାଇଛି। ଜଣେ ବ୍ୟକ୍ତି ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶ୍ରୀମନ୍ଦିର ରତ୍ନସିଂହାସନରେ ବିରାଜମାନ ଶ୍ରୀବିଗ୍ରହଙ୍କ ଫଟୋ ଏବଂ ବେଢ଼ାର ଫଟୋ ଅପଲୋଡ୍ କରିଥିବା ଦେଖିବାକୁ ମିଳିଛି।

ଏନେଇ ଆଇନଜୀବୀ ରମେଶ ସିଂ କହିଛନ୍ତି ଯେ, ଏପରି କାର୍ଯ୍ୟକୁ ରୋକିବା ପାଇଁ ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ ଆସିବା ଆବଶ୍ୟକ। ବର୍ତ୍ତମାନ ଆଇନରେ ଏନେଇ କୌଣସି ବ୍ୟବସ୍ଥା ନାହିଁ। ଫଳରେ ଫଟୋ ଉଠାଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗିରଫ କରାଯାଇପାରିବ। ତେଣୁ ଆଇନରେ ସଂଶୋଧନର ଆବଶ୍ୟକତା ରହିଛି।

ସେହିପରି ଭକ୍ତ ସମୀର ବେହେରା କହିଛନ୍ତି, ମହାପ୍ରଭୁଙ୍କ ଫଟୋ ଉଠାଇ ରଖିବା ପାଇଁ ଆମର ମଧ୍ୟ ଇଚ୍ଛା ହେଉଛି। କିନ୍ତୁ ଆମେ ନିୟମକୁ ମାନି ମୋବାଇଲ୍ ନେଉ ନାହୁଁ। ମାତ୍ର ଅନ୍ୟମାନେ କିପରି ନେଉଛନ୍ତି ଯାହା ଲାଗୁଛି ଏଠାରେ ଚେକିଂ ବ୍ୟବସ୍ଥା ଠିକ୍ ନାହିଁ। ପୋଲିସ ପ୍ରଶାସନର ଢିଲା ମନୋବୃତି ରହୁଛି। ଚେକିଂର ଅବହେଳା କରାଯାଉଛି, ତେଣୁ ପ୍ରଶାସନ ସମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସେ କହିଛନ୍ତି।

ଏସପି ପ୍ରତୀକ ସିଂ କହିଛନ୍ତି, ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ୍ ହୋଇଥିବା ଘଟଣା ଗଣମାଧ୍ୟମରୁ ସୂଚନା ପାଇଲୁ। ଏହି ଘଟଣାକୁ ନେଇ ସିଂହଦ୍ୱାର ଥାନାରେ ୨୩୩/୨୫ରେ ଏକ ମାମଲା ରୁଜୁ କରିଛୁ। ଜଣେ ବ୍ୟକ୍ତି ତାଙ୍କ ଇନ୍‌ଷ୍ଟାଗ୍ରାମ ଆଇଡିରେ ଫଟୋ ଅପ୍‌ଲୋଡ ହୋଇଥିବା ଦେଖିବାକୁ ମିଳିଛି। ଏହି ଫଟୋ କିଏ ଅପଲୋଡ୍ କରିଛି, ଏହା ପଛର କ'ଣ ସତ୍ୟତା ରହିଛି, ସବୁ ଯାଞ୍ଚ କରାଯିବ। ଯିଏ ଦୋଷୀ ସାବ୍ୟସ୍ତ ହେବ ତାଙ୍କ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ।

ଏନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନର ନିୟମକୁ କେତେଜଣ ବ୍ୟକ୍ତି ନ ମାନି ଏପରି କରୁଛନ୍ତି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଯୋଜନା ଚଚାଲିଛି। ଏପରି କାର୍ଯ୍ୟ କରୁଥିବା ବ୍ୟକ୍ତି ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସୁନାହାନ୍ତି, କେବଳ ଡ୍ରାମା କରି ନିଜର ସୋସିଆଲ ମିଡିଆ ଚଲେଇବାକୁ ଆସୁଛନ୍ତି। ଶ୍ରୀମନ୍ଦିର ଆଇନର ଆକ୍ଟରେ କିଛିଟା ପରିବର୍ତ୍ତନ କରାଯିବ ବୋଲି ସେ କହିଛନ୍ତି। ଫଳରେ ମୋବାଇଲ୍, ହିଡେନ୍ କ୍ୟାମେରା, ଫଟୋ ଭାଇରାଲ୍ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ତେଣୁ ଏନେଇ ବର୍ତ୍ତମାନ ପ୍ରକ୍ରିୟା ଜାରି ରହିଛି ବୋଲି ଆଇନମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

## ପଲ୍‌ସର-ସ୍କୁଟି ମୁହାଁମୁହିଁ, ଜଣେ ମୃତ

**କୋଣାର୍କ,୧୭।୧୨(ଜ୍ୟୋତିରାଜ ମହାନ୍ତି)**

କୋଣାର୍କ-ପୁରୀ ଜାତୀୟ ରାଜପଥ ଲିଆଖିଆ ବ୍ରିଜ୍‌ଠାରେ ବୁଧବାର ଅପରାହ୍ନରେ ପଲ୍‌ସର ଓ ସ୍କୁଟି ମୁହାଁମୁହଁ ଧକ୍କା ହୋଇଥିଲା। ଫଳରେ ଜଣଙ୍କର ମୃତ୍ୟୁବରଣ କରିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଚିକିତ୍ସା ପାଇଁ ପୁରୀ ସଦର ମହକୁମା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ମୃତ ବ୍ୟକ୍ତିଙ୍କ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯାଇଛି। ରାମଚଣ୍ଡୀ ଥାନା ପୋଲିସ ପକ୍ଷରୁ ଦୁର୍ଘଟଣାଗ୍ରସ୍ତ ପଲ୍‌ସର ଓ ସ୍କୁଟି ଜବତ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି।

## ସାକ୍ଷୀଗୋପାଳ ମନ୍ଦିର ହୁଣ୍ଡିରୁ ବାହାରିଲା ୬.୩୭ ଲକ୍ଷ ଟଙ୍କା

**ସାକ୍ଷୀଗୋପାଳ,୧୭।୧୨ (ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ)**



ହୁଣ୍ଡିରୁ ବାହାରିଥିବା ଅର୍ଥକୁ ଗଣାଯାଉଛି ।

ସାକ୍ଷୀଗୋପାଳଙ୍କ ହୁଣ୍ଡି ବୁଧବାର ଖୋଲାଯାଇଛି। ଉକ୍ତ ହୁଣ୍ଡିରୁ ୬ ଲକ୍ଷ ୩୭ ହଜାର ୨୯୨ ଟଙ୍କା ସହ କିଛି ରୁପା ବାହାରିଥିବା ଜଣାପଡ଼ିଛି। ଏହି ଅର୍ଥ ରାଶିକୁ ସାକ୍ଷୀଗୋପାଳ ୟୁନିଅନ ବ୍ୟାଙ୍କ ଶାଖାରେ ଜମା କରାଯାଇଛି। ଗଣତି ସମୟରେ ସାକ୍ଷୀଗୋପାଳ ମନ୍ଦିର ଅତିରିକ୍ତ ପ୍ରଶାସକ ଲଳିତେନ୍ଦୁ ମହାନ୍ତି, ମନ୍ଦିର ସୁପରଭାଇଜର୍ ବିଶ୍ୱନାଥ ମହାପାତ୍ର, ବ୍ୟାଙ୍କ ପକ୍ଷରୁ ସନ୍ଦୀପ କୁମାର ରଥ, ରମାନାରାୟଣ ବେହେରା, ଶିବ କୁମାର ଶୁକ୍ଲା, ସାଇପୂଜା ମହାନ୍ତି, ବିଜୟ ନାୟକ, ସୁଶାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ ପାଣିଗ୍ରାହୀ ଏହି କାର୍ଯ୍ୟର ତଦାରଖ କରିଥିଲେ।


**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି।

ସଂ. MCS/Stores/E-Procure/Tender Notice/ BUFFER COUPLER/416, ତା.12.12.2025

ଟେଣ୍ଡର ସଂ. 92256017

ବିବରଣୀ : ଇମ୍ପ୍ରୁଭଡ୍ (Improved) ହାଇ ଟେନ୍‌ସାଇଲ୍ (Tensile) ଟାଇଟ୍ ଲକ୍ (Lock) ସେଣ୍ଟର ବଫର (Buffer) କପଲର ଇତ୍ୟାଦି, ପରିମାଣ : 37 ସଂଖ୍ୟକ, ୱାରେଣ୍ଟି ଅବଧି : ଡେଲିଭରୀ ତାରିଖର ପର ଠାରୁ 84 ମାସ, ଯାଞ୍ଚ ଏଜେନ୍ସି : TPI।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.12.01.2026ରିଖ, 1500 ଘଟିକାରେ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/CRW/ ମଞ୍ଚେଶ୍ୱର

PR-910/Q/25-26



**ଭାରତୀୟ ରିଜର୍ଭ ବ୍ୟାଙ୍କ**

ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹40,87,367/- ଟଙ୍କା ଆନୁମାନିକ ମୂଲ୍ୟ ରେ ଏହାର **"ବିଦ୍ୟୁତ୍ ମାର୍ଗ, ଭୁବନେଶ୍ୱରରେ ସ୍ଥିତ ଷ୍ଟାଫ୍ କ୍ୱାର୍ଟର୍ସରେ ପାଇପଲାଇନ ବଦଳାଇବା ସହିତ ଫ୍ଲାଟକୁ ସଂଯୋଗ କରୁଥିବା ପାଣି ଲାଇନ ବଦଳାଇବା ପାଇଁ ସିଭିଲ କାର୍ଯ୍ୟ"** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 60 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଡ଼ିସେମ୍ବର 31, 2025 ଅପରାହ୍ନ 02:00 ଟା** ଅଟେ ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି ।

 କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର





**୧୭।୧୨।୨୦୨୫**

| | |
|---|---|
| ୬,୫୨,୪୨୫ ଟଙ୍କା | |
| ସୁନା | ୧.୯୬୦ ଗ୍ରାମ୍ |
| ରୁପା | ୧୩୨.୩୮୦ ଗ୍ରାମ୍ |

## ପ୍ରତିଭାର ଉନ୍ମୋଚନ ହୋଇପାରିଲେ ଭଲ ମଣିଷ ହେବ

### ଓଷ୍ଟାର ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ

**କାକଟପୁର/ଅସ୍ତରଙ୍ଗ,୧୭।୧୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)**

ଓଷ୍ଟା ରାଜ୍ୟ ଶାଖାର ପରାମର୍ଶକ୍ରମେ ଅସ୍ତରଙ୍ଗ ବ୍ଲକ ଶାଖା ପକ୍ଷରୁ ୪୨ତମ ବ୍ଲକ୍‌ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ 'ଶିଶୁ ମହୋତ୍ସବ' ଝାଡ଼ଲିଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ଓଷ୍ଟାର ଅସ୍ତରଙ୍ଗ ବ୍ଲକ ସଭାପତି ପ୍ରିୟବ୍ରତ ପରିଡ଼ାଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଷ୍ଟା ଜିଲ୍ଲା ସମ୍ପାଦକ ବିଭୁଦତ୍ତ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଯୁଗ୍ମ ସମ୍ପାଦକ ତରୁଣ କୁମାର ନାୟକ ଯୋଗଦେଇ ସୁସ୍ଥ ଓ ଉନ୍ନତ ସମାଜ ଗଠନ ନିମନ୍ତେ ସମର୍ପିତ ଭାବ ରଖି ଶିକ୍ଷାଦାନ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଝାଡ଼ଲିଙ୍ଗ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସତ୍ୟବ୍ରତ ଛାଟୋଇ, ଓଷ୍ଟା ବ୍ଲକ ସମ୍ପାଦକ ସନ୍ତୋଷ କୁମାର ଦାସ, ବିନାୟକ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଷ୍ଣୁଚରଣ ବେହେରା, ଓଷ୍ଟା କାକଟପୁର ବ୍ଲକ ସମ୍ପାଦକ ଗୋପାଳ କୃଷ୍ଣ ବାରିକ, ପ୍ରାକ୍ତନ ପ୍ରଧାନଶିକ୍ଷକ ସର୍ବେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ଉନ୍ମୋଚନ ହୋଇପାରିଲେ, ସେମାନେ ଭବିଷ୍ୟତରେ ଭଲ ମଣିଷ ହୋଇପାରିବେ ବୋଲି ସେ କହିଥିଲେ। ଏହି ଅବସରରେ ସାଧନ ସଂଯୋଜକ ଗଣେଶ ନାୟକ ଅତିଥି ପରିଚୟ, ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଦେଶବନ୍ଧୁ ନାୟକ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ବିଭିନ୍ନ ବିଦ୍ୟାଳୟର ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ଗଳ୍ପ ଲିଖନ, କବିତା ଲିଖନ, କବିତା ଆବୃତ୍ତି, ଚିତ୍ରାଙ୍କନ, ଏକକ ଅଭିନୟ, ଏକକ ନୃତ୍ୟ, କଣ୍ଠ ସଙ୍ଗୀତ, ସାଧାରଣ ଜ୍ଞାନ, କୁଇଜ୍ ଆଦି ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଧରଣୀଧର ମହାନ୍ତି ଯୋଗଦେଇ ଭଲ ମଣିଷ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ବିଭାଗ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ସଂଗଠନର ସଭ୍ୟାସଭ୍ୟ ସହଯୋଗ କରିଥିଲେ।

## ଜେଜେବାପା, ଜେଜେମା ଓ ଅଜାଆଈ ସମ୍ମିଳନୀ

**ପୁରୀ,୧୭।୧୨(ଅଜିତ୍ କୁମାର ମହାନ୍ତି):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମଧୁବନସ୍ଥିତ ବିଦ୍ୟାଳୟ ପ୍ରାଙ୍ଗଣରେ ଜେଜେମା, ଜେଜେବାପା ଓ ଅଜାଆଈ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ପଣ୍ଡିତ ସତ୍ୟନାରାୟଣ ଦାଶ ଯୋଗଦାନକରି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ବିଷ୍ଣୁ ପ୍ରସାଦ ପାଣି, ବିଦ୍ୟାଳୟର ବିଦ୍ୱତ୍ ପରିଷଦର ସଭାପତି କୈଳାସ ଚନ୍ଦ୍ର ସାହୁ, ପରିଚାଳନା ସମିତି ସମ୍ପାଦକ ପୁରୁଷୋତ୍ତମ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମିଳନୀ ପ୍ରାରମ୍ଭରେ ବିଦ୍ୟାଳୟର ଶିଶୁମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବିଶ୍ୱମ୍ଭର ବିଦ୍ୟାପୀଠର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ସତ୍ୟନାରାୟଣ ଦାଶ ଯୋଗଦେଇ ପରିବାରରେ ନାତିନାତୁଣୀଙ୍କ ସଫଳତାର ପ୍ରଚ୍ଛଦପଟରେ ଜେଜେମା, ଜେଜେବାପା ଓ ଅଜାଆଈଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କ ଜେଜେମା ଓ ଜେଜେବାପା ଏବଂ ଅଜାଆଈମାନେ ସମ୍ମିଳନୀର ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା'ବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ।

## ପୂର୍ଣ୍ଣାଙ୍ଗ ଶିକ୍ଷା ପାଠ୍ୟକ୍ରମ ଗଢ଼ିବ ସୁନାଗରିକ




### ପିପିଲି କଲେଜରେ 'ପିଏମ୍ ଉଷା' ରାଜ୍ୟସ୍ତରୀୟ ପାଠଚକ୍ର ଉଦ୍‌ଘାଟିତ

**ପିପିଲି,୧୭।୧୨(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)**

ପିପିଲି ମହାବିଦ୍ୟାଳୟ ପରିସରରେ ଦୁଇଦିନିଆ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ପିଏମ୍-ଉଷା ସେମିନାର ଅଧ୍ୟକ୍ଷ ସଦାଶିବ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୨୪ଟି ମହାବିଦ୍ୟାଳୟର ପ୍ରତିନିଧି ଏଥିରେ ଅଂଶଗ୍ରହଣ କରିଛନ୍ତି। ସେମିନାର କାର୍ଯ୍ୟକ୍ରମକୁ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଉକ୍ତ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରିତ ବିଦ୍ୟାର୍ଥୀଙ୍କ ସମ୍ପୂର୍ଣ୍ଣ ପାଠ୍ୟକ୍ରମରେ ବୌଦ୍ଧିକ ଓ ସାମଗ୍ରୀକ ବିକାଶ ଭିତ୍ତିଭୂମି ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସହ ମୁଖ୍ୟବକ୍ତା ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ଓଡ଼ିଶା ସରକାରଙ୍କ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ଓ ସମ୍ମାନିତ ଅତିଥି ଭାବେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାସଙ୍କ ସହ ସମ୍ମାନିତ ଅତିଥି ଭାବେ ମନୋବ୍ୟାଧି ବିଶେଷଜ୍ଞ ଡାକ୍ତର ଉମା ପ୍ରସାଦ ବିଶ୍ୱାଳ, ସୁଲେଖକ ଇଂରାଜୀ ପ୍ରାଧ୍ୟାପକ ଡ. ଦୁର୍ଗାପ୍ରସାଦ ଆଚାର୍ଯ୍ୟ ଯୋଗ ଦେଇଥିଲେ। ସମ୍ପୂର୍ଣ୍ଣ ଶିକ୍ଷା ମାଧ୍ୟମରେ ଏକ ବିକଶିତ ନାଗରିକ ନିର୍ମାଣ ସହିତ ଆଭ୍ୟନ୍ତରୀଣ ବିକାଶ ସମ୍ଭବ। ଜିଲାରେ ପ୍ରଥମ କରି ପିପିଲି ମହାବିଦ୍ୟାଳୟକୁ ରାଜ୍ୟ ସରକାର ପିଏମ୍-ଉଷା ଯୋଜନା ମାଧ୍ୟମରେ ୫ କୋଟି ଟଙ୍କା ମଞ୍ଜୁର କରିଥିବାରୁ ଅଧ୍ୟକ୍ଷ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। କାର୍ଯ୍ୟକ୍ରମକୁ ପିଏମ୍-ଉଷାର ପିପିଲି ମହାବିଦ୍ୟାଳୟ ନୋଡାଲ୍ ଅଫିସର କ୍ୟାପ୍‌ଟେନ ଆଦିତ୍ୟ ପ୍ରସାଦ ରଥ, ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଭବେଶ ତ୍ରିପାଠୀ ଓ ଡ. ସଚ୍ଚିକାନ୍ତ ନାୟକ, ଶିକ୍ଷା ଅଧ୍ୟାପିକା ମିନାକ୍ଷୀ ମିଶ୍ର ଆଲୋଚନାକୁ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଏକ ସ୍ମାରକୀ ପୁସ୍ତିକା ମଧ୍ୟ ଉନ୍ମୋଚନ କରାଯାଇଛି। ଉପସ୍ଥାପକ ଭାବେ ଅଧ୍ୟାପକ ଲୋକନାଥ ସେଠୀ ଓ ଡ. ପ୍ରଣିତା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

## ପୁରୀ କୋର୍ଟ ସ୍ଥାନାନ୍ତର ପ୍ରତିବାଦରେ ଆଜି ଓକିଲ ସଂଘ ପକ୍ଷରୁ କୋର୍ଟ ବର୍ଜନ

**ପୁରୀ,୧୭।୧୨(ଅଜିତ୍ କୁମାର ମହାନ୍ତି)**

ପୁରୀ କୋର୍ଟ ବାଲୁଖଣ୍ଡ ଅଭୟାରଣ୍ୟକୁ ନେଇଯିବା ପାଇଁ ମସୁଧା ଚାଲିଛି। ଏହାକୁ ବିରୋଧ କରି ଓକିଲ ସଂଘ ସତ୍ୟାଗ୍ରହ ଆନ୍ଦୋଳନ ୨୯୩ ଦିନରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ଏନେଇ କୌଣସି ସୁଫଳ ମିଳିନାହିଁ। ହାଇକୋର୍ଟଙ୍କ ପାଖରେ ଓକିଲ ସଂଘ ବର୍ତ୍ତମାନ ସ୍ଥାନରେ କୋର୍ଟ କମ୍ପ୍ଲେକ୍ସ କରିବା ପାଇଁ ପ୍ରସ୍ତାବ ରଖିଛି। ଐତିହ୍ୟ ସମ୍ପନ୍ନ, ଲୋକଙ୍କ ସୁବିଧା ପାଇଁ ଗଢ଼ି ଉଠିଥିବା କୋର୍ଟ ଆଉ କଚେରି ଗୋଟିଏ ସ୍ଥାନରେ ରହିଲେ ଲୋକଙ୍କୁ ସୁବିଧା ହେବ ବୋଲି କହିଛନ୍ତି। ଏହି ସ୍ଥାନରୁ କୋର୍ଟ ଉଠିଗଲେ ଉକ୍ତ ସ୍ଥାନରେ କ'ଣ କରାଯିବ ବୋଲି ଓକିଲ ସଂଘ ପ୍ରଶ୍ନ କରିଛି। ଯେଉଁ ସ୍ଥାନକୁ ନେବେ ସେଠାରେ ସାଧାରଣ ଲୋକଙ୍କ ପାଇଁ ଘର କରିବା ମନା। କୋର୍ଟ କିପରି ହେବ, ତେବେ ସଂଘର ସଭପତି ପ୍ରେମାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଓକିଲ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ବରିଷ୍ଠ ଓକିଲ ଜୟଦେବ ମିଶ୍ର, ଜ୍ୟୋତି ପ୍ରକାଶ ମିଶ୍ର, କୃଷ୍ଣ ତ୍ରିପାଠୀ, ଗିରିଜା ମହାପାତ୍ର, ବିଜୟ ମିଶ୍ର, ପୁଷ୍କର ମହାପାତ୍ର, ପ୍ରଶାନ୍ତ ମିଶ୍ର, ସୋମନାଥ, ଦାସ, ରମେଶ ପ୍ରସାଦ ସିଂହ, ବିଶ୍ୱକେଶନ ମହାପାତ୍ର, ବିଭୁଦତ୍ତ ପଟ୍ଟନାୟକ, ସମୀର ଘୋଷ, ଅନିଲ ସାହୁ, ଭାଗବତ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଆନ୍ଦୋଳନକୁ ଆଉ ପାଦେ ଆଗେଇ ନେବା ପାଇଁ ଗୁରୁବାର ଓକିଲ ସମୂହ କାର୍ଯ୍ୟରେ ଯୋଗଦେବେ ନାହିଁ। ଏହି ଆନ୍ଦୋଳନ ମହକିଲଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରତିବାଦକୁ ଶାଣିତ କରିବାକୁ ଓକିଲ ସଂଘ ନିଷ୍ପତ୍ତି ନେଇଛି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।


**Department of Mines & Geology**
**Directorate of Geology, Government of Jharkhand**
**Notice Inviting Quotations (NIQ)**

**Reference No. 08/2025-26** **Date: 17.12.2025**

| S. No. | Particulars | Information |
|---|---|---|
| 1. | Name of work | Supply of Press Palette Machine. |
| 2. | Contact Person and Address for Communication | Director, Geology; Directorate of Geology, Department of Mines & Geology, Government of Jharkhand; Engineers' Hostel No -2, 2 nd Floor, Dhurwa, Ranchi -834004; E -mail ID: dir-geology@jharkhandmail.gov.in |
| 3. | Cost of NIQ | NIL |
| 4. | Validity of the Rate/P rice Offered by the Bidders | 90 days |
| 5. | Tender publication date | 17.12.2025 |
| 6. | Last date of submission of Bids/NIQ | 31.12.2025 till 01:00 PM |
| 7. | Bid/NIQ opening date | 31.12.2025 up to 03:30 PM. |
| 8. | Period of issue of NIQ | 17.12.2025 to 31.12.2025 |
| 9. | Mode of Bid submission | The bid must be submitted through the Speed post/Registered post in a sealed envelope clearly mentioning the NIQ reference number and the subject matter on the sealed envelope. |
| 10. | Address of Bid submission | Directorate of Geology, Engineers' Hostel No -2, 2 nd Floor, Dhurwa, Ranchi, Jharkhand, PIN-834004 |
| 11. | Helpline No. | 8987424878 |

Sd/-
Director, Geology Directorate of Geology,
Department of Mines & Geology,
Government of Jharkhand

PR 368771 Mines and Geology(25-26)D



**PUBLIC NOTICE**

**CAUTION AGAINST FRAUDULENT LETTER ISSUED IN THE NAME OF BISLD**

It has come to our notice that a fake letter is being circulated fraudulently, offering selection for the post of "Panchayat Maitri Sathi" bearing reference No. 9682/BISLD/ 25-26/6351 dated 01.12.2025.

All concerned and the general public are hereby informed that BAIF Institute for Sustainable Livelihoods and Development (BISLD) – Odisha has not issued any such order, and BISLD is not implementing any programme titled "Panchayat Maitri Sathi."

The public is therefore cautioned against such fraudulent communications issued by unauthorized persons or entities. Any individual dealing with such unscrupulous elements shall do so entirely at his or her own risk and cost. BAIF / BISLD shall not be responsible for any consequences arising from such dealings.

Sd/-
State Head
BAIF Institute for Sustainable Livelihoods and Development – Odisha



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/SBP/Stores/Tender Publication/2025-26/408, ତା.12.12.2025

ଟେଣ୍ଡର ସଂ. 40256500

ସାମଗ୍ରୀଗୁଡ଼ିକର ବିବରଣୀ : ଡେଲିଭରୀ ତାରିଖ ଠାରୁ 12 ମାସର ୱାରେଣ୍ଟି ଅବଧି ଇତ୍ୟାଦି ସହିତ ସମ୍ବଲପୁର ମଣ୍ଡଳର ବାଣିଜ୍ୟ ବିଭାଗ ନିମନ୍ତେ ସର୍ବନିମ୍ନ ଟନେଲ୍ ସାଇଜ 1500 MM (ଚଉଡ଼ା) X 1800 MM (ଉଚ୍ଚତା)ର କାର୍ଗୋ ଏକ୍ସ-ରେ ବ୍ୟାଗେଜ୍ ସ୍କାନର ମେସିନ୍‌ର ଯୋଗାଣ ଏବଂ ସଂସ୍ଥାପନ।

ଟେଣ୍ଡର ମୂଲ୍ୟ : ₹ 4,68,34,206/-, EMD @ 2% : ₹ 9,36,680/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.07.01.2026ରିଖ 1500 ଘଟିକାରେ।

ଇ-ଟେଣ୍ଡର ହସ୍ତାନ୍ତରଯୋଗ୍ୟ ନୁହେଁ ଏବଂ ଏହାକୁ ପୂର୍ବରୁ ୱେବ୍‌ସାଇଟରେ ପଞ୍ଜୀକୃତ ହୋଇଥିବା ଟେଣ୍ଡରଦାତାଙ୍କ ପ୍ରାଧିକୃତ କର୍ମଚାରୀଙ୍କ ଦ୍ୱାରା DSC ପାଖରେ ଦାଖଲ କରାଯିବା ଆବଶ୍ୟକ।

କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ବାତିଲ କରିବାର ଅଧିକାର ରେଳବାଇ ପାଖରେ ସଂରକ୍ଷିତ ଅଟେ।

ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ : www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ସମ୍ବଲପୁର

PR-911/Q/25-26



**JAMSHEDPUR NOTIFIED AREA COMMITTEE**
New Kalimati Road, Sakchi-831001
E- mail ID-jnacjsr@gmail.com

**E- Procurement Notice, Tender Notice**

NIT No- JNAC/28/2025-26 Date-17.12.2025

| | | |
|---|---|---|
| 1. | Name of the work | Waste Water Management System Drains- Nimbhatta, Baridih Basti and Bihari Basti Under Jamshedpur Notified Area Committee Jamshedpur. (4th Call) |
| 2. | Estimated Cost (rs.) | Construction cost :- **₹ 6,81,74,316.00** Operation & Maintenance cost :- **₹ 50,35,648.00** Total cost :- **₹ 7,32,09,964.00** |
| 3. | Cost of Bid Document (INR) | INR 25,000/- (Twenty thousand Only) Non-Refundable. |
| 4. | Bid Security (INR) | Bid Security: Rs 7,32,100.00 |
| 5 (a). | Time of Completion | 1 year including one month of trial run. |
| (b) | Defect Liability Period | Defect liability period 1 years after satisfactory completion of project. |
| (c) | O&M Period | 1 year after satisfactory completion of project. |
| 6. | Date/Time of publication of tender on website | 22.12.2025 at 05:00 PM |
| 7. | Document downloading Start date | 22.12.2025 at 05:00 PM |
| 8. | Pre bid meeting date, Time & venue | 26.12.2025 at 03:00 PM, JNAC Conference Hall |
| 9. | Bid Submission Start date | 27.12.2025 at 05:00 PM |
| 10. | Bid Submission end date | 19.01.2026 at 05:00 PM |
| 11. | Bid Opening date | 20.01.2026 (Online) 03:00PM |
| 12. | Mode of Submission of bids | E-tendering (http://jharkhandtenders.gov.in) |
| 13. | Name and address of office inviting tender | Deputy Municipal Commissioner, Jamshedpur Notified area Committee, Jamshedpur. |
| 14. | Contact No. of procurement officer | Mr. Ajay Kumar Yadav, A.E, J.N.A.C |
| 15. | Helpline No. of E-procurement cell | 9572649415 |

Note- 1. Only E-tender will be accepted, further details can be seen on website (http://jharkhandtenders.gov.in)

**Deputy Municipal Commissioner, Jamshedpur Notified Area Committee, Jamshedpur.**

**PR 368817 Urban Development(25-26)#D**


See Career Appointment on every Wednesday & Saturday


**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ** (ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED** (A Government of Odisha Undertaking)
OPTCL Lifeline of Odisha
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**TENDER ALERT**

**1)Tender Call Notice No. GM-EHT(P)CIRCLE-BBSR-05/2025-26:** Loading, Unloading and transportation of surplus materials received from M/s. Gupta Power Store, Jagatpur, Cuttack to EHT (Store) S/D, Choudwar and 132/33kV Grid S/S,Chandikhole for construction of balance portion work for power supply connectivity from 132/33kV Grid S/S, Chandikhole to RTSS, Dhanmandal under EHT (Projects) Division, Cuttack under EHT (Projects) Circle, Bhubaneswar.

**2)E-Tender Call Notice No. 11 of 25-26:** Bids are invited from eligible bidders for sl no"01 to 03" under Civil Works Circle, Bhubaneswar.

**3)E-Tender Call Notice No. SGM-SZ-BAM-16/2025-26:** Construction of fencing around the periphery of 220kV, 132kV & 33kV S/Ys at 220/132/33kV grid S/S, Therubali under EHT (O&M) Division, Rayagada under Southern (O&M) Zone, Berhampur.

**4)Tender Call Notice No. 11/BBSR-DIV/2025-26:** Extension of concrete for protection of tower legs at different locations of 132kV Chandaka- Rnasinghpur-Nimapara DC line (Upto Loc. No. 114) under EHT (O&M) Division, Bhubaneswar.

**5)Tender Call Notice No. 06/2025-26:** Construction of slabs for replacement of damaged slabs inside S/Y at GSS, Bhograi under EHT (O&M) Division, Balasore.

**6)Tender Call Notice No. 06/2025-26:** Construction of brick masonary retaining wall for left over area of 132kV & 33kV S/Y of GSS, Ganjam under EHT (O&M) Division, Chatrapur.

**7)Tender Call Notice No. 18/2025-26:** Concrete grading of office building and construction of rest shed in front of office building at EHT (O&M) Circle, Jajpur Road under EHT (O&M) Circle, Jajpur Road.

**8)Tender Call Notice No. 19/2025-26:** Repairing of damaged couping at different locations of 132kV Rairangpur- Polasponga SC line (from loc. no. 336 to 111) under EHT (O&M) Division, Baripada Under EHT (O&M) Circle, Jajpur Road.

**9)Tender Call Notice No. OTCN-19/BAM/2025-26:** Supply of 150Watt LED based flood light (Make-Philips/Crompton/ Havells) with complete fittings for different Grid S/Ss under EHT (O&M) Circle, Berhampur.

**10)Tender Call Notice No. BRL-51/2025-26:** Procurement of new 645AH float and float-cum-boost battery charger at 400/220/132/33kV Grid S/S, Lapanga under EHT (O&M) Division, Lapanga under EHT (O&M) Circle, Burla.

**11)Tender Call Notice No. OT-08/2025-26/RGD:** Casting of RCC slabs for cable trenches for replacement against damaged slabs at 220/33kV Grid S/S, Kasipur under EHT (O&M) Division, Rayagada.

**12)Tender Call Notice No. OT-09/2025-26/RGD:** Switchyard hydrant system for water treatment to earth pits at 220/33kV Grid S/S, Laxmipur under EHT (O&M) Division, Rayagada.

For more details please visit OPTCL's website: **www.optcl.co.in.** FIPR-68/2025-26

/optcl.odisha /optcl_odisha



**कार्यपालक अभियन्ता का कार्यालय लघु सिंचाई प्रमंडल, राँची**
कमरा नं० 302, तृतीय तल्ला, अभियंत्रण भवन, कचहरी चौक, राँची– 834001
ई–मेल – eemidran-cemr-jhr@nic.in, midranchi2018@gmail.com
फोन नं० – 0651–3512781

पत्रांक................../ राँची, दिनांक ........./........./2025

**शुद्धि–पत्र**

कार्यपालक अभियंता, लघु सिंचाई प्रमण्डल, राँची का पत्रांक– 838 दिनांक–01.12.2025 द्वारा e-Tender Reference No. WRD/MID/04/BD/(SLI) 2025-26, PR No.367551 Minor Irrigation (25-26)#D दिनांक 03.12.2025 को प्रकाशित निविदा में निम्न प्रकार संशोधन किया जाता है:–

| क्रमांक | विवरण | पूर्व में अंकित निविदा का तिथि एवं समय | संशोधित निविदा का तिथि एवं समय |
|---|---|---|---|
| 1 | Date of Publication of Tender on website | Date: 17.12.2025 Time: 2:00 PM | 24.12.2025 up to 2.00 pm |
| 2 | Last Date/Time for downloading of bidding documents and Submission of Tender on Website | Date: 23.12.2025 Time: 2:00PM | 30.12.2025 up to 2:00 pm |
| 3 | Submission of Tender Fee and EMD | Start Date:-17.12.2025 Time:- 2:00 PM Last Date:- 23.12.2025 Time:- 2:00 PM | Start Date:- 24.12.2025 up to 2:00 pm Last Date:- 30.12.2025 Time:- 2:00 PM |
| 4 | Technical Bid Opening Date | Date: 24.12.2025 Time: 5:00 PM | 31.12.2025 at 5:00 pm |

निविदा की शेष सभी शर्तें पूर्वतः बनी रहेगी।

विश्वासभाजन
कार्यपालक अभियन्ता, लघु सिंचाई प्रमंडल, राँची

PR 368836 (Minor Irrigation)25-26*D

# ଡ୍ରେନ୍ ପୋତି ଆପାର୍ଟମେଣ୍ଟ ନିର୍ମାଣକୁ ବିରୋଧ

## ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ବିଏମ୍‌ସିକୁ ଦାବିପତ୍ର ପ୍ରଦାନ

ପୁରୁଣା ଭୁବନେଶ୍ୱର,୧୭।୧୨
(ସୁବାସ ଚନ୍ଦ୍ର ପ୍ରଧାନ)



ଆପାର୍ଟମେଣ୍ଟ ପାଇଁ ଡ୍ରେନ ପୋତା ଯାଇଛି।

ଗ୍ୟାରେଜ୍ ଛକ ଟଙ୍କପାଣି ରୋଡ୍ ଦୟା ୱେଷ୍ଟ-କେନାଲ ବନ୍ଧ କର୍ଲଭର୍ଟ ଦେଇ ଯାଉଥିବା ପ୍ରାକୃତିକ ନାଳକୁ ପୋତାଯାଇ ବେଆଇନ ଭାବେ ଆପାର୍ଟମେଣ୍ଟ ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରି ଏକାମ୍ର ଜନଜାଗରଣ ମଞ୍ଚ ବିଏମ୍‌ସିର ମଣ୍ଡଳ ଉପଆୟୁକ୍ତଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି। ତୁରନ୍ତ ଉକ୍ତ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହ ନିର୍ମିତ ଆପାର୍ଟମେଣ୍ଟ ଭାଙ୍ଗି ଡ୍ରେନ୍‌କୁ ସୁରକ୍ଷିତ କରିବା ପାଇଁ ଦାବି କରାଯାଇଛି।

ସୂଚନାଯୋଗ୍ୟ, ବିଭିନ୍ନ କଲୋନୀ, ସାହି ଏବଂ ବସ୍ତିଗୁଡ଼ିକର ବର୍ଯ୍ୟଜଳ ଏହି ଡ୍ରେନ୍ ଜରିଆରେ ନିଷ୍କାସିତ ହୋଇଥାଏ। ଏଥିସହିତ ବର୍ଷାଦିନେ ଏ ଅଞ୍ଚଳର ଏକମାତ୍ର ଜଳ ନିଷ୍କାସନର ବଡ଼ ମାଧ୍ୟମ ପାଲଟିଥିବା ଏହି ଡ୍ରେନ୍‌ଟି ପୋତି ହୋଇଯିବା ଫଳରେ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ମଞ୍ଚ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଘଟଣାକୁ ତଦନ୍ତ ପରିସରଭୁକ୍ତ କରି ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଞ୍ଚ ଦାବି କରିଛି। ନଚେତ୍ ଆଗାମୀ ଦିନରେ ଏହାର ପ୍ରତିବାଦରେ ମଞ୍ଚ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ମଞ୍ଚ ସଭାପତି ଭୀଷ୍ମ ନାରାୟଣ ନାୟକ ସୂଚନା ଦେଇଛନ୍ତି। ସେହିଭଳି ଐତିହ୍ୟ ଗଙ୍ଗା ଯମୁନା ମନ୍ଦିର କାନ୍ଥକୁ ଲାଗି ଏକ ବହୁତଳ କୋଠା ନିର୍ମାଣ ଚାଲୁଥିବା ନେଇ ଜାଣିବା ପରେ ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହାର ନିର୍ମାଣରେ ସେଠାରେ ଥିବା ପ୍ରାକୃତିକ ଝରଣା ଜଳଉସ୍ଟି ପ୍ରାୟ ବନ୍ଦ ହେବା ଆଶଙ୍କା କରାଯାଉଛି। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷ ଓଡ଼ିଏ କୋର୍ଟରେ ମାମଲା ଜାରି କରିବାର ୩ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅନ୍ୟପକ୍ଷରେ ଡ୍ରେନ୍ ଉପରେ ଜବରଦଖଲକାରୀଙ୍କ ନିର୍ମାଣ କାର୍ଯ୍ୟ ଆଗେଇଚାଲିଛି। ତେଣୁ ଏହାର ତୁରନ୍ତ ସମାଧାନ ନ ହେଲେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ଉତ୍କଳ ସମ୍ମିଳନୀ ମାର୍ଗରେ ନାମଫଳକ ଲାଗୁ

ଭୁବନେଶ୍ୱର,୧୭।୧୨
(ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୫ତମ ଜୟନ୍ତୀ ବୁଧବାର ସମ୍ମିଳନୀ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ପାୱାରହାଉସ୍ ଛକସ୍ଥିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ସଭାପତିତ୍ୱ କରି କହିଲେ, ଗତ ୧୯ ବର୍ଷ ହେବ ପାୱାରହାଉସ୍ ଛକଠାରୁ ସିଆର୍‌ପି ଛକ ପର୍ଯ୍ୟନ୍ତ ଯାଇଥିବା




ରାସ୍ତାକୁ ଉତ୍କଳ ସମ୍ମିଳନୀ ମାର୍ଗ ନାମରେ ନାମିତ କରାଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ନାମ ଫଳକଟିଏ ଲାଗିନାହିଁ। ବରପୁତ୍ରଙ୍କ ଜୟନ୍ତୀ ଅବସରରେ ରାସ୍ତାର ନାମଫଳକ ଲଗାଇବା ପାଇଁ ସରକାରଙ୍କୁ ଅନୁରୋଧ କରୁଛୁ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ପ୍ରବୀର ମହାନ୍ତି, ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ ଓ ମଞ୍ଚେଶ୍ୱର ଶାଖା ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବାମଦେବ ମହାପାତ୍ର କବିତା ପାଠ ଓ ମୟୂରଭଞ୍ଜ ଉଦଳାର ସୁନାରାମ ସିଂହ ବରପୁତ୍ରଙ୍କ ଚିତ୍ର ଆଙ୍କିଥିଲେ। ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ଯୁଗ୍ମ-ସମ୍ପାଦକ ଶିଦ୍ଧାର୍ଥ ଶଙ୍କର ଗଡ଼ନାୟକ ପ୍ରମୁଖ ଯୋଗଦେଇଥିଲେ।


**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି।

ସଂ. MCS/Stores/E-Procure/Tender Notice/ BUFFER COUPLER/416, ତା.12.12.2025

ଟେଣ୍ଡର ସଂ. 92256017

ବିବରଣୀ : ଇମ୍ପ୍ରୁଭଡ୍ (Improved) ହାଇ ଟେନ୍‌ସାଇଲ୍ (Tensile) ଟାଇଟ୍ ଲକ୍ (Lock) ସେଣ୍ଟର ବଫର (Buffer) କପଲର ଇତ୍ୟାଦି, ପରିମାଣ : 37 ସଂଖ୍ୟକ, ୱାରେଣ୍ଟି ଅବଧି : ଡେଲିଭରୀ ତାରିଖର ପର ଠାରୁ 84 ମାସ, ଯାଞ୍ଚ ଏଜେନ୍ସି : TPI।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.12.01.2026ରିଖ, 1500 ଘଟିକାରେ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/CRW/ ମଞ୍ଚେଶ୍ୱର

PR-910/Q/25-26



**ଭାରତୀୟ ରିଜର୍ଭ ବ୍ୟାଙ୍କ**

ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹40,87,367/- ଟଙ୍କା ଆନୁମାନିକ ମୂଲ୍ୟ ରେ ଏହାର **''ବିଦ୍ୟୁତ୍ ମାର୍ଗ, ଭୁବନେଶ୍ୱର ସ୍ଥିତ ଷ୍ଟାଫ୍ କ୍ୱାର୍ଟର୍ସରେ ପାଇପଲାଇନ ବଦଳାଇବା ସହିତ ଫ୍ଲାଟକୁ ସଂଯୋଗ କରୁଥିବା ପାଣି ଲାଇନ ବଦଳାଇବା ପାଇଁ ସିଭିଲ କାର୍ଯ୍ୟ''** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 60 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଡ଼ିସେମ୍ବର 31, 2025 ଅପରାହ୍ନ 02:00 ଟା** ଅଟେ ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର


# ଆଗ୍ରୋ କ୍ଲାଇମେଟିକ୍ ଜୋନ୍ ଚିହ୍ନଟ ପାଇଁ ଗଠନହେବ କମିଟି

## 'ଏକ୍ ପେଡ୍ ମା' କେ ନାମ ୨.୦'ର ରାଜ୍ୟସ୍ତରୀୟ ତଦାରଖ କମିଟି ବୈଠକ

ଭୁବନେଶ୍ୱର, ୧୭।୧୨(ବନ୍ଦନା ସେଠୀ)



ବୈଠକରେ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସହ ଅନ୍ୟ ଅଧିକାରୀ।

'ଏକ ପେଡ୍ ମା'କେ ନାମ୍ ୨.୦' କାର୍ଯ୍ୟକ୍ରମ ଅଭିଯାନ ଅଧୀନ ରାଜ୍ୟସ୍ତରୀୟ ତଦାରଖ କମିଟି ବୈଠକ ବୁଧବାର ଗୃହ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସେ କହିଲେ, ବୈଜ୍ଞାନିକ ପଦ୍ଧତିରେ ଆଗ୍ରୋ କ୍ଲାଇମେଟିକ୍ ଜୋନ୍ ଚିହ୍ନଟ ପାଇଁ ଜଙ୍ଗଲ ବିଭାଗ (ସିଏଫ୍, ନିରୀକ୍ଷଣ, ମୂଲ୍ୟାଙ୍କନ ଏବଂ ଆଇଟି), ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଏବଂ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶାଳୟର ପ୍ରତିନିଧିମାନଙ୍କୁ ନେଇ ଏକ ବହୁମୁଖୀ କମିଟି ଗଠନ କରାଯିବ। ଚାରା ରୋପଣ ସହିତ ଏହାର ସୁରକ୍ଷା, ବଞ୍ଚିବା ଓ ସୁସ୍ଥ ଅଭିବୃଦ୍ଧି ପାଇଁ ସରକାରୀ ଭାବେ ସମସ୍ତେ ଯତ୍ନବାନ୍ ହେବା ଦରକାର। ମନିଟରିଂ ପୋର୍ଟାଲରେ ବାକିଥିବା ସମସ୍ତ ତଥ୍ୟ ଚଳିତ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ଅପ୍‌ଲୋଡ୍ କରାଯିବ। ଅନ୍ୟାନ୍ୟ ଲାଇନ ଡିପାର୍ଟମେଣ୍ଟ ଦ୍ୱାରା ଅପ୍‌ଲୋଡ୍ କାର୍ଯ୍ୟରେ ସମନ୍ୱୟ ରକ୍ଷା କରିବାକୁ ସମସ୍ତ ଜିଲାର ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସୁନ୍ଦରଗଡ଼, ମାଲକାନଗିରି, ନୂଆପଡ଼ା, ମୟୂରଭଞ୍ଜ ଓ ଖୋର୍ଦ୍ଧା ଜିଲାରେ ସ୍ଥଗିତ ଥିବା ଡାଟା ଅପ୍‌ଲୋଡ୍ ଦେଇଥିଲେ। ଏହା ସହ ଜିଲାସ୍ତରରେ ମାସିକ ସମୀକ୍ଷା ବୈଠକ ଆୟୋଜନକରି ଅପ୍‌ଲୋଡ୍ ପ୍ରଗତିକୁ ନିରୀକ୍ଷଣ କରିବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ବନବାହିନୀ ମୁଖ୍ୟ ସୁରେଶ ପନ୍ତ ଯୋଗଦେଇ ଆଗାମୀ ଦିନରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜଙ୍ଗଲ ଫଳ ପ୍ରଜାତି, ନନ୍ ଟିମ୍ବର ଜଙ୍ଗଲ ଉତ୍ପାଦ (ଏନ୍‌ଟିଏଫ୍‌ପି) ପ୍ରଜାତି ଓ ବହୁ-ଆର୍ଥିକ ପଶୁ ଆହାର ଆବଶ୍ୟକତା ଓ ପରିବେଶୀୟ ସୁଧାରକୁ ସହଯୋଗ କରିବ ବୋଲି ସେ କହିଥିଲେ। ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ, କୃଷି, ପଞ୍ଚାୟତିରାଜ, ଉଦ୍ୟାନ ଏବଂ ଓଡ଼ିଶା ରିମୋଟ ସେନ୍ସିଂ ଆପ୍ଲିକେଶନ ସେଣ୍ଟର (ଓଆର୍‌ଏସ୍‌ଏସି)ର ବରିଷ୍ଠ ଅଧିକାରୀ, ସମସ୍ତ ଜିଲାପାଳ, ବିଭାଗୀୟ ବନ ଅଧିକାରୀ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ଯୋଗଦେଇଥିଲେ।


**Department of Mines & Geology**
**Directorate of Geology, Government of Jharkhand**
**Notice Inviting Quotations (NIQ)**

**Reference No. 08/2025-26** **Date: 17.12.2025**

| S. No. | Particulars | Information |
|---|---|---|
| 1. | Name of work | Supply of Press Palette Machine. |
| 2. | Contact Person and Address for Communication | Director, Geology; Directorate of Geology, Department of Mines & Geology, Government of Jharkhand; Engineers' Hostel No -2, 2 nd Floor, Dhurwa, Ranchi -834004; E -mail ID: dir-geology@jharkhandmail.gov.in |
| 3. | Cost of NIQ | NIL |
| 4. | Validity of the Rate/P rice Offered by the Bidders | 90 days |
| 5. | Tender publication date | 17.12.2025 |
| 6. | Last date of submission of Bids/NIQ | 31.12.2025 till 01:00 PM |
| 7. | Bid/NIQ opening date | 31.12.2025 up to 03:30 PM. |
| 8. | Period of issue of NIQ | 17.12.2025 to 31.12.2025 |
| 9. | Mode of Bid submission | The bid must be submitted through the Speed post/Registered post in a sealed envelope clearly mentioning the NIQ reference number and the subject matter on the sealed envelope. |
| 10. | Address of Bid submission | Directorate of Geology, Engineers' Hostel No -2, 2 nd Floor, Dhurwa, Ranchi, Jharkhand, PIN-834004 |
| 11. | Helpline No. | 8987424878 |

Sd/-
Director, Geology Directorate of Geology,
Department of Mines & Geology,
Government of Jharkhand

PR 368771 Mines and Geology(25-26)D



**PUBLIC NOTICE**

**CAUTION AGAINST FRAUDULENT LETTER ISSUED IN THE NAME OF BISLD**

It has come to our notice that a fake letter is being circulated fraudulently, offering selection for the post of "Panchayat Maitri Sathi" bearing reference No. 9682/BISLD/ 25-26/6351 dated 01.12.2025.

All concerned and the general public are hereby informed that BAIF Institute for Sustainable Livelihoods and Development (BISLD) – Odisha has not issued any such order, and BISLD is not implementing any programme titled "Panchayat Maitri Sathi."

The public is therefore cautioned against such fraudulent communications issued by unauthorized persons or entities. Any individual dealing with such unscrupulous elements shall do so entirely at his or her own risk and cost. BAIF / BISLD shall not be responsible for any consequences arising from such dealings.

Sd/-
State Head
BAIF Institute for Sustainable Livelihoods and Development – Odisha



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/SBP/Stores/Tender Publication/2025-26/408, ତା.12.12.2025

ଟେଣ୍ଡର ସଂ. 40256500

ସାମଗ୍ରୀଗୁଡ଼ିକର ବିବରଣୀ : ଡେଲିଭରୀ ତାରିଖ ଠାରୁ 12 ମାସର ୱାରେଣ୍ଟି ଅବଧି ଇତ୍ୟାଦି ସହିତ ସମ୍ବଲପୁର ମଣ୍ଡଳର ବାଣିଜ୍ୟ ବିଭାଗ ନିମନ୍ତେ ସର୍ବନିମ୍ନ ଟନେଲ୍ ସାଇଜ 1500 MM (ଚଉଡ଼ା) X 1800 MM (ଉଚ୍ଚତା)ର କାର୍ଗୋ ଏକ୍ସ-ରେ ବ୍ୟାଗେଜ୍ ସ୍କାନର ମେସିନ୍‌ର ଯୋଗାଣ ଏବଂ ସଂସ୍ଥାପନ।

ଟେଣ୍ଡର ମୂଲ୍ୟ : ₹4,68,34,206/-, EMD @ 2% : ₹9,36,680/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.07.01.2026ରିଖ 1500 ଘଟିକାରେ।

ଇ-ଟେଣ୍ଡର ହସ୍ତାନ୍ତରଯୋଗ୍ୟ ନୁହେଁ ଏବଂ ଏହାକୁ ପୂର୍ବରୁ ୱେବ୍‌ସାଇଟ୍‌ରେ ପଞ୍ଜୀକୃତ ହୋଇଥିବା ଟେଣ୍ଡରଦାତାଙ୍କ ପ୍ରାକ୍ ଅଧିକୃତ କର୍ମଚାରୀଙ୍କ ଦ୍ୱାରା DSC ପାଖରେ ଦାଖଲ କରାଯିବା ଆବଶ୍ୟକ।

କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ବାତିଲ କରିବାର ଅଧିକାର ରେଳବାଇ ପାଖରେ ସଂରକ୍ଷିତ ଅଟେ।

ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ସମ୍ବଲପୁର

PR-911/Q/25-26


# ମୁଖ୍ୟ ଶାସନ ସଚିବଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

## ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସମାନ ଦରମା ପ୍ରସଙ୍ଗ

ଭୁବନେଶ୍ୱର,୧୭।୧୨(ସତ୍ୟଜିତ ରାଉତ)

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଘରୋଇ ଏଜେନ୍ସିଗୁଡ଼ିକ ମାଧ୍ୟମରେ କର୍ମଚାରୀଙ୍କୁ ଠିକାରେ ନିୟୋଜନ କରାଯାଇଛି। ନିୟମିତ କର୍ମଚାରୀଙ୍କ ଭଳି ଏହି ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସମାନ କାମକୁ ସମାନ ଦରମା ପାଇଁ ସୁପ୍ରିମକୋର୍ଟ ଦେଇଥିବା ରାୟର କାର୍ଯ୍ୟକାରିତା ନେଇ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ରେ ଏକ ପିଟିଶନ ହୋଇଛି। କମିଶନ ଏହାକୁ ଗୁରୁତ୍ୱର ସହ ନେଇ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ କରିଛନ୍ତି। ଜାନୁଆରୀ ୧୯ ସୁଦ୍ଧା ଏନେଇ ରିପୋର୍ଟ ଦେବାକୁ ଓଏଚ୍‌ଆର୍‌ସି ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୨ ମସିହାରୁ ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ଆଉଟ୍‌ସୋର୍ସିଂ ବ୍ୟବସ୍ଥାରେ ୨ ଲକ୍ଷରୁ ଅଧିକ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଉକ୍ତ କର୍ମଚାରୀମାନେ ଆଇନଗତ ଓ ସାମାଜିକ ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି ବୋଲି ମାନବାଧିକାର କର୍ମୀ ଆଇନଜୀବୀ ବିଶ୍ୱପ୍ରିୟ କାନୁନ୍‌ଗୋ, ସୁବାଶିଷ ପଣ୍ଡା ଓ ବିଜୟ କୁମାର ପଣ୍ଡା ଓଏଚ୍‌ଆର୍‌ସିରେ ଅଭିଯୋଗ କରିଥିଲେ। ଆଇନ ଆଗରେ ସମସ୍ତେ ସମାନ। ସମ୍ବିଧାନରେ ସମାନ କାମକୁ ସମାନ ଦରମା ପ୍ରଦାନ ପାଇଁ ବ୍ୟବସ୍ଥା ଥିବା ସତ୍ତ୍ୱେ ରାଜ୍ୟରେ ବ୍ୟତିକ୍ରମ ଦେଖାଯାଇଛି। ନିୟମିତ କର୍ମଚାରୀଙ୍କ ଭଳି ସମାନ କାମ କରିବା ସତ୍ତ୍ୱେ ସମାନ ଦରମା ଦିଆଯାଉ ନାହିଁ। ଏପରିକି ସେମାନଙ୍କୁ ଛୁଟି ଓ ସର୍ବନିମ୍ନ ମଜୁରି ମଧ୍ୟ ଦିଆଯାଉ ନାହିଁ ବୋଲି ଅଭିଯୋଗ ହୋଇଛି। ଆଉଟ୍‌ସୋର୍ସିଂ ଏଜେନ୍ସିଗୁଡ଼ିକ ଦ୍ୱାରା ଉକ୍ତ କର୍ମଚାରୀଙ୍କୁ ବିଭିନ୍ନ ଉପାୟରେ ଶୋଷଣ କରାଯାଉଛି ଓ ଦରମା ଦିଆଯାଉ ନାହିଁ। ଅନେକ ସମୟରେ ସଂସ୍ଥାଗୁଡ଼ିକ ଇପିଏଫ୍ ଏବଂ ଇଏସ୍‌ଆଇ ପାଇଁ ସେମାନଙ୍କର ଅଂଶ ଜମା କରୁନାହାନ୍ତି। ଏପରିକି କାର୍ଯ୍ୟରତ ସମୟରେ କର୍ମଚାରୀଙ୍କ ମୃତ୍ୟୁ ଏବଂ ଅକ୍ଷମତା ପାଇଁ କୌଣସି ସହାୟତା ଯୋଜନା ମଧ୍ୟ ନାହିଁ। ଘରୋଇ ଏଜେନ୍ସିଗୁଡ଼ିକ ଶୋଷଣ କରୁଥିବାରୁ ଏହି ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ନିୟମାବଳୀ ଲାଗୁ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀମାନେ କମିଶନଙ୍କୁ ନିବେଦନ କରିଥିଲେ।


**JAMSHEDPUR NOTIFIED AREA COMMITTEE**
**New Kalimati Road, Sakchi-831001**
**E- mail ID-jnacjsr@gmail.com**

**E- Procurement Notice, Tender Notice**

NIT No- JNAC/28/2025-26 Date-17.12.2025

| | | |
|---|---|---|
| 1. | Name of the work | Waste Water Management System Drains- Nimbhatta, Baridih Basti and Bihari Basti Under Jamshedpur Notified Area Committee Jamshedpur. (4th Call) |
| 2. | Estimated Cost (rs.) | Construction cost :- **₹ 6,81,74,316.00** Operation & Maintenance cost :- **₹ 50,35,648.00** Total cost :- **₹ 7,32,09,964.00** |
| 3. | Cost of Bid Document (INR) | INR 25,000/- (Twenty thousand Only) Non-Refundable. |
| 4. | Bid Security (INR) | Bid Security: Rs 7,32,100.00 |
| 5 (a). | Time of Completion | 1 year including one month of trial run. |
| (b) | Defect Liability Period | Defect liability period 1 years after satisfactory completion of project. |
| (c) | O&M Period | 1 year after satisfactory completion of project. |
| 6. | Date/Time of publication of tender on website | 22.12.2025 at 05:00 PM |
| 7. | Document downloading Start date | 22.12.2025 at 05:00 PM |
| 8. | Pre bid meeting date, Time & venue | 26.12.2025 at 03:00 PM, JNAC Conference Hall |
| 9. | Bid Submission Start date | 27.12.2025 at 05:00 PM |
| 10. | Bid Submission end date | 19.01.2026 at 05:00 PM |
| 11. | Bid Opening date | 20.01.2026 (Online) 03:00PM |
| 12. | Mode of Submission of bids | E-tendering (http://jharkhandtenders.gov.in) |
| 13. | Name and address of office inviting tender | Deputy Municipal Commissioner, Jamshedpur Notified area Committee, Jamshedpur. |
| 14. | Contact No. of procurement officer | Mr. Ajay Kumar Yadav, A.E, J.N.A.C |
| 15. | Helpline No. of E-procurement cell | 9572649415 |

Note- 1. Only E-tender will be accepted, further details can be seen on website (http://jharkhandtenders.gov.in)

**Deputy Municipal Commissioner, Jamshedpur Notified Area Committee, Jamshedpur.**

**PR 368817 Urban Development(25-26)#D**


See Career Appointment on every Wednesday & Saturday


**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)

Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**TENDER ALERT**

**1)Tender Call Notice No. GM-EHT(P)CIRCLE-BBSR-05/2025-26:** Loading, Unloading and transportation of surplus materials received from M/s. Gupta Power Store, Jagatpur, Cuttack to EHT (Store) S/D, Choudwar and 132/33kV Grid S/S,Chandikhole for construction of balance portion work for power supply connectivity from 132/33kV Grid S/S, Chandikhole to RTSS, Dhanmandal under EHT (Projects) Division, Cuttack under EHT (Projects) Circle, Bhubaneswar.

**2)E-Tender Call Notice No. 11 of 25-26:** Bids are invited from eligible bidders for sl no"01 to 03" under Civil Works Circle, Bhubaneswar.

**3)E-Tender Call Notice No. SGM-SZ-BAM-16/2025-26:** Construction of fencing around the periphery of 220kV, 132kV & 33kV S/Ys at 220/132/33kV grid S/S, Therubali under EHT (O&M) Division, Rayagada under Southern (O&M) Zone, Berhampur.

**4)Tender Call Notice No. 11/BBSR-DIV/2025-26:** Extension of concrete for protection of tower legs at different locations of 132kV Chandaka- Rnasinghpur-Nimapara DC line (Upto Loc. No. 114) under EHT (O&M) Division, Bhubaneswar.

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁସ୍ତକ ମହୋତ୍ସବ ବୁଲି ଦେଖିଥିଲେ। ପୁସ୍ତକ ମହୋତ୍ସବକୁ ଲେଖକ, ପାଠକ ଓ ପ୍ରକାଶକଙ୍କ ତ୍ରିବେଣୀ ସଙ୍ଗମ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ବାଚସ୍ପତି ପାଢ଼ୀ କହିଥିଲେ। ପୁସ୍ତକ ଅଜୟ ଓ ଅମର। ଆମ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବାର ଏହି ଅଭିନବ ପ୍ରୟାସ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ସାଧୁବାଦ ଜଣାଉଥିବା ବାଚସ୍ପତି ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ଯଶୋଧରା ମିଶ୍ର କହିଥିଲେ, ପୁସ୍ତକ ହେଉଛି ମାନବ ସଭ୍ୟତାର ଅମୂଲ୍ୟ ସମ୍ପଦ। ପୁସ୍ତକ ବିନା ବିକଶିତ ସମାଜର କଳ୍ପନା ମଧ୍ୟ କରିହେବ ନାହିଁ। ଆଜିର ଜଗତୀକରଣ ଓ ଇଣ୍ଟରନେଟ୍ ଯୁଗରେ ପୁସ୍ତକ ନିଜ ପାଇଁ ଏକ ଅନନ୍ୟ ସ୍ଥାନ ସୃଷ୍ଟି କରିପାରିଛି ଏବଂ ଯୁବପିଢ଼ି ମଧ୍ୟ ପୁସ୍ତକ କିଣିବା ଓ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ସମାରୋହରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସାମନ୍ତ ଚନ୍ଦ୍ର ଶେଖର ପତ୍ରାବଳୀ, ବଳରାମ ଦାସ, ଶିଶୁ ଅନନ୍ତ ଦାସ, ଯଶୋବନ୍ତ ଦାସ, ଅନୁବାଦ ସାହିତ୍ୟ ପରିଷଦ ପକ୍ଷରୁ ସାନ୍ତାଳୀ ଭାଷାରେ ଅନୁଦିତ ପୁସ୍ତକ ପିଲାଙ୍କ ଚିଠି ଓ ଆଇନ୍‌ଷ୍ଟାଇନ୍‌ଙ୍କ ଉତ୍ତର, ଲେ ଟ୍ରାଇଭର, ଶ୍ରୀ ଗୋବିନ୍ଦଙ୍କ ଦ୍ୱାରା ଲିଖିତ ପୁସ୍ତକ ସ୍ୱାସ୍ଥ୍ୟ ମନ୍ତ୍ର, ବିଜୟ କୁମାର ଛାଟୋଇଙ୍କ ଲିଖିତ କବିତାମାଳା, ପ୍ରଭାତୀ ମିଶ୍ରଙ୍କ ରଚିତ ଦ' ଡାଇମଣ୍ଡ ଟ୍ରାଇଆଙ୍ଗଲ, କନକ ବାଳା ଦାସଙ୍କ ଲିଖିତ ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ନାରୀ ଚରିତ୍ର ଆଦି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହ ସମାରୋହରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରକାଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ରଶାସନସଚିବଦେବପ୍ରସାଦଦାଶଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ର୨ଶେଖର ହୋତା ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚଳିତବର୍ଷ ପୁସ୍ତକ ମହୋତ୍ସବରେ ୬.୫ କୋଟି ଟଙ୍କାର ବ୍ୟବସାୟ ହୋଇଛି। ଏଥିସହ ୧୨ଦିନ ମଧ୍ୟରେ ବିଭିନ୍ନ ପ୍ରକାଶନ ସଂସ୍ଥା ପକ୍ଷରୁ ୧୦୦ରୁ ଊର୍ଦ୍ଧ୍ୱ ପୁସ୍ତକ ଉନ୍ମୋଚିତ ହୋଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।


**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No. 8678 / PSC., Dt. 17.12.2025**
**(DR-IV)(2PA-01-2025-26)**
**Recruitment to the post of Assistant Section Officer in the Office of Advocate General, Odisha**
**(Advt. No. 02 of 2025-26)**

**No.D-281** : In continuation to this office Notice No. 8539/PSC, dtd. 10.12.2025, it is for information of all provisionally qualified candidates that the **Document Verification and Skill Test in Computer (Practical)** for recruitment to the post of **Assistant Section Officer in the Office of Advocate General, Odisha,** pursuant to Advertisement No. 02 of 2025-26 will be held on **24.12.2025 (Wednesday)** at two Technical Institutions of Cuttack Zone as per the programme detailed below.

**PROGRAMME OF DOCUMENT VERIFICATION**

| Date and time | Venue | Roll No of candidates to be verified |
|---|---|---|
| 24.12.2025 (Wednesday) 11.30 A.M. to 02.30 P.M. | KMBB Science Higher Secondary School Campus-II, Naranpur, Belagachia, Trisulia, Cuttack-754005 | 200309, 200866, 201301, 201897, 202375, 202671, 202902, 203588, 206381, 206646, 303011, 304523, 305729, 305968, 308411, 308871, 308925, 308930, 309088, 309095, 310597, 400099, 400128, 400151, 400424, 400425, 400470, 405432, 405917, 406264 = 30 Candidates |
| | Bhubanananda Orissa School of Engineering (BOSE), Near SCB Medical College Hospital, Po-Mangalabag, Jobra, Cuttack, 753007 | 407849, 408903, 409168, 409487, 409551, 410436, 412654, 412756, 413471, 413583, 413639, 413695, 415335, 416205, 416410, 416525, 417758, 418189, 418231, 419057, 419615, 419893, 420131, 420359, 420791, 421111, 422480, 422809, 423825, 425248, 500959, 502215, 504052, 601129, 601141, 601309, 601832, 604135 = 38 Candidates |

**N.B.** - The candidates are required to report **30 minutes before** the commencement of Document Verification.

**PROGRAMME OF SKILL TEST IN COMPUTER (PRACTICAL)**

| Date | Venue | Time of Skill test | Generation of printout of Answer sheets |
|---|---|---|---|
| 24.12.2025 (Wednesday) | KMBB Science Higher Secondary School Campus-II, Naranpur, Belagachia, Trisulia, Cuttack-754005 | 03.00 P.M. to 04.00 P.M. (03.00 P.M. to 04.20 P.M. for PwD Candidates) | 04.00 P.M. to 05.00 P.M. (04.20 P.M. Onwards for PwD Candidates) |
| | Bhubanananda Orissa School of Engineering (BOSE), Near SCB Medical College Hospital, Po-Mangalabag, Jobra, Cuttack, 753007 | | |

The candidates are required to download the **"Admission Certificate" & "Instruction to Candidates"** from website of the Commission **www.opsc.gov.in** from 20.12.2025 onwards.

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/documents and is subject to fulfilment of terms & conditions laid down in the Advertisement.

**THE CANDIDATES ARE REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH A SET OF SELF ATTESTED PHOTOCOPY OF THE FOLLOWING DOCUMENTS AT THE TIME OF VERIFICATION:-**

1. Hard copy of online Application form mentioning Roll No. at the Top Right-Hand Corner. Application Forms are available in the website of the Commission.
   The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via **www.opscechayan.in**.
2. **Four (04) passport size photographs tagged** with the Application Form.
3. **H.S.C. or Equivalent Certificate** in support of declaration of age.
4. **Bachelor's Degree Certificate** issued by the recognized University;
5. Mark-lists in support of all the aforesaid examinations (H.S.C. to Bachelor's Degree) passed including fail marks, if any, issued by the concerned Board/Council/University.
6. **Conversion Certificate/ Conversion Formula** in case of award of "grade marks" in from the concerned University indicating the actual equivalent percentage of marks and the conversion formula of Bachelor's Degree wherever applicable.
7. **Caste Certificate by birth** in support of claim as S.C./ S.T., wherever applicable **(Please see Note-1)** issued (within the last date of submission of Online Application Form).
8. Required **Odia Test Pass Certificate** issued (within the last date of submission of Online Application Form).
9. **Permanent Disability Certificate** (indicating percentage of permanent disability i.e., 40% or more) issued by the concerned Medical Board wherever applicable.
10. **Discharge** Certificates in case of Ex-Servicemen **issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Department notification No.22586-Gen., dt.16.10.1985**.
    Further, Ex-Servicemen candidates must submit that he/she has not been appointed against a civil post after retirement from military service.
11. **No Objection Certificate** issued by the Competent Authority in case of Government servants.
12. **Any proof of photo Identity**.
13. **Attestation Form** duly filled-in by the candidate and signed by a Gazetted Officer (to be downloaded from the website of the Commission).
14. Any other documents as per Para-11 of the Advertisement.

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date on the same**.

**OIPR-12002/11/0344/2526** **Sd./- Secretary**


# କେନ୍ଦ୍ରୀୟ ବିଦ୍ୟାଳୟ-୩ର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୭।୧୨(ସୁଚିସ୍ମିତା ସାହୁ): କେନ୍ଦ୍ରୀୟ ବିଦ୍ୟାଳୟ-୩ ଭୁବନେଶ୍ୱରର ବାର୍ଷିକ ଉତ୍ସବ ମଙ୍ଗଳବାର ପୂର୍ବତଟ ରେଳ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଇଣ୍ଡିଆନ ରେଲୱେ ଇଞ୍ଜିନିୟର ସର୍ଭିସ୍‌ର ଉପମହାପ୍ରବନ୍ଧକ ଅରୁଣ କୁମାର ଚତୁର୍ବେଦୀ ଏବଂ ତାଙ୍କ ସ୍ତ୍ରୀ ନିବେଦିତା ଚତୁର୍ବେଦୀ ଯୋଗଦେଇଥିଲେ।

ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଡ. ଅଶୁତୋଷ କରଶର୍ମା ମିଶ୍ର ସ୍ୱାଗତ ଭାଷଣ ଦେଇ ବିଦ୍ୟାଳୟର ଶିକ୍ଷା, ସହପାଠ୍ୟ ଓ ସାଂସ୍କୃତିକ ସଫଳତା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ, ନାଟକ ସହ ବିଭିନ୍ନ ପ୍ରକାର ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରଣତୀ ନନ୍ଦ ସଞ୍ଚାଳନ ଓ ଶିକ୍ଷକ ସୁବ୍ରତ କୁମାର ବଳିଆରସିଂହ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଡିଏଭି କଳିଙ୍ଗନଗରର ବାର୍ଷିକ ଉତ୍ସବ 'ୟୁଡେମୋନିଆ'

ଭୁବନେଶ୍ୱର,୧୭।୧୨
(ଅନୁରାଧା ମହାରଣା)



ଉତ୍ସବକୁ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସହ ଅନ୍ୟ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଡିଏଭି କଳିଙ୍ଗ ନଗରର ବାର୍ଷିକ ଉତ୍ସବ 'ୟୁଡ଼େମୋନିଆ' ପାଳନ ଅବସରରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣରେ ଡିଏଭି ବିଦ୍ୟାଳୟସମୂହର ଅବଦାନ ଉଲ୍ଲେଖନୀୟ ବୋଲି କହିଥିଲେ। ଛାତ୍ରୀଛାତ୍ରମାନେ ପାଠ୍ୟକ୍ରମ ସହ ପ୍ରଯୁକ୍ତିବିଦ୍ୟାର ସଦୁପଯୋଗ ତଥା ପରିବେଶ ସୁରକ୍ଷା ଉପରେ ଧ୍ୟାନ ଦେବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ଓଡ଼ିଶା ଡିଏଭି ବିଦ୍ୟାଳୟ ସମୂହର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେ.ସି. ଶତପଥୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନମନସ୍କ ହେବା ପାଇଁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ମଦନ ମୋହନ ପଣ୍ଡା ସ୍ୱାଗତ ଭାଷଣ ଓ ଅଧ୍ୟକ୍ଷ ବଳରାମ ମହାପାତ୍ର ବିଦ୍ୟାଳୟର ସଫଳତା ସହ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଏହି ଅବସରରେ ବିଗତ ଶିକ୍ଷାବର୍ଷର ଦ୍ୱାଦଶ ଶ୍ରେଣୀ ନିମନ୍ତେ ଆୟୁଷ୍ମାନ ସାହୁ, ଦଶମ ଶ୍ରେଣୀ ପାଇଁ ଅମ୍ରିତା ସାହାଣୀଙ୍କୁ ବିଦ୍ୟାଳୟର ବେଷ୍ଟ ଅଲରାଉଣ୍ଡର, ଶ୍ରେଷ୍ଠ ଚିତ୍ରକାର ଭାବେ ହିମ୍ନିଶ ଭରଦ୍ୱାଜ, ଶ୍ରେଷ୍ଠ ବାଳିକା ଭାବେ ଛାତ୍ରୀ ପ୍ରୀତିଝଙ୍କାର ଏବଂ ମେଧାବୀ ଛାତ୍ର ଭାବେ ସୁତଭ୍ୟ କର୍ମାକର୍ ଓ ମେଧୀର ଷଡଙ୍ଗୀଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଛାତ୍ରୀ ତିତିକ୍ଷା ଦତ୍ତଙ୍କ ପିତାମାତାଙ୍କୁ 'ପ୍ୟାରେଣ୍ଟସ୍ ଅଫ୍ ଦ ଇୟର' ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଅନୁଷ୍ଠିତ କ୍ରିକେଟ୍ ପ୍ରତିଯୋଗିତାରେ ବିଜୟୀ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡିଏଭି ଆଞ୍ଚଳିକ ନିର୍ଦ୍ଦେଶିକା ଡ. ସୁଜାତା ସାହୁ, ସହ ଆଞ୍ଚଳିକ ନିର୍ଦ୍ଦେଶିକା ତଥା ବିଦ୍ୟାଳୟର ମ୍ୟାନେଜର ଈପସିତା ଦାସ, ସହ ଆଞ୍ଚଳିକ ନିର୍ଦ୍ଦେଶକ ବିପିନ କୁମାର ସାହୁ, ଶିକ୍ଷାବିତ୍ ଡ. ଭାଗ୍ୟବତୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ୭୫୦ରୁ ଅଧିକ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# 'ସମୟର ସଦୁପଯୋଗ ସହ ପୁସ୍ତକକୁ ସାଥୀ କର'

## ଭାରତ ସ୍କାଉଟ ଓ ଗାଇଡ୍ସର ଜିଲାସ୍ତରୀୟ କ୍ୟାମ୍ବୋରୀ ଉଦ୍‌ଯାପିତ



ଜିଲାସ୍ତରୀୟ କ୍ୟାମ୍ବୋରୀ ଉଦ୍‌ଯାପନ ଉତ୍ସବରେ ମଞ୍ଚାସୀନ ଅତିଥି।

ଖୋର୍ଦ୍ଧା,୧୭।୧୨ (ପ୍ରଭାତ ପାଣିଗ୍ରାହୀ)

ସମୟ ବଡ଼ ମୂଲ୍ୟବାନ୍। ସମୟର ସଦୁପଯୋଗ କର। ଅନ୍ୟ ପ୍ରତି ସ୍ନେହ, ସମ୍ମାନଭାବ ରଖ। ଜୀବନରେ ମାତାପିତା, ଶିକ୍ଷକଙ୍କ ସ୍ଥାନ ଉର୍ଦ୍ଧ୍ୱରେ। ମାଆଙ୍କ ଭଲପାଇବା, ପରିବାରର ସଂସ୍କାର, ପିତାଙ୍କ ସଂଘର୍ଷର କାହାଣୀ ଏବଂ ଶିକ୍ଷକଙ୍କ ମାର୍ଗଦର୍ଶନ ହିଁ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାଏ। ଜୀବନରେ ସଫଳତା ପାଇଁ ଶୃଙ୍ଖଳାଜ୍ଞାନ ଜରୁରୀ। ମୋବାଇଲ ନୁହେଁ, ପୁସ୍ତକକୁ ନିଜର ସାଥୀ ଭାବେ ଗ୍ରହଣ କଲେ ଶୀର୍ଷ ସ୍ଥାନରେ ପହଞ୍ଚିପାରିବ ବୋଲି ଓଡ଼ିଶା ସ୍କାଉଟ ଓ ଗାଇଡ୍ସର ସହସମ୍ପାଦିକା ଅନାମିକା ଦାସ କହିଛନ୍ତି।

ଭାରତ ସ୍କାଉଟ ଓ ଗାଇଡ୍ସ ଖୋର୍ଦ୍ଧା ଜିଲା ଆନୁକୂଲ୍ୟରେ ଚାଲିଥିବା ୨୭ତମ ଜିଲାସ୍ତରୀୟ କ୍ୟାମ୍ପୋରୀର ଉଦ୍‌ଯାପନୀ ଦିବସରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଜ୍ୟ ସହସମ୍ପାଦିକା ଦାସ ଆହୁରି କହିଲେ ଯେ, ଅନ୍ୟର ଦୋଷ ଦୁର୍ବଳତା ବାଛିବା ଅପେକ୍ଷା ନିଜକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କର। ରାତିରେ ଶୋଇବା ବେଳେ ୫ରୁ ୧୦ ମିନିଟ ଦିନସାରା କରିଥିବା ଭଲ ଓ ମନ୍ଦ କାମର ତର୍ଜମା କର। ତା' ପରଦିନ ତଦନୁସାରେ ନିଜର ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁସେ ପରାମର୍ଶଦେଇଥିଲେ।

ଜିଲା ଶିକ୍ଷାଧିକାରୀ ତଥା ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜିଲା ମୁଖ୍ୟ କମିଶନର ସୋନାମିକା ରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା କହିଲେ, ନିଜକୁ ଦୁର୍ବଳ ଭାବ ନାହିଁ। କୌଣସି କାମରେ ବିଫଳ ହେଲେ ଭାଙ୍ଗି ନ ପଡ଼ି ପୁଣି ନିଜକୁ ପ୍ରସ୍ତୁତ କର। ଶୃଙ୍ଖଳା ହିଁ ସଫଳତା ମାର୍ଗପ୍ରଶସ୍ତ କରିଥାଏ। ସକ୍ରେଟିସ୍‌ଙ୍କ ଠାରୁ ମହାତ୍ମା ଗାନ୍ଧୀ, ସ୍ୱାମୀ ବିବେକାନନ୍ଦ, ଶ୍ରୀରାମକୃଷ୍ଣ ପରମହଂସଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଗୋଟିଏ ଚିନ୍ତନ ହେଉଛି ଅନ୍ୟ ପାଇଁ ବଞ୍ଚିବା ଶିଖିଲେ ଆନନ୍ଦ ଅନୁଭବ କରିବ। ପରୀକ୍ଷାର ମାର୍କ ଜୀବନର ଭବିଷ୍ୟତ ଲେଖେ ନାହିଁ, ବରଂ ଜ୍ଞାନ ଓ ଶୃଙ୍ଖଳା ହିଁ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିଥାଏ। ଜିଲା ପରିଷଦ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ କହିଲେ, ଉତ୍ତମ ଚରିତ୍ର, ବ୍ୟକ୍ତିତ୍ୱ, ନେତୃତ୍ୱ, ଶୃଙ୍ଖଳା ଓ ସାମୁହିକତା ଆଦି ସ୍କାଉଟ୍ସ ଓ ଗାଇଡ୍ସରୁ ଶିକ୍ଷା ମିଳେ। ଖୋର୍ଦ୍ଧା ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି କହିଲେ ଭଲ ମଣିଷ ହୁଅ, ସମାଜସେବାରେ ବ୍ରତୀ ହୁଅ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ସମ୍ପାଦକ ଶରତ କୁମାର ପାଇକରାୟ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରଜ୍ଞାପାରମିତା ଜେନା, ରଶ୍ମିବାଳା ପରିଡ଼ା, ବିଜୟ ବେହେରା, ଖୋର୍ଦ୍ଧା ବିଇଓ ଯାଜ୍ଞସେନୀ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜିଲା ସମ୍ପାଦକ ସୁଧାକର ମହାପାତ୍ର ଅତିଥି ପରିଚୟ ଓ ବିବରଣୀ ପାଠ କରିଥିବାବେଳେ ବିଜେବି ହାଇସ୍କୁଲ ପ୍ରଧାନଶିକ୍ଷକ ତଥା ଜିଲା କମିଶନର ବିଭୁପ୍ରସାଦ ସେନାପତି ଧନ୍ୟବାଦ ଦେଇଥିଲେ। ସିଆର୍‌ସିସି ରେବତୀ ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଗୁରୁଜଙ୍ଗ ହାଇସ୍କୁଲ ଛାତ୍ରୀଛାତ୍ର ପାରମ୍ପରିକ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ଅଗାଧୁ ସେଠୀ, ସୁରେଶ ବିଶ୍ୱାଳ, ମାନସ ରଞ୍ଜନ ପଣ୍ଡା, ଚିନ୍ମୟ ମାର୍ଥା, ପୂର୍ବତନ ଜିଲା କମିଶନର ପୀତାବାସ ପଟ୍ଟନାୟକ, ଦିବାକର ପଟ୍ଟନାୟକ, ରମେଶ ଚନ୍ଦ୍ର ବଳବନ୍ତରାୟଙ୍କ ସମେତ ସ୍କାଉଟ୍ସ ଓ ଗାଇଡ୍ସ ମାଷ୍ଟର, କ୍ୟାପଟେନ, ରୋଭର ରେଞ୍ଜର ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସକାଳେ ସର୍ବଧର୍ମ ସଭା ଅନୁଷ୍ଠିତ ହୋଇଥିଲା। ପରେ ଶିବିରାର୍ଥୀମାନେ ବିଜେବି ହାଇସ୍କୁଲ ପଡ଼ିଆରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ବାହାରି ଶାନ୍ତିର ବାର୍ତ୍ତା ପ୍ରଚାର କରିଥିଲେ।

### ଆକର୍ଷଣ ସାଜିଲା ପିଲାଙ୍କ ଲୋକନୃତ୍ୟ

ଉଦ୍‌ଯାପନୀ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ଶିବିରାର୍ଥୀଙ୍କ ପାରମ୍ପରିକ ଲୋକନୃତ୍ୟ। ମାର୍ଚ୍ଚପାଷ୍ଟରେ ପିଲାଙ୍କ ଦ୍ୱାରା ପ୍ରସ୍ତୁତ ନୃତ୍ୟରେ ଗ୍ରାମୀଣ ସଂସ୍କୃତି, ପରମ୍ପରାର ଝଲକ ଦେଖିବାକୁ ମିଳିଥିଲା। ବାଣପୁର ବ୍ଲକର ମା' ଭଗବତୀଙ୍କ କାଳିନୃତ୍ୟ, ବେଗୁନିଆ ବ୍ଲକର ଘୋଡ଼ାନାଚ, ଅଷ୍ଟପ୍ରହର, ଚିଲିକା ବ୍ଲକର ଦଣ୍ଡନାଚ, ଚଡେୟା ଚଡେୟାଣୀ, ବୀଣାକାର, ଟାଙ୍ଗୀ ବ୍ଲକର ସାପୁଆକେଳା, ଜଟଣୀ ବ୍ଲକର ଦୋଳ ମେଳଣ ଯାତ୍ରା, ଖୋର୍ଦ୍ଧା ବ୍ଲକ ପକ୍ଷରୁ ପଶୁମୁଖା, ବନ୍ୟଜନ୍ତୁଙ୍କ ନୃତ୍ୟ ପରିବେଷଣ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିଲା।

## ଗୋଦାବରୀଶ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ବାଣପୁର,୧୭।୧୨(ଦିଲ୍ଲୀପ କୁମାର ସ୍ୱାଇଁ)

ବାଣପୁରସ୍ଥିତ ଗୋଦାବରୀଶ ମହାବିଦ୍ୟାଳୟର ୬୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ ମଙ୍ଗଳବାର ଛାତ୍ରମାନେ ମା' ଭଗବତୀ ମନ୍ଦିରରୁ ମଶାଲ ପ୍ରଜ୍ଜ୍ୱଳିତକରି ବାଣପୁର ବଜାର ପରିକ୍ରମା ପରେ ମହାବିଦ୍ୟାଳୟ ପରିସରରେ ପହଞ୍ଚିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରପ୍ରତାପ ନରେନ୍ଦ୍ରସିଂ ବର୍ମା କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ମହାବିଦ୍ୟାଳୟ ପଡ଼ିଆରେ ଦୁଇଦିନଧରି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବୁଧବାର ଉଦ୍‌ଯାପନୀ ଉତ୍ସବରେ ବାଣପୁର ଏନ୍‌ଏସି. ଚେୟାରମ୍ୟାନ ମିଟୁ ନାୟକ, ପୂର୍ବତନ ଅଧ୍ୟକ୍ଷ ବିନାୟକ ହୋତା, ଅଧ୍ୟକ୍ଷ ସୁରପ୍ରତାପ ନରେନ୍ଦ୍ରସିଂ ବର୍ମା, ପୂର୍ବତନ କ୍ରୀଡ଼ା ଶିକ୍ଷକ ବୈରାଗୀ ଚରଣ ବଳ ଏବଂ ପ୍ରଶାସନିକ ଅଧିକାରୀ ଆଦିତ୍ୟ ସାରଥୀ ବେଦମଣା କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ପୁଲିନ ଜେନା, ଡ. କ୍ୟାପଟେନ ଗୁରୁକିଶୋର ନାୟକ, ଗୋଲକ କୁମାର ବେହେରା, ଉର୍ବଶୀ ସ୍ୱାଇଁ, ଅନିତା ଗୌଡ଼ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ। ଛାତ୍ର ଓଁ ପ୍ରକାଶ ସ୍ୱାଇଁ, ଛାତ୍ରୀ ଶ୍ରଦ୍ଧାଞ୍ଜଳି ପ୍ରଧାନ ଯୁଗ୍ମ ଚାମ୍ପିୟନ ହୋଇଥିବାବେଳେ ଆକାଶ ନାୟକ ଓ ରାଲି ଜାଲି ଯୁଗ୍ମ ଚାମ୍ପିୟନ ହୋଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ +୨ ଅଧ୍ୟକ୍ଷା ଅର୍ଚ୍ଚନା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ରେଳଲାଇନ ପାର୍ଶ୍ୱରୁ ମହିଳାଙ୍କ ମୃତଦେହ ଜବତ

ବେଗୁନିଆ,୧୭।୧୨ (ସନ୍ଧ୍ୟାରାଣୀ ମିଶ୍ର/ ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ବେଗୁନିଆ ଷ୍ଟେସନ ନିକଟରୁ ବୁଧବାର ଜଣେ ମହିଳାଙ୍କ ମୃତଦେହ ଜବତ କରାଯାଇଛି। ମୃତଦେହକୁ ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମୃତ ମହିଳାଙ୍କ ପରିଚୟ ମିଳିନାହିଁ। ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବୁଧବାର ଅପରାହ୍ନରେ ଦଶପଲ୍ଲା ପଟୁ ଭୁବନେଶ୍ୱର ଅଭିମୁଖେ ଏକ ମେମୁ ଟ୍ରେନ୍ ଯାଉଥିଲା। ଅପରାହ୍ନ ପ୍ରାୟ ୫ଟା ୨୦ରେ ଟ୍ରେନ୍‌ଟି ରାଜସୁନାଖଳା ଓ ବେଗୁନିଆ ଷ୍ଟେସନ ମଧ୍ୟବର୍ତ୍ତୀ ଚକାପଦା ଗ୍ରାମ ପାର ହେଉଥିଲା। ସେହି ସମୟରେ ମହିଳା ଜଣଙ୍କ ରେଳ ଧାରଣା ଉପରକୁ ପଶିଆସିଥିଲେ। ଫଳରେ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା ବୋଲି କୁହାଯାଉଛି। ଖୋର୍ଦ୍ଧାରୋଡ଼ ଜିଆରପି ପୋଲିସ ଅଧିକାରୀ ଆର୍.ଶଙ୍କର ରାଓ କହିଛନ୍ତି, ସେ ଉକ୍ତ ଘଟଣା ସମ୍ପର୍କରେ ଅବଗତ ନାହାନ୍ତି। ଗୁରୁବାର ଏନେଇ ତଦନ୍ତ ଆରମ୍ଭ ହେବ ବୋଲି ସେ ପ୍ରକାଶ କରିଛନ୍ତି।

## ଖଣି ପୋଖରୀରେ ପଡ଼ି ଯୁବକ ନିଖୋଜ

ବେଗୁନିଆ,୧୭।୧୨(ସନ୍ଧ୍ୟାରାଣୀ ମିଶ୍ର)

ବାଘମାରୀ ଅଟ୍ରି ରେଳଲାଇନ ନିକଟସ୍ଥ ଖଣି ପୋଖରୀରେ ବୁଧବାର ଜଣେ ଯୁବକ ଖସିପଡ଼ି ନିଖୋଜ ଅଛନ୍ତି। ସେ ହେଲେ ବାଘମାରୀ ଥାନା ଅନ୍ତର୍ଗତ ଅଟ୍ରି ଗ୍ରାମର ବସନ୍ତ ନାୟକ। ବେଗୁନିଆ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଖବର ପାଇ ସମ୍ପୃକ୍ତ ପୋଖରୀରେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ପାଇ ନ ଥିଲେ। ସୂଚନା ଅନୁଯାୟୀ, ବସନ୍ତ ମଧ୍ୟାହ୍ନ ସମୟରେ ଗାଧୋଇବାକୁ ଯାଇଥିଲେ। ତେବେ ସେ ବହୁ ସମୟ ଧରି ନ ଫେରିବାରୁ ଘରଲୋକେ ସନ୍ଧ୍ୟାରେ ଖୋଜାଖୋଜି କରିଥିଲେ। ଏହି ସମୟରେ ପୋଖରୀ କୂଳରେ ତାଙ୍କ ମୋବାଇଲ ଫୋନ୍, ସେ ପିନ୍ଧିଥିବା ସାର୍ଟ ଓ ଟଙ୍କା ଥୁଆ ହୋଇଥିବା ଦେଖିବାକୁ ମିଳିଥିଲା। ସନ୍ଦେହରେ ବେଗୁନିଆ ଅଗ୍ନିଶମ କାର୍ଯ୍ୟାଳୟକୁ ଫୋନ କରିବାରୁ କର୍ମଚାରୀମାନେ ପହଞ୍ଚି ପୋଖରୀ ଭିତରେ ଖୋଜାଖୋଜି କରିଥିଲେ। ତେବେ ଅତ୍ୟଧିକ ଥଣ୍ଡା ଓ ଲାଇଟ୍ ବ୍ୟବସ୍ଥା ନ ଥିବାରୁ ଅଧିକ ସମୟ ଖୋଜିବା ସମ୍ଭବପର ହୋଇପାରି ନ ଥିଲା। ଗୁରୁବାର ପୂର୍ବାହ୍ନରେ ପୁଣି ଖୋଜାଖୋଜି କରାଯିବ ବୋଲି ଅଗ୍ନିଶମ ବିଭାଗ ଅଧିକାରୀ ରୁଦ୍ରମାଧବ ମଲ୍ଲିକ କହିଛନ୍ତି। ଅନ୍ୟପକ୍ଷରେ ବସନ୍ତଙ୍କ ପରିବାର ପକ୍ଷରୁ ଏ ନେଇ ବାଘମାରୀ ଥାନାରେ ଲିଖିତ ଅଭିଯୋଗ ହୋଇନାହିଁ ବୋଲି ଥାନା ଅଧିକାରିଣୀ ସୁଚିତ୍ରା ଜେନା କହିଛନ୍ତି।

## ସେମିଫାଇନାଲରେ ଜଗା ୟୁନାଇଟେଡ୍ ଟିମ୍



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ଯାଁଲା,୧୭।୧୨(ବୁଲା ବାରିକ)

ଜଟଣୀ ବ୍ଲକ ମଦନପୁର ହାଇସ୍କୁଲ ଖେଳପଡ଼ିଆରେ ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ୧୪ତମ ମଦନପୁର ସର୍ ଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନର ମ୍ୟାଚ ବକ୍ସର ବିହାର ବନାମ ଜଗା ୟୁନାଇଟେଡ୍ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜଗା ୟୁନାଇଟେଡ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଜଗାୟୁନାଇଟେଡ୍‌ର ମୁନା ସିଂ ୨୧ ମିନିଟ୍‌ରେ ପ୍ରଥମ ଗୋଲ ଦେଇଥିଲେ। ସେହିପରି ହାମ୍ବରା ହେମ୍ବ୍ରମ ୩୬ ମିନିଟ୍ ବ୍ୟବଧାନରେ ଆଉ ଗୋଟିଏ ଗୋଲ ଦେଇ ୨-୦ରେ ଦଳକୁ ବିଜୟୀ କରାଇଥିଲେ। ଅତିଥି ଭାବେ ସାମାଜିକ କର୍ମୀ ସୁରଜ ପାଇକରାୟ ଯୋଗଦେଇଥିଲେ। ମ୍ୟାଚ୍‌କୁ ଶିବଶଙ୍କର ପଣ୍ଡା, ଶିବ ସାମନ୍ତରାୟ, ଶିବ ଦେହୁରୀ, ସୁଜିତ ପାତ୍ର ପରିଚାଳନା କରିଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ରାଜଧାନୀ କ୍ଲବ୍ ଜଗତ୍‌ସିଂହପୁର ଓ ଜଗା ୟୁନାଇଟେଡ୍ ଭୁବନେଶ୍ୱର ମଧ୍ୟରେ ଖେଳାଯିବ।

## ବାଣପୁର ଥାନା ଷ୍ଟାଫ କ୍ୱାର୍ଟର୍ସରୁ ଅଜଗର ଉଦ୍ଧାର

ବାଣପୁର, ୧୭।୧୨(ଦିଲ୍ଲୀପ କୁମାର ସ୍ୱାଇଁ)

ବାଣପୁର ଥାନା ପରିସରରୁ ବୁଧବାର ଏକ ଅଜଗର ସାପକୁ ଉଦ୍ଧାର କରାଯାଇଛି। ଥାନା ପଛପଟେ ଥିବା ଷ୍ଟାଫ କ୍ୱାର୍ଟର୍ସରେ ହଠାତ୍ ଅଜଗର ସାପକୁ ଦେଖି କେତେଜଣ କର୍ମଚାରୀ ଭୟଭୀତ ହୋଇପଡ଼ିଥିଲେ। ପରେ ସ୍ଥାନୀୟ ଅଞ୍ଚଳର ସାପ ଧରାଳି କାହ୍ନା ମୁଦୁଲି ପହଞ୍ଚି ସାପଟିକୁ ଧରି ବରବରା ଜଙ୍ଗଲରେ ଛାଡ଼ିଦେଇଥିଲେ। ସାପଟି ପ୍ରାୟ ୭ଫୁଟରୁ ଉର୍ଦ୍ଧ୍ୱ ଲମ୍ବ। କ୍ୱାର୍ଟର୍ସ ପାର୍ଶ୍ୱରେ ଘଞ୍ଚଜଙ୍ଗଲ ରହିଥିବାରୁ ସେଠାରୁ ସାପଟି କ୍ୱାର୍ଟର୍ସମଧ୍ୟକୁ ପଶିଆସିଥିବା ଅନୁମାନ କରାଯାଉଛି।

## ୨ ଲିଗ୍ ମ୍ୟାଚ୍‌ରେ ଭଗବାନପୁର, ସୁଆଙ୍ଗ ବିଜୟୀ

ଯାଁଲା,୧୭।୧୨(ବୁଲା ବାରିକ)

ଭଗବାନପୁର କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସର ତୃତୀୟ ଲିଗ୍ ମ୍ୟାଚ୍ ବୁଧବାର କଲ୍ୟାଣପୁର ଓ ଆୟୋଜକ ଭଗବାନପୁର କ୍ରିକେଟ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଭଗବାନପୁର କ୍ରିକେଟ୍ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ୍ ହରାଇ ୧୬୮ ରନ୍ କରିଥିଲା। ଅମରଜିତ ପାଟଶାଣୀ ୪୦ ରନ୍ କରିଥିବାବେଳେ ପ୍ରତିପକ୍ଷ ଦଳର ମନୋଜ ପଟ୍ଟନାୟକ ୨ ୱିକେଟ୍ ନେଇଥିଲେ। ଜବାବରେ କଲ୍ୟାଣପୁର ୧୪.୨ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୮୬ ରନ୍ କରିଥିଲା। ପ୍ରତିପକ୍ଷ ଦଳର ଶକ୍ତିପ୍ରସାଦ ଭୋଇ ୧୫ ରନ୍‌ବିନିମୟରେ ୩ୱିକେଟ୍‌ନେଇ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବିକ୍ରମ ପାଟଶାଣୀ ଓ ସୁପ୍ରଭାତ ଖୁଣ୍ଟିଆ ଅମ୍ପାୟାରିଂ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ୪ର୍ଥ ଲିଗ୍ ମ୍ୟାଚ୍ ସୁଆଙ୍ଗ ଓ ଭାଲିଆବାଡ଼ି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଭାଲିଆବାଡ଼ି ନିର୍ଦ୍ଧାରିତ ୧୫ ଓଭରରେ ୮ ୱିକେଟ୍ ହରାଇ ୧୪୩ ରନ୍ କରିଥିଲା। ଭବେଶ ସାହାଣୀ ୬୪ ରନ୍ କରିଥିବାବେଳେ ପ୍ରତିପକ୍ଷ ଦଳର ପ୍ରକାଶ କୁମାର ମହାନ୍ତି ୩ ୱିକେଟ୍ ନେଇଥିଲେ। ଜବାବରେ ସୁଆଙ୍ଗ ଦଳ ୧୧.୩ ଓଭରରେ ୩ ୱିକେଟ୍ ହରାଇ ୧୪୯ ରନ୍ କରି ଜିତିଥିଲା। ଦଳ ପକ୍ଷରୁ ସୂର୍ଯ୍ୟକାନ୍ତ ବଡ଼ଜେନା ୨୩ ବଲ୍‌ରେ ୪୭ରନ୍ କରି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆଦିତ୍ୟ ପଟ୍ଟନାୟକ ଓ ଦିବ୍ୟଦର୍ଶୀ ନାୟକ ଅମ୍ପାୟାରିଂ କରିଥିଲେ।

## ଓଡ଼ିଶା କ୍ରୟ ପସନ୍ଦ ନୀତି ସଂକ୍ରାନ୍ତ କର୍ମଶାଳା

ଖୋର୍ଦ୍ଧା,୧୭।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଓଡ଼ିଶା କ୍ରୟ ପସନ୍ଦ ନୀତି (ଓଡ଼ିଶା ପ୍ରକ୍ୟୁରମେଣ୍ଟ ପ୍ରିଫେରେନ୍ସ ପଲିସି-୨୦୨୩) ଉପରେ ଏକ ଜିଲାସ୍ତରୀୟ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ଜିଲା ଶିଳ୍ପକେନ୍ଦ୍ର (ଡିଆଇସି), ଭୁବନେଶ୍ୱର ମହାପ୍ରବନ୍ଧକଙ୍କ ସହ ରପ୍ତାନି ପ୍ରୋତ୍ସାହନ ଏବଂ ମାର୍କେଟିଂ ନିର୍ଦ୍ଦେଶାଳୟ (ଡିଇପିଏମ୍), ଭୁବନେଶ୍ୱରର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ସହକାରୀ ନିର୍ଦ୍ଦେଶକ (ଇପିଏମ୍) ଶିଶିର ରଞ୍ଜନ ମିଶ୍ର, ଓଡ଼ିଶା କ୍ରୟ ପସନ୍ଦ ନୀତି-୨୦୨୩ର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକୁ ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ। ବିଶେଷଭାବେ ଇପିଏମ୍ ହାର ଚୁକ୍ତିନାମା ଏବଂ କ୍ରୟ ପ୍ରକ୍ରିୟା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅଧିବେଶନରେ ଏମ୍‌ଏସ୍‌ଏମ୍‌ଇ, ସ୍ଥାନୀୟ ଯୋଗାଣକାରୀ ଏବଂ ନୀତି ଅନୁପାଳନ ଯନ୍ତ୍ରପାତି କ୍ରୟ ପସନ୍ଦ ସମ୍ପର୍କରେ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଭିନ୍ନ ବିଭାଗର ପ୍ରାୟ ୪୦ଜଣ ବରିଷ୍ଠ ଜିଲାସ୍ତରୀୟ ଅଧିକାରୀ କର୍ମଶାଳାରେ ଯୋଗ ଦେଇଥିଲେ।

## ବେଆଇନ ମୁଗୁନି ପଥର ଖନନକୁ ବିରୋଧ

**ଅଞ୍ଚଳବାସୀଙ୍କ ଆନ୍ଦୋଳନ**



ମୁଗୁନି ପଥର ଖନନକୁ ବିରୋଧ କରି ଗ୍ରାମବାସୀଙ୍କ ଆନ୍ଦୋଳନ।

ଟାଙ୍ଗୀ,୧୭।୧୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଆଞ୍ଚଳିକ ପରିବେଶ ସୁରକ୍ଷା ସଂଗ୍ରାମ ସମିତି ପକ୍ଷରୁ ବୁଧବାର କୁଞ୍ଜୁରୀ ପଞ୍ଚାୟତର ଟାଙ୍ଗରାମୁଣ୍ଡିଆରୁ ବେଆଇନ ଭାବେ କଳା ମୁଗୁନି ପଥରଖଣି ଖନନ ସହ ବ୍ଲାଷ୍ଟିଂ ବନ୍ଦ ଦାବିରେ ଆନ୍ଦୋଳନ କରାଯାଇଛି। ଆଞ୍ଚଳିକ ପରିବେଶ ସୁରକ୍ଷା ସଂଗ୍ରାମ ସମିତି ନେତୃତ୍ୱରେ କୁହୁଡ଼ି, କୁଞ୍ଜୁରୀ, ନାରୁଣୀ ପଞ୍ଚାୟତର ଦୁଇଶହରୁ ଅଧିକ କ୍ଷତିଗ୍ରସ୍ତ ମହିଳା ଓ ପୁରୁଷ ଏକାଠି ହୋଇ ଟାଙ୍ଗୀ ବଳରାମ ଦେବ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ଟାଙ୍ଗୀ ଗ୍ରାମ ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେମାନେ ପ୍ଲାକାର୍ଡ ଧରି ପ୍ରଶାସନ ବିରୋଧରେ ନାରାବାଜି କରିବା ପରେ ଟାଙ୍ଗୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ମାଫିଆମାନେ ପ୍ରତ୍ୟେକ ଦିନ ବେଆଇନ ଭାବେ ଟାଙ୍ଗରାମୁଣ୍ଡିଆରେ ବ୍ଲାଷ୍ଟିଂ କରି ଶହ ଶହ ଟ୍ରିପ୍ ପଥର ଲୁଟି ନେଉଛନ୍ତି। ଏହି ବେଆଇନ ଚାଲାଣରେ ସ୍ଥାନୀୟ ପୋଲିସ ଓ ପ୍ରଶାସନର ପ୍ରଚ୍ଛନ୍ନ ହାତ ଥିବା ଅଭିଯୋଗ ହେଉଛି। କିଛି ଦିନ ତଳେ ଏସ୍‌ଟିଏଫ୍ ଚଢାଉ କରି ୮ଟି ମୁଗୁନି ପଥର ବୋଝେଇ ହାଇୱା ଜବତ କରିଥିଲା। ବ୍ଲାଷ୍ଟିଂ ଫଳରେ ପରିବେଶ ନଷ୍ଟ ହେବା ସହ ସ୍ଥାନୀୟ ଲୋକଙ୍କ ଘରେ ଫାଟ ସୃଷ୍ଟିହେବା, ଗୋରୁ ପ୍ରାଣ ହରାଇବା ସହ ପିଲାମାନେ ସ୍କୁଲ ଯିବାରେ ସମସ୍ୟା ଉପୁଜୁଛି। ଲୋକେ ପ୍ରଶାସନକୁ ବାରମ୍ବାର ଅଭିଯୋଗ ଜଣାଇ ନିରାଶ ହେବା ପରେ ଆନ୍ଦୋଳନକୁ ଓହ୍ଲାଇଥିଲେ। ପ୍ରଶାସନ ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ ନ କଲେ ଆଗକୁ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଲୋକେ ଚେତାଇ ଦେଇଛନ୍ତି। ସାମାଜିକ କର୍ମୀ ରମେଶ ମହାପାତ୍ର, ବାମପନ୍ଥୀ ନେତା ଗିରିଶ ମହାରଣା, ବିପ୍ଳବ ସୁନ୍ଦରାୟ ପ୍ରମୁଖ ଆନ୍ଦୋଳନକୁ ପରିଚାଳନା କରିଥିଲେ।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RWS&S DIVISION, SUNDARGARH**
**"e"- Procurement Notice**
**1st Corrigendum to Identification No.11 of 2025-26**
**Letter No.3089 Dated 16.12.2025**

No.O-1811: 1) Name of Works:- Execution of Solar P.W.S. Scheme in the district of Sundargarh. 2) Total Number of Works: 2 Nos. (Detailed list available in the website). 3) Estimated Cost: From Rs.54.39 Lakhs to 81.58 Lakhs. 4) Class of Contractor: "B". 5) Period of Completion: 6 Months.

| Procurement Officer | Bid Identification No. | Availability of tender online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Water Supply & Sanitation Division, Sundargarh | Online Tender/ 11/ RWSS/SNG/ 2025-26 | 18.12.2025 at 11.00 Hours | 07.01.2026 upto 17.00 Hours |

NB- Further details can be seen from the website **www.tendersodisha.gov.in**
**OIPR-25009/11/0006/2526** **Sd./- Superintending Engineer, RWS&S Division, Sundargarh**

**GOVERNMENT OF ODISHA** Email: eebbsr1@yahoo.co.in
**OFFICE OF THE SUPERINTENDING ENGINEER, BHUBANESWAR (R&B) DIVISION NO.I, BHUBANESWAR**
Mail Id: eebbsr1@yahoo.co.in
**INVITATION FOR BIDS**
**E-Procurement Tender Call Notice No.74 of 2025-26**
**No.12980 (Estg) Bhubaneswar, Dated the 05.12.2025**

No.B-823:The Superintending Engineer, Bhubaneswar (R&B) Division No.I, Bhubaneswar on behalf of the Governor of Odisha invites percentage rate bids in **Double cover** system (**online**) for following works as detailed in the table given below.

| Sl. No. | Name of the Work | Approximate Estimated cost put to Tender (Rs. in Lakh) | EMD/Bid Security | Cost of Bid Document | Class of Contractor | Period of Completion |
|---|---|---|---|---|---|---|
| 1 | Improvement to Lokaseva Bhavan, Bhubaneswar such as construction of Pre-fabricated Annex Office Building for C.M. Block at 3rd Floor roof top of RD Department for the year 2025-26. | Rs.90.50 | Rs.90,500/- | Rs.10,000/- Online | B Class Only | 03 (Three) Calendar Months |

Date & Time of availability of bid document in the portal/online:From 11.00 AM of 12.12.2025 to 5.30 P.M. of 26.12.2025. Last Date of online submission of bid document in the portal/online: 5.30 P.M. of 26.12.2025. Date of Opening: 12.30 P.M. of 27.12.2025. Name and address of officer inviting bid: Superintending Engineer, (R&B) Division No.I, Bhubaneswar. Further details can be seen from the e-procurement portal: https://tendersodisha.gov.in.
**OIPR-34076/11/0040/2526** **Sd./- Superintending Engineer, BBSR (R&B) Division No.I, Bhubaneswar**

**ODISHA PUBLIC SERVICE COMMISSION CUTTACK**
**NOTICE**
**No. 8678 / PSC., Dt. 17.12.2025**
**(DR-IV)(2PA-01-2025-26)**
**Recruitment to the post of Assistant Section Officer in the Office of Advocate General, Odisha (Advt. No. 02 of 2025-26)**

**No.D-281** : In continuation to this office Notice No. 8539/PSC, dtd. 10.12.2025, it is for information of all provisionally qualified candidates that the **Document Verification and Skill Test in Computer (Practical)** for recruitment to the post of **Assistant Section Officer in the Office of Advocate General, Odisha,** pursuant to Advertisement No. 02 of 2025-26 will be held on **24.12.2025 (Wednesday)** at two Technical Institutions of Cuttack Zone as per the programme detailed below.

**PROGRAMME OF DOCUMENT VERIFICATION**

| Date and time | Venue | Roll No of candidates to be verified |
|---|---|---|
| **24.12.2025 (Wednesday)** 11.30 A.M. to 02.30 P.M. | **KMBB Science Higher Secondary School Campus-II, Naranpur, Belagachia, Trisulia, Cuttack-754005** | 200309, 200866, 201301, 201897, 202375, 202671, 202902, 203588, 206381, 206646, 303011, 304523, 305729, 305968, 308411, 308871, 308925, 308930, 309088, 309095, 310597, 400099, 400128, 400151, 400424, 400425, 400470, 405432, 405917, 406264 **= 30 Candidates** |
| | **Bhubanananda Orissa School of Engineering (BOSE), Near SCB Medical College Hospital, Po-Mangalabag, Jobra, Cuttack, 753007** | 407849, 408903, 409168, 409487, 409551, 410436, 412654, 412756, 413471, 413583, 413639, 413695, 415335, 416205, 416410, 416525, 417758, 418189, 418231, 419057, 419615, 419893, 420131, 420359, 420791, 421111, 422480, 422809, 423825, 425248, 500959, 502215, 504052, 601129, 601141, 601309, 601832, 604135 **= 38 Candidates** |

**N.B.** - The candidates are required to report **30 minutes before** the commencement of Document Verification.

**PROGRAMME OF SKILL TEST IN COMPUTER (PRACTICAL)**

| Date | Venue | Time of Skill test | Generation of printout of Answer sheets |
|---|---|---|---|
| **24.12.2025 (Wednesday)** | **KMBB Science Higher Secondary School Campus-II, Naranpur, Belagachia, Trisulia, Cuttack-754005** | 03.00 P.M. to 04.00 P.M. (03.00 P.M. to 04.20 P.M. for PwD Candidates) | 04.00 P.M. to 05.00 P.M. (04.20 P.M. Onwards for PwD Candidates) |
| | **Bhubanananda Orissa School of Engineering (BOSE), Near SCB Medical College Hospital, Po-Mangalabag, Jobra, Cuttack, 753007** | | |

The candidates are required to download the **"Admission Certificate" & "Instruction to Candidates"** from website of the Commission **www.opsc.gov.in** from 20.12.2025 onwards.

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/documents and is subject to fulfilment of terms & conditions laid down in the Advertisement.

**THE CANDIDATES ARE REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH A SET OF SELF ATTESTED PHOTOCOPY OF THE FOLLOWING DOCUMENTS AT THE TIME OF VERIFICATION:-**

1. Hard copy of online Application form mentioning Roll No. at the Top Right-Hand Corner. Application Forms are available in the website of the Commission.
   The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via **www.opscechayan.in**.
2. **Four (04) passport size photographs tagged** with the Application Form.
3. **H.S.C. or Equivalent Certificate** in support of declaration of age.
4. **Bachelor's Degree Certificate** issued by the recognized University;
5. Mark-lists in support of all the aforesaid examinations (H.S.C. to Bachelor's Degree) passed including fail marks, if any, issued by the concerned Board/Council/University.
6. **Conversion Certificate/ Conversion Formula** in case of award of "grade marks" in from the concerned University indicating the actual equivalent percentage of marks and the conversion formula of Bachelor's Degree wherever applicable.
7. **Caste Certificate by birth** in support of claim as S.C./ S.T., wherever applicable **(Please see Note-1)** issued (within the last date of submission of Online Application Form).
8. Required **Odia Test Pass Certificate** issued (within the last date of submission of Online Application Form).
9. **Permanent Disability Certificate** (indicating percentage of permanent disability i.e., 40% or more) issued by the concerned Medical Board wherever applicable.
10. **Discharge** Certificates in case of Ex-Servicemen **issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Department notification No.22586-Gen., dt.16.10.1985**.
    Further, Ex-Servicemen candidates must submit that he/she has not been appointed against a civil post after retirement from military service.
11. **No Objection Certificate** issued by the Competent Authority in case of Government servants.
12. **Any proof of photo Identity**.
13. **Attestation Form** duly filled-in by the candidate and signed by a Gazetted Officer (to be downloaded from the website of the Commission).
14. Any other documents as per Para-11 of the Advertisement.

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date on the same**.

**OIPR-12002/11/0344/2526** **Sd./- Secretary**

# ଖର୍ଚ୍ଚ ହେବ ସ୍ୱତନ୍ତ୍ର ପ୍ୟାକେଜ ୫୦୦ କୋଟି

କଟକ,୧୭।୧୨(କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି)ର ୩୭ତମ କାଉନ୍‌ସିଲ ବୈଠକ ଚୌଧୁରୀ ବଜାରସ୍ଥିତ ବିଜୁ ଭବନ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ସହରୀକରଣ ଯୋଜନାରେ ସ୍ୱତନ୍ତ୍ର ପ୍ୟାକେଜ୍‌ର ୫୦୦ କୋଟି ଟଙ୍କା ଅନୁଦାନ ସିଏମ୍‌ସିର ୫୯ଟି ୱାର୍ଡରେ ଆସନ୍ତା ଏକ ବର୍ଷ ମଧ୍ୟରେ ଖର୍ଚ୍ଚ କରାଯିବା ଉପରେ ପ୍ରସ୍ତାବ ଗୃହୀତ ହୋଇଛି।

ସିଏମ୍‌ସି ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସହରର ବିକାଶମୂଳକ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାର ସ୍ୱତନ୍ତ୍ର ପ୍ୟାକେଜରେ ଦେବାକୁ ଥିବା ୫୦୦ କୋଟି ଅନୁଦାନ ସିଏମ୍‌ସିର ୫୯ଟି ୱାର୍ଡରେ ରହିଥିବା ମୌଳିକ ସମସ୍ୟା, ନବୀକରଣ ସହ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ବିନିଯୋଗ କରାଯିବ। ୨୫୦ କୋଟି ଲେଖାଏ ୨ଟି ପର୍ଯ୍ୟାୟରେ ଅନୁଦାନ ପ୍ରଦାନ କରାଯିବ। ତେବେ ପ୍ରଥମ ପର୍ଯ୍ୟାୟରେ ୨୫୦ କୋଟି ଟଙ୍କାରୁ ୬୬ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଥିରେ ସହରର ବିଭିନ୍ନ ୱାର୍ଡ଼ରେ ୬୬ଟି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଅନୁମୋଦନ ମିଳିଛି। ସମସ୍ତ ପ୍ରକଳ୍ପ ମାର୍ଚ୍ଚ ୫ ତାରିଖ ସୁଦ୍ଧା ଶେଷ କରାଯାଇ କ୍ଲିୟରାନ୍ସ ପ୍ରଦାନ କରାଯିବ। ପରେ ୨୫୦ କୋଟିରୁ ବଳକା ଅର୍ଥ ପ୍ରଦାନ କରାଯିବ।



ସିଏମ୍‌ସିର କାଉନ୍‌ସିଲ ବୈଠକରେ ମେୟର ସୁବାସ ସିଂ, ସିଏମ୍‌ସି କମିଶନର ଓ ଅନ୍ୟମାନେ।

ଏହି ଅର୍ଥ ବିନିଯୋଗ ହେବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ଆହୁରି ୨୫୦ କୋଟି ଟଙ୍କା ମିଳିବ। ଏହାଦ୍ୱାରା ସହରର ଅନେକ ବୃହତ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିବ। ଏବେ ମଞ୍ଜୁର ହୋଇଥିବା ୬୬ କୋଟି ଟଙ୍କାରୁ ୫ ଲକ୍ଷ ଟଙ୍କା ତଳକୁ ଥିବା ପ୍ରକଳ୍ପର କାର୍ଯ୍ୟ ବିନା ଟେଣ୍ଡରରେ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

**ସିଏମ୍‌ସିର ୩୭ତମ କାଉନ୍‌ସିଲ ବୈଠକ**

ସେହିପରି ଅର୍ବାନ ହାଟ ପରିଚାଳନା, ବାରବାଟୀ ଫୁଡ୍‌କୋର୍ଟ ଉପରେ ଆଲୋଚନା ହୋଇଥିଲା। ସେହିପରି ସିଏମ୍‌ସି ଜାଗାରେ ସିଡିଏ ହୋର୍ଡିଂ ଲଗାଇବାକୁ ନେଇ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସିଡିଏ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଡିଜିଟାଲ ଡିସପ୍ଲେ ବୋର୍ଡ ଲଗାଯାଉଛି। ଯେଉଁଠି ବୋର୍ଡ ଲଗାଯାଉଛି ସିଏମ୍‌ସିକୁ ଅବଗତ କରାଯାଉ ନାହିଁ। ଫଳରେ ସିଏମ୍‌ସିର ହୋର୍ଡିଂ ରାଜସ୍ୱ ହ୍ରାସ ପାଉଛି। ଏଥିସହ ସିଡିଏ ପକ୍ଷରୁ ମନଇଚ୍ଛା ସ୍ଥାନ ନିରୂପଣ କରା ନ ଯାଇ ବୋର୍ଡ ଲଗାଯାଉଥିବାରୁ ଟ୍ରାଫିକ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି। ଏହାକୁ ନେଇ ବୈଠକରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ସିଏମ୍‌ସି କମିଶନର କିରଣଦୀପ କୌର ସହୋତା ସ୍ପଷ୍ଟୀକରଣ ଦେଇଥିଲେ ଯେ, ସିଡିଏ ପକ୍ଷରୁ ପୂର୍ବରୁ ୧୫ଟି ଡିଜିଟାଲ ଡିସପ୍ଲେ ବୋର୍ଡ ଲଗାଯାଇଥିଲା। ଏବେ ଆଉ ୮ଟି ଲଗାଯାଉଛି। ଯେଉଁଠି ଟ୍ରାଫିକ ସମସ୍ୟା ଦେଖାଯିବାର ଅଭିଯୋଗ ଆସୁଛି, ସେଠାରୁ ଅନ୍ୟତ୍ର ସ୍ଥାନ ପରିବର୍ତ୍ତନ କରାଯିବ। ସେହିପରି କମିଶନରେଟ ପୋଲିସ ପକ୍ଷରୁ ୧୦୭ଟି ଜାଗା ଚିହ୍ନଟ କରାଯାଇ ସିସିଟିଭି କ୍ୟାମେରା ଲଗାଯାଉଥିବା କମିଶନର କହିଥିଲେ। ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝୀଙ୍କ ସମେତ ସିଏମ୍‌ସିର ଅଧିକାରୀ, କର୍ପୋରେଟର ଓ ସମସ୍ତ ବିଭାଗର ଯନ୍ତ୍ରୀମାନେ ବୈଠକରେ ଉପସ୍ଥିତ ଥିଲେ।

## ସରକାରୀ ଯୋଜନା ପ୍ରମୁଖ କର୍ମଶାଳା

କଟକ,୧୭।୧୨(କାର୍ତ୍ତିକ ସାହୁ)

ମାଇଁ ଭାରତ କଟକ ଓ ଲିଙ୍ଗ ଚକ୍ଷୁ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଲିଙ୍ଗ ରୋଡ଼ସ୍ଥିତ ଚିକିତ୍ସାଳୟରେ ଯୁବଶକ୍ତିର ବିକାଶ ନିମନ୍ତେ ସରକାରୀ ଯୋଜନାର ପ୍ରମୁଖ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମାଇଁ ଭାରତ କଟକର ଆକାଉଣ୍ଟାଣ୍ଟ ଓ କାର୍ଯ୍ୟକ୍ରମ ଅଧିକାରୀ ଅଶୋକ କୁମାର ବେହେରାଙ୍କ ଅଧ୍ୟକ୍ଷତା ଏବଂ ଚିକିତ୍ସାଳୟ ମୁଖ୍ୟ ଡ. ଆଲୋକ ସାହୁଙ୍କ ପରିଚାଳନାରେ ମୁଖ୍ୟ ଅତିଥି କଟକ ଓର୍‌ମାସର ସିଇଓ ବିପିନ କୁମାର ରାଉତ, ସମ୍ମାନିତ ଅତିଥି ଏଲଡିଏମ୍ ସତ୍ୟନାରାୟଣ ମହାନ୍ତି, ଜନ ଶିକ୍ଷଣ ସଂସ୍ଥାନ ନିର୍ଦ୍ଦେଶିକା ଅନିମା ଦାଶ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ପାତ୍ର ପ୍ରମୁଖ ଆତ୍ମନିର୍ଭରଶୀଳ ଭିତ୍ତିକ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ।

## ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ,୧୭।୧୨(କାର୍ତ୍ତିକ ସାହୁ)

ସିଡିଏ ସେକ୍ଟର-୬ର ଆବାସିକ ଅଞ୍ଚଳରେ ବେଆଇନ ମୋବାଇଲ ଟାୱାର ନିର୍ମାଣ କରାଯିବା ନେଇ ରୁଜୁ ମାମଲାର ହାଇକୋର୍ଟ ଶୁଣାଣି କରି ରାଜ୍ୟ ସରକାର, ସିଏମ୍‌ସି ଓ ସିଡିଏକୁ ଜବାବ ତଲବ କରିଛନ୍ତି। ହାଇକୋର୍ଟ ଏହାକୁ ଗୁରୁତର ସହ ଗ୍ରହଣ କରିଛନ୍ତି। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାମଚନ୍ଦ୍ର ସାହୁ ଓ ଅନ୍ୟ ୧୦ଜଣଙ୍କ ପକ୍ଷରୁ ଦାଏର ଜନସ୍ୱାର୍ଥ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ନିମନ୍ତେ ଡିସେମ୍ବର ୨୩କୁ ଧାର୍ଯ୍ୟ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୪୦୦ ବର୍ଗଫୁଟରୁ କମ୍ ଆକାରର ଆବାସିକ ପ୍ଲଟର ତୃତୀୟ ମହଲା ଛାତ ଉପରେ ମୋବାଇଲ ଫୋନ ଟାୱାର ବେଆଇନ ଭାବେ ନିର୍ମାଣ କରାଯାଉଛି। ଅତି କମରେ ୧୧ ଶହ ବର୍ଗଫୁଟ ଆକାରର ଛାତ ଟାୱାର ପାଇଁ ଆବଶ୍ୟକ। କିନ୍ତୁ ୪ଶହ ବର୍ଗଫୁଟରୁ କମ୍ ଆକାର ଛାତ ଉପରେ ନିୟମ ଉଲ୍ଲଂଘନ କରି ମୋବାଇଲ ଟାୱାର ନିର୍ମାଣ କରାଯାଉଛି। ବାତ୍ୟା ବା ଅନ୍ୟ ପ୍ରାକୃତିକ ଦୁର୍ବିପାକ ବେଳେ ଯଦି ମୋବାଇଲ ଟାୱାର ଭାଙ୍ଗିପଡ଼େ, ତେବେ ଅନ୍ୟମାନଙ୍କ ପାଇଁ ବିପଜ୍ଜନକ ହେବ। ପୁନଶ୍ଚ ସମ୍ପୃକ୍ତ ଆବାସିକ ପ୍ଲଟକୁ ଲାଗି ପାଖାପାଖି ଅନେକ ପ୍ଲଟ ରହିଛି। ଏଭଳି ଆବାସିକ ଅଞ୍ଚଳରେ ମୋବାଇଲ ଟାୱାର ସ୍ଥାପନା ବେଆଇନ ବୋଲି ଦର୍ଶାଯାଇଛି। ଏଥିପାଇଁ ସିଏମ୍‌ସିର ମଧ୍ୟ ଅନୁମତି ନାହିଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଦେବାଶିଷ ପଟ୍ଟନାୟକ ଓ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

**ଆବାସିକ ଅଞ୍ଚଳରେ ବେଆଇନ ମୋବାଇଲ ଟାୱାର ନିର୍ମାଣ ମାମଲା**


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RWS&S DIVISION, SUNDARGARH**
**"e"- Procurement Notice**
**1st Corrigendum to Identification No.11 of 2025-26**
**Letter No.3089 Dated 16.12.2025**

No.O-1811: 1) Name of Works:- Execution of Solar P.W.S. Scheme in the district of Sundargarh. 2) Total Number of Works: 2 Nos. (Detailed list available in the website). 3) Estimated Cost: From Rs.54.39 Lakhs to 81.58 Lakhs. 4) Class of Contractor: "B". 5) Period of Completion: 6 Months.

| Procurement Officer | Bid Identification No. | Availability of tender online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Water Supply & Sanitation Division, Sundargarh | Online Tender/ 11/ RWSS/SNG/ 2025-26 | 18.12.2025 at 11.00 Hours | 07.01.2026 upto 17.00 Hours |

NB- Further details can be seen from the website **www.tendersodisha.gov.in**
**OIPR-25009/11/0006/2526** **Sd./- Superintending Engineer, RWS&S Division, Sundargarh**


## ଦରମା ନ ପାଇବାରୁ ଧାରଣାରେ ଠିକା ସଂସ୍ଥା କର୍ମଚାରୀ



ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ଠିକାସଂସ୍ଥା କର୍ମଚାରୀମାନେ ଧାରଣାକୁ ଓହ୍ଲାଇଛନ୍ତି।

କଟକ,୧୭।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ପରିସରରେ ଠିକାସଂସ୍ଥା କର୍ମଚାରୀ ମାନେ ବୁଧବାର ଧାରଣାକୁ ଓହ୍ଲାଇଥିଲେ। ମେଡିକାଲ ପରିସରରେ ଥିବା ସହାୟତା କେନ୍ଦ୍ର ନିକଟରେ ଆଟେଣ୍ଡାଣ୍ଟ, ଟେକ୍ନିସିଆନ, ସୁଇପର ପ୍ରାୟ ୨ଶହ କର୍ମଚାରୀ ଦରମା ପାଇ ନ ଥିବା ଯୋଗୁ ସକାଳ ସମୟରୁ ଧାରଣାରେ ବସିଥିଲେ। ଫଳରେ ଗୋଟିଏ ଦିନ ମେଡିକାଲ ପରିସରରେ କାମ ଠପ୍ ହୋଇଯାଇଥିଲା। ତେବେ ମାସର ପ୍ରଥମ ସପ୍ତାହରେ ଦରମା ପାଉଥିବାବେଳେ ଚଳିତମାସ ୧୭ ତାରିଖ ଯାଏ ଦରମା ପାଇ ନ ଥିବାରୁ କର୍ମଚାରୀମାନେ ଧାରଣା ଦେଇଥିଲେ। ଧାରଣା ଦେବାର ପ୍ରାୟ ୫ ଘଣ୍ଟା ପରେ ଠିକାସଂସ୍ଥା ପକ୍ଷରୁ ଗୁରୁବାର ଦରମା ଦିଆଯିବା ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପରେ ସନ୍ଧ୍ୟା ସମୟରେ ଧାରଣା ପ୍ରତ୍ୟାହୃତ କରିଥିବା ନେଇ ଜଣେ କର୍ମଚାରୀ ସୂଚନା ଦେଇଛନ୍ତି।

**ଗୋଟିଏ ଦିନ ଠପ୍ ହେଲା କର୍କଟ କେନ୍ଦ୍ରରେ କାମ**

## ଦେଢ଼ବର୍ଷର ଶିଶୁକନ୍ୟାକୁ ବଳାତ୍କାର, ଅଭିଯୁକ୍ତ ଗିରଫ

କଟକ,୧୭।୧୨(କାର୍ତ୍ତିକ ସାହୁ)

ଦେଢ଼ବର୍ଷର ଶିଶୁକନ୍ୟାକୁ ବଳାତ୍କାର ଭଳି ସ୍ୱର୍ଶକାତର ଘଟଣା ଘଟିଛି ବାଦାମବାଡ଼ି ଥାନା ଅଞ୍ଚଳରେ। ବାଦାମବାଡ଼ି ଥାନା ପୋଲିସ ଏହି ଘଟଣାରେ ଶଙ୍କରପୁର ପରିଡ଼ାସାହିର ଅଶୋକ କୁମାର ପରିଡ଼ା (୪୮)ଙ୍କୁ ବୁଧବାର ଗିରଫ କରିଛି। ଅଶୋକ ପୋଲିସ ନିକଟରେ ଦୋଷ ସ୍ୱୀକାର କରିଥିବା ବେଳେ ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ସୂଚନାନୁସାରେ, ଶିଶୁକନ୍ୟା ଜଣକ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ସମୟରେ ତାଙ୍କ ଘର ଦୁଆର ମୁହଁରେ ବସିଥିଲା। ଅଶୋକ ଏକୁଟିଆ ପାଇ ଶିଶୁକନ୍ୟାକୁ ସେଠାରୁ ଉଠାଇ ନେଇଥିଲେ। ପୁଣି କିଛି ସମୟ ପରେ ଶିଶୁକନ୍ୟାକୁ ଛାଡ଼ି ଦେଇଯାଇଥିଲେ। ପରବର୍ତ୍ତୀ ସମୟରେ ଶିଶୁକନ୍ୟା ଜୋର୍‌ରେ କାନ୍ଦିବାରୁ ପରିବାର ଲୋକେ ମେଡିକାଲ ନେଇଯାଇଥିଲେ। ସେଠାରେ ଡାକ୍ତରୀ ପରୀକ୍ଷା କରିବା ପରେ ବଳାତ୍କାର କରାଯାଇଥିବା ଜଣାପଡ଼ିଥିଲା। ଏ ନେଇ ପରିବାର ଲୋକଙ୍କ ଥାନାରେ ଏତଲା ପରେ ପୋଲିସ ମାମଲା ରୁଜୁ ସହ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।


**GOVERNMENT OF ODISHA** Email: eebbsr1@yahoo.co.in
**OFFICE OF THE SUPERINTENDING ENGINEER, BHUBANESWAR (R&B) DIVISION NO.I, BHUBANESWAR**
Mail Id: eebbsr1@yahoo.co.in
**INVITATION FOR BIDS**
**E-Procurement Tender Call Notice No.74 of 2025-26**
**No.12980 (Estg) Bhubaneswar, Dated the 05.12.2025**

No.B-823:The Superintending Engineer, Bhubaneswar (R&B) Division No.I, Bhubaneswar on behalf of the Governor of Odisha invites percentage rate bids in **Double cover** system (**online**) for following works as detailed in the table given below.

| Sl. No. | Name of the Work | Approximate Estimated cost put to Tender (Rs. in Lakh) | EMD/Bid Security | Cost of Bid Document | Class of Contractor | Period of Completion |
|---|---|---|---|---|---|---|
| 1 | Improvement to Lokaseva Bhavan, Bhubaneswar such as construction of Pre-fabricated Annex Office Building for C.M. Block at 3rd Floor roof top of RD Department for the year 2025-26. | Rs.90.50 | Rs.90,500/- | Rs.10,000/- Online | B Class Only | 03 (Three) Calendar Months |

Date & Time of availability of bid document in the portal/online:From 11.00 AM of 12.12.2025 to 5.30 P.M. of 26.12.2025. Last Date of online submission of bid document in the portal/online: 5.30 P.M. of 26.12.2025. Date of Opening: 12.30 P.M. of 27.12.2025. Name and address of officer inviting bid: Superintending Engineer, (R&B) Division No.I, Bhubaneswar. Further details can be seen from the e-procurement portal: https://tendersodisha.gov.in.
**OIPR-34076/11/0040/2526** **Sd./- Superintending Engineer, BBSR (R&B) Division No.I, Bhubaneswar**


## ୧୨୫ତମ ରାଜକୃଷ୍ଣ ବୋଷ ଜୟନ୍ତୀ ପାଳିତ

କଟକ ସଦର,୧୭।୧୨(ସୁଶାନ୍ତ କୁମାର ଜେନା)

ଓଡ଼ିଶାର ପ୍ରଥମ ରାଜବନ୍ଦୀ ତଥା ପୂର୍ବତନ ଜଳସେଚନ ମନ୍ତ୍ରୀ ରାଜକୃଷ୍ଣ ବୋଷଙ୍କ ୧୨୫ତମ ଜୟନ୍ତୀ ବୁଧବାର କିଶୋରନଗରଠାରେ ପାଳିତ ହୋଇଯାଇଛି। ସ୍ମୃତି ଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ମାନିତ ଅତିଥି ଭାବେ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଆଇନଜୀବୀ ଜ୍ଞାନଗୁରୁ ଦାସ, ବରିଷ୍ଠ ଭାଜପା ନେତା ଲଲାଟେନ୍ଦୁ ବଡୁ, ସରପଞ୍ଚ ସୁଜାତା ସେଠୀ ଯୋଗ ଦେଇଥିଲେ। ସ୍ୱର୍ଗତ ବୋଷ କୃଷି ପାଇଁ ତାଙ୍କର ଅବଦାନ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ। ପୁରୀ କେନାଲ, ନରାଜ ଆନିକଟ, କିଶନନଗର ଅଞ୍ଚଳରେ ଜଳସେଚନ ପାଇଁ କେନାଲ ଖନନରେ ପ୍ରମୁଖ ଭୂମିକା ସ୍ୱର୍ଗତ ନେତା ଗ୍ରହଣ କରିଥିଲେ। ପ୍ରାରମ୍ଭରେ ଅତିଥି ପରିଚୟ ରଘୁନାଥ ଚୌଧୁରୀ, ସମ୍ପାଦକୀୟ ବିବରଣୀ ଅଧ୍ୟାପକ କିଶୋର ଚନ୍ଦ୍ର ଦାସ ପାଠ କରିଥିବା ବେଳେ କଟକ ସଦର ବ୍ଲକ ପୂର୍ବତନ ଅଧ୍ୟକ୍ଷ ସାଧୁ ଜେନା, ଆମ୍ବାର ସଭାପତି ରମା ପ୍ରସାଦ ବିଶ୍ୱାଳ, ହୃଷୀକେଶ ଜେନା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପ୍ରଭାତ ସେଠୀ, କ୍ଷିତୀନ୍ଦ୍ର ମିତ୍ର, କାର୍ତ୍ତିକ ସାହୁ, ତ୍ରୈଲୋକ୍ୟ ବୁଇଁ, ମଣ୍ଡଳ ସଭାପତି ନିରଞ୍ଜନ ରାଉଳ, ଚିତ୍ତରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସ୍ୱର୍ଗତ ରାଜକୃଷ୍ଣ ବୋଷଙ୍କ ୧୨୫ତମ ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥି।

## ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହେଲେ ସଂସ୍କୃତି ବଞ୍ଚି ରହିବ

କଟକ,୧୭।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଅଭୀପ୍ସାର ୨୮ତମ ଉଇଣ୍ଟର ଫେଷ୍ଟିଭାଲ ଦି ଲିଙ୍ଗ ଚକ୍ଷୁ ପ୍ରତିଷ୍ଠାନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସଂଗ୍ରାମ କେଶରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଡା. ଆଲୋକ କୁମାର ସାହୁ, ଡ. ଏସ୍‌କେ. କଲ୍ଲୁଲ୍ଲା, ଲୋପାମୁଦ୍ରା ମିଶ୍ର, ସୁଲତା ପଣ୍ଡା, ଅମ୍ରିତା ମହାନ୍ତି, ଦେବଦତ୍ତ ପଣ୍ଡା, ପୁଷ୍ପାଞ୍ଜଳି ସିଂ ଯୋଗଦେଇ ସଂସ୍କୃତି ବଞ୍ଚି ରହିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସଙ୍ଗୀତ ଶିଳ୍ପୀ ପ୍ରତୀକ୍ଷା ମହାନ୍ତି ଉଦ୍‌ଘାଟନୀ ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।


**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No. 8678 / PSC., Dt. 17.12.2025**
**(DR-IV)(2PA-01-2025-26)**
**Recruitment to the post of Assistant Section Officer in the Office of Advocate General, Odisha**
**(Advt. No. 02 of 2025-26)**

**No.D-281** : In continuation to this office Notice No. 8539/PSC, dtd. 10.12.2025, it is for information of all provisionally qualified candidates that the **Document Verification and Skill Test in Computer (Practical)** for recruitment to the post of **Assistant Section Officer in the Office of Advocate General, Odisha,** pursuant to Advertisement No. 02 of 2025-26 will be held on **24.12.2025 (Wednesday)** at two Technical Institutions of Cuttack Zone as per the programme detailed below.

**PROGRAMME OF DOCUMENT VERIFICATION**

| Date and time | Venue | Roll No of candidates to be verified |
|---|---|---|
| **24.12.2025 (Wednesday)** 11.30 A.M. to 02.30 P.M. | **KMBB Science Higher Secondary School Campus-II, Naranpur, Belagachia, Trisulia, Cuttack-754005** | 200309, 200866, 201301, 201897, 202375, 202671, 202902, 203588, 206381, 206646, 303011, 304523, 305729, 305968, 308411, 308871, 308925, 308930, 309088, 309095, 310597, 400099, 400128, 400151, 400424, 400425, 400470, 405432, 405917, 406264 **= 30 Candidates** |
| | **Bhubanananda Orissa School of Engineering (BOSE), Near SCB Medical College Hospital, Po-Mangalabag, Jobra, Cuttack, 753007** | 407849, 408903, 409168, 409487, 409551, 410436, 412654, 412756, 413471, 413583, 413639, 413695, 415335, 416205, 416410, 416525, 417758, 418189, 418231, 419057, 419615, 419893, 420131, 420359, 420791, 421111, 422480, 422809, 423825, 425248, 500959, 502215, 504052, 601129, 601141, 601309, 601832, 604135 **= 38 Candidates** |

**N.B. -** The candidates are required to report **30 minutes before** the commencement of Document Verification.

**PROGRAMME OF SKILL TEST IN COMPUTER (PRACTICAL)**

| Date | Venue | Time of Skill test | Generation of printout of Answer sheets |
|---|---|---|---|
| **24.12.2025 (Wednesday)** | **KMBB Science Higher Secondary School Campus-II, Naranpur, Belagachia, Trisulia, Cuttack-754005** | 03.00 P.M. to 04.00 P.M. (03.00 P.M. to 04.20 P.M. for PwD Candidates) | 04.00 P.M. to 05.00 P.M. (04.20 P.M. Onwards for PwD Candidates) |
| | **Bhubanananda Orissa School of Engineering (BOSE), Near SCB Medical College Hospital, Po-Mangalabag, Jobra, Cuttack, 753007** | | |

The candidates are required to download the **"Admission Certificate" & "Instruction to Candidates"** from website of the Commission **www.opsc.gov.in** from 20.12.2025 onwards.

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/documents and is subject to fulfilment of terms & conditions laid down in the Advertisement.

**THE CANDIDATES ARE REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH A SET OF SELF ATTESTED PHOTOCOPY OF THE FOLLOWING DOCUMENTS AT THE TIME OF VERIFICATION:-**

1. Hard copy of online Application form mentioning Roll No. at the Top Right-Hand Corner. Application Forms are available in the website of the Commission.
   The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via **www.opscechayan.in**.
2. **Four (04) passport size photographs tagged** with the Application Form.
3. **H.S.C. or Equivalent Certificate** in support of declaration of age.
4. **Bachelor's Degree Certificate** issued by the recognized University;
5. Mark-lists in support of all the aforesaid examinations (H.S.C. to Bachelor's Degree) passed including fail marks, if any, issued by the concerned Board/Council/University.
6. **Conversion Certificate/ Conversion Formula** in case of award of "grade marks" in from the concerned University indicating the actual equivalent percentage of marks and the conversion formula of Bachelor's Degree wherever applicable.
7. **Caste Certificate by birth** in support of claim as S.C./ S.T., wherever applicable **(Please see Note-1)** issued (within the last date of submission of Online Application Form).
8. Required **Odia Test Pass Certificate** issued (within the last date of submission of Online Application Form).
9. **Permanent Disability Certificate** (indicating percentage of permanent disability i.e., 40% or more) issued by the concerned Medical Board wherever applicable.
10. **Discharge** Certificates in case of Ex-Servicemen **issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Department notification No.22586-Gen., dt.16.10.1985**.
    Further, Ex-Servicemen candidates must submit that he/she has not been appointed against a civil post after retirement from military service.
11. **No Objection Certificate** issued by the Competent Authority in case of Government servants.
12. **Any proof of photo Identity**.
13. **Attestation Form** duly filled-in by the candidate and signed by a Gazetted Officer (to be downloaded from the website of the Commission).
14. Any other documents as per Para-11 of the Advertisement.

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date on the same**.

**OIPR-12002/11/0344/2526** **Sd./- Secretary**


## 'ସମ୍ବର୍ଦ୍ଧନା ଦ୍ୱାରା ସାହିତ୍ୟିକମାନେ ଉତ୍ସାହିତ ହୁଅନ୍ତି'

କଟକ,୧୭।୧୨(କାର୍ତ୍ତିକ ସାହୁ)

ଶ୍ରୀରାମଚନ୍ଦ୍ର ଭବନରେ ଚାଲିଥିବା ସାହିତ୍ୟ ସଂସଦର ୬୬ତମ ଶିଶିର ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଡ. ପ୍ରଫୁଲ୍ଲ କୁମାର ଦାଶଙ୍କ ଅଧ୍ୟକ୍ଷତା କରି କହିଲେ, ସାହିତ୍ୟ ସଂସଦ ସାହିତ୍ୟ ଜଗତରେ ବହୁ ନୂତନ ପରମ୍ପରା ସୃଷ୍ଟି କରିଛି। ଇଂ. ରବି ନାରାୟଣ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଅନୁଷ୍ଠାନ ଦୀର୍ଘ ୬୬ବର୍ଷ ଧରି କାର୍ଯ୍ୟ କରିବା ଗୌରବର ବିଷୟ। ତାହା ମଧ୍ୟରୁ ଜୀବିତାବସ୍ଥାରେ ବିଶିଷ୍ଟ ବ୍ୟକ୍ତିଙ୍କ ଜୟନ୍ତୀ ପାଳନ କରିବା ଓ ସାହିତ୍ୟିକମାନଙ୍କୁ ସେମାନଙ୍କର କୃତୀ ପାଇଁ ସମ୍ବର୍ଦ୍ଧନା ଦେବା ଅନ୍ୟତମ। ସମ୍ବର୍ଦ୍ଧନା ଦ୍ୱାରା ହିଁ ସାହିତ୍ୟ ସୃଷ୍ଟି ପାଇଁ ସାହିତ୍ୟିକମାନେ ଉତ୍ସାହିତ ହୁଅନ୍ତି। ମୁଖ୍ୟ ଅତିଥି ଆୟୁର୍ବେଦ ବିଶାରଦ ଡା. ଦୀନବନ୍ଧୁ ମହାରଣା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉତ୍କଳ ସାହିତ୍ୟ ସମାଜ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥିମାନଙ୍କୁ ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଜିତ୍ କୁମାର ମହାପାତ୍ର ବିବରଣୀ ପାଠ କରିଥିଲେ। ସୁରଜିତ ନାଥ, ଅଜୟ କୁମାର ମହାନ୍ତି, ଅଶୋକ କୁମାର ଦାସ, ମନୋରଞ୍ଜନ ମହାପାତ୍ର ପ୍ରମୁଖ ସାହିତ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମୋତିଲାଲ ପତି, ପ୍ରାଣେଶ୍ୱର ମିଶ୍ର, ସୁଜାତା ଜେନା, ଗୀତାଞ୍ଜଳି କର ଓ ପଣ୍ଡିତ ପ୍ରମୋଦ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ସରସ୍ୱତୀ ପାତ୍ର, ସସ୍ମିତା ପଟ୍ଟନାୟକ, ନମିତା ମହାନ୍ତି, ସୁରଭି ଦିବେଦୀ ଓ ସନ୍ଧ୍ୟା ଶତପଥୀ ମାନପତ୍ର ପାଠ କରିଥିଲେ। ସଙ୍ଗୀତା ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା ଓ ବିଭୁଦତ୍ତ ଖଣ୍ଡାୟତ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ସହ ଉପସ୍ଥିତ ଅତିଥିବୃନ୍ଦ।

**୬୬ତମ ଶିଶିର ଉତ୍ସବ ଉଦ୍‌ଯାପିତ**

## ଚୌଦ୍ୱାର କଲେଜ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଚୌଦ୍ୱାର,୧୭।୧୨(ଆଶୁତୋଷ ଦାସ)

ଚୌଦ୍ୱାର କଲେଜର ୪୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଖେଳ ପଡିଆରେ ମଙ୍ଗଳବାର ଅନୁଷ୍ଠିତ କ୍ରୀଡା ଉତ୍ସବକୁ କଲେଜ ଅଧ୍ୟକ୍ଷା ରଶ୍ମି ରାଉତରାୟ ଆନୁଷ୍ଠାନିକ ଭାବେ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ୨ଦିନ ଧରି ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ, ବ୍ୟାଡମିଣ୍ଟନ, ଭଲିବଲ ଓ କ୍ରିକେଟ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ବାଲି ଏସ୍‌ଏସ୍‌ଡି ବିଜ୍ଞାନ ଓ ବୈଷୟିକ କଲେଜର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ସାହୁ, ସାଇ ୱାଟର ସ୍ପୋର୍ଟ୍ସ ଜଗତପୁରର ପ୍ରମିଳା ପ୍ରଭା ମିଞ୍ଜ୍, ଅଧ୍ୟାପକ ପ୍ରଭାକର ମିଶ୍ର, ଯୁକ୍ତେଶ୍ୱର ଦାସ, ଦୀପକ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। କଲେଜ ଆଥ୍‌ଲେଟିକ କ୍ଲବର ଲକ୍ଷ୍ମଣ କରଣଙ୍କ ତତ୍ତ୍ୱାବଧାନରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

**କାନ୍ଥ ପଡ଼ି ବୃଦ୍ଧ ମୃତ**

ବ୍ରହ୍ମଗିରି,(ସ୍ୱାଧିନ ଚମ୍ପତିରାୟ): ବ୍ରହ୍ମଗିରି ଥାନା ଅନ୍ତର୍ଗତ ତନ୍ତକେରା ଗ୍ରାମରେ ବୁଧବାର ଏକ କାନ୍ଥ ପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନାନୁଯାୟୀ, ଉକ୍ତ ଗ୍ରାମର ସାଗର କାଣ୍ଡି ତାଙ୍କ ଘରର ପୁରୁଣା କାନ୍ଥକୁ ଏକ ନିଶୁଣି ପକାଇ ଭାଙ୍ଗୁଥିବା ବେଳେ ନିଶୁଣିଟି ଭାଙ୍ଗି ଯାଇଥିଲା। ଫଳରେ ସାଗର ତଳେ ପଡ଼ି ଯାଇଥିଲେ। ଏହି ସମୟରେ କାନ୍ଥଟି ଭାଙ୍ଗି ତାଙ୍କ ଉପରେ ପଡ଼ିଥିଲା। ସ୍ଥାନୀୟ ଲୋକେ ସାଗରଙ୍କୁ ଉଦ୍ଧାର କରି ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ସ୍ନାନ, ସୁରକ୍ଷାକୁ ଗୁରୁତ୍ୱ

**କୋଣାର୍କ,୧୭।୧୨(ଜ୍ୟୋତିରାଜ ମହାନ୍ତି)**



ବୈଠକରେ ବିଧାୟକ ତୁଷାରକାନ୍ତି ବେହେରା, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଅନ୍ୟ ଅତିଥି।

- ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ଼ ପାଇଁ ପ୍ରଥମ ସମନ୍ୱୟ କମିଟି ବୈଠକ
- ମୁତୟନ ହେବେ ୪୦ ପ୍ଲାଟୁନ ଫୋର୍ସ

ଜାନୁୟାରୀ ୨୫ ତାରିଖରେ ଚନ୍ଦ୍ରଭାଗା ତୀର୍ଥରେ ପବିତ୍ର ମାଘ ସପ୍ତମୀ ବୁଡ଼ ଅନୁଷ୍ଠିତ ହେବ। ଏଥିନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଅପରାହ୍ନରେ ଯାତ୍ରୀନିବାସ ସମ୍ମେଳନ କକ୍ଷରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରଦ୍ଧାଳୁଙ୍କୁ ନିଜ ନିଜର ପୀଠରୁ ବର୍ଣ୍ଣାଢ଼୍ୟ ସାଜସଜ୍ଜା ଓ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ମଧ୍ୟରେ ଶୋଭାଯାତ୍ରା କରି ମେଳା ପଡ଼ିଆକୁ ନିଆଯିବା ପାଇଁ ନିଷ୍ପତ୍ତି ହୋଇଛି। ଶ୍ରଦ୍ଧାଳୁଙ୍କ ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩ଟି ଆମ୍ବୁଲାନ୍ସ ବ୍ୟବସ୍ଥା, ରାମଚଣ୍ଡୀ, ଚନ୍ଦ୍ରଭାଗା ମେଳାପଡ଼ିଆ, ହେଲିପ୍ୟାଡ୍ ଓ କୋଣାର୍କ ବସ୍‌ଷ୍ଟାଣ୍ଡ ଠାରେ ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟସେବା ନିମନ୍ତେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଖୋଲାଯିବ। ଏଥିସହ ଷଷ୍ଠୀ ଓ ସପ୍ତମୀ ୨ଦିନ ଧରି କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ପର୍ଯ୍ୟାପ୍ତ ଔଷଧ ମହଜୁଦ ରଖିବା ସହ ଆବଶ୍ୟକ ଡାକ୍ତର ମୁତୟନ କରି ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ଶ୍ରଦ୍ଧାଳୁଙ୍କୁ ପାନୀୟଜଳ ଯୋଗାଣ ନିମନ୍ତେ ୱାଟ୍‌କୋ ପକ୍ଷରୁ ମେଳାପଡ଼ିଆ ତଥା କୋଣାର୍କ ବଜାରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ୬୦ଟି ନଳକୂପ ବସାଇବା, ୨୦ଟି ଅସ୍ଥାୟୀ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ସହ ୬ ହଜାର ଲିଟର କ୍ଷମତାବିଶିଷ୍ଟ ୨ଟି ଟ୍ୟାଙ୍କର୍‌ର ସୁବନ୍ଦୋବସ୍ତ କରିବା ପାଇଁ ନିଷ୍ପତ୍ତି ହୋଇଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଚନ୍ଦ୍ରଭାଗା ଲାଇଟ୍ ହାଉସ ସମ୍ମୁଖ ରାସ୍ତା ଓ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ପଛରେ ୧୦୦ ଗୋଟି ଅସ୍ଥାୟୀ ପାଇଖାନା ନିର୍ମାଣ କରିବା ପାଇଁ ନିଷ୍ପତ୍ତି ହୋଇଛି। ପୁରୀ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରାଯିବା ସହ ପୋଲିସ କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ଅପରାଧିକ କାର୍ଯ୍ୟକଳାପ ଉପରେ ଦୃଷ୍ଟି ଦିଆଯିବା ସହ ଶ୍ରଦ୍ଧାଳୁଙ୍କ ପାଇଁ ୪୦ ପ୍ଲାଟୁନ ଫୋର୍ସ ମୁତୟନ ରହିବେ ବୋଲି ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ ମତବ୍ୟକ୍ତ କରିଥିଲେ। ପବିତ୍ର ମାଘସପ୍ତମୀ ଓ ମାଘ ଷଷ୍ଠୀ ୨ଦିନ ଧରି ସୂର୍ଯ୍ୟ ମନ୍ଦିର ପ୍ରବେଶ ଶୁଳ୍କ ଛାଡ଼ ରହିବ ବୋଲି ନିଷ୍ପତ୍ତି ହୋଇଛି।

ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ଼ ଚଳିତ ବର୍ଷ ବାରୁଣୀ ଓ ଅଲଭ୍ୟ ବୁଡ଼ ପଡୁଥିବାରୁ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଖନନ ଓ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଡ୍ରେନେଜ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ହଜିଲା ଖୋଜିଲା ମଞ୍ଚ ଖୋଲାଯିବା ସହିତ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ରାତିତମାମ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ମାଘସପ୍ତମୀ ବୁଡ ଏକ ଅଲଭ୍ୟ ଯୋଗରେ ବାରୁଣୀ ସ୍ନାନ ପଡୁଥିବାରୁ ବ୍ୟାପକ ପ୍ରସ୍ତୁତି ଓ ଆୟୋଜନ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିବା ସହ ବିଭିନ୍ନ ବିଭାଗର ଅଧିକାରୀମାନେ କାର୍ଯ୍ୟ ଆରମ୍ଭ ଜୋର୍‌ଦାର କରିବା ପାଇଁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଅତିରିକ୍ତ ଜିଲାପାଳ(ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ କୁମାର ଶତପଥୀ, ଡ୍ରେନେଜ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରମାକାନ୍ତ ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଉପସଚିବ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନା, କୋଣାର୍କ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ନିମାପଡ଼ା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀଯନ୍ତ୍ରୀ ଅଭିମନ୍ୟୁ ବେହେରା ଓ ୱାଟ୍‌କୋର ପୁରୀ ଅଧୀକ୍ଷଣ ଯନ୍ତ୍ରୀ ବିକ୍ରମ ରାଉତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ୧୯୪ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଲେ ଉପମୁଖ୍ୟମନ୍ତ୍ରୀ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଜଣେ ମହିଳା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି।

ନିମାପଡ଼ା,୧୭।୧୨(ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ଭତ୍ତା ବଣ୍ଟନ ଶିବିର ବୁଧବାର ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ମଧୁବାବୁ ପେନ୍‌ସନ ଯୋଜନାରେ ୧୯୪ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଅବଶିଷ୍ଟ ୯୪ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଭତ୍ତା ଟଙ୍କା ପଠାଯାଇଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ୧୨୨ ବିଧବା, ୯୭ ଭିନ୍ନକ୍ଷମ, ୬୯ ବାର୍ଦ୍ଧକ୍ୟ ମୋଟରେ ୨୮୮ଜଣ ହିତାଧିକାରୀଙ୍କ ଭତ୍ତା ଅନୁମୋଦିତ ହୋଇଥିଲା। ଶିବିରରେ ସମ୍ମାନିତ ଅତିଥି ଭାବେ ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ଏନ୍‌ଏସିର ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଭତ୍ତା ପାଇବା ପରେ ହିତାଧିକାରୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।

## ସଂକ୍ଷେପରେ

### ପିକ୍‌ନିକ୍ ଆସି ସମୁଦ୍ରରେ ବୁଡ଼ି ଛାତ୍ରୀ ମୃତ

**ପୁରୀ,୧୭।୧୨(ଅଜିତ୍ କୁମାର ମହାନ୍ତି)**

ପୁରୀ-କୋଣାର୍କ ବେଳାଭୂମି ରାସ୍ତାର ବେଲେଶ୍ୱର ମହାଦେବ ମନ୍ଦିର ସମ୍ମୁଖ ବେଳାଭୂମିରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ପୁରୀ ବୁଲିବାକୁ ଆସିଥିବା ଛାତ୍ରୀ ଜଣଙ୍କର ସମୁଦ୍ରରେ ବୁଡ଼ି ମୃତ୍ୟୁ ଘଟିଛି। ସମୁଦ୍ରରେ ବୁଡ଼ିଯାଉଥିବା ବେଳେ ଜଣେ ଶିକ୍ଷକ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଆହତ ହୋଇଛି। ମୃତ ଛାତ୍ରୀ କଟକ ବକ୍ସିବଜାର ବଣିଆସାହିର ଶିଳ୍ପାଶ୍ରୀ ସାହୁ। ଗୁରୁତର ଶିକ୍ଷକ ବିଶ୍ୱଜିତ୍ ସାହୁ। ବେଲେଶ୍ୱର ମନ୍ଦିର ସାମ୍ନା ବେଳାଭୂମିରେ ବୁଧବାର ଅପରାହ୍ନରେ ଏଭଳି ଅଘଟଣ ଘଟିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, କଟକ ବାଦାମବାଡ଼ି ନିକଟସ୍ଥ ଏକ ଘରୋଇ କୋଚିଂ ସେଣ୍ଟରର ଶତାଧିକ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକ ପୁରୀ ବୁଲିବାକୁ ଆସି ବେଲେଶ୍ୱର ନିକଟରେ ରହିଥିଲେ। ସେଠାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନାଚଗୀତ ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପରେ ସମସ୍ତେ ସମୁଦ୍ରରେ ସ୍ନାନ କରିବାକୁ ଯାଇଥିଲେ। ସ୍ନାନ କରୁଥିବା ବେଳେ ହଠାତ୍ ଶିଳ୍ପାଶ୍ରୀ ସମୁଦ୍ର ମଧ୍ୟରେ ବୁଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ଶିକ୍ଷକ ମଧ୍ୟ ଆହତ ହୋଇଥିଲେ। ସାଥିରେ ଥିବା ଲାଇଫ୍‌ଗାର୍ଡ ପାଣି ମଧ୍ୟରେ ଖୋଜାଖୋଜି କରି ତାଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସମୁଦ୍ରରେ ଡିପ୍ କରେଣ୍ଟ ଯୋଗୁ ଏଭଳି ଅଘଟଣ ଘଟିଥିବା ଅନୁମାନ କରାଯାଉଛି।

### ଡକାୟତି ମାମଲାରେ ୨ ଗିରଫ

**କାକଟପୁର/ଅସ୍ତରଙ୍ଗ, ୧୭।୧୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)**

କାକଟପୁର ଥାନା ଅଞ୍ଚଳରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଲୁଟ୍ ଅଭିଯୋଗରେ କାକଟପୁର ପୋଲିସ ୨ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଅଭିଯୁକ୍ତଦ୍ୱୟ ନାଡଗାଁ ଅଞ୍ଚଳର ଶୁଭମ ଦାସ ଓରଫ ତପୁ (୨୯), ମହିରା ଗ୍ରାମର ଶକ୍ତି ଚନ୍ଦନ ମହାନ୍ତି ଓରଫ ମିଲୁ (୨୬)। ସୂଚନାଯୋଗ୍ୟ, କାକଟପୁର-ନିମାପଡ଼ା ମୁଖ୍ୟରାସ୍ତାରେ ସେପ୍ଟେମ୍ବର ୧ ତାରିଖ ରାତିରେ ସାର୍ ଦୋକାନ ବନ୍ଦ କରି ସନ୍ତୋଷ କୁମାର ସାହୁ ସ୍କୁଟିରେ ଯାଉଥିବା ବେଳେ ଗୋବିନ୍ଦପୁର ମୌଜା ବ୍ରାହ୍ମଣ ଘର ପାଖରେ ୪ଜଣ ଦୁର୍ବୃତ୍ତ ପଛକୁ ଧକ୍କା ମାରିଥିଲେ। ଫଳରେ ସେ ସ୍କୁଟିରୁ ଛିଟିକି ପଡ଼ିବା ସହ ଦୁର୍ବୃତ୍ତମାନେ ମରଣାସ୍ତ୍ର, ବନ୍ଧୁକ ଦେଖାଇ ତାଙ୍କଠାରୁ ବ୍ୟାଗ ଛଡ଼ାଇ ନେଇଥିଲେ। ବ୍ୟାଗ ଭିତରେ ଷ୍ଟକ ରେଜିଷ୍ଟର, ପିଓଏସ ମେଶିନ, ଲାପ୍‌ଟପ ସମେତ ୨ଲକ୍ଷ ୧୨ହଜାର ଟଙ୍କା ଥିଲା। ଏ ନେଇ ସେପ୍ଟେମ୍ବର ୩ତାରିଖରେ ସନ୍ତୋଷ ସାହୁ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦୁର୍ବୃତ୍ତଙ୍କୁ ଧରିବା ପାଇଁ କାକଟପୁର ଥାନାଧିକାରୀ ବସନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଇନ୍ସପେକ୍ଟର ଗୌରୀଶଙ୍କର ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ଅଭିଯୁକ୍ତମାନଙ୍କୁ ଜଗତ୍‌ସିଂହପୁରରୁ ଗିରଫ କରିବାରେ ସଫଳ ହୋଇଥିବା ଥାନାଧିକାରୀ ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ଚାଖି ଖୁଣ୍ଟିଆଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥିମାନେ।

**ପୁରୀ,୧୭।୧୨(ଅଜିତ୍ କୁମାର ମହାନ୍ତି)**

ଚଳିତ ବର୍ଷ ସ୍ୱାଧୀନତା ସଂଗ୍ରାମୀ, ଦେଶପ୍ରେମୀ ଚାଖିଖୁଣ୍ଟିଆ ବା ଚନ୍ଦନ ହଜୁରୀଙ୍କ ୨୦୪ତମ ଜୟନ୍ତୀ ଜିଲା ପ୍ରଶାସନ ପକ୍ଷରୁ ପାଳନ କରାଯିବ। ପ୍ରତିବର୍ଷ ଶାମ୍ବ ଦଶମୀ ତିଥିରେ ଚାଖି ଖୁଣ୍ଟିଆଙ୍କ ଜୟନ୍ତୀ ଜିଲା ପ୍ରଶାସନ ଓ ଚାଖିଖୁଣ୍ଟିଆ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଥାଏ।

ଡିସେମ୍ବର ୩୦ ତାରିଖରେ ଶାମ୍ବ ଦଶମୀ ପଡୁଥିବାରୁ ଚାଖି ଖୁଣ୍ଟିଆଙ୍କ ଜୟନ୍ତୀ ଉକ୍ତଦିନ ପାଳିତ ହେବ। ଉତ୍ସବକୁ ଶୃଙ୍ଖଳାର ସହ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ପୂର୍ବାହ୍ନରେ ସର୍କିଟ ହାଉସ ମିନି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଚାଖି ଖୁଣ୍ଟିଆ କେବଳ ଜଣେ ସଂଗ୍ରାମୀ ଭାବେ ନୁହଁନ୍ତି, ମହାପ୍ରଭୁଙ୍କ ଜଣେ ଶ୍ରେଷ୍ଠ ଭକ୍ତ ଭାବେ ବେଶ ପରିଚିତ। ତାଙ୍କ ଜୟନ୍ତୀଙ୍କୁ ସୁନ୍ଦର ଭାବେ ପାଳନ ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ପୌରପାଳିକା ପକ୍ଷରୁ ପିକେଡିଏ ସ୍ଥିତ ଚାଖିଙ୍କ ପ୍ରତିମୂର୍ତ୍ତି ସ୍ଥଳ, ବୈଠକ ସ୍ଥଳ ପରିଷ୍କାର ପରିଚ୍ଛନ୍ନ ସହ ଆଲୋକ ବ୍ୟବସ୍ଥା ଇତ୍ୟାଦି କରାଯିବ ବୋଲି କହିଥିଲେ। ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ।

ଡିସେମ୍ବର ୩୦ ତାରିଖ ପୂର୍ବାହ୍ନ ୯ଟାରେ ପିକେଡିଏ ସ୍ଥିତ ଚାଖିଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ମାଲ୍ୟାର୍ପଣ କରିବେ। ଗତବର୍ଷଗୁଡ଼ିକ ପରି ସ୍କାଉଟ୍ସ, ଗାଇଡ୍ସ ପିଲା ଏଥିରେ ଯୋଗଦେବେ। ସମସ୍ତେ ସଦ୍‌ଭାବନା ସଭାଗୃହ ଠାରେ ଆୟୋଜିତ ସମାରୋହରେ ଯୋଗଦାନ କରିବେ। ଅତିଥିଙ୍କ ଉଦ୍‌ବୋଧନ ପରେ ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।ଏହି ଅବସରରେ ଏକ ଦେଶାତ୍ମବୋଧକ କବିତା ପାଠୋତ୍ସବ ମଧ୍ୟ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସ୍ମୃତି ପରିଷଦର ସଭାପତି ମାୟାଧର ମହାରଣା, ସମ୍ପାଦକ ଧ୍ରୁବଚରଣ କର, କାର୍ଯ୍ୟକାରୀ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଚାଖି ଖୁଣ୍ଟିଆଙ୍କ ଦାୟାଦ ନୀଳକଣ୍ଠ ହଜୁରୀ, ସଦସ୍ୟ ସୁକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# କଳାପତାକା ପ୍ରଦର୍ଶନ, ପୋଲିସକୁ ଗାଳିଗୁଲଜ, ଦୁର୍ବ୍ୟବହାର ପ୍ରଦର୍ଶନ, ୨ ଗିରଫ

**ନିମାପଡ଼ା,୧୭।୧୨(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ବ୍ଲକ କାର୍ଯ୍ୟାଳୟକୁ ଏକ ଭତ୍ତା ବଣ୍ଟନ ଶିବିରରେ ଯୋଗଦେବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆସୁଥିବାବେଳେ ଦୋଳବେଦୀ ଛକଠାରେ ସ୍ଥାନୀୟ ଅଞ୍ଚଳର ୨ ଯୁବକ ଉପମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ଓ ବିଧାୟକଙ୍କ ଦରମା ବୃଦ୍ଧି ବନ୍ଦ କର ଲେଖାଥିବା ଏକ ପ୍ଲା-କାର୍ଡ ଧରି କଳାପତାକା ପ୍ରଦର୍ଶନ କରିଥିଲେ। ଡ୍ୟୁଟିରେ ଥିବା ଜଣେ ପୋଲିସ ଅଧିକାରୀ ୨ ଯୁବକଙ୍କୁ ବାରଣ କରିବାରୁ ସେମାନେ ତାଙ୍କୁ ଅତିକଦର୍ଯ୍ୟ ଭାଷାରେ ଗାଳିଗୁଲଜ କରି ଠେଲାପେଲା କରି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ଦୁର୍ବ୍ୟବହାରର ଶିକାର ହୋଇଥିବା କର୍ତ୍ତବ୍ୟରତ ପୋଲିସ ଏଏସ୍‌ଆଇ ଚିନ୍ମୟ ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏ ସମ୍ପର୍କରେ ୨ ଯୁବକଙ୍କ ବିରୋଧରେ ଅତି ସଙ୍ଗୀନ ଦଫାରେ କେସ୍ ନମ୍ବର ୩୬୨/୨୫ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛନ୍ତି। ଏହି ମାମଲାରେ ପୋଲିସ ସ୍ଥାନୀୟ ଥାନା ଅନ୍ତର୍ଗତ ଅଂଶାଲୋ ଗ୍ରାମର ରାକେଶ ସାହୁ, ଅଣ୍ଡିଆସାହି ଗ୍ରାମର ସୁଜିତ ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଯୁବକଦ୍ୱୟଙ୍କ ଏଭଳି ହୀନ କାର୍ଯ୍ୟକୁ ଭାଜପାର ମଣ୍ଡଳ ସଭାପତି ସନ୍ତୋଷ ପରିଡ଼ା, ସତ୍ୟଭୂଷଣ ସ୍ୱାଇଁ, ନିରଞ୍ଜନ ନାୟକ ପ୍ରମୁଖ ତୀବ୍ର ନିନ୍ଦା କରିଛନ୍ତି। ନିମାପଡ଼ାରେ ବିକାଶକୁ ସହିପାରୁନାହାନ୍ତି ବିରୋଧି ଅସହିଷ୍ଣୁ ହୋଇ ଏଭଳି ହୀନ କାର୍ଯ୍ୟ କରୁଛନ୍ତି ବୋଲି ଭାଜପା ନେତା ଓ ମଣ୍ଡଳ ସଭାପତିମାନେ କହିଛନ୍ତି।

# ସଞ୍ଜୟଙ୍କୁ ବିରୋଧ, କେନାଲ ଖୋଳା ପାଇଁ ଚାଷୀଙ୍କ ଦାବି



ଚାଷୀମାନେ ସଞ୍ଜୟଙ୍କୁ ବିରୋଧ କରିବା ସହିତ ଜାଡ଼ି ନଦୀ କେନାଲ ଖୋଳିବାକୁ ଦାବି କରୁଛନ୍ତି।

**ବ୍ରହ୍ମଗିରି,୧୭।୧୨(ସ୍ୱାଧୀନ ଚମ୍ପତିରାୟ)**

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କୁଶୁବେଣ୍ଟି ପଞ୍ଚାୟତ ଅଧୀନ ହରିଦାସ ଓ କୁଶୁବେଣ୍ଟି ଗାଁ ନିକଟସ୍ଥ ଜାଡ଼ିନଦୀ କେନାଲ ଖୋଳାକୁ ନେଇ ଦିନକୁ ଦିନ ବିବାଦ ବଢ଼ିବାରେ ଲାଗିଛି। ମଙ୍ଗଳବାର ସଞ୍ଜୟ ଦାସବର୍ମାଙ୍କ ନେତୃତ୍ୱରେ ଥାନା ସମ୍ମୁଖରେ ଧାରଣା ପରେ ବୁଧବାର ହଜାର ହଜାର ଚାଷୀ ସଞ୍ଜୟଙ୍କୁ ବିରୋଧ କରିବା ସହିତ ଜାଡ଼ିନଦୀ କେନାଲ ଖୋଳିବାକୁ ଦାବି କରିଛନ୍ତି।

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କୁଶୁବେଣ୍ଟି ପଞ୍ଚାୟତର ଜାଡ଼ିନଦୀ କେନାଲ ଖୋଳିବାକୁ ହରିଦାସ ଗ୍ରାମବାସୀ ବିରୋଧ କରିଥିଲେ। ଏନେଇ ସୋମବାର ପୋଲିସ ଓ ହରିଦାସ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଏହି ବିବାଦରେ ଗ୍ରାମବାସୀ ପ୍ରଶାସନକୁ ବିରୋଧ କରିବା ସହିତ ପୋଲିସ ଉପରକୁ କାଦୁଅ ଫିଙ୍ଗିଥିଲେ। ଫଳରେ ପୋଲିସ ୭୦ରୁ ଊର୍ଦ୍ଧ୍ୱ ବିରୋଧକାରୀଙ୍କୁ ଗିରଫ କରିଥିଲା। ଚାଷୀମାନଙ୍କୁ ବେଆଇନ ଗିରଫ ପୋଲିସର ମାତ୍ରାଧିକ କାର୍ଯ୍ୟକଳାପ ପ୍ରତିବାଦରେ ବ୍ରହ୍ମଗିରି ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାସ ବର୍ମାଙ୍କ ନେତୃତ୍ୱରେ ମଙ୍ଗଳବାର ବ୍ରହ୍ମଗିରି ବିଜେଡ଼ି ତରଫରୁ ବ୍ରହ୍ମଗିରି ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଚାଷୀଙ୍କ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବ୍ରହ୍ମଗିରି କୃଷକ ସଂଗଠନ ପକ୍ଷରୁ ବ୍ରହ୍ମଗିରି ବସ୍‌ଷ୍ଟାଣ୍ଡ ଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସଞ୍ଜୟଙ୍କୁ କଟୁ ସମାଲୋଚନା କରିଥିଲେ। ଏହାସହ ଉକ୍ତ କେନାଲ ଖୋଳାଯିବାକୁ ଦାବି କରିଥିଲେ। ଏହା ସହ ବ୍ରହ୍ମଗିରି ଥାନାଧିକାରୀଙ୍କ ଜରିଆରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବ୍ରହ୍ମଗିରି ଅଞ୍ଚଳର ବିକାଶମୂଳକ କାର୍ଯ୍ୟରେ ସଞ୍ଜୟଙ୍କ ହସ୍ତକ୍ଷେପକୁ ବିରୋଧ କରି ଉକ୍ତ ଚାଷୀଙ୍କ ସହିତ ବହୁ ବୁଦ୍ଧିଜୀବୀ ସାମିଲ୍ ହୋଇଥିଲେ। ସେମାନଙ୍କ ମଧ୍ୟରେ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ନାୟକ, ମନୋରଞ୍ଜନ ରାୟ, ବିଶ୍ୱମ୍ଭର ସାମନ୍ତରାୟ ଓ ଅଧିକାରୀ ନାୟକ ପ୍ରମୁଖ ସାମିଲି ଥିଲେ।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RWS&S DIVISION, SUNDARGARH**
**"e"- Procurement Notice**
**1st Corrigendum to Identification No.11 of 2025-26**
**Letter No.3089 Dated 16.12.2025**

No.O-1811: 1) Name of Works:- Execution of Solar P.W.S. Scheme in the district of Sundargarh. 2) Total Number of Works: 2 Nos. (Detailed list available in the website). 3) Estimated Cost: From Rs.54.39 Lakhs to 81.58 Lakhs. 4) Class of Contractor: "B". 5) Period of Completion: 6 Months.

| Procurement Officer | Bid Identification No. | Availability of tender online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Water Supply & Sanitation Division, Sundargarh | Online Tender/ 11/ RWSS/SNG/ 2025-26 | 18.12.2025 at 11.00 Hours | 07.01.2026 upto 17.00 Hours |

NB- Further details can be seen from the website **www.tendersodisha.gov.in**
OIPR-25009/11/0006/2526 **Sd./- Superintending Engineer, RWS&S Division, Sundargarh**

**GOVERNMENT OF ODISHA** Email: eebbsr1@yahoo.co.in
**OFFICE OF THE SUPERINTENDING ENGINEER, BHUBANESWAR (R&B) DIVISION NO.I, BHUBANESWAR**
Mail Id: eebbsr1@yahoo.co.in
**INVITATION FOR BIDS**
**E-Procurement Tender Call Notice No.74 of 2025-26**
**No.12980 (Estg) Bhubaneswar, Dated the 05.12.2025**

No.B-823:The Superintending Engineer, Bhubaneswar (R&B) Division No.I, Bhubaneswar on behalf of the Governor of Odisha invites percentage rate bids in **Double cover** system (**online**) for following works as detailed in the table given below.

| Sl. No. | Name of the Work | Approximate Estimated cost put to Tender (Rs. in Lakh) | EMD/Bid Security | Cost of Bid Document | Class of Contractor | Period of Completion |
|---|---|---|---|---|---|---|
| 1 | Improvement to Lokaseva Bhavan, Bhubaneswar such as construction of Pre-fabricated Annex Office Building for C.M. Block at 3rd Floor roof top of RD Department for the year 2025-26. | Rs.90.50 | Rs.90,500/- | Rs.10,000/- Online | B Class Only | 03 (Three) Calendar Months |

Date & Time of availability of bid document in the portal/online:From 11.00 AM of 12.12.2025 to 5.30 P.M. of 26.12.2025. Last Date of online submission of bid document in the portal/online: 5.30 P.M. of 26.12.2025. Date of Opening: 12.30 P.M. of 27.12.2025. Name and address of officer inviting bid: Superintending Engineer, (R&B) Division No.I, Bhubaneswar. Further details can be seen from the e-procurement portal: https://tendersodisha.gov.in.
OIPR-34076/11/0040/2526 **Sd./- Superintending Engineer, BBSR (R&B) Division No.I, Bhubaneswar**

**ODISHA PUBLIC SERVICE COMMISSION CUTTACK**
**NOTICE**
**No. 8678 / PSC., Dt. 17.12.2025**
**(DR-IV)(2PA-01-2025-26)**
**Recruitment to the post of Assistant Section Officer in the Office of Advocate General, Odisha**
**(Advt. No. 02 of 2025-26)**

**No.D-281** : In continuation to this office Notice No. 8539/PSC, dtd. 10.12.2025, it is for information of all provisionally qualified candidates that the **Document Verification and Skill Test in Computer (Practical)** for recruitment to the post of **Assistant Section Officer in the Office of Advocate General, Odisha,** pursuant to Advertisement No. 02 of 2025-26 will be held on **24.12.2025 (Wednesday)** at two Technical Institutions of Cuttack Zone as per the programme detailed below.

**PROGRAMME OF DOCUMENT VERIFICATION**

| Date and time | Venue | Roll No of candidates to be verified |
|---|---|---|
| 24.12.2025 (Wednesday) 11.30 A.M. to 02.30 P.M. | KMBB Science Higher Secondary School Campus-II, Naranpur, Belagachia, Trisulia, Cuttack-754005 | 200309, 200866, 201301, 201897, 202375, 202671, 202902, 203588, 206381, 206646, 303011, 304523, 305729, 305968, 308411, 308871, 308925, 308930, 309088, 309095, 310597, 400099, 400128, 400151, 400424, 400425, 400470, 405432, 405917, 406264 = 30 Candidates |
| | Bhubanananda Orissa School of Engineering (BOSE), Near SCB Medical College Hospital, Po-Mangalabag, Jobra, Cuttack, 753007 | 407849, 408903, 409168, 409487, 409551, 410436, 412654, 412756, 413471, 413583, 413639, 413695, 415335, 416205, 416410, 416525, 417758, 418189, 418231, 419057, 419615, 419893, 420131, 420359, 420791, 421111, 422480, 422809, 423825, 425248, 500959, 502215, 504052, 601129, 601141, 601309, 601832, 604135 = 38 Candidates |

**N.B. -** The candidates are required to report **30 minutes before** the commencement of Document Verification.

**PROGRAMME OF SKILL TEST IN COMPUTER (PRACTICAL)**

| Date | Venue | Time of Skill test | Generation of printout of Answer sheets |
|---|---|---|---|
| 24.12.2025 (Wednesday) | KMBB Science Higher Secondary School Campus-II, Naranpur, Belagachia, Trisulia, Cuttack-754005 | 03.00 P.M. to 04.00 P.M. (03.00 P.M. to 04.20 P.M. for PwD Candidates) | 04.00 P.M. to 05.00 P.M. (04.20 P.M. Onwards for PwD Candidates) |
| | Bhubanananda Orissa School of Engineering (BOSE), Near SCB Medical College Hospital, Po-Mangalabag, Jobra, Cuttack, 753007 | | |

The candidates are required to download the **"Admission Certificate" & "Instruction to Candidates"** from website of the Commission **www.opsc.gov.in** from 20.12.2025 onwards.

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/documents and is subject to fulfilment of terms & conditions laid down in the Advertisement.

**THE CANDIDATES ARE REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH A SET OF SELF ATTESTED PHOTOCOPY OF THE FOLLOWING DOCUMENTS AT THE TIME OF VERIFICATION:-**

1. Hard copy of online Application form mentioning Roll No. at the Top Right-Hand Corner. Application Forms are available in the website of the Commission.
   The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via **www.opscechayan.in**.
2. **Four (04) passport size photographs tagged** with the Application Form.
3. **H.S.C. or Equivalent Certificate** in support of declaration of age.
4. **Bachelor's Degree Certificate** issued by the recognized University;
5. Mark-lists in support of all the aforesaid examinations (H.S.C. to Bachelor's Degree) passed including fail marks, if any, issued by the concerned Board/Council/University.
6. **Conversion Certificate/ Conversion Formula** in case of award of "grade marks" in from the concerned University indicating the actual equivalent percentage of marks and the conversion formula of Bachelor's Degree wherever applicable.
7. **Caste Certificate by birth** in support of claim as S.C./ S.T., wherever applicable **(Please see Note-1)** issued (within the last date of submission of Online Application Form).
8. Required **Odia Test Pass Certificate** issued (within the last date of submission of Online Application Form).
9. **Permanent Disability Certificate** (indicating percentage of permanent disability i.e., 40% or more) issued by the concerned Medical Board wherever applicable.
10. **Discharge** Certificates in case of Ex-Servicemen **issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Department notification No.22586-Gen., dt.16.10.1985**.
    Further, Ex-Servicemen candidates must submit that he/she has not been appointed against a civil post after retirement from military service.
11. **No Objection Certificate** issued by the Competent Authority in case of Government servants.
12. **Any proof of photo Identity**.
13. **Attestation Form** duly filled-in by the candidate and signed by a Gazetted Officer (to be downloaded from the website of the Commission).
14. Any other documents as per Para-11 of the Advertisement.

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date on the same**.

**OIPR-12002/11/0344/2526** **Sd./- Secretary**

# ସମୁଦ୍ର ଆଁରେ ଶିଆଳି



ଶେଷ ହେବାକୁ ବସିଥିବା ବର୍ଷ '୨୦୨୫' ଉପକୂଳ ଓଡ଼ିଶାର ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ ଛାଡ଼ିଯାଇଛି ଅନେକ ସ୍ମୃତି। ଜଳବାୟୁ ପରିବର୍ତ୍ତନଜନିତ ପ୍ରକୃତିର କୋପକୁ ଲୋକେ ପ୍ରତ୍ୟକ୍ଷ ଅନୁଭବ କରିଛନ୍ତି ଏହି ଆଲୋଚ୍ୟ ବର୍ଷରେ। ସମୁଦ୍ରର ଉତ୍ତାଳ ଢେଉ ଜଗତ୍‌ସିଂହପୁର ଜିଲାର ଶିଆଳି କୂଳକୁ ଗିଳିବାକୁ ଲାଗିଛି, ଯାହାର ଛାତିଥରା ଦୃଶ୍ୟ ସେହି ଅଞ୍ଚଳର ବାସିନ୍ଦାଙ୍କୁ ଚିନ୍ତିତ କରିଦେଇଛି। ଭିଟାମାଟି ହରାଇବା ଆଶଙ୍କା ସେମାନଙ୍କୁ ଘାରିଛି। ଏଭଳି ପ୍ରକୃତି ଦତ୍ତ ସଙ୍କଟ ଭିତରେ କେନ୍ଦ୍ରାପଡ଼ା ଜିଲାର ଭିତରକନିକାରେ ପକ୍ଷୀ, କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପ୍ରାଣୀପ୍ରେମୀଙ୍କୁ ଖୁସି ଦେଇଛି। ହେଲେ ରୋଗ, ଦୁର୍ଘଟଣା, ଅପରାଧ ଆଦି କେତେକ ଘଟଣାରେ ଧନଜୀବନ ହାନି ଅନେକଙ୍କ ପାଇଁ ଅପୂରଣୀୟ କ୍ଷତି ସାବ୍ୟସ୍ତ ହୋଇଛି।

ଏରସମା ବ୍ଲକ ପଦ୍ମପୁର ପଞ୍ଚାୟତ ଅନ୍ତର୍ଗତ ଶିଆଳି ସମୁଦ୍ର ବେଳାଭୂମି ଗତ ୨୦୧୬ରେ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିଲା। ଏହାର ଗୋଟିଏ ପଟେ ବଙ୍ଗୋପସାଗରର ଦିଗନ୍ତ ବିସ୍ତାରୀ ନୀଳ ଉତ୍ତାଳ ତରଙ୍ଗ, ଅପରପଟେ ଝାଉଁ ଜଙ୍ଗଲ ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ମାତ୍ର ପରିତାପର ବିଷୟ, ସମୁଦ୍ରର ଲୁଣା ଜୁଆର ଗତ ୫ ବର୍ଷ ହେଲା ଆଶାତୀତ ବୃଦ୍ଧି ପାଇଛି। ପୂର୍ଣ୍ଣିମା ଓ ଅମାବାସ୍ୟାରେ ଜୁଆର କୂଳ ଲଘିଂ ଝାଉଁବଣକୁ ଗର୍ଭକୁ ନେଇଛି। ଏପରିକି ଅକ୍ଟୋବରରେ ରାମତରା ଗ୍ରାମ ନିକଟରେ ଲୁଣା ଜୁଆର ମାଡ଼ରେ ଏକ ନୂତନ ମୁହାଣ ସୃଷ୍ଟି ହୋଇଛି।

## ଅନ୍‌ଲାଇନ ଗେମ୍ ନିଶା
## ପରିବାରର ୩ ଜଣଙ୍କୁ ହତ୍ୟା

ମାର୍ଚ୍ଚ ୩ ବିଳମ୍ବିତ ରାତିରେ ଜଗତ୍‌ସିଂହପୁର ସହର ଅନ୍ତର୍ଗତ ଚାଟରା ଧୋବା ସାହିରେ ଏକ ହୃଦୟବିଦାରକ ଘଟଣା ଘଟିଥିଲା। ମୋବାଇଲ ଫୋନରେ ଅନ୍‌ଲାଇନ ଗେମ ଖେଳିବାକୁ ବିରୋଧ କରିବାରୁ ଯୁବକ ସୂର୍ଯ୍ୟକାନ୍ତ ସେଠୀ ମା', ବାପା ଓ ଭଉଣୀଙ୍କୁ ହତ୍ୟା କରିଥିଲେ। ସେ ଯୁକ୍ତ ୩ କଳାରେ ପାସ କରିଥିବାବେଳେ କୌଣସି କାମ ନ କରି ଅନେକ ସମୟରେ ମୋବାଇଲ୍ ଫୋନ୍‌ରେ ଗେମ ଖେଳୁଥିଲେ। ଏପରି କି କେତେଜଣ ସାଙ୍ଗଙ୍କ ସହ ମିଶି ଭୂତ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଛାଡ଼ୁଥିଲେ। ମଝିଆଁ ଭାଇ ଗେମ୍ ଖେଳିବାକୁ ବାରଣ କରିବା ସହ ଫୋନ ନେବା ପରେ ସେ ମାନସିକ ଭାରସାମ୍ୟ ହରାଇଥିଲେ। ଘଟଣା ଦିନ ଖଟ ତଳେ ଥିବା ଏକ ପଥର ଚକିରେ ସେ ମା'ବାପା ଓ ସାନ ଭଉଣୀଙ୍କୁ ଛେଚି ହତ୍ୟା କରିଥିଲେ।

## ଉତ୍ତର ସିକିମରେ ଦୁର୍ଘଟଣା
## ଭାଜପା ନେତ୍ରୀ ନିଖୋଜ



ଯାଜପୁର ରୋଡ୍ ଉମାପଦା ୧୬ ନଂ. ୱାର୍ଡ ବାସିନ୍ଦା ତଥା ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସମ୍ପାଦିକା ଇତିଶ୍ରୀ ଜେନାଙ୍କ ସମେତ ତାଙ୍କ ପରିବାରର ୪ ସଦସ୍ୟ ସିକିମ ଅଞ୍ଚଳରେ ମେ' ୨୯ ରାତିରେ ମର୍ମନ୍ତୁଦ ଦୁର୍ଘଟଣାର ଶିକାର ହେବାପରେ ନିଖୋଜ ହୋଇଯାଇଥିଲେ। ନିଖୋଜମାନେ ହେଲେ ଇତିଶ୍ରୀ ଓ ତାଙ୍କ ବଡ଼ପୁଅ ସାହିଲ, ଭାଇ ଅଜିତ ନାଏକ ଓ ଭାଉଜ ସୁନିତା। ସଙ୍କଟାପନ୍ନ ଅବସ୍ଥାରେ ଇତିଶ୍ରୀଙ୍କ ସାନପୁଅ ସାଇରାଜ ଓ ଭାଇଙ୍କ ପୁଅ ଅଂଶୁମାନଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଏକ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍ଧାର କାର୍ଯ୍ୟ, ଆବଶ୍ୟକ ଚିକିତ୍ସା ଏବଂ ଫେରିବା ବ୍ୟବସ୍ଥା କରିବାକୁ ସିକିମ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ପ୍ରାୟ ୧୦୦୦ଫୁଟ ଉଚ୍ଚରେ ଥିବା ଚୁଙ୍ଗଥାଙ୍ଗକୁ ଟୁରିଷ୍ଟ ଗାଡିରେ ବୁଲିବାକୁ ଯାଇ ଫେରୁଥିବା ସମୟରେ ଇତିଶ୍ରୀ ବସିଥିବା କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ତିସ୍ତା ନଦୀରେ ଖସି ପଡ଼ିଥିଲା। ଆଜି ଯାଏ ନିଖୋଜଙ୍କ ପତ୍ତା ମିଳିନାହିଁ।

## ପୂର୍ବତନ ବିଧାୟକ ଦେବେନ୍ଦ୍ର, ଅଳିଆ ଗୋଟାଳି କମଳାଙ୍କ ପରଲୋକ





ମାର୍ଚ୍ଚ ୨୧ରେ ଆଳି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଦେବେନ୍ଦ୍ରନାଥ ଶର୍ମା (୬୬)ଙ୍କ ପରଲୋକ ହୋଇଯାଇଛି। ଏହି ନିର୍ବାଚନମଣ୍ଡଳୀର ୧୫ତମ ବିଧାୟକ ଭାବେ ଶର୍ମା ୨୦୧୪ରେ କଂଗ୍ରେସ ଟିକେଟରେ ନିର୍ବାଚିତ ହୋଇଥିଲେ। ରାଜ୍ୟ କଂଗ୍ରେସର ଜଣେ ଦୃଢ଼ମନା ବିଧାୟକ ଭାବେ ପରିଚିତି ପାଇଥିଲେ। ସେ ରାଜ୍ୟ କ୍ରିକେଟ ଆସୋସିଏଶନର ସଭ୍ୟ ଓ ଜିଲା କ୍ରିକେଟ ଆସୋସିଏଶନର ସଭାପତି ଥିଲେ। ଏଥିସହ ଆଳି ଅଞ୍ଚଳର ଫୁଟ୍‌ବଲ ଖେଳାଳିଙ୍କୁ ଜାତୀୟସ୍ତରରେ ପହଞ୍ଚାଇବା ତାଙ୍କର ବିଶେଷ ଅବଦାନ ରହିଥିଲା। ସେହିପରି ବର୍ଜ୍ୟବସ୍ତୁରୁ ଘରକରଣା ସାମଗ୍ରୀ ନିର୍ମାଣ କରି ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା କମଳା ମହାରଣାଙ୍କ ମୃତ୍ୟୁ ମେ ୨୮ରେ ହୋଇଥିଲା। ବର୍ଜ୍ୟବସ୍ତୁ ପରିଚାଳନା ଓ ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସ୍ୱାବଲମ୍ବୀ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସମ୍ପର୍କରେ ରେଡିଓ କାର୍ଯ୍ୟକ୍ରମ ମନ କି ବାତରେ ପ୍ରଶଂସା କରିଥିଲେ। ଏଥିସହ ଗତ ୨୦୨୪ ସାଧାରଣ ନିର୍ବାଚନ ମଞ୍ଚରେ ପ୍ରଧାନମନ୍ତ୍ରୀ ମୋଦି କମଳାଙ୍କ ପାଦ ଛୁଇଁ ନମସ୍କାର କରିଥିବାରୁ ସେ ବହୁ ଚର୍ଚ୍ଚିତ ଥିଲେ।

## ମାଟିରେ ମିଶିଲା ସନ୍ଦିଗ୍ଧ ବାଂଲାଦେଶୀଙ୍କ ଘର

ଜଗତ୍‌ସିଂହପୁର ଥାନା ବେହେରାମପୁରଠାରେ ବେଆଇନ ଭାବେ ଗଢ଼ିଉଠିଥିବା ବସ୍ତିକୁ ପୋଲିସ ଓ ପ୍ରଶାସନ ମାଟିରେ ମିଶାଇଛି। ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀ ରହୁଥିବା ଖବରପାଇ ନଭେମ୍ବର ୧୬ରେ ପୋଲିସ ଚଢ଼ାଉ କରିଥିଲା। ଏହି ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। କେତେଜଣ ସନ୍ଦିଗ୍ଧଙ୍କ ଆକ୍ରମଣରେ ଅତିରିକ୍ତ ଏସ୍‌ପିଙ୍କ ସହ ଏକାଧିକ ପୋଲିସ ଆହତ ହୋଇଥିଲେ। ପରେ ସଦଳବଳ ପୋଲିସ ଓ ଫୋର୍ସ ସେଠାରେ ପହଞ୍ଚି ବସ୍ତିରେ ବାଂଲାଦେଶୀ ସନ୍ଦିଗ୍ଧଙ୍କୁ ଆଶ୍ରୟ ଦେଇଥିବା ମୁଖ୍ୟ ଅଭିଯୁକ୍ତ ଖସି ଯାଇଥିବାବେଳେ ୭ ଦିନ ପରେ ସିକନ୍ଦର ଆଲାମ ଓ ତାଙ୍କ ଭାଇ ଅମଦୁଲ ମୋତାଲିଫଙ୍କୁ ଯାଜପୁର ଜିଲାରୁ ଗିରଫ କରିଥିଲା। ସେମାନେ ଯାଜପୁର, ଭଦ୍ରକର ଧାମରା ଦେଇ ଜଳପଥରେ ବାଂଲାଦେଶ ପଳାଇବାକୁ ଚେଷ୍ଟା କରୁଥିଲେ।




## ଭିତରକନିକାରେ ବଢ଼ିଲା ପକ୍ଷୀ, କୁମ୍ଭୀର ସଂଖ୍ୟା

ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତବର୍ଷ ସାମୁଦ୍ରିକ ଜୀବ ଓ ବନ୍ୟ ପ୍ରାଣୀଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ବଢ଼ିଛି। ଚଳିତବର୍ଷ ଜାନୁଆରୀରେ ଗଣନା ସମୟରେ ମୋଟ ୧୨୨ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥିଲା। ଗତବର୍ଷ ପକ୍ଷୀ ସଂଖ୍ୟା ୧,୫୧,୪୨୧ ଥିବାବେଳେ ଚଳିତ ବର୍ଷ ୧,୫୧,୬୧୪ରେ ପହଞ୍ଚି ଥିଲା। ସେହିପରି ଗତ ୨୦୨୪ରେ କୁମ୍ଭୀର ସଂଖ୍ୟା ୧୮୧୧ ଥିବା ବେଳେ ଚଳିତବର୍ଷ ଗଣନାରେ ୧୮୨୬କୁ ବୃଦ୍ଧି ପାଇଛି।

## ପ୍ରତାରଣା ନିଆଁରେ ଜଳିଗଲେ ଛାତ୍ରୀ



ଅଗଷ୍ଟ ୬ରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା କାଠିଆପଡ଼ାରେ ଯୁକ୍ତ ୩ କଲେଜ ଛାତ୍ରୀ ସଙ୍ଗୀତା ପରିଡ଼ା ଦେହରେ ନିଆଁ ଲଗାଇବାରୁ ମୃତ୍ୟୁ ଘଟିଥିଲା। ପ୍ରେମିକଙ୍କ ପ୍ରତାରଣାରୁ ଏହି ଘଟଣା ଘଟିଥିଲା ବୋଲି ପରିବାର ସଦସ୍ୟ ଅଭିଯୋଗ କରିଥିଲେ। ଏହି ଘଟଣାରେ ୨ ପୋଲିସ ଅବହେଳା କରିଥିବା ଅଭିଯୋଗରେ ଜିଲା ପୋଲିସର କାର୍ଯ୍ୟାନୁଷ୍ଠାନର ଶିକାର ହୋଇଥିଲେ।

## ଅଳଙ୍କାର ଦୋକାନ ଗୁଳିକାଣ୍ଡରେ ୨ ମୃତ

ପାଣିକୋଇଲିରେ ଥିବା ପଣ୍ଡା ଅଳଙ୍କାର ଦୋକାନରେ ଜାନୁଆରୀ ୪ରେ ଲୁଟ୍ ଉଦ୍ୟମ ହୋଇଥିଲା। ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ କୋରେଇ ବ୍ଲକ ଭୁବନେଶ୍ୱର ଗାଁର ସୁନୀଲ ରାୟ ଓ ସୋତି ଗାଁର ନୀଳମାଧବ ପଣ୍ଡାଙ୍କ ମୃତ୍ୟୁ ହୋଇଥିଲା। ୩ ଯୁବକ ଅଳଙ୍କାର ଦୋକାନ ସମ୍ମୁଖ ରାସ୍ତାରେ ଛିଡ଼ାହୋଇ ୩ ରାଉଣ୍ଡ ଗୁଳି ଚଳାଇଥିଲେ। ସ୍ଥାନୀୟ ଲୋକେ ୨ ଜଣଙ୍କୁ କାବୁ କରିଥିଲେ। ସେମାନେ ଆସାମ ଅଞ୍ଚଳର ବୋଲି ସୂଚନା ମିଳିଥିଲା। ସେମାନେ ଗିରଫ ହେବାର କିଛିଦିନ ପରେ ଚୌଦ୍ୱାର ଜେଲରୁ ଚମ୍ପଟ ମାରିଥିଲେ। ନଭେମ୍ବର ୨୨ରେ ଏହି ଘଟଣାର ମାଷ୍ଟର ମାଇଣ୍ଡକୁ ପୋଲିସ ଗିରଫ କରିଥିଲା।

## ଡାଇରିଆ ନେଲା ୨୨ ଜୀବନ

ଯାଜପୁର ଜିଲାରେ ଜୁନ୍ ଓ ଜୁଲାଇରେ ଡାଇରିଆ ସଂକ୍ରମଣରେ ବେସରକାରୀ ଭାବେ ୨୨ଜଣଙ୍କ ଜୀବନ ନେଇଥିଲା। ଏଥିରେ ୨ ହଜାର ରୋଗୀ ଆକ୍ରାନ୍ତ ହୋଇଥିଲେ। ଏକ ବାହାଘର ଭୋଜିରୁ ଜୁନ ୧୨ରେ ପ୍ରଥମେ ଡାଇରିଆ ବ୍ୟାପିଥିଲା। ଆକ୍ରାନ୍ତଙ୍କୁ ଯାଜପୁର ରୋଡ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଜିଲାର ପ୍ରତ୍ୟେକ ଡାକ୍ତରଖାନାରେ ଡାଇରିଆ ରୋଗୀ ଭର୍ତ୍ତି ହୋଇଥିଲେ।

## ପାଣିରେ ବୁଡ଼ି ୭୩ ମଇଁଷି ମୃତ

ପାଣିରେ ବୁଡ଼ି ଏକକାଳୀନ ୭୩ଟି ମଇଁଷିଙ୍କ ମୃତ୍ୟୁ ଘଟଣା କେନ୍ଦ୍ରାପଡ଼ା ଜିଲାରେ ଅଗଷ୍ଟ ୧୭ରେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲା। ଆଳି ବ୍ଲକ ଅଧୀନ ଏକମାଣିଆ ଗ୍ରାମର ୪ଜଣ ଗୋପାଳକଙ୍କ ଏହି ମଇଁଷିଗୁଡ଼ିକ ବ୍ରାହ୍ମଣୀ ନଦୀ ଶାଖା ଦକ୍ଷିଣଡିହା ଗଳିଆ ପାଣି ନାଳ ଦେଇ ଚରିବାକୁ ଯାଉଥିଲେ। ଏହି ସମୟରେ ଗୋଟିଏ ପରେ ଗୋଟିଏ ମଇଁଷଙ୍କ ମୃତ୍ୟୁ ହୋଇଥିଲା। ଅପରାହ୍ନରେ ୪୪ଟି ମଇଁଷିଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପରଦିନ ଅବଶିଷ୍ଟ ମଇଁଷିଙ୍କ ମୃତଦେହ ସେହି ନାଳରୁ ମିଳିଥିଲା। ଜିଲା ପ୍ରାଣୀ ଚିକିତ୍ସାଳୟର ଡାକ୍ତରମାନେ ଏହାର କାରଣ ସମ୍ପର୍କରେ ତଦନ୍ତ କରିଥିଲେ। ହେଲେ ଏଯାବତ ମଇଁଷ ମୃତ୍ୟୁ ଘଟଣାର କାରଣ ଅସ୍ପଷ୍ଟ ରହିଛି।



## ପାଟ୍ରୋଲିଂ ଜାହାଜ ଅଦମ୍ୟର ଶୁଭାରମ୍ଭ



ଉପକୂଳ ସୁରକ୍ଷା ବ୍ୟବସ୍ଥା ଅଧିକ ସକ୍ରିୟ କରିବା ପାଇଁ ସେପ୍ଟେମ୍ବର ୧୯ରେ କେନ୍ଦ୍ର ସରକାର ପାରାଦୀପରେ ଆଉ ଏକ ନୂଆ ପାଟ୍ରୋଲିଂ ଜାହାଜ ଅଦମ୍ୟ ଲୋକାର୍ପଣ କରିଥିଲେ। ୨୧ ମିଟର ଲମ୍ବ ଓ ୩୪୨୦ ଟନ ବିଶିଷ୍ଟ ଉକ୍ତ ଜାହାଜରେ ୩୪ ଜଣ ଯବାନଙ୍କୁ ମୁତୟନ କରାଯାଇଛି।



## ମାଛଧରା ବନ୍ଦରରେ ଜଳିଲା ଡଙ୍ଗା, ବୋଟ୍

ପାରାଦୀପ ମାଛଧରା ବନ୍ଦର ପୋତାଶ୍ରୟରେ ମାର୍ଚ୍ଚ ୫ ତାରିଖରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୧୦ରୁ ଅଧିକ ଡଙ୍ଗା ଓ ବୋଟ ପୋଡ଼ି ଯାଇଥିଲା ବେଳେ ଏଥିରେ କୋଟିଏରୁ ଅଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଯୁକ୍ତ୨ ଚତୁର୍ଥ ପର୍ଯ୍ୟାୟ ନାମଲେଖା ପାଇଁ ୧୬୪୬ ଛାତ୍ରୀଛାତ୍ର ଚୟନ

ଭୁବନେଶ୍ୱର,୧୭।୧୨(ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ଯୁକ୍ତ୨ ଚତୁର୍ଥ ପର୍ଯ୍ୟାୟର ପ୍ରଥମ ମେଧାତାଲିକା ବୁଧବାର ପ୍ରକାଶ ପାଇଛି। ଆବେଦନ କରିଥିବା ସମସ୍ତ ୧୬୪୬ ଛାତ୍ରୀଛାତ୍ର ନାମଲେଖା ପାଇଁ ଚୟନ ହୋଇଛନ୍ତି। ମେଧାତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀମାନେ ୧୮ ଓ ୧୯ ତାରିଖରେ ନାମ ଲେଖାଇବେ। ୱେଟିଂ ତାଲିକାରେ ଥିବା ପ୍ରାର୍ଥୀ ୨୦ରୁ ୨୨ ତାରିଖ ମଧ୍ୟରେ ପଞ୍ଜୀକରଣ ଓ ୨୨ ତାରିଖରେ ସେମାନଙ୍କ ମେଧାତାଲିକା ପ୍ରକାଶ ପାଇବ। ୨୪ ତାରିଖ ମଧ୍ୟରେ ନାମଲେଖା ପ୍ରକ୍ରିୟା ସରିବ। ଏତେସଂଖ୍ୟକ ପିଲା ଆବେଦନ କରିଥିବାରୁ ଡ୍ରପ୍‌ଆଉଟ୍ ହାର କମିବ ବୋଲି ପରିଷଦ ପକ୍ଷରୁ ଆଶା କରାଯାଉଛି।

# ଆଇଆଇଆଇଟିରେ ପ୍ରତିଷ୍ଠା ହେବ ସେମିକଣ୍ଡକ୍ଟର ଉତ୍କର୍ଷ କେନ୍ଦ୍ର: ମୁଖ୍ୟମନ୍ତ୍ରୀ

## ଖର୍ଚ୍ଚ ହେବ ୪୦୦କୋଟି

ଭୁବନେଶ୍ୱର,୧୭।୧୨(ସୁଚିସ୍ମିତା ସାହୁ)

ଆଇଟି କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ରୂପେ ଗଢ଼ାଯିବ। ୪୦୦ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱରସ୍ଥିତ ଆଇଆଇଆଇଟିଠାରେ ଏକ ସେମିକଣ୍ଡକ୍ଟର 'ସେଣ୍ଟର ଅଫ୍ ଏକ୍ସିଲେନ୍ସ' ପ୍ରତିଷ୍ଠା ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ପ୍ରତିଷ୍ଠାନ ପରିସରରେ ଚାଲିଥିବା ଅନ୍ତର୍ଜାତୀୟ କ୍ରିପ୍ଟୋଗ୍ରାଫି ଓ ସୂଚନା ସୁରକ୍ଷା ସମ୍ମିଳନୀ 'ଇଣ୍ଡୋକ୍ରିପ୍ଟ-୨୦୨୫'ର ବୁଧବାର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସେମିକଣ୍ଡକ୍ଟର ମ୍ୟାଟେରିଆଲ୍ସ ଏବଂ ଡିଭାଇସେସ୍‌ରେ ପ୍ରସ୍ତାବିତ ଏହି ଉତ୍କର୍ଷ କେନ୍ଦ୍ର ଦ୍ୱାରା ଦକ୍ଷତା ବିକାଶ ହେବା ସହ ଗବେଷଣା, ନବୋନ୍ମେଷ ଏବଂ ଶିଳ୍ପ ସହଯୋଗକୁ ପ୍ରୋତ୍ସାହନ ମିଳିବ। ଏହା ଭାରତର ଜାତୀୟ ସେମିକଣ୍ଡକ୍ଟର ମିଶନ ସହ ସମନ୍ୱୟ ରଖି କରାଯିବ। ରାଜ୍ୟ ସରକାର ସାଇବର ସୁରକ୍ଷା, ଡିଜିଟାଲ ଶାସନ ଓ ଉନ୍ନତ ପ୍ରଯୁକ୍ତି ଗବେଷଣାକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ। ଦିନକୁ ଦିନ ଡେଟା ଉପରେ ନିର୍ଭର କରୁଥିବା କ୍ରିପ୍ଟୋଗ୍ରାଫି ଓ ସାଇବର ସୁରକ୍ଷା ଶାସନ, ଅର୍ଥନୈତିକ କାର୍ଯ୍ୟକଳାପ, ଜାତୀୟ ସୁରକ୍ଷା ଏବଂ ଜନସାଧାରଣର ଭରସାର କେନ୍ଦ୍ରବିନ୍ଦୁ ପାଲଟିଛି। ରାଜ୍ୟ ସରକାର ଜନସେବା, ଜମି ଓ ରାଜସ୍ୱ ରେକର୍ଡ, ସୁଶାସନ ଓ ବିପର୍ଯ୍ୟୟ ପ୍ରାକ୍ ସୂଚନା ପ୍ରଣାଳୀରେ ଡିଜିଟାଲ ପ୍ଲାଟ୍‌ଫର୍ମ ଆପଣାଇବାରେ ଅଗ୍ରଣୀ ରହିଛନ୍ତି। ଟ୍ରିପିଲ ଆଇଟି ପାଇଁ ରାଜ୍ୟ ସରକାରଙ୍କ ଦୀର୍ଘମିଆଦୀ ଯୋଜନାରେ ଭିତ୍ତିଭୂମି ଓ ଗବେଷଣା ଢାଞ୍ଚାକୁ ସୁଦୃଢ଼ କରାଯିବ। ଆଧୁନିକ ଗବେଷଣା ପ୍ରୟୋଗଶାଳାର ବିସ୍ତାର ପାଇଁ ମଧ୍ୟ ସରକାର ସହଯୋଗ ଯୋଗାଇଦେବେ। ଏଥିସହ ଏଠାରେ 'ଇ-ଗଭର୍ନାନ୍ସ ଓ ଡିଜିଟାଲ କାପାସିଟି ବିଲ୍ଡିଂ' ମଧ୍ୟ ପ୍ରତିଷ୍ଠା କରାଯିବ। ପ୍ରସ୍ତାବିତ କେନ୍ଦ୍ରରେ ସାଇବର ସୁରକ୍ଷା, କୃତ୍ରିମ ବୁଦ୍ଧିମତ୍ତା, ଡାଟା ସାଇନ୍ସ, ଅକ୍ଷୟଶକ୍ତି ମାଇକ୍ରୋ-ଗ୍ରୀଡ୍ସ ଓ ଉନ୍ନତ ୱାୟାରଲେସ୍ ଯୋଗାଯୋଗ ଭଳି ବିଭିନ୍ନ କ୍ଷେତ୍ରରେ ଗବେଷଣା ଓ ପ୍ରୟୋଗକୁ ସମନ୍ୱିତ କରାଯିବ। ଏଥିରେ ଶାସନ ଓ ଜନସେବା ପ୍ରଦାନ ଉପରେ ବିଶେଷ ଗୁରୁତ୍ୱ ରହିବ। ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ସହଯୋଗରେ ଏହି କେନ୍ଦ୍ର ଦକ୍ଷ ପ୍ରଶିକ୍ଷଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ସାଇବର ସୁରକ୍ଷାର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିଭାଗୀୟ ପ୍ରମୁଖ ସଚିବ ବିଶାଲ କୁମାର ଦେବ, ସି-ଡାକ୍ କୋଲକାତାର ସେଣ୍ଟର ମୁଖ୍ୟ ଡାକ୍ତର ଏ. ଏସ୍. ମୂର୍ତ୍ତି ପ୍ରମୁଖ ସେମିକଣ୍ଡକ୍ଟରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଆଇଟି ବିଭାଗର ସ୍ୱତନ୍ତ୍ର ସଚିବ ଡାକ୍ତର ପ୍ରଦୀପ କୁମାର ରାଉତ ଧନ୍ୟବାଦ ଦେଇଥିଲେ।


ଆଇଆଇଆଇଟିଠାରେ 'ଇଣ୍ଡୋକ୍ରିପ୍ଟ-୨୦୨୫'ର ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ମନ୍ତ୍ରୀ ଓ ଅନ୍ୟ ଅତିଥିମାନେ।


## Classified Everyday
0674-2580101, 9692975378


REAL ESTATE

SALE

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଛାରୁ ବିକ୍ରିହେବ। 9437754190.
ଧ-୨୮୫୦

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ପ୍ଲଟ ବିକ୍ରି ହେବ- 9178660666.
ଧ-୨୮୫୧

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14




Newly open health benifits, Joint pain relax good environment atmosphere 7653969971. D-2853

All types of physiotherapy with massage, Contact number 9556924059/ 7656969134. D-2766

## AFFIDAVIT

I, Barsharani Mohapatra, W/o.- Maheswar Mohapatra, At- Ghatakula, Netajinagar, P.O.- Madhupatana, Cuttack declare by this affidavit No. 9240, Dtd.- 10.10.25 before Executive Magistrate, Cuttack, that Barsharani Mohapatra and Kalpana Mohanty is one and same person. D-2855

By virtue of an affidavit sworn before the Executive Magistrate, Bhubaneswar, dated 17.12.2025, I, Ranjit Kumar Mohanty, S/o.- Ramakanta Mohanty, Address: At- 402, Avantika Apartment, near Gokul Residency, Pandara Road, Pandara, Bhubaneswar P.S.- Mancheswar, Dist.- Khordha, Odisha-751025 declare that I have changed the name of my son from Aayansh to Aayansh Mohanty. Henceforth, he shall be known as Aayansh Mohanty for all future purposes.
Ranjit Kumar Mohanty
D-2859

By virtue of an affidavit sworn before the Executive Magistrate, Bhubaneswar, Dtd.- 17.12.2025, I, Swati Mohanty, W/o.- Ranjit Kumar Mohanty, Address: At- 402, Avantika Apartment, near Gokul Residency, Pandara Road, Pandara, Bhubaneswar P.S.- Mancheswar, Dist.- Khordha, Odisha-751025 declare that I have changed my name from Mohanty Swati Ranjit to Swati Mohanty. Henceforth, I shall be known as Swati Mohanty for all future purposes.
Swati Mohanty
D-2858

By virtue of an affidavit sworn before Executive Magistrate, Keonjhar, vide No.- 03, dated 16.12.2025, I, Pradeep Kumar Biswal, S/o.- Sanatan Biswal, of Vill./ P.O.- Udayapur, P.S.- Patna, Dist.- Keonjhar, Odisha, PIN- 758045 declare that I have changed the name of my son from Sahim Biswal to Swastik Biswal. Henceforth, he shall be known as Swastik Biswal for all purposes.
Sd/- Pradeep Kumar Biswal
D-2856

By virtue of an affidavit before the Notary Public, Kundra, Dist.- Koraput, dated 12.12.2025, I, Namita Barik, W/o. Saiban Barik, At- Majhiguda, P.O.- Ramgiri, P.S.- Boipariguda, Dist.- Koraput, Odisha declare that I have changed the name of my son from Isaka Barika to Jhonson Barik. Hencefoth, he shall be known as Jhonson Barik for all purposes.
Namita Barik
D-2857

By virtue of an affidavit sworn before the Notary Public, Bhubaneswar, dated 17.12.2025, I, Sai Samarjeet Das, S/o.- Suresh Kumar Das, Address: At- Plot No. A-6/1, Indira Gandhi Housing Colony, P.O.- Sisupalgarh, P.S.- Dhauli, Bhubaneswar, Dist.- Khordha, Odisha-751002 declare that I have changed my name from Samarjeet Das to Sai Samarjeet Das. Henceforth, I shall be known as Sai Samarjeet Das for all future purposes.
Sai Samarjeet Das
D-2860

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଅନ୍ତର୍ଯ୍ୟାମୀ ମଙ୍ଗରାଜ
ଆବିର୍ଭାବ: ୨୭.୦୨.୧୯୪୪ | ତିରୋଧାନ: ୦୮.୧୨.୨୦୨୫

ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ।

ଶୋକ ସନ୍ତପ୍ତ
ଅମିତ୍ ଦାସ-ଜେନି, ଅସିତ୍ ଦାସ - ମୁନ୍ନ (ପୁତ୍ର ଓ ପୁତ୍ରବଧୂ), ଲୁସି - ବୁବୁନା, ଇକି - ଟୁଟୁଲା, ବିଲୁ - ମଧୁ, ଲିଟିଲ୍, ଲୁବ୍‌ଲି, ଖୁସି, ପିମୁନ୍, ଲାଡ୍‌ଲି ଓ ଶୋକସନ୍ତପ୍ତ ବନ୍ଧୁ ଓ ପରିବାର ବର୍ଗ
D-2861

## LEGAL NOTICE

I.R. No.- 1740, Date- 04.11.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ (ଶ୍ରୀ ଆଶୁତୋଷ ସାମଲ ଓ.ଏ.ଏସ୍.) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଜିଲ୍ଲା-ଖୋର୍ଦ୍ଧା
ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ୧୯୫୮ ଆଇନ ର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନଂ.- ୯୬/୨୦୨୧

ସସ୍ମିତା ସ୍ୱାଇଁ, ସ୍ୱାମୀ- ଟୁକୁନା ସ୍ୱାଇଁ ............ବାଦୀ
ବନାମ
କୁନା ସାହୁ ଏବଂ ଅନ୍ୟମାନେ .......ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର- ୫ ରୁଲ୍- ୨୦ ମୁତାବକ

୧। କୁନା ସାହୁ, ପିତା- ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ସାହୁ, ଦିଜବର ସାହୁଙ୍କ ନାତି, ସ୍ୱା- ମଧୁସୂଦନ ନଗର, ୟୁନିଟ୍- ୪, ଥାନା- ଖାରବେଳନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୪। ରସାମଣୀ ସାହୁ, ସ୍ୱାମୀ- ସ୍ୱର୍ଗତ ବାସୁଦେବ ସାହୁ, ସା/ପୋଷ୍ଟ- ମଞ୍ଚେଶ୍ୱର, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୦୯।୦୧।୨୦୨୬ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଗାଡ଼କଣ, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ସାବକ: ଖାତା ନଂ.- ୩୮୦, ପ୍ଲଟ୍ ନଂ.- ୨୬୧୪, କିସମ- ଶାରଦ ଦୋଫସଲି ଦୁଇ ରକବା- ଏ୦.୦୯୦ଡି. ସ୍ୱଧରୁ ଏ.୦.୦୪୫ଡି., ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନଂ.- ୧୩୩୭, ପ୍ଲଟ୍ ନଂ.- ୫୨୭୬, କିସମ- ଶାରଦ ଅଣଜଳସେଚିତ ଦୁଇ, ରକବା- ଏ୦.୦୯୦ଡି. ସ୍ୱଧରୁ ଏ.୦.୦୪୫ଡି., ସ୍ୱତ୍ୱ- ସ୍ଥିତିବାନ୍।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୨୮୫୪


## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିପିନ


@ ଓମ୍‌ପ୍ରକାଶ


@ ସନ୍ତୋଷ


@ ବାବୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨୦୨୪-୨୫ରେ ରେକର୍ଡ ସଂଖ୍ୟକ ୧୫.୧୧ଲକ୍ଷ କଇଁଛ ଅଣ୍ଡା ଦେଇଛନ୍ତି

ଭୁବନେଶ୍ୱର, ୧୭।୧୨ (ବନ୍ଦନା ସେଠୀ)

ଗଳ୍ପ ୨୦୨୨-୨୩ ବର୍ଷରେ ଗହୀରମଥା ଓ ରଷିକୁଲ୍ୟାରେ ମୋଟ ୧୧.୪୯ ଲକ୍ଷ କଇଁଛ ଗଣ ଅଣ୍ଡାଦାନ କରିଥିଲେ। ୨୦୨୩-୨୪ରେ କେବଳ ରଷିକୁଲ୍ୟା ଉପକୂଳରେ ୩.୦୧ ଲକ୍ଷ କଇଁଛ ଅଣ୍ଡାଦାନ କରିଥିବାବେଳେ ୨୦୨୪-୨୫ରେ ରେକର୍ଡ ସଂଖ୍ୟକ ୧୫.୧୧ ଲକ୍ଷ (ଗହୀରମଥାରେ ୬.୦୭ଲକ୍ଷ ଓ ରଷିକୁଲ୍ୟାଠାରେ ୯.୦୪ଲକ୍ଷ) ସାମୁଦ୍ରିକ କଇଁଛ ଗଣ ଅଣ୍ଡାଦାନ କରିଛନ୍ତି। ଏହା ବୈଶ୍ୱିକ ପ୍ରକ୍ରିୟା ଏବଂ ଅନୁକୂଳ ପରିବେଶଜନିତ କାରଣରୁ ହୋଇଥାଇପାରେ ବୋଲି ମତ ପ୍ରକାଶ ପାଇଛି। ୨୦୨୫-୨୬ ଗଣ ଅଣ୍ଡାଦାନ ଋତୁକୁ ଦୃଷ୍ଟିରେ ରଖି ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଗଠିତ ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ବୈଠକ ବୁଧବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଗତବର୍ଷ ନିଆଯାଇଥିବା ଓ ଆଗାମୀ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ଓଡ଼ିଶା ଉପକୂଳରେ କଇଁଛଙ୍କ ୧୦ବର୍ଷର ଗଣ ଅଣ୍ଡାଦାନ ତଥ୍ୟ ଉପସ୍ଥାପନ କରାଯାଇଥିଲା। ନଭେମ୍ବର ୧ରୁ ମେ' ୩୧ ପର୍ଯ୍ୟନ୍ତ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଋତୁଭିତ୍ତିକ ପରିଚାଳନା ଆରମ୍ଭ ହୋଇଛି। ଏହାର କେନ୍ଦ୍ରୀୟ ମନିଟରିଂ ୟୁନିଟ୍ ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟରେ କାର୍ଯ୍ୟ କରୁଛି। କାର୍ଯ୍ୟର ତଦାରଖ ପାଇଁ ହାଇସ୍ପିଡ୍ ଡଙ୍ଗା, ଟ୍ରଲର, ସହାୟକ ଡଙ୍ଗା ନିୟୋଜିତ କରାଯାଇଛି। ସମସ୍ତ ଉପକୂଳ ଫରେଷ୍ଟ ଡିଭିଜନ ଅଞ୍ଚଳରେ ୬୭ଟି ପାଟ୍ରୋଲିଂ ଶିବିର ଆନୁଷଙ୍ଗିକ ସୁବିଧା ପୁନଃ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ପ୍ରତି ଡିଭିଜନସ୍ତରରେ ସମୁଦ୍ରରେ ଯୁଗ୍ମ ପାଟ୍ରୋଲିଂ ପାଇଁ ସମନ୍ୱୟ ବୈଠକ କରାଯାଉଛି। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ତରଫରୁ ଏହି ସମୟ ମଧ୍ୟରେ ଧାମରା ବନ୍ଦର, ଦେବୀ ନଦୀ ଓ ରଷିକୁଲ୍ୟା ନଦୀ ମୁହାଣର ୨୦କି.ମି. ମଧ୍ୟରେ ମୋଟରଚାଳିତ ମାଛଧରା ଡଙ୍ଗା ବ୍ୟବହାର ସମ୍ପର୍କରେ ଏକକାଳୀନ ନିଷେଧ ଲାଗୁ କରାଯାଇଛି। ଗହୀରମଥା ଅଭୟାରଣ୍ୟ ଅଞ୍ଚଳରେ ଏହି କଟକଣା ବର୍ଷସାରା ରହିଛି। ଅଲିଭ ରିଡ୍‌ଲେ କଇଁଛଙ୍କ ଗତିବିଧି, ଅଣ୍ଡାଦାନସ୍ଥଳୀ ସମ୍ପର୍କରେ ଜାଣିବା ପାଇଁ ୨୦୨୫ ରୁ ୨୦୨୯ ପର୍ଯ୍ୟନ୍ତ ଏକ ସାଟେଲାଇଟ୍ ଟେଲିମେଟ୍ରି ଅଧ୍ୟୟନ କାର୍ଯ୍ୟକାରୀ କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ବୈଠକରେ ଗୃହ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ୍) ଏବଂ ମୁଖ୍ୟ ବନପାଳ ସୁରେଶ ପନ୍ତ, ବନ୍ୟପ୍ରାଣୀ ସଂସ୍ଥାନ ଡେରାଡୁନ୍‌ର ବୈଜ୍ଞାନିକ ଡ. ଆର୍.ସୁରେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

### ଅଲିଭ୍ ରିଡ୍‌ଲେଙ୍କ ପାଇଁ ଋତୁଭିତ୍ତିକ ପରିଚାଳନା ଆରମ୍ଭ

## କବାଡ଼ି ଖେଳାଳିଙ୍କ ହତ୍ୟାକାରୀଙ୍କୁ ଏନ୍‌କାଉଣ୍ଟର

ମୋହାଲି,୧୭।୧୨: ପଞ୍ଜାବର ମୋହାଲିରେ ୩୦ ବର୍ଷୀୟ କବାଡ଼ି ଖେଳାଳି କନ୍‌ୱର ଦିଗ୍‌ବିଜୟ ସିଂଙ୍କୁ ସୋମବାର ଟୁର୍ଣ୍ଣାମେଣ୍ଟ ମଝିରେ ଗୁଳିକରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ହରପିନ୍ଦର ଓରଫ୍ ମିଡ୍ଡୁଙ୍କୁ ବୁଧବାର ପୋଲିସ ଏନ୍‌କାଉଣ୍ଟର କରିଛି। ତରନ୍ ତାରନ୍ ଜିଲା ନୌଶେରା ପନ୍ନୁଆନ୍ ବାସିନ୍ଦା ହରପିନ୍ଦରଙ୍କୁ ଗୁଳି ବାଜିବା ପରେ ସେ ଗୁରୁତର ହୋଇଥିଲେ। ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି।

# ଦିଲ୍ଲୀରେ ବଙ୍ଗଳା ପାଇବା କଥା ହଜମ କରିପାରୁନି ବିଜେଡି: ଭାଜପା

ଭୁବନେଶ୍ୱର,୧୭।୧୨(ସୁନିତ୍ ମିଶ୍ର)

ରାଜ୍ୟବାସୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେଲା ପରେ ମାନସିକ ଅବସାଦର ଚରମସୀମାରେ ବିଜେଡି ପହଞ୍ଚିଛି। ଶେଷାବସ୍ଥାରେ ଯେମିତି କଂସଙ୍କୁ ଚାରିଆଡ଼େ କୃଷ୍ଣ କୃଷ୍ଣ ଦେଖାଯାଉଥିଲେ ସେମିତି ବିଜେଡିକୁ ଭାଜପା ଭୟ ଘାରିଛି। ଅପ୍ରସଙ୍ଗକୁ ପ୍ରସଙ୍ଗ କରିବାକୁ ଯାଇ ବିଜେଡି ଗଣମାଧ୍ୟମ ଆଗରେ ଖାଲି ବାଉଳିବାଉଳା ହେଉଛି। ବିଜେଡି ଶାସନ ସମୟରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ମନ୍ତ୍ରୀଙ୍କ ପର୍ଯ୍ୟନ୍ତ କେହି କେଉଁଠାକୁ ନ ଯାଇ କେବଳ ନିର୍ବାଚନ ସମୟରେ ପ୍ରଚାର ପାଇଁ ଦିଲ୍ଲୀକୁ ଆସୁଥିଲେ। ଦିଲ୍ଲୀ ଗଲେ ପୈତୃକ ଘରେ ରହୁଥିଲେ। ତାଙ୍କୁ ଘରର ଆବଶ୍ୟକତା ପଡ଼ୁ ନ ଥିଲା। ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର କେନ୍ଦ୍ର ସରକାରଙ୍କ ସହ ସମନ୍ୱୟ ରକ୍ଷା କାମ କରୁଛନ୍ତି। ଆବଶ୍ୟକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଚାଲିବା ପାଇଁ ଦିଲ୍ଲୀରେ ଓଡ଼ିଶା ସରକାର ଘର ପାଉଛନ୍ତି। କେବଳ ଓଡ଼ିଶା ନୁହେଁ ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଆସାମ, ମହାରାଷ୍ଟ୍ର, ଉତ୍ତରାଖଣ୍ଡ ଏବଂ ରାଜସ୍ଥାନ ସରକାର ମଧ୍ୟ ଦିଲ୍ଲୀରେ କାର୍ଯ୍ୟାଳୟ ଲାଗି ଘର ପାଇଛନ୍ତି। ତେଣୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ବଙ୍ଗଳା ପାଇବା କଥା ସେମାନେ ହଜମ କରିପାରୁନାହାନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ବିଜ୍ଞପ୍ତି ଜରିଆରେ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିରଞ୍ଚି କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ନିଜସ୍ୱ ଘର ନବୀନ ନିବାସ ସାମ୍ନାରେ ଥିବା ସର୍ବସାଧାରଣ ରାସ୍ତାକୁ ମିଶାଇ ବ୍ୟାରିକେଡ଼କରି ରାସ୍ତା ବନ୍ଦ କରିଥିଲେ। ଏୟାରପୋର୍ଟ ପାଖରେ ଭାଙ୍ଗିଥିଲେ। ଏହାଦ୍ୱାରା ସାଧାରଣ ଲୋକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏପରିକି ବୁମାଗ୍ରାମକୁ ଯାଇଁ ବିଜେଡି ସରକାର ସମୟରେ କେତେ ପୋଲିସ ସୁରକ୍ଷା ଯୋଗାଇଦେଉଥିଲା ତାହା ବୋଧହୁଏ ଭୁଲିଯାଇଛନ୍ତି। ବିଜେଡି ଏକ ଅଧୋଗାମୀ ରାଜନୈତିକ ଦଳ। ତେଣୁ ମାନସିକ ଭାରସାମ୍ୟ ହରାଇ ଅପ୍ରସଙ୍ଗକୁ ସେମାନେ ପ୍ରସଙ୍ଗ କରୁଛନ୍ତି। ଓଡ଼ିଶାରୁ ଲୋପପାଇବାକୁ ଯାଉଥିବା ବିଷୟ ଜାଣି ସେମାନେ ବାଚାଳାମି କଲେଣି। କେହି ଆଉ ବିଜେଡିରେ ମିଶିବାକୁ ଚାହୁଁନାହାନ୍ତି। ତା ରହି କିଛି ମାସ ହେବ ପଞ୍ଚାୟତସ୍ତରର ନେତାଙ୍କଠାରୁ ଆରମ୍ଭକରି ସାଂସଦଙ୍କ ପର୍ଯ୍ୟନ୍ତ ସମସ୍ତେ ବିଜେଡି ଛାଡ଼ି ଭାଜପାରେ ଯୋଗଦେଉଛନ୍ତି।

# ଆଜିଠୁ ସର୍ବଭାରତୀୟ କଣ୍ଢେଇନାଟ ଉତ୍ସବ

ଭୁବନେଶ୍ୱର,୧୭।୧୨(ସୌମ୍ୟରଞ୍ଜନ ରାଉତ)

ଲୋକକଳା 'କଣ୍ଢେଇ ନାଟ'କୁ ଆହୁରି ଲୋକାଦୃତ କରିବା ସହ ଜାତୀୟସ୍ତରରେ ଏହାର ପ୍ରଚାରପ୍ରସାର ଲାଗି ରାଜ୍ୟ ସରକାର ବଡ଼ ପ୍ରୟାସ ଆରମ୍ଭ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆସନ୍ତା ୧୮ ଓ ୧୯ ତାରିଖରେ ଭଞ୍ଜକଳା ମଣ୍ଡପଠାରେ ଏକ ସର୍ବଭାରତୀୟ କଣ୍ଢେଇନାଟ ଉତ୍ସବର ଆୟୋଜନ କରାଯାଉଛି। ଏଥିରେ ଓଡ଼ିଶା ସମେତ ଭାରତର କର୍ଣ୍ଣାଟକ, କେରଳ, ପଶ୍ଚିମବଙ୍ଗ ଓ ଦିଲ୍ଲୀରୁ ବିଭିନ୍ନ ଶୈଳୀର ଖ୍ୟାତିସମ୍ପନ୍ନ କଣ୍ଢେଇନାଟ ଅନୁଷ୍ଠାନଗୁଡ଼ିକ ଅଂଶଗ୍ରହଣ କରିବେ। ଏହି କଳାକୁ ଯୁବ ପିଢ଼ିଙ୍କ ମଧ୍ୟରେ ଆଦୃତି ଆଣିବା ପାଇଁ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଛାତ୍ରଛାତ୍ରୀଙ୍କୁ ଉକ୍ତ କଣ୍ଢେଇନାଟ ଦେଖିବା ପାଇଁ ଆମନ୍ତ୍ରଣ କରାଯାଇଛି। ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ ଏବଂ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ଓ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, କଳାର ଦେଶ ଭାରତର ପ୍ରତ୍ୟେକ ରାଜ୍ୟରେ ସ୍ୱତନ୍ତ୍ର ଲୋକକଳା ରହିଛି। ଏଥିମଧ୍ୟରେ ଓଡ଼ିଶାର ବହୁ ପୁରାତନ ଲୋକକଳା 'କଣ୍ଢେଇ ନାଟ' ଅନ୍ୟତମ। ଏହାର ବିଶେଷତ୍ୱ ହେଉଛି, କଳା ମାଧ୍ୟମରେ ବେଦବେଦାନ୍ତ, ପୁରାଣ, ସଂସ୍କୃତି, ନୀତି କଥା ଓ ସାମାଜିକ ଚଳଣିକୁ ନାଟକ ମାଧ୍ୟମରେ ଜନସାଧାରଣଙ୍କ ମନୋରଞ୍ଜନ କରିବା। ଆମ ରାଜ୍ୟରେ ୪ଟି ଶୈଳୀର କଣ୍ଢେଇ ନାଟ ଯଥା : ସୂତା କଣ୍ଢେଇ, କାଠି କଣ୍ଢେଇ, ଛାୟା କଣ୍ଢେଇ ଓ ସଖି କଣ୍ଢେଇ ଦେଖିବାର ସୁଯୋଗ ମିଳେ, ଯାହା ସର୍ବଭାରତୀୟ କଣ୍ଢେଇ ନାଟ ଉତ୍ସବରେ ପ୍ରଦର୍ଶିତ ହେବ।

# ନବୀନଙ୍କୁ ଭେଟିଲେ ନୂଆପଡ଼ାର ଦଳୀୟ ନେତା

ଭୁବନେଶ୍ୱର,୧୭।୧୨(ସୁନିତ୍ ମିଶ୍ର)

ନୂଆପଡ଼ାର ବିଜେଡି ନେତାମାନେ ବୁଧବାର ନବୀନ ନିବାସ ଆସି ଦଳସଭାପତି ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ କରିଛନ୍ତି। ନୂଆପଡ଼ା ଉପନିର୍ବାଚନରେ ବିଜେଡି ତୃତୀୟ ସ୍ଥାନକୁ ଖସିଯିବା ପରେ ସ୍ଥାନୀୟ ନେତାମାନଙ୍କ ଏହା ପ୍ରଥମ ବୈଠକ ଥିଲା। ମିଳିଥିବା ସୂଚନା ମୁତାବକ, ଉପନିର୍ବାଚନ ଉପରେ ନବୀନ ସମୀକ୍ଷା କରିଛନ୍ତି। ଏହି ସମୟରେ ଜିଲା ସଭାପତି, ପରାଜିତ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଏବଂ ଜିଲାର ବରିଷ୍ଠ ନେତୃବୃନ୍ଦ ଯୋଗଦେଇ ପରାଜୟର କାରଣ ସମ୍ପର୍କରେ ଆଲୋଚନା କରିଛନ୍ତି। ବର୍ତ୍ତମାନ ସରକାରଙ୍କ ବିରୋଧରେ ତୃଣମୂଳସ୍ତରରୁ ଲଢ଼େଇ ଜାରି ରଖିବାକୁ ନବୀନ କହିଥିବା ଜଣାପଡ଼ିଛି। ଏହାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସ୍ନେହାଙ୍ଗିନୀ କହିଛନ୍ତି, ପ୍ରଶାସନ ସହାୟତାରେ ବୁଥ୍ ରିଗିଂ କରି ଭାଜପା ଏହି ବିଜୟ ହାସଲ କରିଛି। ବର୍ତ୍ତମାନ ପ୍ରଶାସନ ଭାଜପାର ହାତବାରିସି ସାଜିଛି। ବିଜେଡିର କୌଣସି ଅଭିଯୋଗ ଶୁଣାଯାଉ ନାହିଁ। ସରକାରଙ୍କ କଥା ଏବଂ କାମରେ ଆକାଶ ପାତାଳ ଫରକ ଥିବା ସେ କହିଛନ୍ତି। ହେଲେ ଦଳ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି, ନୂଆପଡ଼ା ନେତାମାନେ ନିକଟରେ ସରିଥିବା ଉପନିର୍ବାଚନ ଏବଂ ଧାନ ମଣ୍ଡିରେ ଜିଲାର ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଧାନ ସଂଗ୍ରହରେ ଜିଲାର ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସେମାନେ ନବୀନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ସଂଖ୍ୟାଲଘୁ ଅଧିକାର ଦିବସ: ଅଧିକାରର ସୁରକ୍ଷାକୁ ଗୁରୁତ୍ୱ




ସଂଖ୍ୟାଲଘୁ ସମ୍ପ୍ରଦାୟର ଅଧିକାର ସୁରକ୍ଷାର ଆବଶ୍ୟକତା ବିଷୟରେ ସଚେତନତା ପାଇଁ ଭାରତରେ ପ୍ରତିବର୍ଷ ଡିସେମ୍ବର ୧୮ରେ ସଂଖ୍ୟାଲଘୁ ଅଧିକାର ଦିବସ ପାଳନ କରାଯାଇଥାଏ। ଜାତୀୟ ସଂଖ୍ୟାଲଘୁ କମିଶନ(ଏନ୍‌ସିଏମ୍) ଦ୍ୱାରା ପାଳିତ ଏହି ଦିବସ ଧାର୍ମିକ ସମାନତା, ପାରସ୍ପରିକ ସମ୍ମାନ ଏବଂ ସମସ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର ଗଭୀର ବୁଝାମଣାକୁ ଗୁରୁତ୍ୱ ଦେଇଥାଏ। ଏହି ଦିବସରେ ସଚେତନତା ଅଭିଯାନ, ସେମିନାର ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ସୂଚନାଯୋଗ୍ୟ ୨୦୧୩ ମସିହାରେ ଏହି ଦିବସ ପ୍ରଥମେ ପାଳନ ହୋଇଥିଲା। ଯାହା ଜାତିସଂଘର ୧୯୯୨ ମସିହାରେ ସଂଖ୍ୟାଲଘୁ ଅଧିକାର ଘୋଷଣାନାମା ଦ୍ୱାରା ଅନୁପ୍ରାଣିତ ହୋଇ ଆମ ଦେଶର ଜାତୀୟ ସଂଖ୍ୟାଲଘୁ କମିଶନ(ଏନ୍‌ସିଏମ୍) ଦ୍ୱାରା ଧାର୍ମିକ ସଦ୍ଭାବକୁ ପ୍ରୋତ୍ସାହିତ କରିବା ଓ ସଂଖ୍ୟାଲଘୁ ଗୋଷ୍ଠୀଗୁଡ଼ିକର ଅନନ୍ୟ ସାଂସ୍କୃତିକ, ଭାଷାଗତ ଏବଂ ଧାର୍ମିକ ପରିଚୟକୁ ସୁରକ୍ଷା ଦେବା ପାଇଁ ଆରମ୍ଭ ହୋଇଥିଲା। ଯଦିଓ ଚଳିତ ବର୍ଷ ଉକ୍ତ ଦିବସ ଲାଗି ସରକାରୀ ଭାବେ ବିଷୟବସ୍ତୁ ପ୍ରକାଶିତ ହୋଇନାହିଁ, ତେବେ ଏହା ସାଧାରଣତଃ ସଶକ୍ତୀକରଣ, ଅନ୍ତର୍ଭୁକ୍ତୀକରଣ ଏବଂ ସୁରକ୍ଷା ସହିତ ସମ୍ପୃକ୍ତ ହୋଇଥାଏ।

# ଏନ୍‌ସିପି ମନ୍ତ୍ରୀଙ୍କ ନାଁରେ ଗିରଫ ପରୱାନା

ନାସିକ,୧୭।୧୨

ମହାରାଷ୍ଟ୍ରର ଏନ୍‌ସିପି ମନ୍ତ୍ରୀ ମାଣିକରାଓ କୋକାଟେଙ୍କ ବିରୋଧରେ ଏକ ଜାଲିଆତି ମାମଲାରେ ନାସିକ ସେସନ୍ସ କୋର୍ଟରୁ ଗିରଫ ପରୱାନା ଜାରି କରାଯାଇଛି। କ୍ରୀଡ଼ାମନ୍ତ୍ରୀ ମାଣିକରାଓ ଓ ତାଙ୍କ ଭାଇ ବିଜୟଙ୍କ ବିରୋଧରେ ଆଗତ ଠକେଇ ଓ ଜାଲିଆତି ଅଭିଯୋଗରେ ଟ୍ରାଏଲ କୋର୍ଟ ଗତ ଫେବୃଆରୀରେ ୨ ବର୍ଷ ସଶ୍ରମ ଜେଲ ଦଣ୍ଡାଦେଶ ଦେଇଥିବାବେଳେ ମଙ୍ଗଳବାର ସେସନ୍ସ କୋର୍ଟ ଏହାକୁ ବଳବତ୍ତର ରଖିଛନ୍ତି। ଉଭୟ ୧୯୯୫ରେ ରାଜ୍ୟର ୧୦% ଆର୍ଥିକ ଦୁର୍ବଳ ବର୍ଗ (ଇଡବ୍ଲ୍ୟୁଏସ୍) କୋଟାରେ ୨ଟି ଫ୍ଲାଟ୍ ହାତେଇଥିଲେ।

# ରାଜନୈତିକ ଭୂକମ୍ପରେ ମୋଦି ସରକାରଙ୍କ ପତନ ହେବ: ସଞ୍ଜୟ ରାଉତ

ମୁମ୍ବାଇ,୧୭।୧୨



ଡିସେମ୍ବର ୧୯ରେ ଏକ ରାଜନୈତିକ ଭୂକମ୍ପ ହେବାକୁ ଯାଉଛି। ଏଥିରେ କେନ୍ଦ୍ରର ମୋଦି ସରକାରଙ୍କ ପତନ ଘଟିବ ବୋଲି ଶିବସେନା(ୟୁବିଟି) ନେତା ସଞ୍ଜୟ ରାଉତ୍ ଦାବି କରିଛନ୍ତି। ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ପୃଥ୍ୱୀରାଜ ଚୌହାନଙ୍କ ସଦ୍ୟ ମନ୍ତବ୍ୟ ପରେ ସଞ୍ଜୟ କହିଛନ୍ତି, ଦିଲ୍ଲୀର ରାଜନୈତିକ ମହଲରେ ଚାଲିଥିବା ଚର୍ଚ୍ଚା ଅନୁସାରେ ଭାଜପା ସରକାରକୁ ଆଘାତ କରିଦେବା ଭଳି ଏକ ବଡ଼ ଉଠାପକା ଦେଖିବାକୁ ମିଳିବ। ଏହି ରାଜନୈତିକ ଭୂକମ୍ପ ପରେ ମୋଦି ସରକାର ଭୁଶୁଡ଼ିପଡ଼ିବ। ଖବରଦାତାମାନେ ଏପରି ଦାବିର ସତ୍ୟାସତ୍ୟ ସମ୍ପର୍କରେ ପଚାରିବାରୁ ସଞ୍ଜୟ ଆମେରିକା ସହ ଏହାର ଲିଙ୍କ୍ ରହିଥିବା କହିଛନ୍ତି।


FOREST DEPARTMENT No.MM-401

**OFFICE OF THE DIVISIONAL FOREST OFFICER, JEYPORE KL DIVISION**

e-mail: dfojprkl@gmail.com

Order No.248, Date 16.12.2025

Government of Odisha "e" Procurement Notice

Bid Identification No.DFO-JPR-KL-02/2025-26

1. Number of Works :- 1 (One number of Work)
2. Approximate estimated cost :- 42.03 Lakh
3. Period of Completion :- 3 (Three) Calendar Months.
4. Date & Time of availability of bid documents in the portal :- Dt.19.12.2025 to 28.12.2025
5. Last Date/Time of receipt of bid in the portal :- Dt.28.12.2025 upto 5.00 P.M.
6. Date of Opening of bid :- Dt.29.12.2025 at 11.00 A.M.
7. Name & address of the Office inviting bid :- O/o the Divisional Forest Officer Jeypore KL Division, Jeypore

Further details can be seen from the e-Procurement portal http://www.tendersodisha.gov.in

Sd./- Divisional Forest Officer Jeypore KL Division

OIPR-08156/11/0003/2526

No.C-1804

**OFFICE OF THE NOTIFIED AREA COUNCIL, BIJEPUR**

AT/PO/PS:- Bijepur, Dist.:- Bargarh (Odisha), PIN:- 768032

Phone No. 06685-274153, E_Mail ID:- bijepurnac2018@gmail.com

Letter No. 1376 Date : 15.12.2025

**QUOTATION CALL NOTICE**

Bijepur NAC invites EOI from experienced, competent and eligible Agencies/ Suppliers/ Bidders for supply and fixing of Stalls for Food Court under Bijepur NAC as per the specifications given below.

**Each Stall shall consist of the following materials.**

1) 4 Nos. of 60x60mm vertical G.I square pipe of 12 ft. height (2ft below ground level & 10ft above ground level)
2) 4 Nos. of 40x40mm vertical G.I square pipe of 5 ft. sloping height at top.
3) 5 Nos. of 40x40mm horizontal G.I square pipe of 20 ft. long each.
4) GCI Sheet (Dura shine coloured sheet)-4 Nos. of size (3' 6"X10' 00") each with fixing of ridge & Mugdum of 1'6" height Approx.
5) GCI Sheet (Dura shine coloured sheet)-1No. of size 3' 6"X10' 00" will be fixed with 40x40mm horizontal G.I square pipe in between two Stalls.
6) Counter Table of size 6' 00" x2' 00"x2' 10" will be made out of S.S. sheet of 302 grade.

The Quotation Paper will be available at Development Section of Bijepur NAC @ Rs.400.00 (Rupees four hundred) only per each schedule from Dt.18.12.2025 10.00A.M to 5.00 P.M of Dt.24.12.2025 (within working days & Office hours). The Quotation Paper will be received up to 5.00 P.M. of Dt.26.12.2025. The Quotation Paper will be opened on Dt.30.12.2025 at 11.00 A.M. in presence of the Quotationers or their Authorised representatives. The Quotation documents can be seen in our Office Website www.bijepurnac.in

Any other clarifications regarding EOI may contact Development Section of Bijepur NAC. The Authority reserves the right to accept, reject or cancel any or all the Quotations without assigning any reason thereof.

Sd./- Executive Officer Bijepur NAC

OIPR-13123/11/0020/2526

**ବିଜ୍ଞାପନ** No.RR-38

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ୨୦୨୫-୨୦୨୬ ଆର୍ଥିକ ବର୍ଷରେ ଗ୍ରନ୍ଥାଗାର ପାଇଁ ପୁସ୍ତକ ଓ ପତ୍ରିକା କ୍ରୟ କରିବାକୁ ଚାହୁଁଅଛି । ପୁସ୍ତକ ଓ ପତ୍ରିକାଗୁଡ଼ିକ ପ୍ରତ୍ନତତ୍ତ୍ୱ, ନୃତତ୍ତ୍ୱ, ଚାରୁକଳା ଓ ସ୍ଥାପତ୍ୟ, ଇତିହାସ, ହିନ୍ଦୁ ଧର୍ମ, ବୌଦ୍ଧ ଧର୍ମ, ଜୈନ ଧର୍ମ, ଓଡ଼ିଆ ସାହିତ୍ୟ, ସଂସ୍କୃତ ସାହିତ୍ୟ, ଇଂରାଜୀ ସାହିତ୍ୟ, କଳାତ୍ମକ ଛବିର ଅଧ୍ୟୟନ, ସଂଗ୍ରହାଳୟ ସମ୍ବନ୍ଧୀୟ ପୁସ୍ତକ, ପୁରାଣ ଶାସ୍ତ୍ର, ତନ୍ତ୍ରଶାସ୍ତ୍ର, ତାଳପତ୍ର ପୋଥି, ଜଗନ୍ନାଥ ସଂସ୍କୃତି ଇତ୍ୟାଦି ବିଷୟ ଉପରେ ପର୍ଯ୍ୟବସିତ ହୋଇଥିବା ଆବଶ୍ୟକ । ଇଚ୍ଛୁକ ପ୍ରକାଶକ/ପୁସ୍ତକ ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଅଛି କି ବିଜ୍ଞାପନ ପ୍ରକାଶ ପାଇବାର ୧୦ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ନୂତନ ପୁସ୍ତକ ତାଲିକା/ନମୁନା ପଠାଇବେ । ପ୍ରକାଶନ ସମୟ ଓ ରିହାତିର ପ୍ରତିଶତ ଉଲ୍ଲେଖ ରହିବା ଆବଶ୍ୟକ ।

ସ୍ୱା./-ଅଧୀକ୍ଷକ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର

OIPR-03015/11/0017/2526

**ODISHA COOPERATIVE TASAR & SILK FEDERATION (SERIFED) LTD.**

Sahid Nagar, Janpath, Bhubaneswar-751 007, Tel: 2545586/2545852, email- serifedodisha@gmail.com, website- www.serifedodisha.in

**INVITATION FOR BIDS (e-Procurement)**

Bid identification no:- VI-11(09)/SERIFED/2025-26/ 2182

**No.CAD-2727** : The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for 3 no. of works in Khordha district. The bid documents such as DTCN/BOQ etc. can be seen/downloaded from the government website: www.tendersodisha.gov.in. during the period dt. 18.12.2025 to 5.00 PM up to 24.12.2025. Tender shall be received till 5.00 PM on 24.12.2025 & shall be opened at 11.30 AM on 26.12.2025. Any addendum / corrigendum/cancellation of tender can also be seen in the said website.

OIPR-31005/11/0024/2526 Sd./- MANAGING DIRECTOR

**ODISHA COOPERATIVE TASAR & SILK FEDERATION (SERIFED) LTD.**

Sahid Nagar, Janpath, Bhubaneswar-751 007, Tel: 2545586/2545852, email- serifedodisha@gmail.com, website- www.serifedodisha.in

**TENDER CALL NOTICE**

Bid identification no:- VI-11(08)/SERIFED/2025-26/ 2180

**No.CAD-2726** : The MANAGING DIRECTOR (SERIFED), Odisha, Bhubaneswar invites sealed tenders in double cover bids from the registered contractors for 01 no. of work in Khordha district. The bid documents such as DTCN/BOQ etc. can be seen/downloaded from the website: www.tendersodisha.gov.in. during the period dt. 20.12.2025 to 5.00 PM up to 29.12.2025. Tender shall be received till 5.00 PM on 29.12.2025 & shall be opened at 11.30 AM on 30.12.2025. Any addendum / corrigendum / cancellation of tender can also be seen in the said website.

OIPR-31005/11/0025/2526 Sd./- MANAGING DIRECTOR

**ODISHA PUBLIC SERVICE COMMISSION, CUTTACK**

**NOTICE**

No. 8671/PSC., Dt. 17.12.2025

(1R-18-24/25)(DR-V)

**Assistant Professor (Stage-I) in Santali**

(Advertisement No.27 of 2023-24)

**No.D-** : It is for information of all concerned that, document verification of 17 (Seventeen) candidates having **PPSAN** mentioned below for the Post of **Assistant Professor (Stage-I) in "Santali"**, pursuant to advertisement No.27 of 2023/24 shall be held on **29.12.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 29.12.2025 | 10.30 A.M. | P240299025, P240305214, P240259052, P240301572, P240298925, P230121480, P240303041, P240302582, P230135607, P240304155, P240302682, P240300320, P240303073, P240307570, P240241909, P240300796 & P220066840 = 17 Candidates |

The candidates are required to submit the documents as per this office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that,the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0345/2526 Sd./- Secretary

**ବ୍ରହ୍ମପୁର ବନଖଣ୍ଡର କାଜୁମଞ୍ଜି (୨୦୨୫-୨୬ ପାଇଁ) ସଂଗ୍ରହ ନିମନ୍ତେ ଠିକା ପଦ୍ଧତି ଇସ୍ତାହାର ।**

ନଂ. MM-396:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବ୍ରହ୍ମପୁର ବନଖଣ୍ଡ ଅଧୀନସ୍ଥ ବିଭିନ୍ନ ଜଙ୍ଗଲରେ ଥିବା କାଜୁମଞ୍ଜି ସଂଗ୍ରହ ୨୦୨୫-୨୬ ବର୍ଷ ନିମନ୍ତେ ଇଚ୍ଛୁକବ୍ୟକ୍ତିଙ୍କଠାରୁ ଟେଣ୍ଡର ଆହ୍ୱାନ କରାଯାଉଅଛି । ... [illegible]

| | | |
|---|---|---|
| ୧) | ଟେଣ୍ଡର ଫର୍ମ ବିକ୍ରୟ ତାରିଖ/ସମୟ | ତା୧୯.୧୨.୨୦୨୫ରୁ ୧୭.୦୧.୨୦୨୬ ଦିନ (ସମସ୍ତ କାର୍ଯ୍ୟଦିବସମାନଙ୍କରେ ଦିନ ୧୧.୦୦ ଘଣ୍ଟାରୁ ଅପରାହ୍ନ ୫.୩୦ ଘଣ୍ଟା ପର୍ଯ୍ୟନ୍ତ) |
| ୨) | ଟେଣ୍ଡର ଫର୍ମ ଦାଖଲର ଶେଷ ତାରିଖ/ସମୟ | ତା୨୧.୦୧.୨୦୨୬ ଅପରାହ୍ନ ୫.୩୦ ମସିହା । |
| ୩) | ଟେଣ୍ଡର ଫର୍ମ ଖୋଲିବା ସମୟ | ତା୨୩.୦୧.୨୦୨୬ ସମୟ ୧୧.୦୦ ଘଟିକା । |
| ୪) | ଟେଣ୍ଡର ଫର୍ମ ମୂଲ୍ୟ | ଟ.୧୦୦୦/- (ଫେରସ୍ତଯୋଗ୍ୟ ନୁହେଁ) |

ସମସ୍ତ ସ୍ୱତନ୍ତ୍ର ଓ ଆଇନଗତ ନିୟମ ଏବଂ ସର୍ତ୍ତାବଳୀ ... [illegible]

ସ୍ୱା./- ବନଖଣ୍ଡ ଅଧିକାରୀ ବ୍ରହ୍ମପୁର ବନଖଣ୍ଡ

OIPR-08038/11/0051/2526

**DISTRICT EDUCATION OFFICE, SAMBALPUR, (DISTRICT PROJECT MANAGEMENT UNIT, PM Poshan)**

No. 11884 /PM POSHAN (MDM) Dt. 16.12.2025

**SHORT TENDER CALL NOTICE**

**No.n-215** : Sealed tenders are invited in the prescribed format from the intending **individual firm/** Transport Contractor(s) / **Agents** having agent's license for transportation of foodstuff(rice) under PM Poshan feeding programme from **OSCSC RRC godowns i.e.,Nuakhurigaon & Rairakhol** of the district to **different school points** of Sambalpur District without transit for **4th qtr of 2025-26.** The detailed tender papers and documents can be obtained from the District Project Management Unit, PM Poshan (MDM), which is functioning in the Office of the District Education Officer, Sambalpur on payment of Rs.500/- (Rupees Five Hundred) only (non-refundable) in shape of Demand Draft in favour of the **"District Education Officer-cum-District Nodal Officer, District Project Management Unit, PM Poshan(MDM), Sambalpur" payable at Sambalpur.** The details of the Tender call notice and other documents are also available in Office website **http://sambalpur.odisha.gov.in** of Sambalpur District.

| | |
|---|---|
| Date of commencement of sale of Tender Document | dt.17.12.2025 |
| Last date of sale of Tender Document | dt.28.12.2025 |
| Last date & time of Receipt of Tender Documents | dt.30.12.2025 (5.00 PM) |
| Date & Time of Opening of Tender Documents | intimated later on |

Not with standing anything contained to the contrary in the tender document, the undersigned reserves the right to cancel/modify the "invitation for Bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.

Sd./- DISTRICT EDUCATION OFFICER SAMBALPUR

OIPR-27062/11/0001/2526

GOVERNMENT OF ODISHA eerwbnjr@gmail.com

**OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR**

NATIONAL COMPETITIVE BIDDING THROUGH e-Procurement

No.O-1781 Identification No.Online Tender/21/RWDBNJ/2025-2026

Ltr.No.6084, Date:09.12.25

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ RWDB-NJ/21/ 2025-2026 | Building Work | 13 Nos. | 50.35 Lakh to 85.68 Lakhs | "B" & "A" Class as applicable | 09 (Nine) Calendar Months |

| Procurement Officer | Bid Identification No. | Availability of Tender online for bidding From | To |
|---|---|---|---|
| Superintending Engineer, R.W. Division, Bhanjanagar | Online Tender/21/ RWDBNJ/ 2025-2026 | 22.12.2025 at 10.00 A.M. | 05.01.2026 upto 5.00 P.M. |

Further details can be seen from the website: www.tendersodisha.gov.in.

OIPR-25174/11/0058/2526 Sd./- Executive Engineer, R.W. Division, Bhanjanagar

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR**

(At/Po- Ambapua, Near Income Tax Office, Berhampur - 760011, Ganjam, Odisha)

(E-Mail:- serwbpr2004@yahoo.com, Tel.No.:- 0680-2404287)

**No.e-tender//5689//RWC//BAM//Dated 17.12.25**

**1st Corrigendum to Bid Identification No.Online Tender/42-2025-26/BPR**

No.O-1804: 1) The partial modification of Road Works under **MMSY-CUVDA** vide above identification has been made as follows.

| | | |
|---|---|---|
| 1 | Date of availability of tender | **07.01.2026 to 21.01.2026** upto 5.30 PM instead of 15.12.2025 to 29.12.2025 upto 5.30 PM |
| 2 | Last Date & Time of seeking tender clarification | **19.01.2026 at 5.30 PM** instead of 26.12.2025 at 5.30 PM |
| 3 | Date of Opening of Technical Bid | **22.01.2026 at 11.00 AM** instead of 30.12.2025 at 11.00 AM |
| 4 | Date of Opening of Financial Bid | **Will be intimated later on.** |

All other conditions remain unchanged.

OIPR-25071/11/0177/2526 Sd./- Chief Construction Engineer, R.W.Circle, Berhampur

**VEER SURENDRA SAI UNIVERSITY OF TECHNOLOGY, BURLA**

(Formerly University College of Engg.Burla-Established by Govt. of Odisha in 1956 & Upgraded in 2009 to a State Govt. University covered under section 2(f) & 12(B) of UGC Act.)

P.O.: Engineering College, Burla (Siddhi Vihar), Dist: Sambalpur Odisha-768018, India, www.vssut.ac.in

No.VSSUT/Estt/2375/2025 Dated 17.12.2025

**CORRIGENDUM**

**No.KK-299**:Please refer to Walk-in-interview for Guest Faculty of Veer Surendra Sai University of Technology, Burla vide No.VSSUT/Estt/2334 dated 12.12.2025. The walk-in-interview for the post of Guest Faculty in the Department of Production Engineering has been rescheduled to 23.12.2025 at 10.00 A.M. instead of 20.12.2025 in the concerned Department. All other terms and conditions shall remain unchanged.

OIPR-14072/11/0057/2526 Sd./- REGISTRAR

**DISTRICT WELFARE OFFICE, SAMBALPUR**

E-mail : dwo-sambalpur@od.gov.in

**Order No.4442/SSD Date : 15.12.2025**

**SHORT TENDER CALL NOTICE**

**No.W-25 : SEALED TENDERS** are invited from eligible SERVICE PROVIDING AGENCIES to provide MANPOWER existing **13 nos of DEO-cum-Office Assistant (LAC)** as per the terms & conditions provided in the website **http://sambalpur.odisha.gov.in** of Sambalpur District **up to 5.00 PM of 24.12.2025**. The bids shall be received through **Courier/Regd. Post/ Speed Post** only during the office hours and will be **opened on 31.12.2025 at 11.00 AM** in the presence of the bidders or their authorized agents **in the Conference Hall of Collectorate, Sambalpur.**

The interested agencies should clearly mention on the top of envelope as **"Tender for Selection of Outsourcing Agency to provide MANPOWER"**. The Agencies who have applied are requested to remain present in the venue for tender opening on the date of opening. The detailed Terms & Conditions and list of documents to be submitted is available in our website **http://sambalpur.odisha.gov.in**.

The Authority reserves the right for cancellation / modification of the Tender without assigning any reason thereof.

By order of Collector, Sambalpur

OIPR-19326/11/0001/2526 Sd./- District welfare Officer, Sambalpur

**OFFICE OF THE REGISTRAR VIKRAMDEV UNIVERSITY**

NH-26, JEYPORE, DIST: KORAPUT,ODISHA, PIN - 764001

www.vikramdevuniversity.ac.in

No. 3144 /VDU-2025 Date 17.12.2025

**ADVERTISEMENT**

**FOR INTERVIEW FOR TEMPORARY ENGAGEMENT OF ADJUNCT PROFESSOR and PROFESSOR OF PRACTICE**

**No.CAD-2736** : Applications in the prescribed format are invited from eligible Indian Citizens for temporary engagement of **Adjunct Professor and Professor of Practice** against the sanctioned posts of Associate Professors and Professor on honorarium basis in various departments of the Vikram Dev University, Jeypore till filling up of the regular posts as detailed below.

The engagement shall be made in accordance with the guidelines issued by Government of Odisha in the Higher Education Department vide No. HE-UE- POLICY-0020-2023: 4477/HE and HE-UE-POLICY-0020-2023: 4478 /HE dt. 01/02/2024 and UGC, New Delhi.

The applicants are required to submit self attested copies of all certificates/ testimonials/ publication details as per their Bio-Data to the REGISTRAR, VIKRAM DEV UNIVERSITY, JEYPORE through Speed/ Registered Post so as to reach on or before **30.12.2025** by 05:00PM.

For details the candidates are requested to visit the university website www.vikramdevuniversity.ac.in.

By the order of Vice Chancellor Sd./- REGISTRAR, Vikram Dev University, Jeypore

OIPR-11133/11/0016/2526

**OFFICE OF THE DIVISIONAL FOREST OFFICER, GHUMSUR NORTH DIVISION**

Bhejiput, Bhanjanagar, Ganjam, Odisha, Pin-761126

Tele/Fax-06821-241008, E-mail-dfo.ghumsurnorth@odisha.gov.in

**NOTIFICATION**

No.MM-393: This is for information of all concerned that the following Forest Roads of Ghumsur North Division in Ganjam District will remain closed to the traffic on 31.12.2025 from 0 (Zero) hour to 24 (Twenty-Four) hour in accordance with the Rule 284 of the Orissa Forest Department Code 1979. The movement of traffic on the date as specified above will be violation of Section 26 of the Orissa Forest Act 1972 and hence will be liable for prosecution.

| Sl.No. | Name of the Forest Road | Range | Length in Km |
|---|---|---|---|
| 1 | 2 | 3 | 4 |
| 1 | Mujagada-Dhaumundia | Mujagada | 18 |
| 2 | Mujagada-Langalakhola | Mujagada | 9 |
| 3 | Langalakhola-Birikote | Mujagada | 7 |
| 4 | Birikote-Baibaili | Mujagada | 7 |
| 5 | Darapanga-Mundagaon | Mujagada | 12 |
| 6 | Baibaili-Dhumundia | Mujagada | 6 |
| 7 | Rambha-Kupati | Mujagada | 11 |
| 8 | Rambha-Brahamanapadar | Mujagada | 6 |
| 9 | Durgaprasada-Darpangia | Mujagada | 18 |
| 10 | Ragada-Tilki | Central | 9 |
| 11 | Saluapalli-Tinikhandia | Central | 8 |
| 12 | Tilki-Kaliamba | Central | 10 |
| 13 | Ragada-Bankanedi | Central | 12 |
| 14 | Lathpada-Ragada | Central | 8 |
| 15 | Tilki-Dbobadi-Nuagaon | Central | 10 |
| 16 | Kaliamba-Bankanedi | Central | 6 |
| 17 | Tarasingi-Banta | Tarasingi | 14 |
| 18 | Jagannatha Prasada-Gereda | Jagannathprasad | 19 |
| 19 | Budhakendu-Gudiamba | Central | 1.5 |
| 20 | Tirikumpa-Banta | Jagannathprasad | 8 |
| 21 | Gayaganda-Gunduribadi | Tarasingi | 15 |
| 22 | Rudhapadar-Gunduribadi | Tarasingi | 12 |
| 23 | Cox- Corner Road | Gallery | 17 |
| 24 | Kathachira- Siuli | Gallery | 13 |
| | | TOTAL | 248.5 |

OIPR-08033/11/0022/2526 Sd./- (Himansu Sekhar Mohanty, OFS-I(SB)) Divisional Forest Officer, Ghumsur North Division

**DIRECTORATE OF GROUND WATER DEVELOPMENT, ODISHA**

Office of The Deputy Director, GWD Division-II, Bhubaneswar A/2, Unit-V, Bhubaneswar, [e-mail: srgeologistrsbbsr@gmail.com]

**INVITATION FOR BIDS (IFB)**

e-Procurement Notice: 967 Dated: 15.12.2025

Bid Identification No. 08/GWRSD/CHHATA/2025-26

(Single Envelope Bidding Process)

No. A-1128:- Deputy Director, Geology, GWD Division-II, Plot-A/2, Unit-V, Bhubaneswar on behalf of Governor of Odisha invites bids from bidders Class "D" & "C" (As per latest OPWD codal provisions) registered with the State Governments and bidders of equivalent Grade/Class registered with Central Government/ MES /Railways for the construction of works following Work.

Bids must be submitted online on or before **03/01/2026 at 17.00 Hrs** IST (system server time). Proposals will be opened online on **05/01/2026 at 14.00 hours**. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the Tender will be available in the procurement portal "www.tendersodisha.gov.in".

| Sl. No. | Description | Details |
|---|---|---|
| 1. | Name of the Work | Construction of 3 Nos. of RRHS under CHHATA Scheme at Lab Building & Smart Class room of Narayani Govt. High School, Itamati and Smart Classroom of Banaraa Abakash Govt. High School, Itamati, Nayagarh Block under Nayagarh District during FY-2025-26 |
| 2. | Start Date of availability of Bid document online (bid download) | 22/12/2025 from 11.00 Hrs. |
| 3. | Last Date of availability of bid document online (bid download) | 03/01/2026 up to 17.00 Hrs. |
| 4. | Last date and time for receipt of bid document (Bid Submission End Date & Time) | 03/01/2026 up to 17.00 Hrs. |
| 5. | Date & Time of opening of bid document (Bid Opening date) | 05/01/2026 at 14.00 Hrs. |

Sd./- Deputy Director, Geology GWD Division-II, Bhubaneswar

OIPR-32462/11/0020/2526

## ଲାଞ୍ଚ: ପିଇଓଙ୍କୁ ୩ ବର୍ଷ ଜେଲ

ଢେଙ୍କାନାଳ, (ରତନ ନାୟାର): ଢେଙ୍କାନାଳ ଜିଲା ସଦର ବ୍ଲକ ବାରଦା ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ତ୍ରିନାଥ ସେଠୀଙ୍କୁ ଏକ ଲାଞ୍ଚ ନେବା ମାମଲାରେ ୩ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ତ୍ରିନାଥ ହିନ୍ଦୋଳ ବ୍ଲକ ଅସରଡ଼ା ପଞ୍ଚାୟତରେ ପିଇଓ ଥିବାବେଳେ ଏହି ଲାଞ୍ଚ ନେବା ଅଭିଯୋଗ ହୋଇଥିଲା। ଏହି ମାମଲାର ରାୟ ପ୍ରକାଶ କରି ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ପ୍ରଣତି ସାହା ତ୍ରିନାଥଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ସହ ଜରିମାନା ଆଦେଶ କରିଛନ୍ତି।

# ମୃତ ହାତୀର ହାଡ଼ରୁ ତିଆରି ହେଉଥିଲା ନକଲି ଦାନ୍ତ

### ର୍ୟାକେଟର ୯ ଗିରଫ

ନୀଳଗିରି,୧୭।୧୨(ପ୍ରଶାନ୍ତ ବିଶ୍ୱାଳ)



ଗିରଫ ହୋଇଥିବା ୪ ଅଭିଯୁକ୍ତ।

ବାଲେଶ୍ୱର ଜିଲା ନୀଳଗିରି କୁଲଡ଼ିହା ଅଭୟାରଣ୍ୟ ଅଞ୍ଚଳରେ ବନ୍ୟଜନ୍ତୁ ଆଇନ ଉଲ୍ଲଂଘନ କରି ଚାଲିଥିଲା ନକଲି ଦାନ୍ତ ତିଆରି। ସୂଚନା ପାଇ କୁଲଡ଼ିହା ବନ ବିଭାଗ ଚଢ଼ାଉ କରି ଏହି ର୍ୟାକେଟ୍‌ର ୯ଜଣଙ୍କୁ ଗିରଫ କରିଛି। ହାତୀ ମରିଗଲା ପରେ ବନ ବିଭାଗ ହାତୀର ଶବକୁ ପୋତି ଦେଇଥାଏ। ପରେ ହାତୀର ହାଡ଼କୁ ତସ୍କରମାନେ ମାଟି ତଳୁ ଖୋଳି ବାହାର କରିବା ପରେ ଏହାକୁ ଗ୍ରାଇଣ୍ଡ କରି ନକଲି ହାତୀ ଦାନ୍ତ ତିଆରି କରୁଥିଲେ। ବାଲେଶ୍ୱର ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇ ଚଢ଼ାଉ କରାଯାଇଥିଲା। ବାଲେଶ୍ୱର ଏସିଏଫ୍ ଶୋଭନ ଦିଗନ୍ତ ଚାନ୍ଦ ଓ କୁଲଡ଼ିହା ଅଭୟାରଣ୍ୟର ଇନଚାର୍ଜ ତଥା ଏସିଏଫ୍ ସୁବ୍ରତ କୁମାର ବେହେରାଙ୍କ ମିଳିତ ଉଦ୍ୟମରେ ଅଚାନକ ଚଢ଼ାଉ କରାଯାଇ ବନ୍ୟଜନ୍ତୁ ଶିକାରୀ ଏବଂ ଦେହାବଶେଷ ତସ୍କରି ମାମଲାରେ ସୋର, ବାଗୁଡ଼ି ଏବଂ ନୀଳଗିରି ଅଞ୍ଚଳର ୯ଜଣ ତସ୍କରଙ୍କୁ ଗିରଫ କରାଯାଇଛି।

ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ୩ଜଣ ଶିକାରୀ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଅଧୀନରେ ଗୋଟିଏ ଗୁଉଣ୍ଡି ଏବଂ ଗୋଟିଏ ଝିଙ୍କ ଶିକାର କରି ଆଣୁଥିବା ବେଳେ ସେମାନଙ୍କ ନିକଟରୁ ବନ ବିଭାଗ ଉଭୟ ମୃତଜନ୍ତୁ ସହିତ ଗୋଟିଏ ଦେଶୀବନ୍ଧୁକ ଏବଂ କିଛି ବିସ୍ଫୋରକ ଜବତ କରିଥିଲା। ସେମାନଙ୍କୁ ଗିରଫ ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ତେବେ ଏହି ଶିକାରୀମାନଙ୍କ ମଧ୍ୟରୁ ଗୋଟିଏ ମୋବାଇଲ ତନଖି କରିବା ସମୟରେ ବନ୍ୟଜନ୍ତୁ ଶିକାର ଓ ତସ୍କରୀ ମାମଲାରେ ଅଧିକ ଲୋକଙ୍କ ସାମିଲ ଥିବା ତଥ୍ୟ ସାମ୍ନାକୁ ଆସିଥିଲା। ଅଧିକ ପଚରାଉଚୁରା ପରେ ଶିକାରୀମାନେ ସତ ଓଗାଳିଥିଲେ। ଏହାକୁ ଭିତ୍ତି କରି ମଙ୍ଗଳବାର ୨ଜଣ ଏବଂ ବୁଧବାର ଆଉ ୪ ଜଣଙ୍କୁ ଗିରଫ କରାଯାଇଛି। ଏମାନେ ଦାନ୍ତ, ଚମଡ଼ା, ନଖ, ହାଡ଼ ଆଦି ବନ୍ୟଜନ୍ତୁ ଦେହାବଶେଷ ତସ୍କରି କରିଥିବା ସ୍ୱୀକାର କରିଥିଲେ। ମୁଖ୍ୟତଃ ପୋତାଯାଇଥିବା ମୃତହାତୀର ଦେହାବଶେଷ ସଂଗ୍ରହ କରି ଏହାକୁ ଆଧୁନିକ ଜ୍ଞାନକୌଶଳରେ ହାତୀଦାନ୍ତ ତିଆରି କରି ଉଚ୍ଚଦରରେ ବିକ୍ରି କରୁଥିବା ବନ ବିଭାଗ ସନ୍ଦେହ କରିଛି। ତେବେ ଏଭଳି କାରନାମାରେ ଅନ୍ୟ କେଉଁମାନଙ୍କର ସମ୍ପୃକ୍ତି ଅଛି ତାହାକୁ ଗୋପନୀୟ ଭାବେ ତଦନ୍ତ ଜାରି ରଖିଥିବାରୁ ବନ ବିଭାଗ ସମସ୍ତଙ୍କ ନାମ ଦେଇ ନ ଥିବାବେଳେ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯିବା ସହ ଅଧିକ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

# ୩ ଟ୍ୟାକ୍ସି ଡ୍ରାଇଭରଙ୍କୁ ସଂଘବଦ୍ଧ ଆକ୍ରମଣ

### ଏୟାରପୋର୍ଟ ଗୋଲେଇ ଛକରେ ଆତଙ୍କରାଜ୍

ଭୁବନେଶ୍ୱର,୧୭।୧୨(ସତ୍ୟଜିତ୍ ରାଉତ)

ଏୟାରପୋର୍ଟ ଗୋଲେଇ ଛକ ନିକଟରେ ବୁଧବାର ମଧ୍ୟାହ୍ନରେ ଆତଙ୍କରାଜ୍ ଦେଖିବାକୁ ମିଳିଛି। ୩ ଜଣ ଟ୍ୟାକ୍ସି ଡ୍ରାଇଭରଙ୍କୁ ଦୁର୍ବୃତ୍ତମାନେ ଲୁହାପାଇପ୍, ଠେଙ୍ଗା, ରଡ୍ ଆଦିରେ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଏଥିରେ ଟ୍ୟାକ୍ସି ଡ୍ରାଇଭର ବିକାଶ ସାହୁ, ବୁନା ଓ ଅନ୍ୟ ଜଣେ ଆହତ ହୋଇଛନ୍ତି। ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏୟାରପୋର୍ଟ ଥାନା ନିକଟରେ ସ୍ପଷ୍ଟ ଦିବାଲୋକରେ ଏଭଳି ଘଟଣା ପୋଲିସର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣା ପରେ ଥାନା ପରିସରରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଆକ୍ରମଣକୁ ଦୃଢ଼ ନିନ୍ଦାକରି ସ୍ମାର୍ଟ ସିଟି ଅନ୍‌ଲାଇନ୍ ଅଟୋଚାଳକ ସଂଘ ଥାନା ଘେରାଉ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ପୋଲିସ ୪ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଉଠାଇନେଇ ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ବିକାଶ ନିଜ କାର୍‌ରେ ପୁରୀରୁ ଗ୍ରାହକଙ୍କୁ ଧରି ଏୟାରପୋର୍ଟ ଅଭିମୁଖେ ଆସୁଥିଲେ। ମଧ୍ୟାହ୍ନରେ ସେ ଏୟାରପୋର୍ଟ ଗୋଲେଇ ଛକରୁ ଏୟାରପୋର୍ଟ ଅଭିମୁଖେ ଯାଉଥିଲେ। ଏହି ସମୟରେ ଏକ ସ୍କୁଟିରେ ୨ଜଣ ଯୁବକ ରଙ୍ଗ୍‌ରୁଟ୍‌ରେ ଆସି ତାଙ୍କ କାର୍‌କୁ ସାଇଡ୍‌ମାରି ସାମାନ୍ୟ ଧକ୍କା ଦେଇଥିଲେ। ଏହାକୁ ବିକାଶ ପ୍ରତିବାଦ କରିବା ସହ ଗାଡ଼ି ଠିକ୍‌ଭାବେ ଚଳାଇବାକୁ କହିଥିଲେ। ଫଳରେ ଅଭିଯୁକ୍ତଦ୍ୱୟ ଉତ୍ୟକ୍ତ ହୋଇପଡ଼ିବା ସହ ବିକାଶଙ୍କୁ ଗାଳିଗୁଲଜ କରିଥିଲେ। ବିକାଶ ଏ ସମ୍ପର୍କରେ ତାଙ୍କ ସଂଘ ଗ୍ରୁପ୍‌ରେ ଜଣାଇଥିଲେ। ବୁନାଙ୍କ ସହ କେତେଜଣ ଡ୍ରାଇଭର ସେଠାକୁ ଆସିଥିବାରୁ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ କାର୍‌କୁ ଧକ୍କା ଦେଇଥିବା ସମ୍ପୃକ୍ତ ୨ ଯୁବକ ସେମାନଙ୍କ ସହଯୋଗୀଙ୍କୁ ଡାକିଦେଇଥିଲେ। ପରେ ୧୦ରୁ ୧୨ଜଣ ଯୁବକ ଲୁହାପାଇପ୍, ରଡ୍ ଆଦି ଧରି ସେଠାରେ ପହଞ୍ଚି ଟ୍ୟାକ୍ସି ଡ୍ରାଇଭରଙ୍କୁ ଗୋଡ଼ାଇ ପିଟିଥିଲେ। ୧୫ ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ଏୟାରପୋର୍ଟ ଗୋଲେଇଛକ ରଣକ୍ଷେତ୍ର ପାଲଟି ଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ପୋଲିସ ପହଞ୍ଚି ୪ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଧରିଥିବା ବେଳେ ଅନ୍ୟମାନେ ଚମ୍ପଟ ମାରିଥିଲେ। ଖବର ପାଇ ଅନ୍‌ଲାଇନ୍ ଅଟୋସଂଘର ଶତାଧିକ ସଦସ୍ୟ ଏୟାରପୋର୍ଟ ଥାନାରେ ପହଞ୍ଚି ସଂଘ ସଭାପତି ଦୀନବନ୍ଧୁ ନାୟକଙ୍କ ନେତୃତ୍ୱରେ ବିକ୍ଷୋଭ କରିଥିଲେ। ଅଟୋ ଓ କାର୍‌କୁ ରାସ୍ତାରେ ରଖି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ସେମାନେ ଦାବି କରିଥିଲେ। ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ପ୍ରତିଶ୍ରୁତି ଦେବାପରେ ଅପରାହ୍ନରେ ସଂଘ ତା'ର ଆନ୍ଦୋଳନକୁ ସ୍ଥଗିତ ରଖିଥିଲା।

### ଥାନା ଘେରିଲା ଅନ୍‌ଲାଇନ ଅଟୋଚାଳକ ସଂଘ



# ଘରେ ପଶି ଛୁରାମାଡ଼ ଘଟଣା, ଆଉ ୩ ଗିରଫ

ଭୁବନେଶ୍ୱର,୧୭।୧୨ (ସତ୍ୟଜିତ୍ ରାଉତ)

ଏୟାରଫିଲ୍ଡ ଥାନା ଅନ୍ତର୍ଗତ ହରିଜନ ସାହିରେ ବିଳମ୍ବିତ ରାତିରେ ଘରେ ପଶି ପରିବାର ଲୋକଙ୍କୁ ଛୁରାମାଡ଼ କରିଥିବା ଆଉ ୩ ଅଭିଯୁକ୍ତଙ୍କୁ ଏୟାରଫିଲ୍ଡ ଥାନା ପୋଲିସ ବୁଧବାର ଗିରଫ କରିଛି। ସେମାନେ ହେଲେ ପ୍ରଧାନସାହିର ପ୍ରିୟରଞ୍ଜନ ପ୍ରଧାନ ଓରଫ୍ ନଣ୍ଡା (୧୯), ଜିତେନ୍ଦ୍ର ପରିଡ଼ା ଓରଫ୍ ମଥୁରୀ (୩୪) ଓ ଭବାନୀ ଶଙ୍କର ପ୍ରଧାନ ଓରଫ୍ ଅପୁ (୨୧)। କୋର୍ଟଚାଲାଣ ପରେ ସମସ୍ତଙ୍କୁ ଜେଲ ପଠାଇ ଦିଆଯାଇଛି। ପୂର୍ବରୁ ଏହି ଘଟଣାରେ ଶଙ୍କର୍ଷଣ ପ୍ରଧାନଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ନାବାଳକ ପୁଅଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଥିଲା।

ସୂଚନା ଅନୁଯାୟୀ, ନଭେମ୍ବର ୨୩ ବିଳମ୍ବିତ ରାତିରେ ବିରାବନ୍ଧରେ ମା' ଦକ୍ଷିଣକାଳୀଙ୍କ ରୌପ୍ୟଜୟନ୍ତୀ ପାଳନ ଅବସରରେ ଅପେରା ଶୋ' ଚାଲିଥିଲା। ସେଠାରେ ଶଙ୍କର୍ଷଣଙ୍କ ୧୬ ବର୍ଷୀୟ ପୁଅ ମଦ୍ୟପାନ କରି ଅଶାନ୍ତି ସୃଷ୍ଟି କରୁଥିଲେ। ଏହାକୁ ସିପୁ ଭୋଇ ଓ ଗ୍ରାମବାସୀ ବିରୋଧ କରିବାରୁ ଗଣ୍ଡଗୋଳ ହୋଇଥିଲା। ଏହାକୁ ନେଇ ନାବାଳକ ଜଣକ ତାଙ୍କ ବାପା ଶଙ୍କର୍ଷଣଙ୍କୁ କହିବା ପରେ ସହଯୋଗୀମାନଙ୍କୁ ଧରି ସଂଘବଦ୍ଧ ହୋଇ ସିପୁଙ୍କ ଘରକୁ ବିଳମ୍ବିତ ରାତିରେ ବଳପୂର୍ବକ ପଶିଥିଲେ। ଅଭିଯୁକ୍ତମାନେ ସିପୁଙ୍କ ବାପା ଓ ମା'ଙ୍କୁ ଆକ୍ରମଣ କରିଥିଲେ। ଏଥିସହ ସିପୁ ଓ ତାଙ୍କ ଭାଇ ପପୁଙ୍କୁ ମଧ୍ୟ ଛୁରାମାଡ଼ କରି ଫେରାର ହୋଇଯାଇଥିଲେ।

# ଶିଶୁକନ୍ୟାଙ୍କୁ ଯୌନ ନିର୍ଯାତନା

ବାରିପଦା,୧୭।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

- ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି
- ଅଭିଯୁକ୍ତ ଗିରଫ

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଞ୍ଚଳରେ ଗତ ସୋମବାର ଅପରାହ୍ନ ପ୍ରାୟ ୩ଟାରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ୫ ବର୍ଷର ଶିଶୁକନ୍ୟାଙ୍କୁ ଜଣେ ପଡ଼ୋଶୀ ଘର ପଛପଟ ନିର୍ଜନ ସ୍ଥାନକୁ ନେଇ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୨୫୭/୨୫) ରୁଜୁ କରି ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଦିଲ୍ଲୀପ ହେମ୍ବ୍ରମ (୨୪)। ଶିଶୁ କନ୍ୟାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ପାଇଁ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଶିଶୁ କନ୍ୟା ଜଣଙ୍କ ଖେଳୁଥିବାବେଳେ ଅଭିଯୁକ୍ତ ଦିଲ୍ଲୀପ ତାଙ୍କୁ ଘର ପଛପଟ ନିର୍ଜନ ସ୍ଥାନକୁ ନେଇ ଯୌନ ନିର୍ଯାତନା ଦେଇଥିଲେ। ଶିଶୁ କନ୍ୟା ଜଣଙ୍କ ଜୋରରେ କାନ୍ଦିବାରୁ ତାଙ୍କ ମାଉସୀ ପହଞ୍ଚି ଅଭିଯୁକ୍ତଙ୍କ ନିକଟରୁ ଉଦ୍ଧାର କରିଥିଲେ। ପରେ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଭାରପ୍ରାପ୍ତ ଛାତ୍ରାବାସ ଅଧୀକ୍ଷକ ନିଲମ୍ବିତ

### ଚାରଭଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ଛାତ୍ରଙ୍କ ମୃତ୍ୟୁ ଘଟଣା

### ପ୍ରଧାନଶିକ୍ଷକଙ୍କୁ ଜିଲାପାଳଙ୍କ କୈଫିୟତ ତଲବ

ସୋନପୁର,୧୭।୧୨(ମୃତ୍ୟୁଞ୍ଜୟ ଶତପଥୀ)



ଛାତ୍ରାବାସର ଭାରପ୍ରାପ୍ତ ଅଧୀକ୍ଷକ ଅରବିନ୍ଦ ମହାକୁର

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଚାରଭଟାସ୍ଥିତ ପିଏମ୍‌ଶ୍ରୀ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଆର୍ଯ୍ୟନ୍ ସୁନା(୧୭)ଙ୍କ ମଙ୍ଗଳବାର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ଏହି ଘଟଣାରେ ବିଦ୍ୟାଳୟର ଭାରପ୍ରାପ୍ତ ଛାତ୍ରାବାସ ଅଧୀକ୍ଷକ ତଥା ବୈଜ୍ଞାନିକ ପରୀକ୍ଷାଗାର ସହାୟକ(ଲାବରେଟୋରି ଆସିଷ୍ଟାଣ୍ଟ)ଅରବିନ୍ଦ ମହାକୁରଙ୍କୁ ଜିଲାପାଳ ଡ. ନୃପରାଜ ସାହୁ ବୁଧବାର ନିଲମ୍ବନ କରିଛନ୍ତି। ପ୍ରାଥମିକ ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟରେ ଅବହେଳା ତଥା ବିଦ୍ୟାଳୟର ଅନ୍ତେବାସୀଙ୍କ ନିରାପତ୍ତା ଓ ସୁରକ୍ଷା ପ୍ରତି ଛାତ୍ରାବାସ ଅଧୀକ୍ଷକ ଅଣଦେଖା କରିବା ଅଭିଯୋଗରେ ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୦୮୮/୧୭।୧୨।୨୦୨୫ ଅନୁସାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେହିପରି ଏହି ଘଟଣାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ହୋତାଙ୍କୁ ଜିଲାପାଳ ଡ. ସାହୁ କୈଫିୟତ ତଲବ କରିଛନ୍ତି। କେଉଁ ପରିସ୍ଥିତିରେ ଛାତ୍ରଙ୍କ ମୃତ୍ୟୁ ହେଲା ଓ ପୂର୍ବଦିନ ସନ୍ଧ୍ୟାରେ ଛାତ୍ରାବାସରେ କ'ଣ ହୋଇଥିଲା ୨୪ଘଣ୍ଟା ମଧ୍ୟରେ ଉତ୍ତର ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ସୋମବାର ସନ୍ଧ୍ୟାରେ ସହପାଠୀଙ୍କ ସହ ଆର୍ଯ୍ୟନ୍‌ଙ୍କର କୌଣସି କାରଣରୁ ମାରପିଟ୍ ହୋଇଥିଲା। ଦୁଇ ଛାତ୍ର ଆର୍ଯ୍ୟନଙ୍କୁ ମାଡ ମାରିଥିଲେ। ଏହି ଘଟଣାରେ ଆର୍ଯ୍ୟନ ମାନସିକସ୍ତରରେ ଆଘାତ ପାଇଥିଲେ। ରାତ୍ରିଭୋଜନ କରି ନ ଥିଲେ। ଏପରିକି ମଙ୍ଗଳବାର ସକାଳେ ଜଳପାନ ମଧ୍ୟ କରି ନ ଥିବା ଅଭିଯୋଗ ହୋଇଛି। ପରେ ଛାତ୍ରାବାସରେ ଥିବା ସମୟରେ ଆର୍ଯ୍ୟନ ହଠାତ୍ ମୂର୍ଚ୍ଛା ଯାଇ ତଳେ ପଡି ଯାଇଥିଲେ। ମଧ୍ୟାହ୍ନ ୧୨ଟାରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଛାତ୍ରଙ୍କୁ ଚାରଭଟାସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ସେତେବେଳକୁ ଛାତ୍ରଙ୍କ ମୃତ୍ୟୁ ହୋଇ ସାରିଥିବା ଦାୟିତ୍ୱରେ ଥିବା ଡାକ୍ତରଙ୍କ ରିପୋର୍ଟରୁ ଜଣାପଡ଼ିଛି।

## Business

# ୬,୧୧୭ ଷ୍ଟେସନରେ ମାଗଣା ୱାଇ-ଫାଇ

### ସିସିଟିଭି ଅଧୀନରେ ୧,୭୩୧ ଷ୍ଟେସନ ; ୧୧,୯୫୩ କୋଚ୍

ଭୁବନେଶ୍ୱର,୧୭।୧୨(ଅନୁରାଧା ମହାରଣା)




ଭାରତୀୟ ରେଳପଥର ୬୧୧୭ ରେଳ ଷ୍ଟେସନରେ ମାଗଣା ୱାଇ-ଫାଇ ସେବା ଯୋଗାଇ ଦିଆଯାଇଛି। ରେଳ ଷ୍ଟେସନରେ ଏହି ସେବା ପାଇଁ ରେଳ ମନ୍ତ୍ରଣାଳୟ ଦ୍ୱାରା କୌଣସି ପୃଥକ୍ ପାଣ୍ଠି ମଞ୍ଜୁର କରାଯାଇନାହିଁ। ଓଟିପି ପାଇଁ ବ୍ୟବହୃତ ମୋବାଇଲ ନମ୍ବର ବ୍ୟତୀତ ରେଳଷ୍ଟେସନରେ ପ୍ରଦାନ କରାଯାଇଥିବା ୱାଇ-ଫାଇ ସେବା ବ୍ୟବହାର କରିବା ପାଇଁ କୌଣସି ବ୍ୟକ୍ତିଗତ ସୂଚନା ମଗାଯାଇ ନାହିଁ। ଷ୍ଟେସନରେ ୱାଇ-ଫାଇ ସୁବିଧା କାର୍ଯ୍ୟ କରିବା ସମ୍ପର୍କରେ କୌଣସି ସମସ୍ୟା ଆସିଲେ ରେଳ ପ୍ରଶାସନ ଦ୍ୱାରା ତୁରନ୍ତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସୂଚନା ଦିଆଯାଇଛି । ସେହିପରି ଯାତ୍ରୀଙ୍କ ନିରାପଦ ଯାତ୍ରା ସୁନିଶ୍ଚିତ କରିବା ପାଇଁ ୧୭୩୧ ଷ୍ଟେସନ ଏବଂ ୧୧,୯୫୩ କୋଚ୍‌ରେ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା ଯୋଗାଇ ଦିଆଯାଇଛି। ନୂଆଦିଲ୍ଲୀ ରେଳ ଷ୍ଟେସନରେ ପ୍ରବେଶ/ପ୍ରସ୍ଥାନ ସ୍ଥାନ, ଫୁଟ୍ ଓଭର ବ୍ରିଜ୍, ପ୍ଲାଟ୍‌ଫର୍ମ ଇତ୍ୟାଦି ବାହ୍ୟ କ୍ଷେତ୍ର ଏବଂ ପ୍ରତୀକ୍ଷା ହଲ୍, ଟିକେଟ କାଉଣ୍ଟର ଇତ୍ୟାଦି ଭିତର କ୍ଷେତ୍ରକୁ କଭର କରିବା ପାଇଁ ପୂର୍ବରୁ ସିସିଟିଭି ସ୍ଥାପନ କରାଯାଇଥିଲା। ଚଳିତବର୍ଷ ଫେବୃଆରୀ ୧୫ ପରେ ନୂଆଦିଲ୍ଲୀ ଷ୍ଟେସନ ପରିସରରେ କିଛି ନୂତନ କ୍ଷେତ୍ର ବିକଶିତ ହୋଇଥିଲା ଏବଂ ତଦନୁସାରେ ଏହି କ୍ଷେତ୍ରଗୁଡ଼ିକୁ କଭରକରିବା ପାଇଁ ଅତିରିକ୍ତ ସିସିଟିଭି ଯୋଗାଇ ଦିଆଯାଇଛି। ବର୍ତ୍ତମାନ ନୂଆଦିଲ୍ଲୀ ରେଳ ଷ୍ଟେସନରେ ୨୫୦ ସିସିଟିଭି ଯୋଗାଇ ଦିଆଯାଇଛି। ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକସଭାରେ ଏକ ଲିଖିତ ଉତ୍ତରରେ ଏହି ସୂଚନା ପ୍ରଦାନ କରିଛନ୍ତି।

# ରିଲାଏନ୍ସ ଜିଓର ହାପି ନ୍ୟୁ ଇୟର ଅଫର

ଭୁବନେଶ୍ୱର,୧୭।୧୨(ଅନୁରାଧା ମହାରଣା)

ରିଲାଏନ୍ସ ଜିଓ ୨୦୨୬ ନୂତନ ବର୍ଷ ପାଳନ ଅବସରରେ ଏହାର ହାପି ନ୍ୟୁ ଇୟର ୨୦୨୬ ଅଫର ଘୋଷଣା କରିଛି। ହାପି ନ୍ୟୁ ଇୟର ୨୦୨୬ ଅଫର ମାଧ୍ୟମରେ ଜିଓ କନେକ୍ଟିଭିଟି, ମନୋରଞ୍ଜନ ଏବଂ ଏଆଇକୁ ଏକତ୍ରିତକରିବାକୁ ପଦକ୍ଷେପ ନେଇଛି। ଏହି ଅଫରରେ ଜିଓ ୩୫୯୯ ଟଙ୍କା ମୂଲ୍ୟର ହିରୋ ବାର୍ଷିକ ରିଚାର୍ଜ ପ୍ଲାନ୍, ୫୦୦ ଟଙ୍କିଆ ସୁପର ସେଲିବ୍ରେଶନ ମାସିକ ପ୍ଲାନ୍ ଏବଂ ୧୦୩ ଟଙ୍କିଆ ଫ୍ଲେକ୍ସି ପ୍ୟାକ ଆଦି ପ୍ଲାନ୍ ରହିଛି। ଅଫରଗୁଡ଼ିକ ମାଧ୍ୟମରେ ଜିଓ ସୁଲଭ ମୂଲ୍ୟରେ ଉନ୍ନତ ଡିଜିଟାଲ ସେବା ପ୍ରଦାନ କରିବାକୁ ପ୍ରୟାସ କରୁଥିବା ଜିଓ ପକ୍ଷରୁ କୁହାଯାଇଛି। ଅସୀମିତ ୫ଜି ଏବଂ ପ୍ରିମିୟମ ଓଟିଟି କଣ୍ଟେଣ୍ଟ ସହ ଏହି ପ୍ଲାନ୍‌ଗୁଡ଼ିକ ଦେଶବ୍ୟାପୀ ଗ୍ରାହକଙ୍କୁ ଉତ୍ତମ ଯୋଗାଯୋଗ ସଂଯୋଗ ଏବଂ ମନୋରଞ୍ଜନ ଅନୁଭୂତି ପ୍ରଦାନ କରିବା ଲକ୍ଷ୍ୟରେ ପ୍ରସ୍ତୁତ କରାଯାଇଛି।

# ଆଜିଠୁ ହାଇଦ୍ରାବାଦରେ ୨ ଦିନିଆ ଇନ୍‌ଭେଷ୍ଟର୍ସ ମିଟ୍

### 'ରୋଡ୍ ଶୋ'ରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୧୨ (ରବିନାରାୟଣ ଜେନା)

ODISHA NEW OPPORTUNITIES

ଓଡ଼ିଶାକୁ ଶିଳ୍ପସମୃଦ୍ଧ କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏହାକୁ ନେଇ ପୂର୍ବରୁ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ସହ କେତେକ ନିବେଶକ ସମ୍ମିଳନୀ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗୁରୁବାର ହାଇଦ୍ରାବାଦ୍‌ଠାରେ ୨ଦିନିଆ ଇନ୍‌ଭେଷ୍ଟର୍ସ ମିଟ୍ କରାଯିବାକୁ ରହିଛି ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ଆସନ୍ତା ୧୮ ଓ ୧୯ ତାରିଖରେ ହାଇଦ୍ରାବାଦରେ ଇନ୍‌ଭେଷ୍ଟର୍ସ ମିଟ୍ ଏବଂ 'ରୋଡ୍ ଶୋ' କରାଯିବ। ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବାକୁ ରହିଛି। ଏଥିପାଇଁ ବହୁ ବଡ଼ ବଡ଼ ଶିଳ୍ପପତିଙ୍କୁ ଆମନ୍ତ୍ରଣ କରାଯାଇଛି। ଏହି ସମୟରେ ଶିଳ୍ପ ବିଭାଗର ଟିମ୍ ସହ ବିଭିନ୍ନ ଶିଳ୍ପପତିଙ୍କ ୱାନ୍ ଟୁ ୱାନ୍ ଆଲୋଚନା କରାଯିବ। ଲୌହଶିଳ୍ପଠାରୁ ଆରମ୍ଭକରି ପ୍ଲାଷ୍ଟିକ୍ ଓ ଆଇଟି କ୍ଷେତ୍ରରେ ମଧ୍ୟ ନିବେଶକମାନେ ଯୋଗଦେବାର ରହିଛି, ଯାହା ଓଡ଼ିଶା ପାଇଁ ଲାଭଦାୟକ ହେବ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି।

# ମଜଭୁତ ହେବ ଟଙ୍କା: ଏସ୍‌ବିଆଇ ରିପୋର୍ଟ

ଭୁବନେଶ୍ୱର,୧୭।୧୨(ଅନୁରାଧା ମହାରଣା)

ଆମେରିକା ଦ୍ୱାରା ଭାରତ ଉପରେ ଲାଗୁ କରାଯାଇଥିବା ୫୦% ଆମଦାନୀ ଶୁଳ୍କ ଗତ କିଛି ମାସ ମଧ୍ୟରେ ଭାରତୀୟ ଟଙ୍କା ଉପରେ ପ୍ରବଳ ଚାପ ପକାଇଛି ଏବଂ ଏହା ବର୍ତ୍ତମାନର ହ୍ରାସର ଏକ ପ୍ରମୁଖ କାରଣ ଭାବରେ ଉଭା ହୋଇଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ଅର୍ଥନୈତିକ ଗବେଷଣା ବିଭାଗର ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ଏପ୍ରିଲ ୨ରେ ଯେତେବେଳେ ଆମେରିକା ଏକ ବ୍ୟାପକ ଶୁଳ୍କ ବୃଦ୍ଧି ଘୋଷଣା କରିଥିଲା, ସେବେଠାରୁ ଡଲାର ତୁଳନାରେ ଟଙ୍କା ପ୍ରାୟ ୫.୭% ଦୁର୍ବଳ ହୋଇଛି, ଯାହା ପ୍ରମୁଖ ଅର୍ଥନୀତି ମଧ୍ୟରେ ସବୁଠାରୁ ବଡ଼ ହ୍ରାସ। ମାତ୍ର ରିପୋର୍ଟରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ଏହା ଅତ୍ୟନ୍ତ ଅସ୍ଥିର ହୋଇନାହ। ଯାହା ସୂଚିତ କରୁଛି ଯେ ଭାରତୀୟ ଅର୍ଥନୀତିର ମୌଳିକ ସ୍ଥିତି ଦୃଢ଼ ରହିଛି। ଆମେରିକା-ଭାରତ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ସମକାଳୀନ ଆଶା ଟଙ୍କାରେ ମଝିରେ ମଝିରେ ଶକ୍ତିଶାଳୀ ହୋଇଛି, କିନ୍ତୁ ଭୂରାଜନୈତିକ ଅନିଶ୍ଚିତତା ଏବଂ ବୃଦ୍ଧି ପାଉଥିବା ବିଶ୍ୱ ଅନିଶ୍ଚିତତା ବିଦେଶୀ ନିବେଶ ପ୍ରବାହକୁ ସୀମିତ କରିଛି। ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି , ପୂର୍ବ ବର୍ଷଗୁଡ଼ିକ ତୁଳନାରେ ପୋର୍ଟଫୋଲିଓ ନିବେଶ ପ୍ରବାହ ଯଥେଷ୍ଟ ହ୍ରାସ ପାଇଛି, ଯାହା ଟଙ୍କା ଉପରେ ଆହୁରି ଚାପ ବୃଦ୍ଧି କରୁଛି। ୨୦୦୭ରୁ ୨୦୧୪ ମଧ୍ୟରେ ନିଟ୍ ପୋର୍ଟଫୋଲିଓ ପ୍ରବାହ ହାରାହାରି ୧୬୨.୮ ବିଲିୟନ ଡଲାର ଥିଲା। ୨୦୧୫ରୁ ୨୦୨୫ ମଧ୍ୟରେ ଏହା ହାରାହାରି ୮୭.୭ ବିଲିୟନ ଡଲାରକୁ ହ୍ରାସ ପାଇଛି। ୨୦୧୪ ପୂର୍ବରୁ ବିଦେଶୀ ନିବେଶ ପ୍ରବାହ ଟଙ୍କାର ଅସ୍ଥିରତାର ଏକ ପ୍ରମୁଖ ବାହକ ଥିଲା, କିନ୍ତୁ ବର୍ତ୍ତମାନ ବାଣିଜ୍ୟ ଚୁକ୍ତିନାମାରେ ବିଳମ୍ବ, ଭୂରାଜନୈତିକ ଉତ୍ତେଜନା ଏବଂ ବିଶ୍ୱ ଅନିଶ୍ଚିତତା ନିବେଶକମାନଙ୍କୁ ସତର୍କ କରିଛି। ଏହା ସତ୍ତ୍ୱେ ରିପୋର୍ଟରେ ବିଶ୍ୱାସ ପ୍ରକଟ କରାଯାଇଛି ଯେ, ଦୀର୍ଘ ଅନିଶ୍ଚିତତା, ସୁରକ୍ଷାବାଦ ଏବଂ ଶ୍ରମ ଯୋଗାଣ ଆଘାତ ସତ୍ତ୍ୱେ ଭାରତୀୟ ଅର୍ଥନୀତି ଉଲ୍ଲେଖନୀୟ ସ୍ଥିରତା ପ୍ରଦର୍ଶନ କରିଛି। ଏସ୍‌ବିଆଇ ଆକଳନ କରୁଛି ଯେ ଟଙ୍କା ବର୍ତ୍ତମାନ ଦୁର୍ବଳଥିବା ବେଳେ ପରବର୍ତ୍ତୀ ଆର୍ଥିକ ବର୍ଷର ଦ୍ୱିତୀୟାର୍ଦ୍ଧରେ ଏହା ଶକ୍ତିଶାଳୀ ହେବ। ବିଦେଶୀ ମୁଦ୍ରାଭଣ୍ଡାର ପର୍ଯ୍ୟାପ୍ତ ରହିଛି, ଏବଂ ରିଜର୍ଭ ବ୍ୟାଙ୍କ ଦ୍ୱାରା ସାମୟିକ ହସ୍ତକ୍ଷେପ ସହ ଭବିଷ୍ୟତରେ ଟଙ୍କା ମଜଭୁତ ହେବ ବୋଲି ଆଶା କରାଯାଉଛି।

# ଏମ୍‌ସିଏଲ୍ ପକ୍ଷରୁ ସ୍ୱୟଂସିଦ୍ଧା ଶୁଭାରମ୍ଭ




ଏମ୍‌ସିଏଲ୍‌ଠାରେ ଆୟୋଜିତ ସ୍ୱୟଂସିଦ୍ଧା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ମହିଳା ପ୍ରତିନିଧି।

ସମ୍ବଲପୁର,୧୭।୧୨(ବି.ଶଙ୍କର)

ଏଏମ୍‌ସିଏଲ୍ ପକ୍ଷରୁ ମହିଳା ସଶକ୍ତୀକରଣ ପଦକ୍ଷେପ ସକାଶେ ସ୍ୱୟଂସିଦ୍ଧା ଶୁଭାରମ୍ଭ ହୋଇଛି। ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଉଦୟ ଅନନ୍ତ କାଓଲେ ଆନୁଷ୍ଠାନିକ ଭାବେ କମ୍ପାନୀ ମୁଖ୍ୟାଳୟରେ କାର୍ଯ୍ୟକ୍ରମର ଶୁଭାରମ୍ଭକରି ସମାବେଶୀ ଅଭିବୃଦ୍ଧି ପ୍ରତି ଏମ୍‌ସିଏଲ୍‌ର ପ୍ରତିବଦ୍ଧତା, ସାଙ୍ଗଠନିକ ଉତ୍କର୍ଷ ତଥା ରାଷ୍ଟ୍ର ନିର୍ମାଣରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ନେକ୍ସସ୍ ପାୱାର ସହପ୍ରତିଷ୍ଠାତା ତଥା ସିଇଓ ସୁଶ୍ରୀ ନିଶିତା ବଲିଆରସିଂ ଏବଂ ନେକ୍ସସ୍ ପାୱାର ସହପ୍ରତିଷ୍ଠାତା ତଥା ସିଆଇଓ ସୁଶ୍ରୀ ନିକିତା ବଲିଆରସିଂଙ୍କ ଦ୍ୱାରା ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଅଧିବେଶନରେ ନେତୃତ୍ୱ, ନବସୃଜନ, ଡିଜିଟାଲ ସଶକ୍ତୀକରଣ ଏବଂ ଉଦ୍ୟୋଗିତା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ କେଶବ ରାଓ ନିର୍ଦ୍ଦେଶକ(ମାନବ ସମ୍ବଳ), ପ୍ରଣବ କୁମାର ପଟେଲ ମୁଖ୍ୟ ସତର୍କତା ଅଧିକାରୀ, ଅଜିତ କୁମାର ବେହୁରା ନିର୍ଦ୍ଦେଶକ (ଅର୍ଥ) ଏବଂ ସଞ୍ଜୟ କୁମାର ଝା ନିର୍ଦ୍ଦେଶକ (ବୈଷୟିକ ପରିଚାଳନା)ଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଓପିଟିସିଏଲ୍‌ରେ ମାନବ ସମ୍ବଳ ସଙ୍କଟ

### ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଇଞ୍ଜିନିୟର

ଭୁବନେଶ୍ୱର,୧୭।୧୨(ଅନୁରାଧା ମହାରଣା)

ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ (ଓପିଟିସିଏଲ୍)ର ଇଞ୍ଜିନିୟରମାନେ ଦୀର୍ଘକାଳୀନ ସଂସ୍ଥାଗତ ସମସ୍ୟା ଯଥା ତୀବ୍ର ମାନବସମ୍ବଳ ଅଭାବ, ସ୍ୱଚ୍ଛତା ଏବଂ କାର୍ଯ୍ୟ ସମ୍ପାଦନ ସମସ୍ୟା ଦେଇ ଗତି କରୁଥିବା ଅଭିଯୋଗ କରିଛନ୍ତି। ଏହିସବୁ ସମସ୍ୟା ଗ୍ରୀଡ୍ ନିର୍ଭରଯୋଗ୍ୟତା, କର୍ମଚାରୀ ମନୋବଳ ଏବଂ ଜନସ୍ୱାର୍ଥକୁ ପ୍ରଭାବିତ କରିଥିବା ଦର୍ଶାଇ ଇଞ୍ଜିନିୟରମାନେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ବାରମ୍ବାର ସମସ୍ୟା ଉପସ୍ଥାପନା ସତ୍ତ୍ୱେ, ଓପିଟିସିଏଲ୍ କର୍ତ୍ତୃପକ୍ଷ ମାନବସମ୍ବଳ ପରିଚାଳନା, କ୍ୟାଡର ପୁନର୍ଗଠନ ଏବଂ ସ୍ୱଚ୍ଛ ପ୍ରଶାସନ ଜନିତ ଗୁରୁତ୍ୱପୂର୍ଣ୍ଣ ଚିନ୍ତାଧାରାକୁ ସମାଧାନ କରିବାରେ ବିଫଳ ହୋଇଥିବା କୁହାଯାଇଛି। ଅଭିଯୋଗ ଅନୁସାରେ ଅନେକ ଗ୍ରୀଡ୍ ସବ୍ ଷ୍ଟେଶନ ବର୍ତ୍ତମାନ ସର୍ବନିମ୍ନ ମାନବସମ୍ବଳ ସହ ଏବଂ କେତେକ ସ୍ଥାନରେ କେବଳ ଜଣେ ଇଞ୍ଜିନିୟର କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଇଞ୍ଜିନିୟରମାନେ ଦର୍ଶାଇଛନ୍ତି, ଓପିଟିସିଏଲ୍‌ରେ ପ୍ରାୟ ୩,୩୦୦ ମଞ୍ଜୁରୀପ୍ରାପ୍ତ ପଦବୀ ଖାଲି ରହିଛି, ଯାହା ଓଡ଼ିଶାର ରାଜ୍ୟ ସରକାରୀ କ୍ଷେତ୍ରର ନିଗମ ମଧ୍ୟରେ ସର୍ବାଧିକ। ରାଜ୍ୟ ସରକାର ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଥିବା କହୁଥିବାବେଳେ ଦୀର୍ଘ ସମୟ ଧରି ଖାଲି ପଦବୀ ପୂରଣ ହୋଇପାରୁ ନ ଥିବାରୁ ଏହା ଯୁବ ବୃତ୍ତିଗତମାନଙ୍କୁ ବିଦ୍ୟୁତ୍ କ୍ଷେତ୍ରରେ ଯୋଗଦେବାକୁ ନିରୁତ୍ସାହିତ କରୁଛି । ଚଳିତବର୍ଷ ଜୁଲାଇରେ ଶକ୍ତିମନ୍ତ୍ରୀଙ୍କ ଉପସ୍ଥିତିରେ ଦିଆଯାଇଥିବା ପ୍ରତିଶ୍ରୁତି ସତ୍ତ୍ୱେ ସେପ୍ଟେମ୍ବରରେ ବୋର୍ଡରେ କ୍ୟାଡର ପୁନର୍ଗଠନ ପୁନଃ ପ୍ରସ୍ତାବକୁ ଦୁର୍ବଳ କରାଯାଇଥିବା ଅଭିଯୋଗ ଆଣିଛନ୍ତି। ସଂଶୋଧିତ ପ୍ରସ୍ତାବ ପୂର୍ବ ଅନୁମୋଦନ ଏବଂ ପ୍ରଚଳିତ ସରକାରୀ ମାନଦଣ୍ଡ ଅନୁସାରେ ବହୁ କମ୍ ରହିଛି। କ୍ୟାଡର ପୁନର୍ଗଠନରେ ୪ ବର୍ଷ ଧରି ବିଳମ୍ବ ହେବାରୁ ପଦୋନ୍ନତି ଅଟକି ରହିଛି। ଯୁବ ଇଞ୍ଜିନିୟରମାନେ ଦୀର୍ଘକାଳୀନ କ୍ୟାରିୟର ଅନିଶ୍ଚିତତାର ସମ୍ମୁଖୀନ ହେଉଛନ୍ତି ଏବଂ ସମୟସୀମାବଦ୍ଧ ପଦୋନ୍ନତି କିମ୍ବା ସ୍କେଲ-ଆଧାରିତ କ୍ୟାରିୟର ପ୍ରଗତି ନ ଥିବାରୁ ସାଂଗଠନିକ ମନୋବଳ ହ୍ରାସ ପାଇଥିବା କୁହାଯାଇଛି। ଓପିଟିସିଏଲ୍ ଓଡ଼ିଶାର ଶକ୍ତି ପରିବହନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ କ୍ଷେତ୍ର ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ୟାଗୁଡ଼ିକ ପ୍ରତି ଦୃଷ୍ଟିଦେବାକୁ ଅନୁରୋଧ କରିଛନ୍ତି।



'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ' ଫିଲ୍ମର ଏକ ଦୃଶ୍ୟ

# ସତ ହେଲା ଆକଳନ

ଶିକ୍ଷା କ୍ଷେତ୍ରରେ ଆମ ରାଜ୍ୟରେ ଚର୍ଚ୍ଚିତ ବ୍ୟକ୍ତିତ୍ୱ ହେଉଛନ୍ତି ନନ୍ଦ ପୃଷ୍ଟି। ନିଜର ନିଆରା ଶିକ୍ଷାଦାନ ପଦ୍ଧତି ଏବଂ ମାଗଣାରେ ପିଲାଙ୍କୁ ପାଠ ପଢ଼ାଇ ସେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ଏପରି କି ନିଜର ଏଭଳି ଅବଦାନ ପାଇଁ ତାଙ୍କୁ ମିଳିଥିଲା ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର। ତାଙ୍କର ଜୀବନୀ ଉପରେ ନିର୍ମିତ ପ୍ରାମାଣିକ ଚଳଚ୍ଚିତ୍ର 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ' ଚଳିତ ମାସରେ ବଡ ପରଦାରେ ରିଲିଜ ହୋଇଛି। କେବଳ ସେତିକି ନୁହେଁ, ଫିଲ୍ମଟି ପ୍ରାରମ୍ଭରୁ ଦର୍ଶକାଦୃତ ହୋଇଛି। ଏ ନେଇ ନିଜର ଖୁସିବ୍ୟକ୍ତ କରିବା ସହ ଦର୍ଶକଙ୍କୁ ପ୍ରଶଂସା କରିଛନ୍ତି ଏହାର ନିର୍ଦ୍ଦେଶକ ପ୍ରଣବ କୁମାର ଆଇଚ। ଏ ନେଇ ସେ କହନ୍ତି, "ଏହି ବିଷୟବସ୍ତୁକୁ କିପରି ଠିକ୍ ଭାବରେ ଉପସ୍ଥାପନା କରିହେବ ସେ ନେଇ ପ୍ରଥମେ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିଥିଲି। ଏହି ସମୟରେ ଏହାର ପ୍ରଯୋଜକ ଅଭୟ ପତିଙ୍କ ସହଯୋଗ ଏବଂ ବିଚକ୍ଷଣତାକୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ। ପ୍ରଯୋଜକ ଯେତେବେଳେ ଜଣେ ସାମ୍ବାଦିକ ଥିଲେ ସେତେବେଳେ ନନ୍ଦ ପୃଷ୍ଟିଙ୍କ ଉପରେ ଏକ ନ୍ୟୁଜ୍ କରିଥିଲେ ଆଉ ଏବେ ତାହାକୁ ଏକ ସିନେମାର ରୂପ ଦେଇଛନ୍ତି। ତା'ସହ ଫିଲ୍ମଟିକୁ ପ୍ରାରମ୍ଭରୁ ଦର୍ଶକ ଯେତିକି ଭଲ ପାଇବା ଦେଇଛନ୍ତି ସେଥିଲାଗି ସେମାନଙ୍କ ନିକଟରେ ମୁଁ ଚିର ଋଣୀ ହୋଇ ରହିବି।" କୋଲକାତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ, କାନ୍ସ ଫିଲ୍ମ ମହୋତ୍ସବ (ଯେଉଁଠାରେ ଏହାର ଟ୍ରେଲର ଭାରତ ପାଭିଲିଅନରେ ପ୍ରଦର୍ଶିତ ହୋଇଥିଲା), ଆମେରିକାର ସେଣ୍ଟଲୁଇସ ଏବଂ ଜାପାନର କାନାଜାୱା ଫିଲ୍ମ ମହୋତ୍ସବରେ ଏହା ପ୍ରଦର୍ଶିତ ହୋଇ ପ୍ରଶଂସିତ ଏବଂ ପୁରସ୍କୃତ ହୋଇଛି। ଏହାର ଟାଇଟଲ ଭୂମିକାରେ ସାଇଶ୍ରେଷ୍ଠ ଦାସ ଏବଂ ନନ୍ଦ ମାଷ୍ଟରଙ୍କ ପତ୍ନୀ ଭୂମିକାରେ ନିବେଦିତା ପଟ୍ଟନାୟକ ଅଭିନୟ କରିଛନ୍ତି। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିଭୂତି ଭୂଷଣ ଗଡ଼ନାୟକ। ଫିଲ୍ମଟି ଆମ ରାଜ୍ୟରେ ୨୫ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିସାରିଛି।

# ସିନେମା ସଂଳାପ ପ୍ରସଙ୍ଗ

ଓଡ଼ିଆ ସିନେମା ନିର୍ମାଣ ବେଳେ କାହାଣୀ ଓ ଚିତ୍ରନାଟ୍ୟ ପରେ ଚରିତ୍ର ଉପଯୋଗୀ କଳାକାର ଚୟନ କରାଯାଏ। ତା'ପରେ କଳାକାରମାନେ ଅଭିନୟ ସମୟରେ କଥାବାର୍ତ୍ତାର ଭାଷା ଯାହା ବ୍ୟବହାର କରନ୍ତି ତାହାକୁ ସଂଳାପକାରମାନେ ହିଁ ଲେଖିଥାନ୍ତି। କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ମାଧ୍ୟମରେ ହିଁ ରକ୍ତମାଂସ ଦେଇ ସିନେମାଟିକୁ ଜୀବନ୍ତ କରାଯାଏ। ଯଦି କାହାଣୀର ଆତ୍ମା ସହିତ ସଂଳାପ ଲେଖକ ନିମଗ୍ନ ହୋଇ କାର୍ଯ୍ୟ କରି ନ ଥିବେ ତେବେ ଚରିତ୍ରଗୁଡ଼ିକ ଜୀବନ୍ତ ହୋଇପାରିବ ନାହିଁ। ମନେରଖିବା ଭଳି ସଂଳାପ ପରିବେଷଣ ଦ୍ୱାରା ଚଳଚ୍ଚିତ୍ରରେ ଚରିତ୍ର ସମୂହ ଜୀବନ୍ତ ହୋଇଥାଆନ୍ତି।

ଚଳଚ୍ଚିତ୍ର ନିର୍ମାଣର ପରିକଳ୍ପନା ଯେତେବେଳେ ନିର୍ଦ୍ଦେଶକ ଜଣକ କରନ୍ତି ସେତେବେଳେ କାହାଣୀକାର ଚିତ୍ରନାଟ୍ୟକାର ସମୂହଙ୍କ ଭୂମିକାରେ ଛଳନା ରୂପ ଧାରଣ କରି କାର୍ଯ୍ୟ କରିଥାନ୍ତି। ଚଳଚ୍ଚିତ୍ରଟି କିପରି ଲୋକପ୍ରିୟତା ଲାଭ କରିବ ସେଥିପାଇଁ ସଂଳାପକାର ଚରିତ୍ରମାନଙ୍କ ପାଇଁ ସଂଳାପ ରଚନା କରିଥାନ୍ତି। ସିନେମା ପରଦାରେ ଅଭିନେତା ଓ ଅଭିନେତ୍ରୀମାନଙ୍କ ମୁହଁରେ ଉଚ୍ଚାରିତ ସଂଳାପଭଳି ପ୍ରୟୋଗ ଦ୍ୱାରା ଯଦି ଏକ ସୁନ୍ଦର ଓ ହୃଦୟଗ୍ରାହୀ ଘଟଣା ଓ ପରିବେଶ ସୃଷ୍ଟି କରାଯିବ ତେବେ ଦର୍ଶକମାନେ ତାକୁ ଗ୍ରହଣ କରିଥାନ୍ତି। ତେଣୁ ସଂଳାପ ଲେଖକଙ୍କ ଗୁରୁତ୍ୱ ରହିଛି। ଓଡ଼ିଆ ଚଳଚ୍ଚିତ୍ରର ସଂଳାପ ଲେଖକ ଭାବେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ଶାରଦା ପ୍ରସନ୍ନ ନାୟକ, ନରସିଂହ ମହାପାତ୍ର, ଗୋପାଳ ଛୋଟରାୟ, ଡ. ବସନ୍ତ ମହାପାତ୍ର, ବିଜୟ ମିଶ୍ର, ପ୍ରଶାନ୍ତ ନନ୍ଦ, ଭୁବନେଶ୍ୱର ମହାପାତ୍ର, ହିମାଂଶୁ ଭୂଷଣ ସାବତ, ପ୍ରଫୁଲ୍ଲ ରଥ, ଶର୍ଙ୍ଗଧର ଦାସ କାନୁନଗୋ, ଡ. ସୁବୋଧ ପଟ୍ଟନାୟକ, ନିଜାମ, ରମେଶ ପାଣିଗ୍ରାହୀ, ନନ୍ଦଲାଲ ମହାପାତ୍ର, ବିଜୟ ମଲ୍ଲ, ଡ. ନିର୍ମଳ ନାୟକ, ଦେବୀଦତ୍ତ ମହାନ୍ତି, ବାପୁ ଗୋସ୍ୱାମୀ, ଦିଲୀପ ଚୌଧୁରୀ, ରଣଜିତ ପଟ୍ଟନାୟକ, ରଜନୀ ରଞ୍ଜନ ଦାସ ପ୍ରମୁଖ ୮୭ ବର୍ଷର ଓଡ଼ିଆ ଚଳଚ୍ଚିତ୍ରରେ ସେଭଳି ପୁରୁଣା ଗୀତ ଓ ସଂଳାପକାରଙ୍କ ଲେଖା ଆଜି ବି ସ୍ମୃତିପଟରେ ରହିଛି।



ଓଡ଼ିଆ ଚଳଚ୍ଚିତ୍ର 'ସପ୍ତସାଗର', 'ଡୋରା' ଆଦିର ସଂଳାପ ଅନେକ ବ୍ୟକ୍ତିବିଶେଷ କହିପାରନ୍ତି। ହାସ୍ୟ ଅଭିନେତା ଜୟୀ ସାମଲ 'ଦେଖ ତାଙ୍କୁ' 'ଫୁଲ ଚନ୍ଦନ' ଚଳଚ୍ଚିତ୍ରରେ ଆଜି ତାଙ୍କୁ ମନେରଖିଛି। ସଂଳାପ ଲେଖକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭାଷାକୁ କପି କରିଦେଲେ ହେବ ନାହିଁ, ଆମ ଭାଷାରେ ସାଧାରଣ ଦର୍ଶକ ଦେଖିଲା ବେଳେ ଓଡ଼ିଆ ଗନ୍ଧ ବାରିହେବା ଜରୁରୀ।

ଚଳଚ୍ଚିତ୍ର ଉଭାରୀ କଲେ ମଧ୍ୟ 'ଅଙ୍କର' ଗୁରୁତ୍ୱ ବିଶେଷ ରହିଛି। ଭଲ ସିନେମା ଦେଖି ଭଲ ସଂଳାପ ଲେଖା ଗୋଟିଏ ହେଲେ ବି ତା'ର ପ୍ରଭାବ ଯୁଗ ଯୁଗକୁ ରହିବ। ସଂଳାପ ଯଦି ଦର୍ଶକଙ୍କ ହୃଦୟକୁ ଛୁଇଁପାରିଲା, ତେବେ ତାହା ଆଗାମୀ ଦିନରେ ଅନେକ ନୂତନ ସଂଳାପକାର ଏହି ନୀତି ଆପଣେଇବା ଲାଗି ନିଶ୍ଚୟ ଅନୁପ୍ରାଣିତ ହେବେ । ଏଭଳି ହେଲେ ହିଁ ଓଡ଼ିଆ ସିନେମା ୮୭ ବର୍ଷ ବୟସରେ ପରିପକ୍ୱତାର ପରିଚୟ ସୁରକ୍ଷା କରିପାରିବ।

**–ଦିଲୀପ ହାଲି,** ବଡ଼ଗଡ଼, ଭୁବନେଶ୍ୱର-୧୮
ମୋ : ୯୮୬୧୦୦୯୨୫୨

# ଟେନସନ ଅନ୍ତରାଳେ..

ମୃଣାଳ ଠାକୁରଙ୍କୁ ଟେନ୍‌ସନ ସତେଯେମିତି ପିଛା ଛାଡ଼ିବାକୁ ନାରାଜ। ଦେଖୁନାହାନ୍ତି, ମାଇଣ୍ଡ ଫ୍ରେସ୍ କରିବାକୁ ସେ ଲଣ୍ଡନ ଯାଇଛନ୍ତି, ହେଲେ ଏଠି ତାଙ୍କୁ ନେଇ ଆଲୋଚନା ଥମିବାର ନାଁ ନେଉନାହିଁ। ତାହାର କାରଣ କ'ଣ ଜାଣନ୍ତି ? ତାହା ହେଲା ବିକିନି। କଥା କ'ଣ କି ସେଠାରେ ସେ ବୁଲିବା ସହ ବିକିନି ପିନ୍ଧି କିଛି ଫଟୋ ଶୁଟ୍ କରିଛନ୍ତି। କେବଳ ସେତିକି ନୁହେଁ, ଏହି ଫଟୋଗୁଡ଼ିକୁ ସେ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି। ଏ ସମ୍ପର୍କରେ ସଫେଇ ଦେଇ ମୃଣାଳ କହନ୍ତି, 'ମୋ ବିକିନି ପିନ୍ଧିବାକୁ ନେଇ ଏତେ କାହିଁକି ଚର୍ଚ୍ଚା ହେଉଛି ତାହା ମୁଁ ଜାଣିପାରୁନି। କେହି କେହି କହୁଛନ୍ତି ଯେ, ଚର୍ଚ୍ଚାରେ ରହିବାକୁ ମୁଁ ଏପରି କଷ୍ଟୁମ ପିନ୍ଧିଛି। ହେଲେ ସେପରି ଯୁକ୍ତି ପଛରେ ଆଦୌ ସତ୍ୟତା ନାହିଁ। କେତୋଟି ଫଟୋ ଶୁଟ୍ ପାଇଁ ମୁଁ ବିକିନି ପିନ୍ଧିଥିଲି। ଏହାକୁ ନେଇ ଏତେ ଆଲୋଚନା ହେବା ଠିକ୍ ନୁହେଁ ବୋଲି ମୁଁ କହିବି।' ମୃଣାଳଙ୍କ ହାତରେ ଏବେ ବ୍ୟାକ୍-ଟୁ-ବ୍ୟାକ୍ ତିନୋଟି ଅଫର ରହିଛି। ପୁଣି ଫିଲ୍ମଗୁଡ଼ିକୁ ଏକ ନୂଆ ବ୍ୟାନରରେ ପ୍ରସ୍ତୁତ କରାଯିବ। ଯେହେତୁ ଏ ନେଇ ଆଲୋଚନା ଚାଲିଛି ତେଣୁ ଏ ନେଇ ବିସ୍ତୃତ ସୂଚନା ଦେବାକୁ ଉଚିତ ମଣିନାହାନ୍ତି ସେ। ମୃଣାଳ ଏକ ମରାଠୀ ଫିଲ୍ମ 'ହେଲୋ ନନ୍ଦନ'ରୁ ନିଜର ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ।



ମୃଣାଳ

# ଭୁଲନ୍ତି ନାହିଁ ସାନ୍ୟା

ସାନ୍ୟା ଯେତେବେଳେ ବାହାରକୁ ଯାଆନ୍ତି ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ଯଦି ବା କେବେ ମନେ ନ ଥାଏ, ତେବେ ମାର୍କେଟ୍‌ରୁ କିଣି ନେବାକୁ ପଛାଇ ନ ଥାନ୍ତି। ହେଲେ ସେ ଜିନିଷଟି କ'ଣ ଜାଣିଛେନି ? ମେକ୍‌ଅପ୍ କିଟ୍। ସାନ୍ୟା ବାହାରକୁ କିମ୍ବା ଶୁଟିଂ ସେଟ୍‌କୁ ଗଲେ ସାଙ୍ଗରେ ଏହି କିଟ୍ ନେଇଯାଆନ୍ତି। ଏ ନେଇ ସାନ୍ୟା କହନ୍ତି, 'ଶୁଟିଂ ସେଟ୍‌ରେ ମୁଁ ସବୁବେଳେ ନିଜ ମେକ୍‌ଅପ୍ କିଟ୍ ବ୍ୟବହାର କରିଥାଏ। ତେଣୁ ଶୁଟିଂକୁ ଯିବା ପୂର୍ବରୁ ଏହାକୁ ସାଙ୍ଗରେ ନେବାକୁ ଆଦୌ ଭୁଲି ନ ଥାଏ। ପାଠ ପଢ଼ିବା ସମୟରେ ମୋର ଇଚ୍ଛା ଥିଲା ଡାକ୍ତର ହେବାକୁ। ହେଲେ ତାହା ତ ହୋଇପାରିଲା ନାହିଁ। ସେ ନେଇ ମୋର ଅନୁଶୋଚନା କରିବାର ମଧ୍ୟ ନାହିଁ।' ଆମିର ଖାନ୍‌ଙ୍କ ଅଭିନୀତ ତଥା ହିଟ୍ ଫିଲ୍ମ 'ଦଙ୍ଗଲ'ରେ ତାଙ୍କୁ ବ୍ରେକ୍ ମିଳିଥିଲା। ସାନ୍ୟା ନନ୍-ଭେଜ୍ ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି। ଏହାବ୍ୟତୀତ ଅବସର ସମୟରେ ବ୍ୟାୟାମ କରିବା, ଦର୍ଶନୀୟ ସ୍ଥାନ ବୁଲିବା ସହ ବହି ପଢ଼ିବାକୁ ଖୁବ୍ ଭଲ ପାଆନ୍ତି।



ସାନ୍ୟା

# ପୋଲିସ ଅବତାର

ପେସା ତାଙ୍କର ଚଳଚ୍ଚିତ୍ର ପ୍ରଯୋଜନା କିନ୍ତୁ ଅଭିନୟ ନିଶାରୁ ନିଜକୁ ମୁକୁଳାଇ ପାରିନାହାନ୍ତି। ନିଜ ପ୍ରଯୋଜିତ ପ୍ରାୟ ସବୁ ସିନେମାରେ ସେ ଏକ ଚରିତ୍ରରେ ଦର୍ଶକଙ୍କ ସାମନାକୁ ଆସିବାର ନଜିର ରହିଛି। କାହାଣୀ ସହ ସଂଯୋଗ ଥିବା ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ସେ ଅଭିନୟ କରିବା ସହ ତାହାକୁ ବେଶ୍ ସୁଚାରୁ ରୂପେ ତୁଲାଇଥାଆନ୍ତି। ହଁ, ସେ ହେଲେ ଓଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ ପ୍ରମୋଦ କୁମାର ସ୍ୱାଇଁ। ଏବେ ସେ ପ୍ରଯୋଜନା କରିଥିବା 'ମଙ୍ଗଳପୁର ଡାଏରୀ'ରେ ଜଣେ ପୋଲିସ ଅଫିସର ଭୂମିକାରେ ଦେଖିବାକୁ ମିଳିବେ। ଏ ବିଷୟରେ ସେ କହନ୍ତି, "ଏହି ଫିଲ୍ମର କାହାଣୀରେ ସସପେନ୍ସ ଥ୍ରିଲର ଭରି ରହିଛି। ଏଥିରେ ମୁଁ ଜଣେ ଏସପି(ପୋଲିସ ସୁପରିଣ୍ଟେଣ୍ଡେଣ୍ଟ) ଭୂମିକାରେ ଅଭିନୟ କରିଛି। ଏହାପୂର୍ବରୁ ମୁଁ 'ଦିୱାନା ଦିୱାନୀ'ରେ ପୋଲିସ କମିଶନର ଏବଂ 'ତୁ ମୋ ଗର୍ଲଫ୍ରେଣ୍ଡ'ରେ ଇନକମ ଟ୍ୟାକ୍ସ କମିଶନର ଭୂମିକାରେ ଅଭିନୟ କରିସାରିଛି।" ଚିତ୍ରରେ ନିର୍ଦ୍ଦେଶନା ଦେଉଛନ୍ତି ସୁଧାଂଶୁ ମୋହନ ସାହୁ। ମହାଦେବ ଫିଲ୍ମ ପ୍ରଡକ୍ସନ ବ୍ୟାନରରେ ଏହା ହେଉଛି ସପ୍ତମ ଚଳଚ୍ଚିତ୍ର। ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଶିବ ଏବଂ ପ୍ରଣବ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସୋମେଶ ଶତପଥୀ। ଅମ୍ଲାନ କୁମାର, ତୃପ୍ତି ମୀରହିକା, ଚୌଧୁରୀ ଜୟପ୍ରକାଶ ଦାସ, ଅମର ମହାପାତ୍ର, ଉଦୟ ଗୁରୁ,ଶୁଭ୍ରାଂଶୁ ନାୟକ ଏବଂ ରାକ୍ଷୀ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି।



'ମଙ୍ଗଳପୁର ଡାଏରୀ' ଫିଲ୍ମର ଏକ ଦୃଶ୍ୟରେ ପ୍ରମୋଦ ସ୍ୱାଇଁ (ବାମ)

# ସବୁ ମିଛ

ତାରା ସୁତାରିଆ ଏବେ ଚର୍ଚ୍ଚାରେ ପଡ଼ିଛନ୍ତି। ଯେତେବେଳେ ଅଫରଟି ମିଳିଲା ସେ ହଁ ଭରିଥିଲେ। ତା'ସହ ଏଭଳି ରୋଲ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ହେଲେ କିଛି ଦିନପରେ କ'ଣ ହେଲା କେଜାଣି, ପୁଣି ଥରେ ନିଜ ନିଷ୍ପତ୍ତିକୁ ନେଇ ଅଡୁଆରେ ପଡ଼ିଛନ୍ତି। କଥା କ'ଣ କି ଏକ ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ସେ ପ୍ରଥମେ ରାଜି ହୋଇଥିଲେ। ଏପରି କି ଏ ବିଷୟରେ ଭଲ ଭାବରେ ବୁଝାଇବା ପରେ ସେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ମଧ୍ୟ କରିଦେଇଥିଲେ। ହେଲେ ତା' ଭିତରେ କ'ଣ ହେଲା କେଜାଣି ସେ ଏହି ୱେବ୍ ସିରିଜ୍‌କୁ ହାତଛଡ଼ା କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ଆଲୋଚନା ହେଉଛି। ଏ ବିଷୟରେ ସୂଚନା ଦେଇ ତାରା କହନ୍ତି, "ଏହି ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ଏବେ ସମୟ ନାହିଁ। ଡେଟ୍ ପ୍ରୋବ୍ଲେମ ପାଇଁ ମୁଁ ଏହାର ଶୁଟିଂ ଘୁଞ୍ଚାଇବାକୁ ପ୍ରସ୍ତାବ ଦେଇଛି। କିନ୍ତୁ ଯେହେତୁ କଥା ଦେଇଛି ନିଶ୍ଚୟ ଅଭିନୟ କରିବି। ହେଲେ ଏଥିପାଇଁ ମୋତେ କିଛି ସପ୍ତାହ ଦରକାର। ତା' ଭିତରେ ମୁଁ ମୋର ଅବଶିଷ୍ଟ କାମ ଶେଷ କରିବା ପରେ ଶୁଟିଂ ପାଇଁ ସମୟ ଦେବି। ହେଲେ ମୁଁ ଏହି ସିରିଜ୍‌ରୁ ଓହରି ଯାଇଛି ବୋଲି ଯାହା ଶୁଣିବାକୁ ମିଳୁଛି ତାହା ମିଛ।"



ତାରା

# କିପରି କଟେ ଅବସର

ଜ୍ୟାକ୍ଲିନ୍ ଫର୍ନାଣ୍ଡିସ୍‌ଙ୍କୁ ଯେତେବେଳେ ଅବସର ମିଳେ ସେତେବେଳେ ସେ କ'ଣ କରନ୍ତି ? ନିଶ୍ଚୟ ପରିବାର ସଦସ୍ୟଙ୍କ ସହ ସମୟ କଟାଉଥିବେ, ନ ହେଲେ ଶପିଂ କରୁଥିବେ କିମ୍ବା ସାଙ୍ଗମାନଙ୍କ ସହ ଖଟିରେ ବ୍ୟସ୍ତ ଥିବେ। ହେଲେ ଅସଲ କଥା ସେଭଳି ନୁହେଁ। ଅବସର ମିଳିବା ମାତ୍ରେ ସେ କୁଆଡ଼େ ଯାଆନ୍ତି ଜାଣନ୍ତି ? ତାଙ୍କର ମିନି ଚିଡ଼ିଆଖାନାକୁ। ସେଠାରେ ସେ ବିଭିନ୍ନ ପ୍ରକାର ପଶୁପକ୍ଷୀ ପାଳିଛନ୍ତି। ଏ ନେଇ ଜ୍ୟାକ୍ଲିନ୍ କହନ୍ତି, 'ପଶୁପକ୍ଷୀ ସହ ମୁଁ ପିଲାଟି ଦିନରୁ ଜଡ଼ିତ। ଥରେ ଏମାନଙ୍କର ସୁରକ୍ଷା ପାଇଁ ଏକ ଆଲୋଚନାରେ ମୁଁ ଅଂଶଗ୍ରହଣ କରିଥିଲି। ଏବେ ଏଭଳି କାର୍ଯ୍ୟରେ ମଧ୍ୟ ନିଜକୁ ନିୟୋଜିତ ରଖିଛି। ଯେହେତୁ ଘରେ କିଛି ପଶୁପକ୍ଷୀ ପାଳିଛି ତେଣୁ ସେମାନଙ୍କର ଯତ୍ନ ନେଉଥାଏ। ସେମାନଙ୍କ ସହ ମିଶିଲେ ମୋତେ ଯେଉଁ ଖୁସି ଲାଗେ ତାହା ମୁଁ ବର୍ଣ୍ଣନା କରିପାରିବି ନାହିଁ।' ଜ୍ୟାକ୍ଲିନ୍ ଯେତେବେଳେ ମିସ୍ ଶ୍ରୀଲଙ୍କା ଟାଇଟଲ ଜିତିଲେ ସେତେବେଳେ ତାଙ୍କୁ ମାତ୍ର ୧୯ ବର୍ଷ ବୟସ ହୋଇଥିଲା। ପ୍ରଥମେ ସେ ମଡେଲିଂ ଲକ୍ଷ୍ୟ ନେଇ ମୁମ୍ବାଇ ଆସିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା ସୁଜୟ ଘୋଷଙ୍କ ନିର୍ଦ୍ଦେଶିତ 'ଅଲ୍ଲାଦିନ'। ଇତିମଧ୍ୟରେ ସେ ବେଶ୍ କେତୋଟି ହିନ୍ଦୀ ସିନେମାରେ ଅଭିନୟ କରିସାରିଲେଣି।



ଜ୍ୟାକ୍ଲିନ୍



ଲକ୍ଷ୍ନୌ ଷ୍ଟାଡିୟମ ଘନ କୁହୁଡ଼ିରେ ଆଚ୍ଛାଦିତ ଥିବାରୁ ବୁଧବାର ଭାରତ-ଦକ୍ଷିଣ ଆଫ୍ରିକା ଚତୁର୍ଥ ଟି୨୦ ମ୍ୟାଚ ବାତିଲ ହୋଇଯାଇଛି।

# ଭାରତର ପଜିଟିଭିଟି ହାର ସର୍ବାଧିକ

**ନୂଆଦିଲ୍ଲୀ,୧୭।୧୨(ପି.ଟି.)**

ଭାରତୀୟ କ୍ରୀଡ଼ା ଦୃଶ୍ୟପଟରେ ଡୋପିଂ ଏକ ବଡ଼ ସମସ୍ୟା ହୋଇ ରହିଛି। ୫ ହଜାର କିମ୍ବା ଏହାଠାରୁ ଅଧିକ ପରୀକ୍ଷା କରାଉଥିବା ଦେଶମାନଙ୍କ ମଧ୍ୟରେ ଭାରତର ପଜିଟିଭିଟି ହାର ସର୍ବାଧିକ ରହିଛି। ଏ ନେଇ ୱାର୍ଲ୍ଡ ଆଣ୍ଟି-ଡୋପିଂ ଏଜେନ୍ସି(ୱାଡା)ର ୨୦୨୪ ବର୍ଷର ଟେଷ୍ଟିଂ ରିପୋର୍ଟରୁ ଜଣାପଡ଼ିଛି।

ୱାଡା ରିପୋର୍ଟ ମୁତାବକ, ଭାରତ ଗତ ବର୍ଷ ୬,୫୭୬ ମୂତ୍ର ନମୁନା ସମେତ ମୋଟ ୭,୧୧୩ ନମୁନା ଟେଷ୍ଟ କରିଥିଲା। ସେଥିରୁ ୨୬୦ ଜଣଙ୍କର ନମୁନା ପଜିଟିଭ ଚିହ୍ନଟ ହୋଇଥିଲା। ଏହାର ପଜିଟିଭିଟି ହାର ୩.୬ ପ୍ରତିଶତ ରହିଥିଲା, ଯାହାକି ସମସ୍ତ ବଡ଼ ଦେଶଗୁଡ଼ିକ ମଧ୍ୟରେ ସର୍ବାଧିକ। ୨୦୩୬ ଅଲିମ୍ପିକ୍ ଗେମ୍ସ ଲାଗି ନିକଟ ଭବିଷ୍ୟତରେ ଭାରତ ପକ୍ଷରୁ ଦାଖଲ ହେବାକୁ ଥିବା ବିଡ୍‌ର ମୂଲ୍ୟାଙ୍କନ ବେଳେ ଇଣ୍ଟରନ୍ୟାଶନାଲ ଅଲିମ୍ପିକ୍ କମିଟି (ଆଇଓସି) ଭାରତର ଖରାପ ଡୋପିଂ ରେକର୍ଡକୁ ମଧ୍ୟ ଧ୍ୟାନରେ ରଖିବ।

ଏଭଳି ସ୍ଥିତି ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଚିନ୍ତାଜନକ ଦୃଶ୍ୟମାନ ହୋଇପାରେ। ଏହା ଜଣାଇବା ଗୁରୁତ୍ୱପୂର୍ଣ୍ଣ ଯେ, ଏହି ପରିସଂଖ୍ୟା ହେଉଛି ଡୋପିଂ ବିରୋଧରେ ଭାରତ ଦ୍ୱାରା କରାଯାଇଥିବା ବ୍ୟାପକ ପ୍ରୟାସର ସିଧାସଳଖ ଫଳାଫଳ। ନିକଟ ଅତୀତରେ ଭାରତ ତା'ର ଆଣ୍ଟି-ଡୋପିଂ ବ୍ୟବସ୍ଥାକୁ ମଜଭୁତ କରିଛି। କ୍ରୀଡ଼ାରେ ଡୋପିଂ ବିପଦକୁ ପ୍ରତିହତ କରିବା ପାଇଁ ନାଡା କେବଳ ଟେଷ୍ଟ ସଂଖ୍ୟାରେ ବୃଦ୍ଧି କରି ନାହିଁ, ବରଂ ଡୋପିଂ ପ୍ରତି ସଚେତନତା ଶିକ୍ଷା ଓ ପ୍ରତିଷେଧକ ଉପରେ ଅଧିକ ଗୁରୁତ୍ୱ ଦେଇଛି। ଉପଲବ୍ଧ ଥିବା ତଥ୍ୟ ଦର୍ଶାଉଛି ଯେ, ଆମ ଦେଶର ମୋଟାମୋଟି ଆଣ୍ଟି-ଡୋପିଂ ବ୍ୟବସ୍ଥା ଏବେ ଅଧିକ ସୁଦୃଢ଼ ହୋଇଛି। ଏଥିସହିତ ଟେଷ୍ଟିଂ, ସଚେତନତା

## ୱାଡାର ୨୦୨୪ ଟେଷ୍ଟିଂ ରିପୋର୍ଟ

ଓ ପ୍ରତିଷେଧକ ତନ୍ତ୍ରରେ ସୁଧାର ଆସିଛି। ୨୦୨୪ରେ ବିଭିନ୍ନ କ୍ରୀଡ଼ା ଭିତ୍ତିକ ଇଭେଣ୍ଟ ଓ ଟ୍ରେନିଂ କ୍ୟାମ୍ପରେ ପ୍ରାୟ ୨୮୦ ଆଣ୍ଟି-ଡୋପିଂ କର୍ମଶାଳା ଆୟୋଜିତ ହୋଇଥିଲା, ଯେଉଁଥିରେ ୩୭ହଜାର ଆଥଲେଟ୍ ଭାଗ ନେଇଥିଲେ। ସେହିଭଳି ଚଳିତ ବର୍ଷ ଡିସେମ୍ବର ୧୬ ତାରିଖ ସୁଦ୍ଧା ୱେବିନାର୍ସ, ସେମିନାର୍ସ, ଟିଭି ସେଶନ ସମେତ ୩୨୯ ସଚେତନତା ପ୍ରୋଗ୍ରାମ କରାଯାଇଥିଲା। ଏଭଳି ପଦକ୍ଷେପ ଯୋଗୁ ଆଥଲେଟ୍‌ମାନେ ନିଷିଦ୍ଧ ଔଷଧ, ସୁରକ୍ଷିତ ଔଷଧ ବ୍ୟବହାର ଓ ଆଣ୍ଟି-ଡୋପିଂ ବ୍ୟବସ୍ଥା ଅଧୀନରେ ସେମାନଙ୍କର ଦାୟିତ୍ୱକୁ ଭଲ ଭାବେ ବୁଝିପାରୁଛନ୍ତି ବୋଲି ନାଡା ପକ୍ଷରୁ କୁହାଯାଇଛି। ୨୦୨୩ ଟେଷ୍ଟିଂ ରିପୋର୍ଟରେ ମଧ୍ୟ ଭାରତର ପଜିଟିଭିଟି ହାର ୩.୮ ପ୍ରତିଶତ ରହିଥିଲା, ଯାହାକି ସେତେବେଳେ ମଧ୍ୟ ସର୍ବାଧିକ ଥିଲା। ସେହି ବର୍ଷ ଭାରତର ୫,୬୦୬ ଟେଷ୍ଟ କରାଯାଇଥିବା ବେଳେ ୨୧୩ ଜଣଙ୍କର ନମୁନା ପଜିଟିଭ ଆସିଥିଲା।

ଚାଇନାରେ ଗତ ବର୍ଷ ୨୦୨୪ରେ ସର୍ବାଧିକ ୨୪,୨୧୪ ଟେଷ୍ଟ କରାଯାଇଥିଲା ଏବଂ ଏହାର ପଜିଟିଭିଟି ହାର ୦.୨ ପ୍ରତିଶତ ରହିଥିଲା। ସେହିଭଳି ଆମେରିକାର ଆଣ୍ଟି ଡୋପିଂ ସଂସ୍ଥା ମୋଟ ଉପରେ ୬,୫୯୨ ଟେଷ୍ଟ କରିଥିଲା, ଯାହାକି ଭାରତଠାରୁ କମ୍। କିନ୍ତୁ ଆମେରିକାର ପଜିଟିଭିଟି ହାର ୧.୧ ପ୍ରତିଶତ ରହିଥିଲା। ଡୋପିଂ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଥିବା ରୁଷିଆ ଗତ ବର୍ଷ ୧୦,୫୧୪ ଟେଷ୍ଟ କରାଇଥିବା ବେଳେ ମୋଟ ସଂଖ୍ୟାର ୦.୭ ପ୍ରତିଶତ ନମୁନା ପଜିଟିଭ ଚିହ୍ନଟ ହୋଇଥିଲା।

# ଭାରତୀୟ ସ୍କ୍ୱାଶ୍ ଦଳକୁ ସମ୍ବର୍ଦ୍ଧିତ କଲେ ମାଣ୍ଡବ୍ୟ

**ନୂଆଦିଲ୍ଲୀ, ୧୭।୧୨**

ବିଶ୍ୱକପ୍ ବିଜୟୀ ହୋଇ ଇତିହାସ ରଚିଥିବା ଭାରତୀୟ ସ୍କ୍ୱାଶ୍ ଦଳକୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ବୁଧବାର ସମ୍ବର୍ଦ୍ଧିତ କରିଛନ୍ତି। ଜ୍ୟୋତ୍ସ୍ନା ଚିନାପ୍ପା, ଅଭୟ ସିଂ, ଭେଲାଭାନ ସେନ୍ଥିଲ କୁମାର ଓ ଅନାହତ ସିଂଙ୍କୁ ନେଇ ଗଠିତ ଭାରତୀୟ ମିକ୍ସଡ ସ୍କ୍ୱାଶ୍ ଦଳ ଗତ ଶନିବାର ଚେନ୍ନାଇରେ ଐତିହାସିକ ସଫଳତା ଲାଭକରି ସ୍ୱର୍ଣ୍ଣ ପଦକ ଜିତିଥିଲା। ପୂର୍ବରୁ ୨୦୨୩ ସଂସ୍କରଣରେ ବ୍ରୋଞ୍ଜ୍ ପଦକ ହାସଲ ଭାରତର ଶ୍ରେଷ୍ଠ ସଫଳତା ହୋଇ ରହିଥିଲା। ଟୁର୍ନାମେଣ୍ଟର ଫାଇନାଲରେ ଭାରତ ୩-୦ରେ ହଂକଂକୁ ପରାସ୍ତ କରିଥିଲା। ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଇଜିପ୍ଟ ପରେ ଚତୁର୍ଥ ଦେଶ ଭାବେ ଭାରତ ଚାମ୍ପିୟନ ହେବାର ଗୌରବ ଲାଭ କରିଥିଲା। ମାଣ୍ଡବ୍ୟ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ''ଭାରତୀୟ କ୍ରୀଡ଼ା ଲାଗି ଗର୍ବର ମୁହୂର୍ତ୍ତ। ଗୋଟିଏ ପରେ ଗୋଟିଏ କ୍ରୀଡ଼ାରେ ଭାରତ ଭଲ ପ୍ରଦର୍ଶନ କରି ମାଇଲଖୁଣ୍ଟ ସ୍ପର୍ଶ କରିବାରେ ଲାଗିଛି। ନିକଟରେ ଆମ ମହିଳା କ୍ରିକେଟ୍ ଦଳ ମଧ୍ୟ ବିଶ୍ୱକପ୍ ଜିତିଥିଲା'' ବୋଲି ମାଣ୍ଡବ୍ୟ ପ୍ରକାଶ କରିଛନ୍ତି। ଆମ ସ୍କ୍ୱାଶ୍



କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ସହ ଭାରତୀୟ ସ୍କ୍ୱାଶ୍ ଦଳ।

ଦଳ ଭାରତମାଟିରେ ବିଶ୍ୱକପ୍ ଜିତିବା ଗର୍ବର ମୁହୂର୍ତ୍ତ। ପୂରା ପ୍ରତିଯୋଗିତାରେ ଭାରତ ଗୋଟିଏହେଲେ ମ୍ୟାଚ୍ ହାରି ନ ଥିଲା। କ୍ରୀଡ଼ା କ୍ଷେତ୍ରରୁ ଏପରି ସଫଳତା ମିଳୁଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ ବୋଲି ସେ କହିଛନ୍ତି। ଭାରତୀୟ ଦଳର ନଜର ଏବେ ୨୦୨୬ ଏସିଆନ ଗେମ୍ସ ଉପରେ କେନ୍ଦ୍ରିତ ହୋଇଛି। ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ସ୍କ୍ୱାଶ୍ ଡେବ୍ୟୁ କରୁଥିବାରୁ ସେଠାରେ ମଧ୍ୟ ଭଲ ପ୍ରଦର୍ଶନ ଭାରତର ଲକ୍ଷ୍ୟ ରହିବ। ଆସନ୍ତା ବର୍ଷ ଜାପାନରେ ଏସିଆନ ଗେମ୍ସ ଅନୁଷ୍ଠିତ ହେଉଥିବାବେଳେ ପଦ୍ମଶ୍ରୀ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ଜ୍ୟୋତ୍ସ୍ନା ଚିନାପ୍ପା ଭାରତର ସମ୍ଭାବନାକୁ ନେଇ ଆଶାବାଦୀ ଅଛନ୍ତି। ''ବିଶ୍ୱକପ୍ ସଫଳତା ଆମ ମନୋବଳ ବଢ଼ାଇଛି। ମୁଁ ନିଜେ ଶ୍ରେଷ୍ଠ ପ୍ରଦର୍ଶନ କରି ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ ଲକ୍ଷ୍ୟରେ ରହିଛି'' ବୋଲି ୩୯ ବର୍ଷୀୟା ଜ୍ୟୋତ୍ସ୍ନା ପ୍ରକାଶ କରିଛନ୍ତି।

# ଘନ କୁହୁଡ଼ି: ଚତୁର୍ଥ ଟି୨୦ ବାତିଲ

**ଲକ୍ଷ୍ନୌ,୧୭।୧୨**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବୁଧବାର ଖେଳାଯିବାକୁ ଥିବା ଚତୁର୍ଥ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଘନ କୁହୁଡି କାରଣରୁ ବାତିଲ ହୋଇଯାଇଛି। ଅନ୍ତର୍ଜାତୀୟ କ୍ରିକେଟ ଇତିହାସରେ କୁହୁଡି ଯୋଗୁ ସମ୍ପୂର୍ଣ୍ଣ ମ୍ୟାଚ୍ ବାତିଲ ହେବାର ବୋଧହୁଏ ଏହା ପ୍ରଥମ ଘଟଣା। ଘନ କୁହୁଡ଼ି ଯୋଗୁ ମ୍ୟାଚ୍‌ରେ ଟସ୍ ବି ପଡ଼ିପାରି ନଥିଲା। ମ୍ୟାଚ୍‌କୁ ଆରମ୍ଭ କରିବା ପାଇଁ ଫିଲ୍ଡ ଅମ୍ପାୟାର ପ୍ରତି ଅଧା ଘଣ୍ଟାରେ ଥରେ ତଥା ୬ ଥର ଫିଲ୍ଡ ଇନସ୍ପେକଶନ କରିବା ପରେ ମ୍ୟାଚ୍ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ଅନ୍ୟପକ୍ଷରେ ମ୍ୟାଚ୍ ପୂର୍ବରୁ ଆହତ ସମସ୍ୟା କାରଣରୁ ଭାରତୀୟ ଦଳର ଉପ ଅଧିନାୟକ ଶୁବମନ ଗିଲ ବାଦ୍ ପଡ଼ିଥିଲେ।

# ମୁକ୍ତେଶ୍ୱର କପ୍ କ୍ରିକେଟ ୧୯ରୁ

**ଭୁବନେଶ୍ୱର, ୧୭।୧୨ (ତପନ ସ୍ୱାଇଁ)**

ମୁକ୍ତେଶ୍ୱର କ୍ଲବ ଆନୁକୂଲ୍ୟରେ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୧୯ ତାରିଖରୁ ଆରମ୍ଭ ହେବ। ମୁକ୍ତେଶ୍ୱର କ୍ରିକେଟ କ୍ଲବ ପଡ଼ିଆରେ ଏହା ଜାନୁଆରୀ ୪ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ଏହି ପ୍ରତିଯୋଗିତା ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁଙ୍କ ସ୍ମୃତିରେ ଆୟୋଜନ ହେବ। ଟର୍ଫ ପିଚ୍ ଏବଂ ଧଳା କ୍ରିକେଟ ବଲ୍‌ରେ ମ୍ୟାଚ ଗୁଡ଼ିକ ନକ୍‌ଆଉଟ ଭିତ୍ତିରେ ଅନୁଷ୍ଠିତ ହେବ। ଚାମ୍ପିୟନ ଦଳକୁ ପ୍ରଶାନ୍ତ ମହାପାତ୍ର କପ୍ ସହିତ ୩୦,୦୦୦ ଏବଂ ରନରଅପ୍ ଦଳକୁ ଶୁଭାଶିଷ ଭୂୟାଁ ଟ୍ରଫି ସହ ୨୦,୦୦୦ ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ଲେୟର ଅଫ୍ ଦି ମ୍ୟାଚ ଓ ପ୍ଲେୟର ଅଫ୍ ଦି ସିରିଜ ସମେତ ଅନ୍ୟ ବ୍ୟକ୍ତିଗତ ପୁରସ୍କାର ପ୍ରଦାନର ମଧ୍ୟ ବ୍ୟବସ୍ଥା ରହିଛି। ପ୍ରତିଯୋଗିତାରେ ଭୁବନେଶ୍ୱର, କଟକ ଓ ଖୋର୍ଦ୍ଧାରୁ ୨୦ଟି ଦଳ ଅଂଶଗ୍ରହଣ କରିବେ। ଏକ ମହିଳା ପ୍ରଦର୍ଶନୀ ମ୍ୟାଚ ମଧ୍ୟ ଆୟୋଜନ ହେବ ବୋଲି ବୁଧବାର ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ବିଡିଂ ଶେଷ ପର୍ଯ୍ୟନ୍ତ କାନ୍ଦିଥିଲେ କାର୍ତ୍ତିକ

**ମୁମ୍ବାଇ, ୧୭।୧୨(ପି.ଟି.)**

ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ୍) ଲାଗି ଗତ ମଙ୍ଗଳବାର ହୋଇଥିବା ଖେଳାଳି ନିଲାମରେ ଭାବପ୍ରବଣତାକୁ ରୋକିପାରି ନ ଥିଲେ ଟିନ୍‌ଏଜ୍ ସେନ୍‌ସେଶନ କାର୍ତ୍ତିକ ଶର୍ମା। ୨୦୨୬ ମିନି ଅକ୍ସନରେ ୧୯ ବର୍ଷୀୟ କାର୍ତ୍ତିକଙ୍କୁ ୫ଥର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ରେକର୍ଡ ୧୪.୨୦ କୋଟି ଟଙ୍କାରେ କିଣିଥିଲା। ଲିଗ୍ ଇତିହାସରେ ଅନ୍‌କ୍ୟାପ୍‌ଡ ଖେଳାଳିଭାବେ ସେ ଯୁଗ୍ମ ସର୍ବାଧିକ ଟଙ୍କାରେ କିଣାହୋଇଥିଲେ। ଉତ୍ତର ପ୍ରଦେଶର ପ୍ରଶାନ୍ତ ବୀର୍‌ଙ୍କୁ ମଧ୍ୟ ଚେନ୍ନାଇ ଫ୍ରାଞ୍ଚାଇଜ୍ ୧୪.୨୦ କୋଟି ଟଙ୍କାରେ କିଣିଛି। କାର୍ତ୍ତିକଙ୍କ ବେସ୍ ପ୍ରାଇସ୍ ଥିଲା ୩୦ ଲକ୍ଷ। ''ବିଡିଂ ଆରମ୍ଭ ହେବାବେଳେ ମୁଁ ଆତଙ୍କିତ ଅବସ୍ଥାରେ ଥିଲି। କେଉଁ ଫ୍ରାଞ୍ଚାଇଜ୍ ମୋ ପ୍ରତି ଆଗ୍ରହ ଦେଖାଇବେ କି ନାହିଁ ଆଶଙ୍କାରେ ଥିଲି। ମାତ୍ର ଯେତେବେଳେ ବିଡିଂ ପ୍ରକ୍ରିୟା ଚାଲିଲା ମୁଁ କାନ୍ଦିବା ଆରମ୍ଭ କରିଥିଲି। ଏପରିକି ବିଡିଂ ଶେଷ ପର୍ଯ୍ୟନ୍ତ ମଧ୍ୟ ମୁଁ କାନ୍ଦ ରୋକିପାରି ନ ଥିଲି। ମୁଁ ଅତ୍ୟଧିକ ଭାବପ୍ରବଣ ଓ ଆନନ୍ଦିତ ହୋଇଯାଇଥିଲି। ଏହାକୁ କିପରି ଭାଷାରେ ପ୍ରକାଶ କରିବି ତାହା ଭାବିପାରୁନାହିଁ'' ବୋଲି ରାଜସ୍ଥାନର ଏହି ଟିନ୍‌ଏଜ୍ କିପର-ବ୍ୟାଟର ପ୍ରକାଶ କରିଛନ୍ତି।

କାର୍ତ୍ତିକଙ୍କ ପାଇଁ ବିଡିଂ ମୁମ୍ବାଇ ଇଣ୍ଡିଆନ୍ସ ଆରମ୍ଭ କରିଥିଲା। ଏଥିରେ ପରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ କୋଲକାତା ନାଇଟ ରାଇଡର୍ସ ଯୋଗ ଦେଇଥିଲେ। ମୁମ୍ବାଇ ବିଡିଂରୁ ଓହରି ଗଲାପରେ କୋଲକାତା ଓ ଲକ୍ଷ୍ନୌ ୨.୮୦ କୋଟିରେ ପହଞ୍ଚିବାପରେ ଚେନ୍ନାଇ ଏଣ୍ଟ୍ରି ମାରିଥିଲା। ବିଡିଂ ମୂଲ୍ୟ ୧୩.୨୦ କୋଟିରେ ପହଞ୍ଚିବାପରେ କୋଲକାତା ଓହରି ଯାଇଥିଲା ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ଏଣ୍ଟ୍ରି କରିଥିଲା। ମାତ୍ର ଚେନ୍ନାଇ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା। ଶେଷରେ ୧୪.୨୦ କୋଟିରେ ଚେନ୍ନାଇ କାର୍ତ୍ତିକଙ୍କୁ ନିଜ ପାଖକୁ ନେଇଥିଲା।

କାର୍ତ୍ତିକ ଚେନ୍ନାଇ ଦଳରେ ମହେନ୍ଦ୍ର ସିଂ ଧୋନୀଙ୍କ ସହିତ ଖେଳିବାକୁ ଅତି ଉତ୍ସାହିତ ଥିଲେ ମଧ୍ୟ ନିଜ ଯାତ୍ରା ପଥରେ ପରିବାର ଓ ବନ୍ଧୁଙ୍କ ଅବଦାନକୁ ଭୁଲି ନାହାନ୍ତି। ''ମୋ ପରିବାର ସଦସ୍ୟ ଓ ବନ୍ଧୁ ମାନଙ୍କୁ ବହୁତ ଧନ୍ୟବାଦ। ସେମାନଙ୍କ ସମର୍ଥନ ବିନା ମୁଁ ଏଠାରେ ପହଞ୍ଚି ପାରି ନ ଥାନ୍ତି'' ବୋଲି କାର୍ତ୍ତିକ କହିଛନ୍ତି। ମୋର ପୂରା ପରିବାର ଏବେ ବହୁତ ଖୁସି। ସମସ୍ତେ ଖୁସି ମନାଉଛନ୍ତି ଏବଂ ନାଚୁଛନ୍ତି। ମୁଁ ଏବେ ଧୋନୀଙ୍କ ସହ ଖେଳିବା ସହିତ ତାଙ୍କଠାରୁ ଅନେକ କିଛି ଶିଖିବାକୁ ବ୍ୟଗ୍ର ବୋଲି କାର୍ତ୍ତିକ ପ୍ରକାଶ କରିଛନ୍ତି।



କାର୍ତ୍ତିକ ଶର୍ମା

# କାରେଙ୍କ ଶତକ, ଅଷ୍ଟ୍ରେଲିଆ ୩୨୬/୮

**ଆଡିଲେଡ୍,୧୭।୧୨**

ଆଡିଲେଡ୍ ଓଭାଲଠାରେ ବୁଧବାରଠାରୁ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ ଆସେସ୍ ଟେଷ୍ଟ ଆରମ୍ଭ ହୋଇଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଆଲେକ୍ସ କାରେଙ୍କ ଶତକ ବଳରେ ପ୍ରଥମ ଦିନ ଶେଷସୁଦ୍ଧା ୮ ଉଇକେଟ ହରାଇ ୩୨୬ ରନ୍ କରିଛି। ଅସୁସ୍ଥତା କାରଣରୁ ଷ୍ଟିଭ୍ ସ୍ମିଥ ବାଦ୍ ପଡ଼ିଥିବା ବେଳେ ତାଙ୍କ ବଦଳରେ ଉସ୍ମାନ ଖ୍ୱାଜାଙ୍କୁ ଦଳରେ ସାମିଲ କରାଯାଇଛି। ବୋଣ୍ଡି ବିଚ୍ ଆତଙ୍କବାଦୀ ଆକ୍ରମଣ ଘଟଣାରେ ପ୍ରାଣ ହରାଇଥିବା ପୀଡ଼ିତଙ୍କ ଲାଗି ଦୁଇ ଦଳର ଖେଳାଳି ହାତରେ କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ।

## ଆଡିଲେଡ୍ ଟେଷ୍ଟ

ଅଷ୍ଟ୍ରେଲିଆ ଖୁବ୍ ଶସ୍ତାରେ କ୍ରମାଗତ ଓଭରରେ ଦୁଇ ଓପ୍‌ନର ଟ୍ରାଭିସ ହେଡ୍(୧୦) ଓ ଜ୍ୟାକ ୱେଦରାଲ୍ଡ (୧୮)ଙ୍କ ଉଇକେଟ ହରାଇଥିଲା। ମାର୍ନସ ଲାବୁସେନ(୧୯) ଓ କାମେରନ ଗ୍ରୀନ୍(୦)ଙ୍କୁ ଜୋଫ୍ରା ଆର୍ଚ୍ଚର ଗୋଟିଏ ଓଭରରେ ପାଭିଲିଅନ ବାଟ ଦେଖାଇ ଥିଲେ। ଉସ୍ମାନ ଓ କାରେ ପଞ୍ଚମ ଉଇକେଟରେ ୯୧ ରନ୍ ଯୋଡ଼ି ଦଳୀୟ ସ୍ଥିତିରେ ସୁଧାର ଆଣିଥିଲେ। ଶତକ ଆଡ଼କୁ ଅଗ୍ରସର ହେଉଥିବା ଖ୍ୱାଜା ୮୨(୧୦ ଚୌକା) ରନ୍‌କରି ଆଉଟ୍ ହୋଇଥିଲେ। ଏହାପରେ ଜୋଶ୍ ଇଙ୍ଗଲିଶ୍‌ଙ୍କ ସହ ମିଶି କାରେ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଆଟାକିଂ ବ୍ୟାଟିଂ କରୁଥିବା ଇଙ୍ଗଲିଶ୍(୩୨ ରନ୍, ୪ ଚୌକା) ଜୋଶ୍ ଟଙ୍ଗ୍‌ଙ୍କ ବଲ୍‌ରେ କ୍ଲିନ୍‌ବୋଲ୍ଡ ହୋଇଥିଲେ। ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିଥିବା ପ୍ୟାଟ୍ କମିନ୍ସ(୧୩) କିଛି ଖାସ୍ କରିପାରି ନ ଥିଲେ। କାରେ(୧୦୬ ରନ୍, ୮ ଚୌକା ଓ ୧ ଛକା) ଶତକ ପୂରଣ କରିବା ପରେ ଅଷ୍ଟମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ତୃତୀୟ ଟେଷ୍ଟ ଶତକ ଥିଲା। ଏହାପରେ ମିଚେଲ ଷ୍ଟାର୍କ ଓ ନାଥନ ଲିୟନ ଭ୍ରମଣକାରୀ ବୋଲରଙ୍କୁ ଆଉ ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଫଳରେ ଦିନ ଶେଷପର୍ଯ୍ୟନ୍ତ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୮ ଉଇକେଟ ହରାଇ ୩୨୬ ରନ୍ କରିଛି। ଷ୍ଟମ୍ପ ଅପସାରଣ ସୁଦ୍ଧା ଷ୍ଟାର୍କ ୩୩ ଓ ଲିୟନ ବିନା ରନ୍‌ରେ ଅପରାଜିତ ଅଛନ୍ତି। ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆର୍ଚ୍ଚର ୩ ଉଇକେଟ ନେଇଥିବା ବେଳେ ବ୍ରାଇଡନ କାର୍ସ ଓ ୱିଲ ଜ୍ୟାକ୍ସ ୨ ଲେଖାଏ ଉଇକେଟ ନେଇଥିଲେ।



ଶତକ ହାସଲ ପରେ ଆଲେକ୍ସ କାରେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍: ୩୨୬/୮(ଆଲେକ୍ସ କାରେ-୧୦୬, ଉସ୍ମାନ୍ ଖ୍ୱାଜା-୮୨, ମିଚେଲ ଷ୍ଟାର୍କ-୩୩*, ଜୋଫ୍ରା ଆର୍ଚ୍ଚର-୩/୨୯, ବ୍ରାଇଡନ କାର୍ସ-୨/୭୦, ୱିଲ ଜ୍ୟାକ୍ସ-୨/୧୦୫)।

# ସାତ୍ୱିକ-ଚିରାଗଙ୍କ ବିଜୟ ଅଭିଯାନ

**ହାଙ୍ଗଝୁ, ୧୭।୧୨**

ଭାରତର ଶୀର୍ଷ ର୍‍ୟାଙ୍କ୍‌ପ୍ରାପ୍ତ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସ-୨୦୨୫ରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ରାଉଣ୍ଡ ମ୍ୟାଚରେ ଏକଦା ପଛୁଆ ରହିଥିଲେ ହେଁ ଏହି ଯୋଡ଼ି ସଫଳ ପ୍ରତ୍ୟାବର୍ତ୍ତନ କରି ଚାଇନାର ଲିଆଙ୍ଗ ୱେଇ କେଙ୍ଗ ଓ ୱାଙ୍ଗ ଚାଙ୍ଗ୍‌ଙ୍କୁ ପରାସ୍ତ କରିଛନ୍ତି। ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ମୁକାବିଲାରେ ବିଶ୍ୱର ୩ ନମ୍ବର ଯୋଡ଼ି ଭାରତର ସାତ୍ୱିକ-ଚିରାଗ ୧୨-୨୧, ୨୨-୨୦, ୨୧-୧୪ରେ ଚାଇନା ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ଭାରତୀୟ ଯୋଡ଼ିଙ୍କ ମନୋବଳକୁ ବଢ଼ାଇଛି। ଗ୍ରୁପ୍ 'ବି'ରେ ମାଲେସିଆର ଆରୋନ ଚିଆ-ସୋ ୱି ୟିକ୍ ଏବଂ ଇଣ୍ଡୋନେସିଆର ଫଜର ଅଲଫିଆନ-ମହମ୍ମଦ ଶୋହିବୁଲ ଫିକ୍ରି ଯୋଡ଼ି ଥିବାରୁ ଭାରତୀୟଙ୍କୁ ଆଗାମୀ ଦିନରେ ଆହୁରି କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ।

# ଡେମ୍ବେଲେ, ବୋନମାଟି ଶ୍ରେଷ୍ଠ

**ଦୋହା,୧୭।୧୨(ଏପି)**

ଉସ୍ମାନ ଡେମ୍ବେଲେ ଓ ଏତାନା ବୋନମାଟି ମଙ୍ଗଳବାର ଆୟୋଜିତ ଫିଫା ପୁରସ୍କାର ବିତରଣ ଉତ୍ସବରେ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏଥିଯୋଗୁ ସେମାନଙ୍କୁ ଚଳିତ ବର୍ଷର ବାଲୋନ ଡି' ଅର ପୁରସ୍କାର ପ୍ରଦାନ କରାଯାଇଛି। ଡେମ୍ବେଲେଙ୍କ ପ୍ରତିନିଧିତ୍ୱରେ ପ୍ୟାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି) ପ୍ରଥମ ଥର ପାଇଁ ଚାମ୍ପିୟନ୍ସ

## ଫିଫା ପୁରସ୍କାର

ଲିଗ୍ ଜିତିଥିବା ବେଳେ ସ୍ପେନ ଓ ବାର୍ସେଲୋନା ପାଇଁ ବୋନମାଟି ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ବୋନମାଟି ଲଗାତର ତୃତୀୟ ବର୍ଷ ପାଇଁ ମହିଳା ବିଭାଗରେ ବାଲୋନ ଡି' ଅର ଜିତିଛନ୍ତି। ଇଂଲଣ୍ଡ ମହିଳା ଦଳର କୋଚ୍ ସରିନା ୱିଜମ୍ୟାନ ଓ ପିଏସ୍‌ଜି କୋଚ୍ ଲୁଇସ ଏନରିକ୍ୟୁଙ୍କୁ ଶ୍ରେଷ୍ଠ କୋଚ ଭାବେ ପୁରସ୍କୃତ କରାଯାଇଛି। ଏହି ପୁରସ୍କାର ଲାଗି ଫିଫା ସ୍ୱୀକୃତିପ୍ରାପ୍ତ ଦେଶର ଫୁଟବଲ ଦଳର କୋଚ୍ ଓ ଅଧିନାୟକ, ପ୍ରତ୍ୟେକ ଦେଶର ମନୋନୀତ ଜଣେ ଜର୍ନାଲିଷ୍ଟ ଓ ଜଣେ ଅନଲାଇନ୍ ଫ୍ୟାନ ଭୋଟ କରନ୍ତି।



ଶ୍ରେଷ୍ଠ ଖେଳାଳି ପୁରସ୍କାର ସହ ଏତାନା ବୋନମାଟି ଓ ଉସ୍ମାନ ଡେମ୍ବେଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ